

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





୧୯ରେ ସାବରମାଳା ମନ୍ଦିର ପରିଦର୍ଶନ | ୬

ଫ୍ଲପ୍ ଫିଲ୍ମର ଫି’ ନିଅନ୍ତିନି ଅମୀର | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୩୮ Vol. 22 No-38 9 MAY 2025 FRIDAY, BHUBANESWAR ଶୁକ୍ରବାର, ୯ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


# ଅପରେସନ୍ ସିନ୍ଦୂର ୨.୦

# ଭାରତର ପ୍ରଚଣ୍ଡ ହମଲା

ନୂଆଦିଲ୍ଲୀ,୮।୫: ଗୁରୁବାର ସନ୍ଧ୍ୟାରେ ପାକିସ୍ତାନୀ ସେନା ଜାମ୍ମୁର କେତେକ ଅଞ୍ଚଳରେ ଆକ୍ରମଣ କରିବା ପରେ ଭାରତ ପକ୍ଷରୁ ଏହାର ବଡ଼ଧରଣର ଜବାବ ଦିଆଯାଉଛି। ପାକିସ୍ତାନର ଇସଲାମାବାଦ ସମେତ ଲାହୋର, ସିଆଲକୋଟ୍ ଆଦି ସହରରେ ଭାରତୀୟ ସେନା କଡ଼ା ଜବାବ ଦେବାରେ ଲାଗିଛନ୍ତି। ଭାରତର ଏହି ଆକ୍ରମଣରେ ପାକିସ୍ତାନର ବଡ଼ ବଡ଼ ସହରଗୁଡ଼ିକ ଦୋହଲିବାରେ ଲାଗିଛି। ଭାରତୀୟ ସେନା ବିଭିନ୍ନ ସହର ଉପରେ ଡ୍ରୋନ୍ ଆକ୍ରମଣ କରି ଘାଇଲା କରୁଥିବା ସୂଚନା ମିଳିଛି। ଭାରତୀୟ ସେନା ପାକ୍ ପ୍ରଧାନମନ୍ତ୍ରୀ ସେହ୍‌ବାଜ ସରିଫ ଓ ପାକ୍ ସେନାମୁଖ୍ୟ ଅସୀମ ମୁନୀରଙ୍କ ଘର ନିକଟରେ ବିସ୍ଫୋରଣ କରିଛନ୍ତି। ଭାରତୀୟ ସେନାର ଡ୍ରୋନ୍ ମାଡରେ ପାକିସ୍ତାନର ବହୁ କ୍ଷତି ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ରାଜସ୍ଥାନର ଜୈସଲମେରରୁ ଏଫ-୧୬ ବିମାନର ପାଇଲଟଙ୍କୁ ଭାରତୀୟ ସେନା ଜୀବନ୍ତ ଧରିଛନ୍ତି। ସେହିପରି ପାକିସ୍ତାନର ଆଉଏକ ଜେଟ୍ ବିମାନକୁ ଭାରତୀୟ ସେନା ଖସାଇ ଦେଇଥିବା ସୂଚନା ମିଳିଛି। ଦୁଇଦିନ ପାଇଁ ଜାମ୍ମୁକାଶ୍ମୀରର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ



ରଖାଯାଇଛି। ଉତ୍ତର ଓ ପଶ୍ଚିମ ଭାରତର ପ୍ରମୁଖ ବିମାନବନ୍ଦରଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ସିମଲା, ଜୈସଲମେର, ଯୋଧପୁର, ଶ୍ରୀନଗର, ଅମୃତସର, କୁଲ୍ଲୁ, ଚଣ୍ଡିଗଡ଼, ଲୁଧିଆନା ଆଦି ବିମାନବନ୍ଦର ବନ୍ଦ ରହିଛି। ସେହିପରି ଇଣ୍ଡିଆଗେଟ୍ ନିକଟରୁ ସମସ୍ତ ଜନସାଧାରଣଙ୍କୁ ଅନ୍ୟତ୍ର ପଳାଇବା ପାଇଁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ଆରବ ସାଗରରେ ଭାରତୀୟ ନୌସେନା କରାଚୀ ବନ୍ଦର ଉପରେ ଆକ୍ରମଣ କରିଛି। ଆଇଏନଏସ୍ ବିକ୍ରାନ୍ତ ମାଧ୍ୟମରେ ଏହି ଆକ୍ରମଣ କରାଯାଇଛି। କରାଚୀ ବନ୍ଦରରେ ଭାରତ ପକ୍ଷରୁ ବଡ଼ଧରଣର ହମଲା ହୋଇଥିବାବେଳେ ବିମାନବନ୍ଦର ସଂପୂର୍ଣ୍ଣ ଧ୍ୱଂସ ପାଇଯାଇଛି। ସୂଚନାଯୋଗ୍ୟ ଯେ ଗୁରୁବାର ଅପରାହ୍ନରେ ପାକିସ୍ତାନପଟୁ ଜାମ୍ମୁ ଉପରେ ଆକ୍ରମଣ କରାଯିବା ପରେ ସମଗ୍ର ଜାମ୍ମୁକୁ ବ୍ଲାକଆଉଟ୍ ଘୋଷଣା କରାଯାଇଛି। ଭାରତୀୟ ସେନା ପାକିସ୍ତାନର ୩ଟି ଲଢୁଆ ବିମାନକୁ ଧ୍ୱଂସ କରିବା ସହ ୮ଟି ମିସାଇଲକୁ ମଧ୍ୟ ଧ୍ୱଂସ କରି ଦେଇଛି। ଭାରତୀୟ ସେନା ପାକିସ୍ତାନର ବିଭିନ୍ନ ସହର ଉପରେ ଡ୍ରୋନ୍ ଆକ୍ରମଣ ଜାରି ରଖିଛି। ଗୁରୁବାର ସନ୍ଧ୍ୟାରେ ପାକିସ୍ତାନୀ ସେନା ଜାମ୍ମୁର ବିଭିନ୍ନ ସ୍ଥାନରେ ଡ୍ରୋନ୍ ଆକ୍ରମଣ କରିଥିଲେ। ଏପରିକି ସେମାନେ ବିମାନବନ୍ଦରକୁ ମଧ୍ୟ ଟାର୍ଗେଟ କରିଥିଲେ, ଯାହାକୁ ଭାରତୀୟ ସେନା ଏସ-୪୦୦ ମାଧ୍ୟମରେ ବିଫଳ କରି ଦେଇଥିଲେ। ସେହିପରି ପାକିସ୍ତାନର ପଞ୍ଜାବରେ ଥିବା ଏଡବ୍ଲ୍ୟୁଏସିଏସ୍‌କୁ ଭାରତୀୟ ସେନା ଧ୍ୱଂସ କରି ଦେଇଥିବା ସୂଚନା ମିଳିଛି। ଏହାପରେ ୩ ସେନାମୁଖ୍ୟ ଓ ସିଡିଏସ୍ ପ୍ରତିରକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କରିଥଲେ। ସାକ୍ଷାତ ସମୟରେ ସାମ୍ପ୍ରତିକ ସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ପରେ ପରେ ପାକିସ୍ତାନ ଉପରେ ଜୋରଦାର ହମଲା ଆରମ୍ଭ ହୋଇଥିଲା। ସେହିପରି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଗୁରୁବାର ରାତିରେ ତୃତୀୟ ଥରପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାକ୍ଷାତ କରି ସାମ୍ପ୍ରତିକ ସ୍ଥିତି ଉପରେ ଅବଗତ କରାଇଥିବା ସୂଚନା ଦିଆଯାଇଛି। ପଞ୍ଜାବ ଏବଂ ରାଜସ୍ଥାନ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ବ୍ଲାକଆଉଟ୍ ଘୋଷଣା କରାଯାଇଛି। ସେନା ଓ ବିଏସ୍ଏଫ ପ୍ରାୟ ୧୦୦ କିଲୋମିଟର ସୀମାବର୍ତ୍ତୀ ଅଞ୍ଚଳକୁ ବନ୍ଦ କରି ଦେଇଛନ୍ତି। ଭାରତୀୟ ସେନାର ପ୍ରଚଣ୍ଡ ଆକ୍ରମଣରେ ଏଫ-୧୬ ଓ ଦୁଇଟି ଜେଏଫ-୧୭ ନଷ୍ଟ ହୋଇଥିବାବେଳେ ଆଉ ଏକ ଜେଟ୍‌କୁ ଧ୍ୱଂସ କରି ଦିଆଯାଇଛି।

**ଜୈସଲମେରରୁ ଧରାପଡ଼ିଲେ ଏଫ-୧୬ ବିମାନ ପାଇଲଟ୍**

**ଭାରତୀୟ ସେନା ଖସାଇଲେ ଆଉଏକ ପାକ୍ ଜେଟ୍**

**ପାକ୍ ପ୍ରଧାନମନ୍ତ୍ରୀ, ସେନାମୁଖ୍ୟଙ୍କ ଘର ନିକଟରେ ବିସ୍ଫୋରଣ**

**ଡ୍ରୋନ୍, ମିସାଇଲ ମାଡ଼ରେ ଥରୁଛି ପାକିସ୍ତାନ**

**ଲାହୋର, ଇସଲାମାବାଦ, ସିଆଲକୋଟ୍‌ରେ ଆକ୍ରମଣ**

**ଉତ୍ତର ଓ ପଶ୍ଚିମ ଭାରତର ପ୍ରମୁଖ ଏୟାରପୋର୍ଟ ବନ୍ଦ**

**ହାଇଆଲର୍ଟରେ ଦେଶର ସବୁ ବିମାନବନ୍ଦର**

**ଦୁଇଦିନ ଜାମ୍ମୁକାଶ୍ମୀରରେ ସବୁ ଶିକ୍ଷାନୁଷ୍ଠାନ ବନ୍ଦ**

**କରାଚୀ ବନ୍ଦର ଧ୍ୱଂସ କଲା ନୌସେନା**

**୮ହଜାର ଏକ୍ସ ଆକାଉଣ୍ଟ ବନ୍ଦ କଲା ଭାରତ**

## ଭାରତର ୧୫ ଟାର୍ଗେଟ ଉପରେ ପାକିସ୍ତାନର ଆକ୍ରମଣ ଉଦ୍ୟମ

# ପଣ୍ଡକଲା ଏସ୍-୪୦୦ ସୁଦର୍ଶନ ଚକ୍ର



ନୂଆଦିଲ୍ଲୀ,୮।୫: ଗତ ୬ ତାରିଖ ମଧ୍ୟରାତ୍ରିରେ ଭାରତୀୟ ସେନା ପାକିସ୍ତାନର ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ କରିବା ପରେ ବୁଧବାର ମଧ୍ୟରାତ୍ରିରେ ପାକିସ୍ତାନ ସେନା ଭାରତର ୧୫ଟି ସ୍ଥାନକୁ ଟାର୍ଗେଟ କରି ଆକ୍ରମଣ କରିବା ପାଇଁ ଉଦ୍ୟମ କରିଥିଲା। ତେବେ ଭାରତର ଏସ-୪୦୦ ଟ୍ରିୟମ୍ଫ-ସୁଦର୍ଶନ ବାୟୁ ପ୍ରତିରୋଧ ବ୍ୟବସ୍ଥା ପାକିସ୍ତାନର ଆକ୍ରମଣକୁ ଅକାମୀ କରି ଦେଇଥିଲା। ପାକିସ୍ତାନୀ ସେନା କ୍ଷେପଣାସ୍ତ୍ର ସାହାଯ୍ୟରେ ଶ୍ରୀନଗର, ଜମ୍ମୁ, • ପୃଷ୍ଠା ୫ ଦେଖନ୍ତୁ

## ଜୈଶ ମୁଖ୍ୟ ରୌଫ ଆଝାର ମୃତ

ନୂଆଦିଲ୍ଲୀ,୮।୫: ଗତ ୬ ତାରିଖ ରାତିରେ ପାକିସ୍ତାନ ଉପରେ ଭାରତ କରିଥିବା ସାମରିକ କାର୍ଯ୍ୟାନୁଷ୍ଠାନରେ ଭାରତର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ତଥା ଆତଙ୍କୀ ସଂଗଠନ ଜୈଶ-ଇ-ମହମ୍ମଦର ପ୍ରତିଷ୍ଠାତା ମାସୁଦ ଆଝାରର ପରିବାର ସଫା ହୋଇଯାଇଛି। ମାସୁଦ ପରିବାରର ମୋଟ ୧୦ଜଣଙ୍କର ମୃତ୍ୟୁ ଘଟିଛି। ସେଥିମଧ୍ୟରେ ମାସୁଦର ଭାଇ ରୌଫ ଆଝାର ରହିଛି। ୧୯୯୯ରେ ଯେତେବେଳେ ତା’ର ବଡ଼ଭାଇ ମାସୁଦ ଆଝାର କାଶ୍ମୀର ଜେଲରେ ରହିଥିଲା, ତାକୁ ମୁକୁଳାଇବା ପାଇଁ ରୌଫ ଏୟାର ଇଣ୍ଡିଆ ଆଇସି-୮୧୪ କାନ୍ଦାହାର ବିମାନକୁ ଅପହରଣ କରାଇଥିଲା। ଏହି ଘଟଣାରେ ମାସୁଦ ଆଝାରକୁ ଭାରତ ମୁକ୍ତ କରିବା ପରେ ଜୈଶ-ଇ-ମହମ୍ମଦ ଗଠନ ହୋଇଥିଲା ଓ ପରେ ପରେ ଭାରତର ସଂସଦ ଭବନ ଆକ୍ରମଣ ସମେତ ଆହୁରି ଅନେକ ଆକ୍ରମଣ କରାଯାଇଥିଲା।



**୨୬ବର୍ଷ ପରେ କାନ୍ଦାହାର ବଦଲା**

ରୌଫ ହେଉଛି ଜଣେ କୁଖ୍ୟାତ ଅନ୍ତର୍ଜାତୀୟ ଆତଙ୍କବାଦୀ। ଭାରତର ଆକ୍ରମଣ ଭୟରେ ସେ ପାକିସ୍ତାନର ବାହାବଲପୁରରେ ଥିବା ଜୈଶ ମୁଖ୍ୟାଳୟ ବଙ୍କରରେ ଲୁଚି ରହିଥିଲା। କିନ୍ତୁ ଭାରତୀୟ ବାୟୁସେନା ହିଁ ତା ପାଇଁ କବର ଖୋଳି ଦେଇଥିଲା। ରୌଫର ମୃତ୍ୟୁ ମାସୁଦ ଆଝାର ପାଇଁ ଏକ ମସ୍ତବଡ଼ ଧକ୍କା ବୋଲି କୁହାଯାଉଛି।

## ପାକିସ୍ତାନର ଛାତି ଉପରେ ଭାରତର ଗର୍ଜନ

# ଏୟାର ଡିଫେନ୍ସ ସିଷ୍ଟମ ନଷ୍ଟ

ନୂଆଦିଲ୍ଲୀ,୮।୫: ଭାରତକୁ ଉସୁକାଇବାର ଫଳ ଭୋଗିବା ଆରମ୍ଭ କରିଛି ପାକିସ୍ତାନ। ଭାରତୀୟ ସେନାର ଆକ୍ରମଣରେ ଥରହର ହେଲାଣି ପାକିସ୍ତାନ। ଜାମ୍ମୁକାଶ୍ମୀର ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଗତ ମଙ୍ଗଳବାର ମଧ୍ୟରାତ୍ରିରେ ଭାରତ ଆରମ୍ଭ କରିଥିଲା ‘ଅପରେସନ ସିନ୍ଦୂର’। ଯାହା ଏବେ ବି ଜାରି ରହିଛି। ତେବେ ଏହା ଭିତରେ ବୁଧବାର ମଧ୍ୟରାତ୍ରିରେ ପାକିସ୍ତାନ ଡ୍ରୋନ ଓ କ୍ଷେପଣାସ୍ତ୍ର ବ୍ୟବହାର କରି ଉତ୍ତର ଓ ପଶ୍ଚିମ ଭାରତର ଅବନ୍ତୀପୁରା, ଶ୍ରୀନଗର, ଜମ୍ମୁ, ପଠାନକୋଟ୍, ଅମୃତସର, କପୁରତାଲା, ଜଲନ୍ଧର, ଲୁଧିଆନା, ଆଦମପୁର, ଭଟିଣ୍ଡା, ଚଣ୍ଡିଗଡ଼, ନର୍ଲ, ଫଲୌଦି, ଭୁଜ ଇତ୍ୟାଦି ସ୍ଥାନରେ ଥିବା ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ତେବେ ଭାରତୀୟ ସେନା ଏହାକୁ ବିଫଳ କରି ଦେଇଥିଲେ। ଏହାର ଜବାବ ଦେବାକୁ ଯାଇ ଲାହୋରରୁ କରାଚୀ ପର୍ଯ୍ୟନ୍ତ ଭାରତୀୟ ସେନା ପକ୍ଷରୁ ଧଡ଼ାଧଡ଼ ଡ୍ରୋନ ଆକ୍ରମଣ କରାଯାଇଛି। ପାକିସ୍ତାନ ସରକାର ବି ସ୍ୱୀକାର କରିଛନ୍ତି ଯେ ଭାରତୀୟ ସେନା ୨୫ଟି ଡ୍ରୋନ୍ ମାଡ଼ କରିଛନ୍ତି। ତେବେ ଲାହୋର, କରାଚୀ ଓ ରାଓ୍ୱଲପିଣ୍ଡିରେ ବଡ଼ଧରଣର ଡ୍ରୋନ୍ ଆକ୍ରମଣ କରିଥିବା ସୂଚନା ମିଳିଛି। ସେହିପରି ରାଓ୍ୱଲପିଣ୍ଡିର କ୍ରିକେଟ ଷ୍ଟାଡିୟମରେ ମଧ୍ୟ ଡ୍ରୋନ୍ ଆକ୍ରମଣ କରାଯାଇଛି। ସେଠାରେ ହେବାକୁ ଥିବା ସୁପରଲିଗ୍ ମ୍ୟାଚ୍‌କୁ ବାତିଲ କରାଯିବା ସହ ଖେଳାଳିମାନଙ୍କୁ ଅନ୍ୟତ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଆକ୍ରମଣ ପରେ ପାକିସ୍ତାନରେ ହାହାକାର ଦେଖାଦେଇଛି। ପାକିସ୍ତାନ ସରକାର କିଛି • ପୃଷ୍ଠା ୫ ଦେଖନ୍ତୁ





**ଲାହୋର, ରାଓ୍ୱଲପିଣ୍ଡି, କରାଚୀ ସମେତ ବିଭିନ୍ନ ସହରରେ ଡ୍ରୋନ ମାଡ଼**

**ଲାହୋର ଏୟାରପୋର୍ଟ ବନ୍ଦ କଲେ ପାକ୍ ସରକାର**

**ରାଓ୍ୱଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ ଡ୍ରୋନ୍ ଆକ୍ରମଣ**

**ଷ୍ଟାଡିୟମ ଛାଡ଼ି ପଳାଇଲେ ଖେଳାଳି**

**ରାଜନାଥଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ**

## ବୈଦେଶିକ ସଚିବଙ୍କ ସୂଚନା

# ବିଶ୍ୱ ଆତଙ୍କବାଦର ଜନନୀ ପାକିସ୍ତାନ



ନୂଆଦିଲ୍ଲୀ,୮।୫: ଭାରତର ଅପରେସନ ସିନ୍ଦୂର ଜବାବରେ ପାକିସ୍ତାନ ପକ୍ଷରୁ ୭ ତାରିଖ ମଧ୍ୟରାତ୍ରିରେ ଭାରତର ୧୫ଟି ସ୍ଥାନ ଉପରେ ପାକ୍‌ସେନା ଆକ୍ରମଣ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲା। ତେବେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ • ପୃଷ୍ଠା ୫ ଦେଖନ୍ତୁ

# ସଚିବମାନଙ୍କ ସହ ମୋଦୀଙ୍କ ବୈଠକ



ନୂଆଦିଲ୍ଲୀ,୮।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗର ସଚିବମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ସାମ୍ପ୍ରତିକ ଘଟଣାକ୍ରମକୁ ଦୃଷ୍ଟିରେ ରଖି ବୈଠକରେ ଜାତୀୟ ପ୍ରସ୍ତୁତି ଏବଂ ଆନ୍ତଃ ମନ୍ତ୍ରୀସ୍ତରୀୟ ସମନ୍ୱୟର ସମୀକ୍ଷା କରାଯାଇଛି । ବୈଠକରେ ପରିଚାଳନାଗତ ନିରନ୍ତରତା ଏବଂ ସଂସ୍ଥାଗତ ନମନୀୟତା ବଜାୟ ରଖିବା ପାଇଁ ମନ୍ତ୍ରଣାଳୟ ଏବଂ ଏଜେନ୍ସିଗୁଡ଼ିକ ମଧ୍ୟରେ ନିରବଚ୍ଛିନ୍ନ ସମନ୍ୱୟର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନର ପରିସ୍ଥିତିର ମୁକାବିଲା ପାଇଁ ମନ୍ତ୍ରଣାଳୟଗୁଡ଼ିକ ଦ୍ୱାରା କରାଯାଇଥିବା ଯୋଜନା ଏବଂ ପ୍ରସ୍ତୁତିର ପ୍ରଧାନମନ୍ତ୍ରୀ ସମୀକ୍ଷା କରିଥିଲେ। ସଚିବମାନଙ୍କୁ ନିଜ ନିଜ ମନ୍ତ୍ରଣାଳୟର କାର୍ଯ୍ୟକଳାପର ଏକ ବିସ୍ତୃତ ସମୀକ୍ଷା କରିବା ଏବଂ ପ୍ରସ୍ତୁତି, ଜରୁରିକାଳୀନ ପ୍ରତିକ୍ରିୟା ଓ ଆଭ୍ୟନ୍ତରୀଣ ଯୋଗାଯୋଗ ପ୍ରୋଟୋକଲ ଉପରେ ବିଶେଷ ଧ୍ୟାନ ଦେଇ ଅତ୍ୟାବଶ୍ୟକ ବ୍ୟବସ୍ଥାଗୁଡ଼ିକର ପୂର୍ଣ୍ଣ କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଚିବମାନେ ବର୍ତ୍ତମାନର ପରିସ୍ଥିତିରେ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ସହିତ ସେମାନଙ୍କର ଯୋଜନା ବିସ୍ତୃତ ଭାବରେ ଉଲ୍ଲେଖ କରିଥିଲେ। ସମସ୍ତ ମନ୍ତ୍ରଣାଳୟସଂଘର୍ଷ ସମ୍ବନ୍ଧରେ ସେମାନଙ୍କ କାର୍ଯ୍ୟାନୁଷ୍ଠାନକୁ ଚିହ୍ନଟ କରିଛନ୍ତି ଏବଂ ପ୍ରକ୍ରିୟାକୁ ମଜବୁତ କରୁଛନ୍ତି। ସମସ୍ତ ପ୍ରକାରର ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ମନ୍ତ୍ରଣାଳୟଗୁଡ଼ିକ ପ୍ରସ୍ତୁତ ଅଛନ୍ତି। ଏହି ବୈଠକରେ • ପୃଷ୍ଠା ୫ ଦେଖନ୍ତୁ

## ରାଜନାଥଙ୍କ ରଣହୁଙ୍କାର

# ଆମ ଧୈର୍ଯ୍ୟର ପରୀକ୍ଷା ନେଲେ ଭୟଙ୍କର ପରିଣାମ ଭୋଗିବ



ନୂଆଦିଲ୍ଲୀ,୮।୫: ପାକିସ୍ତାନକୁ ଚେତାବନୀ ଦେଲେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ। ପାକିସ୍ତାନକୁ ସ୍ପଷ୍ଟଭାବେ କହିଛନ୍ତି, ଆମ ଧୈର୍ଯ୍ୟର ପରୀକ୍ଷା ନେଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ଅପରେସନ ସିନ୍ଦୂର ନେଇ ସେନା ଯେଉଁ ଅଭିଯାନ ଆରମ୍ଭ କରିଛି, ତାହା ସଫଳ ହୋଇଛି। ମଙ୍ଗଳବାର ମଧ୍ୟରାତ୍ରିରେ ଭାରତୀୟ ସେନାର ଶକ୍ତି ସାରା ବିଶ୍ୱ ଦେଖିସାରିଛି। ଅପରେସନ ସିନ୍ଦୂରର ପରିଚାଳନା ଅବର୍ଣ୍ଣନୀୟ ଓ କଳ୍ପନାର ବାହାରେ ବୋଲି ସେ କହିଥିଲେ। ଆମେ ଏହି ଅପରେସନରେ ୯ଟି ଆତଙ୍କୀ ଠିକଣା ଧ୍ୱଂସ କରିଛୁ, ଯେଉଁଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଛନ୍ତି। କିନ୍ତୁ ଏହି ଅପରେସନରେ କୌଣସି ସାଧାରଣ ନିରୀହ ଲୋକଙ୍କୁ ଟାର୍ଗେଟ କରାଯାଇନାହିଁ । ଆତଙ୍କୀ ଆଡ୍ଡା ଧ୍ୱଂସ ପାଇଁ ସମସ୍ତ ଅପରେସନ ସଫଳ ହୋଇଛି। ଅନ୍ୟପକ୍ଷରେ ଶ୍ରୀ ସିଂହ କହିଛନ୍ତି ଯେ ଅପରେସନ ସିନ୍ଦୂର ଏବେଯାଏ ଶେଷ ହୋଇନି। ଏହା ଜାରି ରହିଛି। ପାକିସ୍ତାନ ଉପରେ ଭାରତର ଆକ୍ରମଣ ଜାରି ରହିଛି। ପାକିସ୍ତାନର ବିଭିନ୍ନ ସ୍ଥାନରେ ଗୁରୁବାର ଭାରତ ପକ୍ଷରୁ ଡ୍ରୋନ୍ ମାଡ଼ କରାଯାଇଛି, ଯେଉଁଥିରେ ପାକିସ୍ତାନ ଭୟଭୀତ ହୋଇପଡ଼ିଛି। ପାକିସ୍ତାନର ସୁପରଲିଗ୍ ପୂର୍ବରୁ ରାଓ୍ୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମରେ ମଧ୍ୟ ଡ୍ରୋନ୍ ଆକ୍ରମଣ କରାଯାଇଛି। ସେଠାରେ ଗୁରୁବାର ରାତି ୮ଟାରେ ପିଏସ୍ଏଲ ଆରମ୍ଭ ହେବାର ଥିଲା। ଏଥିରେ ଷ୍ଟାଡିୟମଟି କ୍ଷତିଗ୍ରସ୍ତ ହୋଇଛି। ଭାରତର ନିୟନ୍ତ୍ରଣ ରେଖା ଆରପଟୁ ପାକିସ୍ତାନର ଆକ୍ରମଣର ଭାରତୀୟ ସଶସ୍ତ୍ର ବାହିନୀ ଦୃଢ ଜବାବ ଦେଇଛି । ଗୁରୁବାର ସଶସ୍ତ୍ର ବାହିନୀର ପଦକ୍ଷେପ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ କରିଛନ୍ତି । ଗତ କାଲି ଅପରେସନ ସିନ୍ଦୂର ଅଧୀନରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ୯ଟି ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ ସଫଳ ହୋଇଥିବା ସେ ସୂଚନା ଦେଇଛନ୍ତି ।

# MUTHOOT FINCORP LTD. | ସୁନା ନିଲାମୀ ନୋଟିସ୍

Regd. Office: Muthoot Centre, TC No 27/3022, Punnen Road, Thiruvananthapuram, Kerala, India - 695001.
CIN: U65929KL1997PLC011518, Ph: +91 471 4911400, 2331427

ଏତଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିରେ ଯାହା ଅବଧି up to 30.06.2024 & MSGL ,SPL 16 ,One Plus, Guide prepaid, Super value, ADGL and all other 6 months tenure gold loans up to 30.09.2024 and MSGB ,SME Suvarna & EMI due upto 31.03.2025. Also those gold loans where interest is due and not paid up to 31.03.2025 are also included in this auction ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 21.05.2025 ଏବଂ 22.05.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

**AUCTION DATE: 21.05.2025 - GAJAPATI DISTRICT - MOHANA-ORISSA:** 4379000014, 4379000017, 4379000018, 4379000021, 4379000025, 4379000027, 4379000029, 4379000041, 4379000051, 4379000055, 4379000062, 4379000068, 4379000070, 4379000071, 4379000072, 4379000077, 4379000078, 4379000082, 4379000083, 4379000088, 4379000090, 4379000091, 4379000105, 4379000109, 4379000111, 4379000113, 4379000126, 437901698, 437901701, 437901703, 437901710, 437901715, 437901718, 437901724, 437901726, 437901729, 437901732, 437901737, 437901738, 437901750, 437901753, 437901754, 437901756, 437901774, 437901776, 437901781, 437901784, 437901788, 437901792, 437901793, 437901794, 437901808, 437901811, 437901821, 437901833, 437901840, 437901841, 437901844, 437901861, 437901862, 437901866, 437901868, 437901871, 437901874, 437901875, 437901886, 437901888, 437901892, 437901897, 437901898, 437901908, 437901910, 437901912, 437901913, 437901915, 437901919, 437901921, 437901926, 437901927, 437901928, 437901929, 437901936, 437901941, 437901946, 437901950, 437901962, 437901965, 437901969, 437901976, 437901987, 437901988, 437901992, 437901993, 437901998, 437901999, 437902002, 437902003, 437902004, 437902005, 437902006, 437902013, 437902016, 437902023, 437902030, 437902033, 437902034, 437902035, 437902038, 437902040, 437902041, 437902042, 437902045, 437902051, 437902054, 437902058, 437902063, 437902076, 437902077, 437902087, 437902095, 437902096, 437902097, 437902098, 437902099, 437902113, 437902117, 437902118, 437902119, 437902120, 437902122, 437902128, 437902130, 437902132, 437902133, 437902134, 437902138, 437902141, 437902142, 437902151, 437902152, 437902155, 437902167, 437902168, 437902169, 437902170, 437902174, 437902186, 437902189, 437902190, 437902191, 437902192, 437902193, 437902194, 437902195, 437902199, 437902206, 437902209, 437902216, 437902217, 437902219, 437902228, 437902235, 437902241, 437902246, 437902254, 437902255, 437902256, 437902259, 437902260, 437902262, 437902265, 437902282, 437902290, 437902291, 437902292, 437902298, 437902299, 437902302, 437902303, 437902305, 437902307, 437902310, 437902325, 437902339, 437902350, 437902356, 437902361, 437902365, 437902366, 437902371, 437902372, 437902373, 437902379, 437902380, 437902381, 437902393, 437902416, 437902419, 437902421, 437902423, 437902429, 437902430, 437902431, 437902437, 437902439, 437902444, 437902452, 437902454, 437902458, 437902465, 437902466, 437902468, 437902470, 437902473, 437902475, 437902476, 437902485, 437902489, 437902491, 437902492, 437902494, 437902507, 437902508, 437902518, 437902539, 437902541, 437902542, 437902551, 437902552, 437902564, 437902576, 437902582, 437902584, 437902596, 437902610, 437902612, 437902613, 437902635, 437902638, 437902640, 437902646, 437902652, 437902659, 437902661, 437902668, 437902670, 437902672, 437902674, 437902680, 437902685, 437902686, 437902698, 437902699, 437902704, 437902722, 437902723, 437902724, 437902727, 437902729, 437902731, 437902732, 437902739, 437902747, [illegible]

430400755, 430400759, 430400762, 430400763, 430400769, 430400770, 430400771, 430400778, 430400779, 430400780, 430400786, 430400798, 430400800, 430400802, 430400806, 430400808, 430400816, 430400818, 430400819, 430400820, 430400822, 430400826, 430400828, 430400832, 430400833, 430400837, 430400839, 430400840, 430400843, 430400845, 430400846, 430400857, 430400859, 430400866, 430400867, 430400874, 430400875, 430400876, 430400877, 430400883, 430400884, 430400885, 430400887, 430400890, 430400897, 430400903, 430400907, 430400909, 430400916, 430400920, 430400921, 430400924, 430400927, 430400932, 430400934, 430400937, 430400939, 430400941, 430400949, 430400952, 430400959, 430400960, 430400961, 430400965, 430400966, 430400973, 430400980, 430400986, 430400993, 430400994, 430400995, 430401017, 430401019, 430401033, 430401036, 430401039, 430401042, 430401047, 430401051, 430401052, 430401061, 430401065, 430401078, 430401106, 430401108, 430401109, 430401110, 430401119, 430401120, 430401121, 430401122, 430401123, 430401126, 430401127, 430401128, 430401131, 430401132, 430401133, 430401134, 430401138, 430401140, 430401141, 430401142, 430401143, 430401145, 430401148, 430401149, 430401152, 430401155, 430401158, 430401159, 430401160, 430401165, 430401167, 430401169, 430401170, 430401174, 430401178, 430401179, 430401187, 430401198, 430401210, 430401215, 430401218, 430401220, 430401231, 430401233, 430401237, 430401239, 430401241, 430401244, 430401246, 430401249, 430401254, 430401257, 430401262, 430401263. **SEMILIGUDA:** 4281000003, 4281000026, 4281000032, 428100732, 428100734, 428100740, 428100754, 428100759, 428100766, 428100777, 428100779, 428100798, 428100804, 428100805, 428100827, 428100830, 428100836, 428100845, 428100849, 428100878, 428100888, 428100892, 428100898, 428100923, 428100924, 428100926, 428100927, 428100932, 428100939, 428100943, 428100969, 428100972, 428100977, 428100987, 428100989, 428100996, 428101001, 428101008, 428101023, 428101034, 428101045, 428101052, 428101056, 428101067, 428101068, 428101071, 428101074, 428101088, 428101099, 428101118, 428101126, 428101131, 428101151, 428101152, 428101157, 428101165, 428101168, 428101171, 428101189, 428101190, 428101200, 428101205, 428101206, 428101212, 428101232, 428101234, 428101238, 428101239, 428101245, 428101247, 428101251, 428101253, 428101258, 428101259, 428101260, 428101261, 428101262, 428101263, 428101264, 428101270, 428101272, 428101276, 428101278, 428101281, 428101283, 428101284, 428101286, 428101291, 428101294, 428101295, 428101297, 428101299, 428101300, 428101305, 428101313, 428101319, 428101324, 428101337, 428101339, 428101344, 428101346, 428101351, 428101357, 428101360, 428101374, 428101379, 428101384, 428101395, 428101397, 428101398, 428101400, 428101412, 428101420, 428101425, 428101431, 428101434. **NABARANGAPUR DISTRICT - NABARANGAPUR:** 4219000006, 4219000013, 4219000039, 4219000054, 4219000058, 4219000064, 4219000071, 4219000073, 421901079, 421901088, 421901095, 421901111, 421901144, 421901151, 421901154, 421901161, 421901162, 421901165, 421901169, 421901174, 421901192, 421901193, 421901194, 421901198, 421901202, 421901203, 421901210, 421901223, 421901230, 421901231, 421901241, 421901249, 421901251, 421901252, 421901262, 421901268, 421901286, 421901289, 421901302, 421901303, 421901304, 421901313, 421901318, 421901319, 421901320, 421901322, 421901326, 421901334, 421901356, 421901360, 421901362, 421901372, 421901388, 421901389, 421901396, 421901397, 421901402, 421901403, 421901407, 421901410, 421901412, 421901413, 421901414, 421901430, 421901442, 421901451, 421901467, 421901475, 421901481, 421901491, 421901495, 421901500, 421901522, 421901529, 421901537, 421901539, 421901542, 421901546, 421901551, 421901553, 421901554, 421901567, 421901578, 421901581, 421901583, 421901585, 421901592, 421901593, 421901596, 421901621, 421901633, 421901638, 421901654, 421901657, 421901661, 421901663, 421901670, 421901677, 421901678, 421901681, 421901682, 421901691, 421901692, 421901704, 421901720, 421901726, 421901730, 421901731, 421901732, 421901736, 421901738, 421901740, 421901742, 421901748, 421901749, 421901752, 421901754, 421901760, 421901762, 421901769, 421901770, 421901773, 421901774, 421901785, 421901789, 421901799, 421901806, 421901810, 421901815, 421901826, 421901849, 421901859, 421901865, 421901873, 421901880, 421901895, 421901912, 421901927, 421901941, 421901943, 421901952, 421901954. **RAYAGADA DISTRICT - RAYAGADA:** 4397000032, 4397000039, 4397000064, 4397000067, 4397000100, 4397000110, 4397000120, 4397000121, 4397000136, 4397000139, 4397000144, 4397000155, 4397000163, 4397000188, 4397000216, 4397000225, 4397000232, 4397000237, 4397000241, 4397000252, 4397000259, 4397000262, 4397000273, 4397000280, 4397000286, 4397000303, 4397000306, 4397000313, 4397000317, 4397000324, 4397000331, 4397000363, 4397000367, 4397000368.

ନିଲାମ ସମ୍ପୃକ୍ତ ଆୟୋଜକ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 31.05.2025 ଏବଂ 02.06.2025 ସକାଳ 10 **PARLAKHEMUNDI:** Ground Floor, No. Khata No 875/158,Plot No 327,Khata No 875/158,Ground Floor,Plot No 327,Palace Road,Parlakhemundi,Gajapati,Orissa,Pin 761200 **ASKA ROAD-BERHAMPUR:** Ground Floor, Raza Plaza,Aska Road , , Aska Road, Besidesbi Aska Road Branch , Berhampur, Orissa , 760002 **RAYAGADA:** Rayagada First Floor, Plot No. 354/1598khata No- 1002, Rayagada Nagarrayagada, Odisha-765001 **KORAPUT:** Muthoot Fincorp Ltd, Koraput Branchnh-26 Main Road, Koraput, Odishanear Traffic Square Pin- 764020. **NABARANGAPUR:** First Floor, No. 1047/2159,Khata No 1341/868,Plot No 1047/2159,Khata No 1341/868,First Floor,Mauza Sadasibapur,Nabarangapur,Orissa-764059. **ASKA ROAD-BERHAMPUR:** Ground Floor, Raza Plaza,Aska Road, Aska Road, Besidesbi Aska Road Branch , Berhampur, Orissa , 760002 ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରନ୍ତୁ । ସଫଳ ନିଲାମୀଦାତା ଆରଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର



କଟକ,(ଭାସ୍କର ନ୍ୟୁଜ): ଗୁରୁବାର ସ୍ଥାନୀୟ ଏସ୍ଏନ୍ ସରକାର ମେମୋରିଆଲ ହଲରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ ସ୍ୱାଧୀନ କର୍ମଚାରୀ ଫେଡେରେସନ୍‌ର ଏକ ଜିଲ୍ଲାସ୍ତରୀୟ କନଭେନସନ ହୋଇଯାଇଛି। ସର୍ବଶ୍ରୀ କିଶୋର ଜେନା, ରବିନାରାୟଣ ମଲ୍ଲିକ୍, ଖଗେଶ୍ୱର ସେଠୀ, ମନୋରଞ୍ଜନ ମହାରଣା, ଗୋକୁଳାନନ୍ଦ ବେହେରା ଓ ବିପିନ ପାତ୍ରୀ ସଭାପତିତ୍ୱ କରିଥିଲେ। ସର୍ବଶ୍ରୀ ଜନାର୍ଦ୍ଦନ ପତି, ଅମରେନ୍ଦୁ ମହାନ୍ତି, ରାଜକିଶୋର ମଲ୍ଲିକ୍, ମନୋରଞ୍ଜନ ମହାରଣା, ସୌଭାଗ୍ୟ କେତନ ସାମଲ, ଅଭୟ କୁମାର ଦାସ ଓ ବିଜୟ ପଢିଆରୀ ବକ୍ତବ୍ୟ ରଖି ମୋଦୀ ସରକାରର କର୍ପୋରେଟ ସପକ୍ଷବାଦୀ, ଶ୍ରମିକ ବିରୋଧୀ ଓ ସାଂପ୍ରଦାୟିକ ବିଭାଜନକାରୀ ନୀତି ବିରୁଦ୍ଧରେ ପ୍ରଚାର ଅଭିଯାନ ଚଳାଇବା ପାଇଁ ଅନୁରୋଧ କରିଥିଲେ। ଶେଷରେ ରବିନାରାୟଣ ମଲ୍ଲିକ୍ ଧନ୍ୟବାଦ ଦେଇଥିଲେ।



### ଅପରେସନ୍ ସିନ୍ଦୂର ୨.୦ର ପ୍ରଭାବ

## ଦୁଇ ବିମାନ ଉଡ଼ାଣ ବାତିଲ୍



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଅପରେସନ ସିନ୍ଦୂର ୨.୦ ପରେ ଦେଶରେ ହାଇ ଆଲର୍ଟ ଜାରି କରାଯାଇଛି। ଗୁରୁବାର ଏହାକୁ ଦୃଷ୍ଟିରେ ରଖି ଗୁରୁବାର ଓଡ଼ିଶାର ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅର୍ନ୍ତଜାତୀୟ ବିମାନବନ୍ଦରରୁ ୨ଟି ବିମାନର ଉଡ଼ାଣକୁ ବାତିଲ କରାଯାଇଛି। ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱରରୁ ହିଣ୍ଡନ ଗାଜିଆବାଦକୁ ବିମାନ ସେବା ବାତିଲ କରାଯାଇଛି। ନିର୍ଦ୍ଦେଶକ କହିଛନ୍ତି ଯେ, ଦେଶର ପଶ୍ଚିମ ଅଞ୍ଚଳକୁ ବିମାନ ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଯାଇଛି ଏବଂ ବିମାନ ଉଡ଼ାଣ ବାତିଲ କରାଯାଇଛି। ଭୁବନେଶ୍ୱରରୁ ପାଟନା ଦେଇ ଚଣ୍ଡିଗଡ଼ ଯାଉଥିବା ବିମାନକୁ ମଧ୍ୟ ବାତିଲ କରାଯାଇଥିବା ଜଣାପଡ଼ିଛି। ବିମାନ ବାତିଲ ପରେ ଯାତ୍ରୀମାନେ ଘରକୁ ଫେରିଯାଇଛନ୍ତି।

## ରେଡ୍‌କ୍ରସ୍ ସେବକଙ୍କୁ ପ୍ରଶଂସା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ରେଡକ୍ରସ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରେଡକ୍ରସର ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କ ନିସ୍ୱାର୍ଥସେବା ଭାଗ ଓ ମାନବୀୟ କାର୍ଯ୍ୟ ପ୍ରତି ଅତୁଟ ସମର୍ପଣ ପାଇଁ ସେମାନଙ୍କ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ମାଧ୍ୟମରେ ରେଡ୍ କ୍ରସ କାର୍ଯ୍ୟକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାର ପ୍ରଶଂସା କରିଛନ୍ତି। ସେ ପୋଷ୍ଟ କରିଛନ୍ତି ଯେ, ଆମେ ସେହି ରେଡ୍ କ୍ରସ ସ୍ୱେଚ୍ଛାସେବୀଙ୍କ ଭାବନାକୁ ସଲାମ କରୁଛୁ, ଯେଉଁମାନେ ଦରକାରୀ ଲୋକଙ୍କ ପାଇଁ ଆଶା ଓ ଉପଚାର ନେଇ କରି ଆସିଥାନ୍ତି। ଓଡ଼ିଶାରେ ଆମେ ସେମାନଙ୍କ ନିସ୍ୱାର୍ଥ ସେବା ଭାଗକୁ ଅତ୍ୟଧିକ ଗୁରୁତ୍ୱ ଦେଇଥାଉ-ବିଶେଷ କରି ବିପଦ ସମୟରେ ଯେତେବେଳେ ସେମାନଙ୍କ ସାହସ ଓ ସମବେଦନା ସବୁଠୁ ଅଧିକ ଦେଖାବାକୁ ମିଳିଥାଏ। ମୁଖ୍ୟମନ୍ତ୍ରୀ ମାଝୀ ନାଗରିକଙ୍କୁ ମାନବୀୟ ଉଦ୍ୟମକୁ ସମର୍ଥନ ଦେବା ଓ ରେଡକ୍ରସର ମୂଳ ସିଦ୍ଧାନ୍ତ-ମାନବତା, ନିରପେକ୍ଷତା ଓ ସ୍ୱେଚ୍ଛାକୃତ ଭାବେ ସେବାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି।

### 'ଏ ମାଟିର ଡାକ' ପୁସ୍ତକର ଇଂରାଜୀ ଅନୁବାଦ ଲୋକାର୍ପିତ

## ବିଶ୍ୱଭୂଷଣଙ୍କ କୃତି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ: ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆନ୍ଧ୍ରପ୍ରଦେଶ ଓ ଛତିଶଗଡ ରାଜ୍ୟର ପୂର୍ବତନ ରାଜ୍ୟପାଳ ତଥା ପ୍ରବୀଣ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ ପୁସ୍ତକ 'ଏ ମାଟିର ଡାକ'ର ଇଂରାଜୀ ଅନୁବାଦ 'ଦି କଲ୍ ଅଫ୍ ଦି ମଦରଲାଣ୍ଡ' ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପ୍ରେକ୍ଷାଳୟଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହି ଅନୁବାଦିତ ପୁସ୍ତକକୁ ଲୋକାର୍ପିତ କରିବା ସହିତ ବିଶ୍ୱଭୂଷଣଙ୍କ କୃତି ଓ କୀର୍ତ୍ତି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ ଶ୍ରୀ ହରିଚନ୍ଦନ ସମୃଦ୍ଧ ସାହିତ୍ୟିକ ପରମ୍ପରାର ଜଣେ ପ୍ରବୀଣ ଲେଖକ ଓ ଯଶସ୍ୱୀ ବକ୍ତା ଭାବେ ଅନେକ ସୁନାମର ଅଧିକାରୀ। ତାଙ୍କ ଦ୍ୱାରା ରଚିତ ଅନେକ ପୁସ୍ତକ ଇତିହାସ, ରାଜନୀତି ଏବଂ ସମାଜ ପ୍ରତି ଥିବା ତାଙ୍କର ଗଭୀର ଅନୁଶୀଳନ ଓ ସଂପର୍କକୁ ପ୍ରତିଫଳିତ କରେ ଏବଂ ଏସବୁ ପୁସ୍ତକ ପାଠକୀୟ ପ୍ରଶଂସା ଲାଭ କରିବା ଗୌରବର କଥା। 'କଲ୍ ଅଫ୍ ଦି ମଦରଲାଣ୍ଡ' ପୁସ୍ତକରେ ପ୍ରବନ୍ଧଗୁଡ଼ିକ ଭାବ ଉଦ୍ରେକକାରୀ, ସମୃଦ୍ଧ ହୋଇଛି। ବିଶେଷକରି ଓଡ଼ିଶାର ଐତିହାସିକ ଏବଂ ସମସାମୟିକ ବାସ୍ତବତାକୁ ପ୍ରତିଫଳିତ କରୁଛି। ଓଡିଶାରେ ସାମାଜିକ ପରମ୍ପରାର ଗର୍ବିତ ଇତିହାସ ଏବଂ ପାଇକ ବିଦ୍ରୋହ-ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭଳି ପ୍ରବନ୍ଧଗୁଡ଼ିକ ଏହାର ଗୌରବମୟ ଅତୀତର ଦୃଢ଼ ଗୌରବର ଭାବନା ଜାଗ୍ରତ କରେ। ଓଡିଶାରେ ସୁପରସାଇକ୍ଲୋନର ତାଣ୍ଡବଲୀଳା ଏବଂ ପରେ ଏହାର ପୁନଃନିର୍ମାଣ ବିଷୟରେ ତାଙ୍କର ବର୍ଣ୍ଣନା ଲୋକଙ୍କ ଅଦମ୍ୟ ମନୋଭାବ ବିଷୟରେ ଅନେକ କିଛି କୁହେ। 'ହକି ମହାକୁମ୍ଭ' ଭଳି ପ୍ରବନ୍ଧଗୁଡ଼ିକ ଓଡିଶାର ସାଂସ୍କୃତିକ ଏବଂ କ୍ରୀଡ଼ା ପୁନରୁଥାନକୁ ଜାଜ୍ୱଲ୍ୟମାନ କରୁଥିବା ବେଳେ, ଯେତେବେଳେ 'ଗଣତନ୍ତ୍ର ପ୍ରତି ବିପଦ' ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବା ପାଇଁ ଏକ ସମୟୋଚିତ ଚେତାବନୀ ଭାବରେ କାର୍ଯ୍ୟ କରେ। 'ବିପଦରେ ମାନବାଧିକାର' ପ୍ରବନ୍ଧଟି ଅନୁରୂପ ଭାବରେ ଆକର୍ଷଣୀୟ ହୋଇଛି, ଯାହା ମୌଳିକ ଅଧିକାର କ୍ଷୟ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ନିରନ୍ତର ସତର୍କତାର ଜରୁରୀ ଆବଶ୍ୟକତା ବିଷୟରେ ଗମ୍ଭୀର ଚିନ୍ତାଧାର ପ୍ରକାଶ କରୁଛି ବୋଲି ରାଜ୍ୟପାଳ କହିଥିଲେ। 'ଏ ମାଟିର ଡାକ'ର ଇଂରାଜୀ ଅନୁବାଦ ଉନ୍ମୋଚନ କରିବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ରାଜ୍ୟପାଳ କହିବା ସହିତ ବିଶ୍ୱ ଭୂଷଣ ହରିଚନ୍ଦନଙ୍କର ନିରନ୍ତର ଉଜ୍ଜଳତାରେ ପରିପୂର୍ଣ୍ଣ ଦୀର୍ଘ ଜୀବନ କାମନା କରିଥିଲେ। ଏହି ସମାରୋହରେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଲେଖକ ଡ. ବିଜୟାନନ୍ଦ ସିଂହ, ଅନୁବାଦକ ଡ. ବିଜୟ କୁମାର ନନ୍ଦ, ଶିକ୍ଷାବିତ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଶେଷରେ ବିଦ୍ୟାପୁରୀ ପବ୍ଲିକେସନର ଜୀବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ଠକ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କମ ଦିନରେ ଅଧିକ ଟଙ୍କାର ଲୋଭ ଦେଖାଇ, ସର୍ବଶାନ୍ତ କରି ଦେଉଛନ୍ତି ସାଇବର ଠକ। ମାର୍ଚ୍ଚ ମାସରେ ଟେଲିଗ୍ରାମ ଲିଙ୍କ ପାଇବା ପରେ କିଛି ଟଙ୍କା ଇନଭେଷ୍ଟମେଣ୍ଟ କରି ଟଙ୍କା ଫେରସ୍ତ ପାଇଥିଲେ। ହେଲେ ଠକମାନେ ତାଙ୍କୁ ମୋଟା ଟଙ୍କା ଲଗାଇ ଦୁଇ ଡବଲ ନେବାକୁ କହିଥିଲେ। ତେବେ ଯୁବକ ୭ ଲକ୍ଷ ଟଙ୍କା ଇନଭେଷ୍ଟମେଣ୍ଟ କରିବା ପରେ ସର୍ବସ୍ୱ ଲୁଟି ନେଇଥିଲେ ଅଭିଯୁକ୍ତ। ଏନେଇ ସାଇବର ଥାନାରେ ଅଭିଯୋଗ ପରେ ଖୋଳତାଡ଼ ଆରମ୍ଭ କରିଥିଲା ସାଇବର ଥାନା ଓ ନୟାଗଡ଼ରୁ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଖୁବ୍‌ଶୀଘ୍ର ରାଜ୍ୟରେ କୁଳପତି ଓ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖୁବଶୀଘ୍ର ରାଜ୍ୟରେ ଆରମ୍ଭ ହେବ କୁଳପତି ଓ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା। ସୁପ୍ରିମକୋର୍ଟ ରାୟ ପରେ ବିଶ୍ୱ ବିଦ୍ୟାଳୟ ନିଯୁକ୍ତିରେ ଫିଟିଲା ବାଟ। ଆଇନଗତ ପ୍ରତିବନ୍ଧକ ହଟିବା ପରେ ପ୍ରତିକ୍ରିୟା ରଖିଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ। ଲେକ୍ଚର ଓ ପ୍ରଫେସର ନିଯୁକ୍ତି ରେ ଅସଙ୍ଗତି ରହିଥିଲା ତାହାକୁ ସୁପ୍ରିମକୋର୍ଟ ଦୂର କରିଛନ୍ତି। ଗତ ସରକାରରେ ଯେଉଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ତାହା ଭୁଲ ଥିଲା ବୋଲି ସୁପ୍ରିମକୋର୍ଟ ମତ ଦେଇଛନ୍ତି। ନିଯୁକ୍ତି ନେଇ ନ୍ୟାୟିକ ଅସଙ୍ଗତି ଯାହା ଥିଲା ତାହା ଉଠିସାରିଛି। ଆମେ ପ୍ରସ୍ତୁତ ରହିଛୁ ଖୁବ୍‌ଶୀଘ୍ର କୁଳପତି ଓ ପ୍ରଫେସର ନିଯୁକ୍ତି ଆରମ୍ଭ କରିବା ପାଇଁ। ଏକା ସାଙ୍ଗରେ ଦୁଇଟି ପ୍ରକ୍ରିୟା ଆଗକୁ ଆଗେଇବ। ଗତ ମାସରେ ରାଜ୍ୟ ସରକାର ଯେଉଁ ଅଧ୍ୟାଦେଶ ଆଣିଥିଲେ ତାହା ୟୁଜିସି ସହ ସମନ୍ୱୟ ରକ୍ଷା କରି ଅଣାଯାଇଛି। ୨୦୨୦ରେ ଯେଉଁ ନୀତି ଅଣା ଯାଇଥିଲା ତାହା ୟୁଜିସିର ନିୟମକୁ ଉଲଂଘନ କରୁଥିଲା। ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଦେଲେ ଯେ ତତ୍କାଳୀନ ସରକାରଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ଥିଲା।

## ବିଶ୍ୱ ଥାଲାସେମିଆ ଦିବସରେ ଚିକିତ୍ସା ନେଇ ପ୍ରତିବଦ୍ଧତା ଦୋହରାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ଥାଲାସେମିଆ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଥାଲାସେମିଆ ପରି ବଂଶାନୁକ୍ରମିକ ରକ୍ତ ବିକାର ବିରୁଦ୍ଧରେ ଲଢେଇରେ ଶୀଘ୍ର ଚିହ୍ନଟ, ଜନସଚେତନତା ଓ ସାମୁହିକ ଉଦ୍ୟମର ଗୁରୁତ୍ୱକୁ ରେଖାଙ୍କିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ବାର୍ତ୍ତା ସେୟାର କରି ନାଗରିକ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଜଡିତ ସମସ୍ତ ହିତଧାରକଙ୍କୁ ଏହି ରୋଗର ଯାଞ୍ଚ ଓ ଉପଚାର ଦିଗରେ ପ୍ରୟାସ ଦ୍ରୁତ କରିବାର ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ୱାର୍ଲ୍ଡ ଥାଲାସେମିଆ ଦିବସରେ ଆସନ୍ତୁ ଆମେ ଏହି ସଂକଳ୍ପ ନେବା ଯେ, ଆମେ ସଚେତନତା ବଢଶଇବା, ରୋଗୀଙ୍କ ସହଯୋଗ କରିବା ଓ ସ୍କ୍ରିନିଂ ଏବଂ ଉପଚାରର ଉଦ୍ୟମକୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ରହିବା। ସମୟ ଥିବା ପୂର୍ବରୁ ଚିହ୍ନଟ ଓ ସାମୁହିକ ପ୍ରୟାସ ଅଗଣିତ ଜୀବନ ବଞ୍ଚାଇପାରିବ।

## ଭୁବନେଶ୍ୱରରୁ ଆବୁଧାବିକୁ ଉଡ଼ିବ ବିମାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରୁ ସିଧାସଳଖ ଆବୁଧାବିକୁ ଉଡିବ ବିମାନ। ଜୁନ ମାସରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ସିଧାସଳଖ ଆବୁଧାବି ଉଡିବ ବିମାନ। ଏହାକୁ ଇଣ୍ଡିଗୋ ବିମାନ ସେବା କାର୍ଯ୍ୟକାରୀ କରିବ। ତେବେ ଭୁବନେଶ୍ୱର ବିମାନ ବନ୍ଦରକୁ ଏ ଯାଏଁ ସ୍ଲଟ ମଗାଯାଇନି ବୋଲି କହିଛନ୍ତି ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ। ସେ କହିଛନ୍ତି ଯେ, ସ୍ଲଟ ମାଗିଲେ, ସିଡ୍ୟୁଲ ତିଆରି ହେବ। ଏହା ଭୁବନେଶ୍ୱରରୁ ବିଦେଶକୁ ପଞ୍ଚମ ବିମାନ ସେବା ହେବ।

## 'ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ପୂର୍ବ ସରକାରଙ୍କ ଭୁଲ୍‌କୁ ପ୍ରମାଣିତ କରିଛି'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ବିଶ୍ୱବିଦ୍ୟାଳୟମାନଙ୍କରେ କୁଳପତି ଓ ଅଧ୍ୟାପକ ନିଯୁକ୍ତିକୁ ନେଇ ଲାଗିଥିବା ରୋକ୍‌କୁ ସୁପ୍ରିମ କୋର୍ଟ ହଟାଇଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ରୁଜୁ ହୋଇଥିବା ମାମଲାର ଗତକାଲି ଶୁଣାଣି କରି ସୁପ୍ରିମକୋର୍ଟ ଓଡ଼ିଶାର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ଏହା ସହିତ ବର୍ତ୍ତମାନ ନୂଆ ସଂଶୋଧନ ଆଇନ୍ ବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଅନୁସାରେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ହୋଇପାରିବ। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ କରିବା ସହ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ନେଇ ରୁଜୁ ହୋଇଥିବା ମାମଲାର ଗତକାଲି ଶୁଣାଣି କରି ସୁପ୍ରିମକୋର୍ଟ ଓଡ଼ିଶାର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ଉପରେ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ସୁପ୍ରିମ କୋର୍ଟଙ୍କର ନିଷ୍ପତ୍ତି ପୂର୍ବ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୦କୁ ଭୁଲ୍ ସାବ୍ୟସ୍ତ କରିବା ସହିତ ଏହା ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗର ନିୟମାବଳୀକୁ ଉଲଂଘନ କରୁଥିଲା ବୋଲି ସ୍ପଷ୍ଟ ପ୍ରତିପାଦିତ ହୋଇଛି। ବର୍ତ୍ତମାନ ସୁପ୍ରିମ କୋର୍ଟଙ୍କ ଦ୍ୱାରା ଅନ୍ତରୀଣ ରହିତାଦେଶ ହଟିବା ପରେ ବିଶ୍ୱ ବିଦ୍ୟାଳୟରେ କୁଳପତି ଓ ଅଧ୍ୟାପକ ନିଯୁକ୍ତି ପ୍ରକିୟା ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଆଧାରରେ କରାଯିବ। ଖାଲି ପଡ଼ି ରହିଥିବା ପଦବୀ ଗୁଡ଼ିକୁ ଯଥାଶୀଘ୍ର ପୂରଣ ପାଇଁ ପଦକ୍ଷେପ ନିଆଯିବ। ଏଥିସହିତ ପୂର୍ବ ସରକାରଙ୍କ ଐତିହାସିକ ଭୁଲ୍ ନିଷ୍ପତ୍ତି ପାଇଁ ଉଚ୍ଚଶିକ୍ଷାରେ ନିଯୁକ୍ତି ଦିଗରେ ଆସିଥିବା ସ୍ଥାଣୁତାକୁ ଦୂର କରିବା ପାଇଁ କାର୍ଯ୍ୟ କରାଯିବ। ରାଜ୍ୟରେ ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ରାଜ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଏହି ନୂତନ ଅଧିନିୟମକୁ ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗର ନିୟମାବଳୀ ସହ ସମନ୍ୱୟ ରକ୍ଷା କରି ଅଣାଯାଇଛି। ବିଧାନସଭାରେ ରାତି ତମାମ୍ ଆଲୋଚନା ହେବା ପରେ ବିଧେୟକ ପାରିତ ହେବା ଏବଂ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରି ଏହି ନୂତନ ଅଧିନିୟମ ଆସିବା ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ସୂର୍ଯ୍ୟୋଦୟ ହୋଇଛି। ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତାକୁ ସୁନିଶ୍ଚିତ କରିବା, ଶୈକ୍ଷିକ ସଂସ୍କୃତିକୁ ବଜାୟ ରଖିବା ସହ ନିଯୁକ୍ତି ପ୍ରକିୟାକୁ ତ୍ୱରାନ୍ୱିତ ଉପରେ ଗୁରୁତ୍ୱାରୋପ କରାଯିବ। ଏଥିସହ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

### ସେୟାର ବଜାରରେ ନିବେଶ କରି ଠକିବା ଘଟଣା

## ଦୁଇ ଅଭିଯୁକ୍ତ ଗିରଫ

କଟକ(ଭାସ୍କର ନ୍ୟୁଜ୍): ଗୁରୁବାର ରାଜ୍ୟ କ୍ରାଇମବ୍ରାଞ୍ଚ ଭିନ୍ନ ଭିନ୍ନ ୨ଟି ମାମଲାରେ ଅନଲାଇନ ପୁଞ୍ଜିନିବେଶ ଏବଂ ସେୟାର ବଜାରରେ ନିବେଶ କରି କୋଟିପତି ହେବାର ଆଶା ଦେଖାଇ ଜମାକାରୀଙ୍କ ନିକଟରୁ କୋଟି କୋଟି ଟଙ୍କା ଠକି ନେଇଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ୨୦୨୩ ମସିହା ଅକ୍ଟୋବର ୪ରେ କଟକ ଜିଲ୍ଲା ପୁରୀଘାଟ ଥାନା ଅଞ୍ଚଳରେ ରହୁଥିବା ୫୦ ବର୍ଷୀୟ ଜଣେ ବ୍ୟକ୍ତି ସେୟାର ବଜାରରେ ଟଙ୍କା ନିବେଶ କରି ଠକାମିର ଶିକାର ହୋଇଥିଲେ। ଅଭିଯୁକ୍ତ ପ୍ରଥମେ ତାଙ୍କୁ ଏକ ହ୍ୱାଟ୍‌ସଆପ୍ ଗ୍ରୁପରେ ଯୋଡିଥିଲେ। ନକଲି ଆପ୍ ମାଧ୍ୟମରେ ସେୟାର ବଜାରରେ ଟଙ୍କା ନିବେଶ ପାଇଁ ପ୍ରୋତ୍ସାହିତ କରିଥିଲେ। ଅପରାଧୀମାନେ ତାଙ୍କୁ କିଛି ଲାଭ ଟଙ୍କା ଫେରସ୍ତ କରୁଥିଲେ। ଫଳରେ ସେ ବିଶ୍ୱାସ କରି ଅନେକ ଟଙ୍କା ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ଆଇପିଓ ମାଧ୍ୟମରେ ତାଙ୍କୁ ନକଲି ଋଣ ଅଫର ଦେଇ ଦେଢ଼ କୋଟି ଟଙ୍କା ଫେରସ୍ତ କରିବାକୁ ଚାପ ପକାଇଥିଲେ। ପରବର୍ତ୍ତୀ ସମୟରେ ଅପରାଧୀମାନେ ତାଙ୍କଠାରୁ ୨.୩୬ କୋଟି ଟଙ୍କା ଠକି ନେଇଥିଲେ। ଏ ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି କୋଲକାତାର ନିଖିଲ ଜୟସ୍ୱାଲଙ୍କୁ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ହାଇଦ୍ରାବାଦରୁ ମହମ୍ମଦ ଜାକିଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ନିଖିଲ ଅଭିଯୋଗକାରୀଙ୍କ ଠାରୁ ୧.୪୧ କୋଟି ଟଙ୍କା ଠକି ନେଇଥିଲା। ତଦନ୍ତ ଟିମ୍ ତାଙ୍କଠାରୁ ମୋବାଇଲ୍, ସିମ୍ କାର୍ଡ, ଚାଟର ସ୍କ୍ରିନ ସଟ, ଆଧାର, ପାନ୍‌କାର୍ଡ, ବ୍ୟାଙ୍କ ଡକ୍ୟୁମେଣ୍ଟ ଜବତ କରିଛନ୍ତି। ଅନେକ ବ୍ୟାଙ୍କ ଖାତାକୁ ଫ୍ରିଜ୍ କରାଯାଇଛି।

## ପ୍ରଦେଶ କଂଗ୍ରେସ ପକ୍ଷରୁ ହେବ ତ୍ରୀରଙ୍ଗା ଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ମଇ ୯ ତାରିଖ ସକାଳ ୮ଟାରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ତ୍ରୀରଙ୍ଗା ଯାତ୍ରା ଅନୁଷ୍ଠିତ ହେବ। ଏହି ତ୍ରୀରଙ୍ଗା ଯାତ୍ରା ରାମ ମନ୍ଦିର ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ହେବ। ଭାରତର ବୀର ଯବାନ ପାକିସ୍ଥାନର ଆତଙ୍କବାଦୀ କାର୍ଯ୍ୟକ୍ରମକୁ ଦମନ କରିବା ପାଇଁ ଯେଉଁ ସାହସ, ପରାକ୍ରମ ଓ ଶକ୍ତି ପ୍ରଦର୍ଶନ କରିଛନ୍ତି ତାର ସମ୍ମାନାର୍ଥେ ଏହି ତ୍ରୀରଙ୍ଗା ଯାତ୍ରା ଉଦ୍ଦିଷ୍ଟ। ଆମର ଯବାନମାନେ ଦେଶକୁ ସୁରକ୍ଷା ଦେବା ପାଇଁ, ଦେଶର ସମ୍ମାନ ରକ୍ଷା କରିବା ପାଇଁ ଏବଂ ଆତଙ୍କ ବାଦର ବିଲୋପ ପାଇଁ ଯେଉଁ ସାମରିକ ଦକ୍ଷତା ଓ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି ତାହାର ପଟାନ୍ତର ନାହିଁ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି। କଂଗ୍ରେସ ଦଳ, କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେ, ଜନନାୟକ ରାହୁଲ ଗାନ୍ଧୀ ଏବଂ କଂଗ୍ରେସର ନେତୃବୃନ୍ଦ ଭାରତର ଜଳ, ସ୍ଥଳ ଓ ବାୟୁସେନାର ବୀର ସୈନିକଙ୍କୁ ପ୍ରଶଂସା ଜ୍ଞାପନ କରୁଛି।

## ଦକ୍ଷିଣ ଓଡିଶା ବିକାଶ ପରିଷଦ ଟାସ୍କ ଫୋର୍ସର ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁବାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦକ୍ଷିଣ ଓଡିଶା ବିକାଶ ପରିଷଦ ପାଇଁ ସ୍ୱତନ୍ତ୍ର ବୈଠକ ବସିଛି। ଓଡିଶା ସରକାରଙ୍କ ଫୋକସରେ ରହିଛି ଦକ୍ଷିଣ ଓଡ଼ିଶା। ଏହାର ବିକାଶ ପାଇଁ ଗଠିତ କମିଟି ମେମ୍ବରଙ୍କ ଏହା ହେଉଛି ୩ୟ ବୈଠକ। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ବୈଠକ ସକାଳ ୧୦ରୁ ଆରମ୍ଭ ହୋଇଛି। ୫ଟି କ୍ରାଇଟେରିଆକୁ ନେଇ ଆଲୋଚନା ହୋଇଛି। ଦକ୍ଷିଣ ଓଡିଶାକୁ ରିପ୍ରେଜେଣ୍ଟ କରୁଥିବା ସାଂସଦ ଓ ବିଧାୟକ ସାମିଲ। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, କୋରାପୁଟ ସାଂସଦ ସପ୍ତଗିରି ଉଲକାଙ୍କ ସମେତ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସହ ଅନେକ ପ୍ରଶାସନିକ ଅଧିକାରୀ ଉପସ୍ଥିତ। ଆଡମିନଷ୍ଟ୍ରେଟିଭ ଷ୍ଟ୍ରକଚର ସହ ବିଭିନ୍ନ ବିଷୟ ଆଲୋଚନା ହେଉଛି। ମୋହନ ସରକାର ଏହି ଯୋଜନାକୁ ଫୋକସ୍ କରୁଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, କମ୍ୟୁନିକେସନ, ଗମନାଗମନ ଏସବୁ ନେଇ ମିଟିଂ ଚାଲିଛି। ବିଧାୟକ ଓ ସାଂସଦ ନିଜର ପ୍ରସ୍ତାବ ରଖିଛନ୍ତି।

## ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ। ଦୁଇ ଦିନିଆ ଗସ୍ତରେ ଆସିଥାନ୍ତେ କେନ୍ଦ୍ର ଗୃହ ମନ୍ତ୍ରୀ। ୧୦ ଓ ୧୧ରେ ସମ୍ବଲପୁର ଏବଂ ଭୁବନେଶ୍ୱର ଗସ୍ତରେ ଆସିବାର ଥିଲା କାର୍ଯ୍ୟକ୍ରମ। ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସହ ଜନ ସଭାକୁ ସମ୍ବୋଧନ କରିବାର ଥିଲା କାର୍ଯ୍ୟକ୍ରମ। ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ ହୋଇଥିବା ନେଇ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ସୂଚନା ଦେଇଛନ୍ତି।

## ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ




କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସର୍ବଶିକ୍ଷା ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି। ପ୍ରକାଶ ଥାଉକି ସୁଇଜରଲାଣ୍ଡର ନାମିଦାମି ବ୍ୟବସାୟୀ, ଚିକିତ୍ସକ ତଥା ରେଡକ୍ରସ ପ୍ରତିଷ୍ଠାତା ସାର ଜନ ହେନେରୀ ଡୁନାଣ୍ଟଙ୍କ ଜନ୍ମଦିବସରେ ପ୍ରତ୍ୟେକବର୍ଷ ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଉଛି। ଦିବସ ପାଳନ ଅବସରରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରେୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡକ୍ରସ୍‌ର ଭୂମିକା ସମ୍ବନ୍ଧରେ ସୂଚନା ପ୍ରଦାନ କରି କହିଲେ ଯେ, ଏହି ଆଦର୍ଶ ବ୍ୟବସ୍ଥାରେ ଅତି କମ ସମୟରେ ଅଭାବି ଲୋକଙ୍କୁ ଚିକିତ୍ସା ଆଦି ଆବଶ୍ୟକତା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ। ଅନେକ ସମୟରେ ଲୋକଙ୍କ ପାଇଁ ଏହି ସହାୟତା ଜୀବନ ରକ୍ଷକ ପ୍ରମାଣିତ ହୋଇଥାଏ। ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଜିଲ୍ଲା ରେଡକ୍ରସ ପାଣ୍ଠି ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ରେଡକ୍ରସ ସଂଗଠନର ଇତିହାସ ଓ ଭାରତରେ ରେଡକ୍ରସ ସୋଶାଇଟିର ସମୃଦ୍ଧି ଉପରେ ବିସ୍ତୃତ ବିବରଣୀ ରଖିଥିଲେ। ସଭାରେ ସ୍ୱାଗତ ଭାଷଣ ଦେଇ ଜିଲ୍ଲା ଜରୁରିକାଳୀନ ଅଧିକାରୀ ତଥା ଡେପୁଟୀ କଲେକ୍ଟର ସୁଜୟ ପତି କଟକ ଜିଲ୍ଲା ରେଡକ୍ରସ ସୋଶାଇଟିର ଆଗାମୀ ଦିନ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ ଥିବା ଜଣାଇଥିଲେ। ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାବିତ୍ରୀ ଜନସେବା ସ୍ୱୟଂସହାୟକ ଗୋଷ୍ଠୀକୁ ଏବଂ ଯୁବ ପ୍ରଶାସକ ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବାପି ବିଶ୍ୱଜିତ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ସଦସ୍ୟା, ଜିଲ୍ଲା ରେଡକ୍ରସ ସୋଶାଇଟି ଏବଂ ଯୁବ ରେଡକ୍ରସର ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ।

## ବୀର ସୈନିକଙ୍କ ସମ୍ମାନାର୍ଥେ ରକ୍ତଦାନ ଶିବିର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ବୀର ସୈନିକମାନେ ଯେପରି ଅଦ୍ୟମ ସାହସ ଓ ପରାକାଷ୍ଠା ଦେଖାଇ ପାକିସ୍ଥାନ ଉପରେ ପ୍ରତିଶୋଧ ନେଇଛନ୍ତି ସେମାନଙ୍କୁ ଦୃଢ଼ ସମର୍ଥନ ଜଣାଇ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ ଯେ ଦେଶ ମାତୃକାକୁ ରକ୍ଷା କରିବା ପାଇଁ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଆମର ବୀର ଯବାନମାନେ ଯେଉଁଳି ସେବା କରୁଛନ୍ତି ଓ ପାକିସ୍ଥାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେମାନଙ୍କୁ ସମର୍ଥନ ଓ ସମ୍ମାନ ଜଣାଇବା ହେଉଛି ଆଜିର ଏହି ରକ୍ତଦାନ ଶିବିର। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ନଗେନ୍ଦ୍ର ପ୍ରଧାନ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ମନୋଜ ସିଂ, ମନୋରଞ୍ଜନ ଦାଶ, ନବଜ୍ୟୋତି ପଟ୍ଟନାୟକ, ରଣଜିତ ପାତ୍ର, ମହମ୍ମଦ ଇମଦାଦ, ପ୍ରକାଶ ମିଶ୍ର, ସୁଶାନ୍ତ ତ୍ରିପାଠୀ, ସତ୍ୟବ୍ରତ ନାୟକ, ପ୍ରଦୀପ ମହାପାତ୍ର, ସୁଧାଂଶୁ ଦେଓ, ଉଦିତ ପ୍ରଧାନ, ବିଜୟାନନ୍ଦ ଚାଉଳିଆ, ମାନସମଲ୍ଲିକ୍, ସିର୍ଦ୍ଧାଥ ଦାସ, ପ୍ରକାଶ ଜେନା, ଲିଙ୍ଗରାଜ ସାହୁ, ରାଜକିଶୋର ବାରିକ, ପ୍ରଶନ୍ନ ନାୟକ, ସଂଜୟ କୁମାର ମଣ୍ଡଳ, ଉମେଶ ଚନ୍ଦ୍ର ଦାସ, ଦେବ ପ୍ରସାଦ ନାୟକ, ବିରଞ୍ଚି ନାୟକ ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

### ବେସାମରିକ ପ୍ରତିରକ୍ଷା ଅଭ୍ୟାସ୍ ପାଇଁ ପ୍ରସ୍ତୁତି ସଂପର୍କରେ ବୈଠକ

## ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀ ସଂଖ୍ୟା ବୃଦ୍ଧି ପାଇଁ ପରାମର୍ଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ପାଇଁ ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗୁରୁବାର ଅପରାହ୍ନରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଜିଲ୍ଲାରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସ୍ଥିତି, ସେମାନଙ୍କର ସଂଖ୍ୟା ବୃଦ୍ଧି ଓ ସାଂଗଠନିକ ସୁଦୃଢ଼ କରିବା ସହିତ ସେମାନଙ୍କ ଦ୍ୱାରା ସେବା ପ୍ରଦାନ ସଂପର୍କିତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ଜନ ଗହଳିପୂର୍ଣ୍ଣ ଶିଳ୍ପାଞ୍ଚଳ ଓ ସହରରେ ଅଧିକେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ମୁତୟନ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ, ଅଗ୍ନିଶମ ବିଭାଗ ଡଃ. ସୁଧାଂଶୁ ଷଡଙ୍ଗୀ, ଓସଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ. କମଳଲୋଚନ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧକ୍ଷକମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, ଅନୁଗୁଳ, ସମ୍ବଲପୁର, ସୁନ୍ଦରଗଡ଼ ଆଦି ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କର ସ୍ଥିତି ଓ ଆବଶ୍ୟକତା ସଂପର୍କରେ ଆଲୋଚନା କରାଯାଇ ବିଭିନ୍ନ ପରାମର୍ଶ ଦିଆଯାଇଛି। ସେହିପରି ବିପର୍ଯ୍ୟୟ ସମୟରେ ଆଗଧାଡ଼ିରେ ରହି ସାହାଯ୍ୟ କରିଆସିଥିବା ଆପଦମିତ୍ରମାନଙ୍କ ଭୂମିକାକୁ ପ୍ରଶଂସା କରାଯିବା ସହିତ ଆବଶ୍ୟକ ସମୟରେ ସେମାନଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ସିଭିଲ୍ ଡିଫେନ୍ସ ସ୍ୱେଚ୍ଛା ସେବୀଙ୍କ ସମେତ, ଜାତୀୟ ସେବା ସଂସ୍ଥା (ଏନଏସ୍ଏସ), ସମର ଶିକ୍ଷାର୍ଥୀ ବାହିନୀ, ନେହେରୁ ଯୁବକେନ୍ଦ୍ର, ସେଣ୍ଟ ଜୋନ ଆମ୍ବୁଲାନ୍ସ ଭଳି ସଂସ୍ଥା ସହ ବୈଠକ କରି ଆମର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ସମନ୍ୱୟକୁ ଅଧିକ ସୁଦୃଢ଼ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ବିଭିନ୍ନ ଜିଲ୍ଲାର ପ୍ରମୁଖ ଶିଳ୍ପାଞ୍ଚଳ ଓ ଜନସଂଖ୍ୟା ବହୁଳ ସ୍ଥାନରେ ଜନସାଧାରଣଙ୍କୁ ସତର୍କ ମୂଳକ ସୂଚନା ଦେବାକୁ ସାଇରନ୍ ବ୍ୟବସ୍ଥା ରଖିବାକୁ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ, ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ସଂକଟ ଜନକ ସମୟକୁ ସୁଯୋଗ ଓ ଆହ୍ୱାନ ବୋଲି ମନେ କରି ନିଜକୁ ପ୍ରସ୍ତୁତ ରଖିବା ସଙ୍ଗେ ସଙ୍ଗେ ଜନ ସଚେତନତା ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି। ଏ ସଂପର୍କରେ ଗୁରୁତ୍ୱାରୋପ କରି ସେ ଜିଲ୍ଲାପାଳ, ଆରକ୍ଷୀ ଅଧକ୍ଷକ ଓ ଅଧିକାରୀମାନଙ୍କୁ ଆବଶ୍ୟକ ପ୍ରସ୍ତୁତି ସଂପର୍କରେ ପରାମର୍ଶ ଦେଇଥିଲେ।



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ପର୍ଯ୍ୟଟନ କ୍ଷେତ୍ରରେ ନୂଆ ଦିଗନ୍ତ

# ପୁରୀ ବିମାନ ବନ୍ଦରକୁ ମଞ୍ଜୁରୀ ସ୍ୱାଗତଯୋଗ୍ୟ

ଶ୍ରୀକ୍ଷେତ୍ର ପୁରୀ କେବଳ ଆମ ରାଜ୍ୟର ପ୍ରଧାନ ଧର୍ମପୀଠ ରୂପେ ନୁହେଁ, ଏକ ଅଗ୍ରଗଣ୍ୟ ପର୍ଯ୍ୟଟନସ୍ଥଳୀ ଭାବରେ ମଧ୍ୟ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ପୁରୀ ବେଳାଭୂମିକୁ ସାରା ଦେଶର ଅନ୍ୟତମ ଶ୍ରେଷ୍ଠ ବେଳାଭୂମି ରୂପେ ଗଣ୍ୟ କରାଯାଇଥାଏ। ପ୍ରତିଦିନ ଦେଶବିଦେଶରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକ ଏଠାକୁ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ମହୋଦଧିରେ ସ୍ନାନ କରି ମନଭରି ଆନନ୍ଦ ଉପଭୋଗ କରନ୍ତି। ସମୁଦ୍ର କୂଳରେ ରହିଥିବା ତାରକା ହୋଟେଲଗୁଡ଼ିକରେ ବର୍ଷସାରା ଭିଡ଼ ଲାଗି ରହିଥାଏ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ପୁରୀରେ ଜନସମୁଦ୍ର ଦେଖିବାକୁ ମିଳେ। ତେବେ ଏଭଳି ଏକ ପ୍ରସିଦ୍ଧ ତଥା ଆକର୍ଷଣୀୟ ସ୍ଥାନକୁ କେବଳ ସଡ଼କ ପଥରେ ବା ଟ୍ରେନ୍ ଯୋଗେ ଯାତାୟତର ବ୍ୟବସ୍ଥା ରହିଥିବା ସ୍ଥଳେ ବିମାନ ସେବାର ସୁବିଧା ନଥିବାରୁ ବିଦେଶାଗତ ଯାତ୍ରୀ ଓ ପର୍ଯ୍ୟଟକମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସେମାନେ ଭୁବନେଶ୍ୱର ବିମାନଘାଟୀରେ ଓହ୍ଲାଇବା ପରେ ଟ୍ୟାକ୍ସି ଭଡ଼ା କରି କିମ୍ବା ଟ୍ରେନ୍‌ରେ ପୁରୀକୁ ଯାତ୍ରା କରିବାକୁ ହେଉଛି। ମାତ୍ର ଜଗନ୍ନାଥ ଧାମ ପୁରୀକୁ ଦେଶ ବିଦେଶରୁ ଆସୁଥିବା ବ୍ୟକ୍ତିଙ୍କ ସୁବିଧା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଘୋଷଣା କରିଛନ୍ତି, ସେମାନଙ୍କ ପାଇଁ ଆସିଛି ଏକ ଖୁସି ଖବର। ବହୁ ପ୍ରତୀକ୍ଷିତ ପୁରୀ ବିମାନ ବନ୍ଦରକୁ ମଙ୍ଗଳବାର କେନ୍ଦ୍ର ସରକାର ସବୁଜ ସଙ୍କେତ ହେଇଛନ୍ତି, ଯଦ୍ଦ୍ୱାରା ଶ୍ରୀକ୍ଷେତ୍ରକୁ ବିଦେଶରୁ ବିମାନ ଚଳାଚଳ କରିବ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପୁରୀ ବିମାନ ବନ୍ଦରକୁ ନୀତିଗତ ଅନୁମୋଦନ ପ୍ରଦାନ କରିଛି। ସେହିପରି ଆଣବିକ ଶକ୍ତିକେନ୍ଦ୍ର ଥିବା ରାଜସ୍ଥାନର କୋଟାକୁ ମଧ୍ୟ ବିମାନବନ୍ଦରର ମଞ୍ଜୁରୀ ଦିଆଯାଇଛି। ଉଭୟ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ରରେ ପୁରୀର ଗୁରୁତ୍ୱକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଥିବାର ଜଣାପଡ଼ିଛି। ପ୍ରସ୍ତାବିତ ବିମାନବନ୍ଦର କାର୍ଯ୍ୟକ୍ଷମ ହେଲେ ଭାରତର ପ୍ରମୁଖ ମହାନଗର ସହ ବିମାନ ଦ୍ୱାରା ସଂଯୋଗ ସ୍ଥାପନ କରାଯାଇ ପାରିବ ଓ ଯାତ୍ରୀମାନେ ବିଶେଷ ଉପକୃତ ହେବେ। ଏହାଦ୍ୱାରା ପୁରୀ ଅଞ୍ଚଳର ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଉଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଏକ ଚାରି ଜଣିଆ ଟିମ୍ ପ୍ରାୟ ମାସକ ତଳେ ପୁରୀ ଆସି ପ୍ରସ୍ତାବିତ ବିମାନ ବନ୍ଦର ସ୍ଥାନ ପରିଦର୍ଶନ କରିଥିଲେ। ଏହାପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଥିନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଏହି ବିମାନଘାଟୀ ନିର୍ମାଣ ପାଇଁ ସମୁଦାୟ ୫ ହଜାର ୬୩୧ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୨୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ବିମାନ ବନ୍ଦରର ନିର୍ମାଣ ଦାୟିତ୍ୱ ଇଡ୍‌କୋକୁ ହସ୍ତାନ୍ତର କରାଯିବା ଲାଗି ନିଷ୍ପତ୍ତି ହୋଇଛି। ପ୍ରାୟ ୧୧୬୪ ଏକର ଜମି ଉପରେ ତିନି ପର୍ଯ୍ୟାୟରେ ବିମାନ ବନ୍ଦରର ନିର୍ମାଣ କାର୍ଯ୍ୟ କରାଯିବାକୁ ଯାଉଛି। କେନ୍ଦ୍ରର ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସଙ୍ଗେ ସଙ୍ଗେ ଏହାଦ୍ୱାରା ପର୍ଯ୍ୟଟକ କ୍ଷେତ୍ରରେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଶା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ଏହା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନା ଥିଲା ବୋଲି ଉଲ୍ଲେଖ କରି ପୁରୀ ବିମାନ ବନ୍ଦରର ଶ୍ରେୟ ନେବାକୁ ଉଦ୍ୟମ କରିଛି। ତେବେ ଯାହା ହେଉନା କାହିଁକି ପୁରୀର ପ୍ରସ୍ତାବିତ ବିମାନ ବନ୍ଦର ଓଡ଼ିଶାରେ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ଯେ ଏକ ମାଇଲଖୁଣ୍ଟ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ।

## ନୀତିବାଣୀ

**ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ।**
**ଅହଂତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ॥**

**ଭାବାର୍ଥ :** ସବୁଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କରନାହିଁ।

# ପାପର ସୃଷ୍ଟି



ଅନୀତା ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାପିକା
ସିଡିଏ, ସେକ୍ଟର-୧୦, କଟକ
ମୋ: ୯୬୯୨୯୮୦୦୨୬

ମୋ ମନରେ ପିଲା ଦିନରୁ ଅସୁମାରୀ ପ୍ରଶ୍ନ ଉଠେ। ସଠିକ୍ ଉତ୍ତର ପାଏନା ଯଥା ମରୀଚିକା କେଉଁ ପର୍ବ ଶ୍ରେଣୀରୁ ଜାତ ହୁଏ। ଏହା କେଉଁ ସମୁଦ୍ରରେ ପଡ଼େ ଏପରି କାହିଁକି ? ଆମର ଦୁଇଟି ଆଖି ଅଛି। ଗୋଟିଏ ଡାହାଣ ପାଖରେ ଗୋଟିଏ ବାମ ପାଖରେ, ବାହୁରୁ ଭିନ୍ନ, ପରସ୍ପର ଠାରୁ ମଧ୍ୟ ଭିନ୍ନ। ହେଲେ ଆଖିରେ ଦୁଇଟି ଦୃଶ୍ୟ ଦେଖାଯାଏ ନାହିଁ କାହିଁକି ? ଆଖି ଦୁଇଟିର ଦୃଷ୍ଟିଭଙ୍ଗୀ ଏକ ଓ ସମାନ କାହିଁକି ହୋଇଥାଏ। ମୁଁ ହୃଦୟଙ୍ଗମ କରୁଛି ଯେ ସତଚିତ, ବିବେକ ଓ ଚେତନା ଏହିପରି ଅନେକ ଶବ୍ଦ ବ୍ୟବହାର କରୁଥିଲେ ମଧ୍ୟ ଏସବୁର କାମ ଏକ। କଦର୍ଯ୍ୟ, ଅଶ୍ଲୀ, ଅସୁନ୍ଦର, ଅଧୋପତନକାରୀ ପାପ, ଅପରାଧ ଏହା କେବେ ଠାରୁ ଜାତ, ଆମେ କାନ ଦ୍ୱାରା ଶୁଣୁଥିବା ଦୁର୍ଗୁଣ, ପରନିନ୍ଦା ଦେବନିନ୍ଦା, ଗୁଜବ ଏସବୁର ଜାତ କେବେ ହେଲା ? ଦ୍ୱେଷ ଲୋଭ ମଣିଷ ଭିତରେ କେବେ ପ୍ରବେଶ କଲା ? ଜିଭ, ମନ ଓ ହାତରେ କରୁଥିବା ଦୁଷ୍କର୍ମ, ଅନ୍ୟକୁ କଷ୍ଟ ଦେଉଥିବା ବଚନ, ଖରାପ ଆବେଗ, ଖରାପ ବାସନା, ପରନିନ୍ଦା, ବିଶୃଙ୍ଖଳା, ଅସ୍ଥିରତା, ଏସବୁରୁ ଉତ୍ପତ୍ତି କେବେ ଓ କେବେଠୁ ହେଲା ? ଗୋଟିଏ ବାକ୍ୟରେ କହିବାକୁ ହେଲେ କାମ, କ୍ରୋଧ, ଲୋଭ, ମଦ, ମୋହ ଓ ମାତ୍ସର୍ଯ୍ୟ ମଣିଷ ଭିତରେ କେବେ ପ୍ରବେଶ କଲା ଏହାର ଉତ୍ପତ୍ତି କେଉଁଠାରୁ ?

ଶୀତ ଦିନିଆ ସକାଳ ହୋଇଥାଏ। ମୋର ପିତା ଫୀକର ଚରଣ ପଟ୍ଟନାୟକ ନୟାଗଡ଼ସ୍ଥିତ ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ଥିଲେ ସେ ଖୁବ କମ କଥା ଓ ଗୁରୁତ୍ୱପୂର୍ଣ୍ଣ କଥା କହୁଥିବାରୁ ମୁଁ ଡରରେ ମୋର ମନ ଭିତରେ ଥିବା ଏପରି ପ୍ରଶ୍ନ ପଚାରି ପାରେ ନାହିଁ। ସେ ଅତ୍ୟନ୍ତ ସରଳ ନିଷ୍କପଟ ସ୍ୱଭାବର ବ୍ୟକ୍ତି ଥିଲେ। ଜୀବନର ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିଲେ। ସେ ଦିନେ ଶୀତ ଦିନିଆ ସକାଳରେ ମନ୍ଦିର, ଗୀର୍ଜା, ମସଜିଦ ଗୁରୁଦ୍ୱାର ପ୍ରଭୃତିକୁ ବୁଲାଇ ନେବା ପାଇଁ ମୋର ମା' ଓ ମତେ ପ୍ରସ୍ତାବ ଦେଲେ। ମତେ ଭାରି ଖୁସି ଲାଗିଲା। କାରଣ ମୁଁ ମନ୍ଦିର ଦେଖିଥିଲି। ହେଲେ ଗୀର୍ଜା, ମସଜିଦ, ଗୁରୁଦ୍ୱାର କେବେ ଦେଖି ନଥିଲି। ଆମେ ନେପାଳ ଯାଇ ପାଗୋଡା ବି ଦେଖିବା।

ଗୀର୍ଜାରେ ଯାଇ ଦେଖିଲେ, ଯୀଶୁଙ୍କର ଗୋଟିଏ କ୍ରୁସବିଦ୍ଧ କାଠରେ ନିର୍ମିତ ମୂର୍ତ୍ତି କାନ୍ଥରେ ଟଙ୍ଗା ଯାଇଛି। ସ୍କୁଲ ପିଲାମାନେ ବସିବା ପରି ଡେସ୍କ ଓ ବେଞ୍ଚ ପଡ଼ିଛି। ଖ୍ରୀଷ୍ଟଧର୍ମର ଅନେକ ଭକ୍ତ ସେଠାରେ ଉପସ୍ଥିତ ଅଛନ୍ତି। ଜଣେ ପାଦ୍ରୀ ବାଇବେଲରୁ କିଛି ପଂକ୍ତି ପଢ଼ି ଶୁଣାଇଲେ। ସମସ୍ତେ ନୀରବତାର ସହିତ ସେ ସବୁ ଶୁଣୁଥିଲେ। ସେ ଇଂରାଜୀରେ କହୁଥିବାରୁ ମୁଁ ଭଲ ଭାବରେ ବୁଝିପାରୁ ନଥିଲି। ବାହାରକୁ ଆସିବା ପରେ ମୁଁ ବାପାଙ୍କୁ ସେ କ'ଣ କହୁଥିଲେ ତା'ର ସାରାଂଶ କହିବାକୁ କହିଲି।

ବାପା କହିଲେ- 'ଭଗବାନ ଏହି ସୁନ୍ଦର ପୃଥିବୀକୁ ଗଢ଼ିବା ସମୟରେ ଦୁଇଟି ପ୍ରାଣୀ ଜାତ କଲେ। ଜଣକର ନାମ ଆଦାମ ଓ ଅନ୍ୟ ଜଣଙ୍କର ନାମ ଥିଲା ଇଭ। ଆଦାମ ପୁରୁଷ ଓ ଇଭ ନାରୀ ଥିଲେ। ଗଛ, ଲତା, ପାଣି, ପବନ, ଅଗ୍ନି, ବାୟୁ, ଜଳ, ପର୍ବତ ସବୁ ସୃଷ୍ଟି ହୋଇଥିଲା। ସେ ଦୁଇ ଜଣ ଖୁବ ସୁନ୍ଦର ଓ ସାଥୀ ପରି ରହୁଥିଲେ। ସୃଷ୍ଟିକର୍ତ୍ତା ଏହି ଦୁଇ ଜଣକୁ ଗୋଟିଏ ଗଛର ଫଳକୁ ଦେଖାଇ କହିଥିଲେ ଏହା ତୁମ ପାଇଁ ନିଷିଦ୍ଧ ଫଳ। ଏହାକୁ କେବେ ହେଲେ ଖାଇବ ନାହିଁ। ସେ ଦୁଇ ଜଣଙ୍କ ମଧ୍ୟରେ କୌଣସି ଖରାପ ଚିନ୍ତା କିମ୍ବା ଦୁଷ୍କର୍ମ ନଥିଲା। ସେମାନେ ଅତ୍ୟନ୍ତ ପବିତ୍ର ଥିଲେ। ଦିନେ ସେମାନେ ପ୍ରଭୁଙ୍କର କଥା ନମାନି ପ୍ରଥମେ ଇଭ ଓ ପରେ ପରେ ଆଦାମ ଉକ୍ତ ନିଷିଦ୍ଧ ଫଳକୁ ଭକ୍ଷଣ କରିଥିଲେ। ସେମାନଙ୍କ ମଧ୍ୟରେ କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ ସୃଷ୍ଟି ହେଲା ଓ ସେହିଠାରୁ ମାନବ ଜଗତର ସୃଷ୍ଟି।

ପାଦ୍ରୀ କହିଥିଲେ- ଏସବୁ ଘଟିଥିଲା କାରଣ ସେମାନେ ପ୍ରଭୁଙ୍କର ଆଜ୍ଞାବହ ହୋଇନଥିଲେ। ମୁଁ ବାପାଙ୍କୁ ପଚାରିଲି, ଆଜ୍ଞାବହର ଅର୍ଥ କ'ଣ ? ପିତା, ମାତା, ଗୁରୁଜନ ଏମାନଙ୍କ କଥା ଶୁଣିବାକୁ ଆଜ୍ଞାବାହ ହେବା କ'ଣ ବୁଝାଯାଏ କି ? ବାପା କହିଲେ ନା। ଆମ ଭିତରେ ସତଚିତ, ବିବେକ, ଚେତନା ରହି ଅଛି। ଏହା ସବୁ ସମୟରେ ଚେତାଇ ଦିଏ କେଉଁଠି ଠିକ୍ କେଉଁଠି ଭୁଲ୍। ଆମେ ବିବେକର କଥା ନଶୁଣି, ଆଜ୍ଞାବାହ ନହୋଇ, ଇନ୍ଦ୍ରିୟମାନଙ୍କର କଥାରେ ପରିଚାଳିତ ହେଉ ଓ ସେହିଠାରୁ ଆରମ୍ଭ ହୁଏ ଦୁଷ୍କର୍ମ ଓ ପଶୁତ୍ୱ। ସେ ଦିନ ମୁଁ ମୋର ପିଲା ଦିନର ସମସ୍ତ ଅସୁମାରୀ ପ୍ରଶ୍ନର ଉତ୍ତର ପାଇଥିଲି। କାରଣ ପ୍ରକୃତ ଉତ୍ତର ନପାଇ ମୁଁ ମରିଚିକା ପଛରେ ଧାଇଁ ଥିଲି ଓ ମୋର ଦୁଇଟି ଆଖିର ଗୋଟିଏ ଦୃଷ୍ଟିଭଙ୍ଗୀ ଅଛି ବୋଲି ଜାଣି ପାରିଥିଲି। ଭଗବାନଙ୍କର ଆଜ୍ଞାବହ ନହେବା ହିଁ ପାପ ବୋଲି ଉଲବ୍ଧି କଲି।

# ତୀର୍ଥଭୂମି ଓଡ଼ିଶାରେ ଗାନ୍ଧୀଜୀଙ୍କ ଅବିସ୍ମରଣୀୟ ପଦଯାତ୍ରା



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

'ସମଗ୍ର ଭାରତ ଭିତରେ ଓଡ଼ିଶା ମୋର ପ୍ରିୟତମ ସ୍ଥାନ... ଓଡ଼ିଶାର କିଛି ସେବା କରିପାରିଲେ ଭାରତର ସେବା କରିପାରିବି ବୋଲି ମୁଁ ଉପଲବ୍ଧି କରିଛି। ତେଣୁ ଓଡ଼ିଶା ମୋ' ପାଇଁ ହୋଇଯାଇଛି ଏକ ତୀର୍ଥଭୂମି'- ଏ ବକ୍ତବ୍ୟ ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀଙ୍କର। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦାବିକୁ ଗାନ୍ଧୀ ଖୋଲା ସମର୍ଥନ ଦେଇ ୧୮.୦୨.୧୯୨୦ରେ 'ୟଙ୍ଗ୍ ଇଣ୍ଡିଆ'ରେ ଲେଖିଥିଲେ, 'ଯଦି ଏହି ଗୌରୋବଜ୍ଜ୍ୱଳ ଜାତି କୌଣସି ଉଚିତ କାରଣ ନଥାଇ ଚାରିଭାଗରେ ଖଣ୍ଡିତ ହୋଇଯିବ ତେବେ ତାହା କଦାପି ନିଜର ସ୍ୱାଭାବିକ ପ୍ରଗତି କରିପାରିବ ନାହିଁ'। ଓଡ଼ିଆମାନଙ୍କ ଏହି ଦାବିକୁ ଓଡ଼ିଶା ବାହାରେ ବି ଗାନ୍ଧୀ ବାରମ୍ବାର ଦୋହରାଉଥିଲେ । କେବଳ ସେତିକି ନୁହେଁ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୫ବର୍ଷ ପୂର୍ବରୁ ଓଡ଼ିଶାକୁ ଜାତୀୟ ସ୍ତରରେ ରାଜନୈତିକ ପରିଚିତି ଦେଇ ଗାନ୍ଧୀଙ୍କ ପ୍ରଚେଷ୍ଟାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ଗଠନ କରାଯାଇଥିଲା ପ୍ରଥମ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି। ଓଡ଼ିଶାର ଦୁର୍ଭିକ୍ଷ ପୀଡିତ ଅଞ୍ଚଳର ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଗାନ୍ଧୀ ଗଣମାଧ୍ୟମରେ ବିବୃତି ରଖି କହିଥିଲେ, 'ଯେ ନିଜକୁ ଭାରତୀୟ ମନେ କରିବାରେ ଗର୍ବ ଅନୁଭବ କରନ୍ତି, ତାଙ୍କର ଧର୍ମ ହେଉଛି, ଭାରତର କୌଣସି ଅଂଶ ଦୁର୍ବଳ ହୋଇଗଲେ ସେ କଷ୍ଟ ଅନୁଭବ କରିବେ। ଯଦି ଏ ବିଚାର ଠିକ୍ ତେବେ ଓଡ଼ିଶାର ଦୁଃଖରେ ଆମେ ଦୁଃଖି ନହେବା କିପରି ?'

ପ୍ରଥମ ଓଡ଼ିଶା ଗସ୍ତରୁ ଫେରି ଗାନ୍ଧୀ ୧୦.୦୪.୧୯୨୧ର 'ନବଜୀବନ'ରେ ଲେଖିଥିଲେ, 'ଓଡ଼ିଶାର ଦୁର୍ଭିକ୍ଷ ବେଳେ ଦାରିଦ୍ର୍ୟ କେତେ ମୁଁ ତାହା ହୃଦୟଙ୍ଗମ କରିଥିଲି। ଚମ୍ପାରଣ ଭଳି ଦରିଦ୍ର ଆଉ କେଉଁଠି ନଥିବେ ବୋଲି ମୋର ଧାରଣା ଥିଲା। ତେବେ ମୋର ଆଶଙ୍କା ଦାରିଦ୍ର୍ୟରେ ଓଡ଼ିଶା ଚମ୍ପାରଣଠୁ ଟପି ଯାଇଛି.... ଶହ ଶହ ନରନାରୀ, ବାଳକ ବାଳିକା ଅସ୍ଥି କଙ୍କାଳସାର ହୋଇଛନ୍ତି। ଦେହରେ ଟିକିଏ ହେଲେ ମାଂସ ନାହିଁ, ଏପରି ଦୃଶ୍ୟ ମୋତେ ବିଚଳିତ କରିଦେଲା। ମୋର କଳିଜା ଛିଣ୍ଡିଗଲା ଭଳି ଲାଗିଲା'। ଆଉ ତିନିଦିନ ପରେ ଗାନ୍ଧୀ ପୁଣି 'ୟଙ୍ଗ୍ ଇଣ୍ଡିଆ'ରେ ଲେଖିଲେ, 'ଓଡ଼ିଶାରେ କଙ୍କାଳମାନ ଦେଖିବାକୁ ମୁଁ ପ୍ରସ୍ତୁତ ହୋଇଯାଇଥିଲି। ମାତ୍ର ଅବସ୍ଥା ଏତେ ଶୋଚନୀୟ ବୋଲି ମୋର ଧାରଣା ନଥିଲା। ମୁଁ ବହୁ ଭୟଙ୍କର ଦୃଶ୍ୟ ଦେଖିଲି। ସେଠାକାର ବାସ୍ତବ ଚିତ୍ର ଅତି ଭୟାବହ'। ଉତ୍କଳମଣିଙ୍କୁ ଏକ ପତ୍ରରେ ଗାନ୍ଧୀ ଲେଖିଥିଲେ, 'ଭୂତର ଆଦେଶ ପରି ଓଡ଼ିଶା ମୋ ମନକୁ ଆଚ୍ଛନ୍ନ କରି ରଖିଛି। ଏପରି ଏକ ଗୌରୋବଜ୍ଜ୍ୱଳ ତଥା ବୀରତ୍ୱପୂର୍ଣ୍ଣ ଅଞ୍ଚଳ ଦାରିଦ୍ର୍ୟ ପ୍ରପୀଡିତ। ଏହାର କର୍ମୀମାନେ ବହୁତ ଉତ୍ତମ ଅଥଚ ଅସହାୟ'।

ଦୁଃଖ, ଦୈନ୍ୟ ଓ ଅନଗ୍ରସରତାରେ ଷଢୁଥିବା ଓଡ଼ିଶାକୁ ଆଗୁଆ ଅଞ୍ଚଳରେ ପରିଣତ କରିବା ପାଇଁ ନିଶା, ଆଳସ୍ୟ ଓ ଜଡତା ଠାରୁ ଦୂରରେ ରହି ଓଡ଼ିଶାକୁ ଦେଶର ଖାଦ୍ୟ ଓ ଖଦି ଭଣ୍ଡାର କରିବା ଲାଗି ଗାନ୍ଧୀଜୀ ଆହ୍ୱାନ ଦେବା ସହ ଅନେକ କାର୍ଯ୍ୟ ମଧ୍ୟ କରାଇଥିଲେ। ଏମିତିକି ୧୯୨୧ର ପ୍ରଥମ ଓଡ଼ିଶା ଗସ୍ତ ବେଳେ ଏଠାକାର ଦୁର୍ଭିକ୍ଷ ପ୍ରପୀଡିତ ଲୋକଙ୍କ କରୁଣ ଚିତ୍ର ତାଙ୍କ ମନରେ ଏଭଳି ଉଦ୍‌ବେଳନ ସୃଷ୍ଟି କଲା ଯେ ୬ ମାସ ଭିତରେ ଗାନ୍ଧୀଜୀ ତାଙ୍କ ପୋଷାକ ପରିଚ୍ଛଦ ବଦଳାଇ ଦରିଦ୍ରତମ ଲୋକଟିଏ ଭଳି ଆଣ୍ଠୁଲୁଚା ଖଦି ଖଣ୍ଡେ ମାତ୍ର ପରିଧାନ କଲେ। ୧୯୨୧ରୁ ୧୯୪୬ ମଧ୍ୟରେ ଗାନ୍ଧୀଜୀ ୮ଥର ଓଡ଼ିଶା ଗସ୍ତରେ ଆସିଥିଲେ। ୧୯୩୪ରେ ତାଙ୍କର ଓଡ଼ିଶାରେ ଦୀର୍ଘ ପଦଯାତ୍ରା ଥିଲା ଅନନ୍ୟ। ସେ ବର୍ଷ ଓଡ଼ିଶା ମାଟିରେ ୧୯୩୪ ମଇ-ଜୁନ୍ ମାସ ମୁଣ୍ଡଫଟା ଖରା ଓ ପ୍ରଚଣ୍ଡ ଗୁଳୁଗୁଳି ଭିତରେ ବିନା ପୂର୍ବ ପ୍ରସ୍ତୁତିରେ ସେ ଆରମ୍ଭ କରିଥିଲେ ଐତିହାସିକ ପଦଯାତ୍ରା। ଏହି ପଦଯାତ୍ରା ପ୍ରଥମ ପର୍ଯ୍ୟାୟରେ ପୁରୀରୁ କଟକ ଓ ଦ୍ୱିତୀୟ ପର୍ଯ୍ୟାୟରେ ବୈରୀ ରେଳ ଷ୍ଟେସନରୁ ସତ୍ୟଭାମାପୁର, କେନ୍ଦ୍ରାପଡା, ଯାଜପୁର ଦେଇ ଭଦ୍ରକ ପର୍ଯ୍ୟନ୍ତ ଯାଇଥିଲା। ସେତେବେଳେ ଦେଶ ବିଦେଶର ଗଣମାଧ୍ୟମରେ ଗାନ୍ଧୀଜୀଙ୍କ ଏହି ପଦଯାତ୍ରା ବେଶ୍ ଚର୍ଚ୍ଚିତ ହୋଇଥିଲା।

୧୯୩୪ ମଇ ମାସରେ ଗାନ୍ଧୀଜୀଙ୍କର ଓଡ଼ିଶାକୁ ଥିଲା ପଞ୍ଚମ ଗସ୍ତ। ମଇ ୫ ତାରିଖରେ ଝାରସୁଗୁଡା ଓ ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଗାନ୍ଧୀଜୀ ସେହିଦିନ ରାତିରେ ରହଣି କରିଥିଲେ ବାମୁରରେ। ଅନୁଗୁଳରେ ଗାନ୍ଧୀଙ୍କ ଗସ୍ତକୁ ସେଠାକାର ପ୍ରଶାସନ ତୀବ୍ର ବିରୋଧ କରିବା ସହ ସେ ଯେଉଁ ଘରେ ରହିବା କଥା ତାକୁ ମଧ୍ୟ ସିଲ୍ କରି ଦେଇଥିଲେ।

## ଗାନ୍ଧୀ ବିଚାର

ଏହାସତ୍ତ୍ୱେ ଗାନ୍ଧୀଜୀ କାର୍ ଯୋଗେ ଅନୁଗୁଳରେ ପହଞ୍ଚି ପ୍ରଚଣ୍ଡ ଖରାରେ ଏକ ତୋଟାରେ ଡେରା ପକାଇ ହଜାର ହଜାର ଲୋକଙ୍କୁ ଭେଟିଥିଲେ। ସେଠାରୁ ବଅଁରପାଳ, ହିନ୍ଦୋଳ ରୋଡ୍, ମେରାମୁଣ୍ଡଳି, ସଦାଶିବପୁର ଦେଇ ରେଳ ଯୋଗେ ପହଞ୍ଚିଥିଲେ ପୁରୀରେ। ଗାନ୍ଧୀଜୀ ଅସ୍ପୃଶ୍ୟତା ନିବାରଣ ପାଇଁ ଅଭିଯାନ ଚଳାଇ ଥିବାରୁ ଏହାଦ୍ୱାରା ମନ୍ଦିର ମାରା ହୋଇଯିବ ଓ ଧର୍ମ ନଷ୍ଟ ହେବ ବୋଲି କିଛି ତଥାକଥିତ ଉଚ୍ଚ ବର୍ଣ୍ଣର ଲୋକ ଗାନ୍ଧୀଙ୍କୁ ବିରୋଧ କରିବା ପରିପ୍ରେକ୍ଷୀରେ ସେ ପତିତପାବନ ଶ୍ରୀଜଗନ୍ନାଥଙ୍କ ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ପଦଯାତ୍ରା ଆରମ୍ଭ କରିବା ପାଇଁ ହଠାତ୍ ଘୋଷଣା କରିଥିଲେ। ମଇ ୮ ତାରିଖରେ ଶ୍ରୀମନ୍ଦିରର ସିଂହଦ୍ୱାର ନିକଟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ତାହା ପରଦିନ ଅର୍ଥାତ୍ ମଇ ୯ ତାରିଖ ସକାଳୁ ପୁରୀରୁ ତାଙ୍କ ପଦଯାତ୍ରା ବାହାରିଥିଲା। ଏହି ପଦଯାତ୍ରା ଗୋପୀନାଥପୁର, ବୀରହରେକୃଷ୍ଣପୁର, ଚନ୍ଦନପୁର, ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ଗୋପବନ୍ଧୁଙ୍କ କାଦୁଆ ଆଶ୍ରମ, ବୀରପୁରୁଷୋତ୍ତମପୁର, ଦାଣ୍ଡମୁକୁନ୍ଦପୁର, ପିପିଲି, ସିଉଳା, ବାଳକାଟି, ସତ୍ୟଭାମାପୁର, ବାଲିଅନ୍ତା, ତେଲେଙ୍ଗାପେଣ୍ଠ, କାଜିପାଟଣା ଦେଇ କଟକରେ ପହଞ୍ଚିଥିଲା ମଇ ୧୬ ତାରିଖରେ। ପାଟନାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗଦେବା ପାଇଁ ଗାନ୍ଧୀଜୀ ପଦଯାତ୍ରା ସ୍ଥଗିତ ରଖିଥିଲେ। ପାଟନାରୁ ଫେରି ବୈରୀ ରେଳଷ୍ଟେସନରୁ ସେ ପୁଣି ତାଙ୍କ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଆରମ୍ଭ କଲେ ମଇ ୨୧ ତାରିଖରେ। ଚମ୍ପାପୁରହାଟ, ଭେଡ଼ା, ମାଳ, ଲଖନପୁର, ଗୋପୀନାଥପୁର, ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁର, ଲକ୍ଷ୍ମୀନାରାୟଣପୁର, ବହୁକୁଦ, ଶିଶୁଆ, ପାଟପୁର, ନିଶ୍ଚିନ୍ତକୋଇଲି, କାକଟିଆ, ସଲାର, ଭାଗବତପୁର, କେନ୍ଦ୍ରାପଡ଼ା, ବରୀମୂଳ, ଇନ୍ଦୁପୁର, କଳାମାଟିଆ, କାଇପଡ଼ା, ଅଙ୍ଗେଇସପୁର, ବରୀ, ନେଉଳା, ସାହସପୁର, ପୁରୁଷୋତ୍ତମପୁର, ବୁଢ଼ାଘାଟ, ମଞ୍ଜୁରୀ, ଭଣ୍ଡାରିପୋଖରୀ, ତୋଡଙ୍ଗ ଦେଇ ଏହି ପଦଯାତ୍ରା ଆସି ପହଞ୍ଚିଥିଲା ଭଦ୍ରକରେ। ଭଦ୍ରକ ପ୍ରଶାସନର କ୍ରୁରତା ଅନୁଗୁଳକୁ ବଳି ଯାଇଥିଲା। ତେବେ ବର୍ଷା ଆସିଯାଇ ଥିବାରୁ ପଦଯାତ୍ରାର ସମାପନ କରି ଗାନ୍ଧୀଜୀ ଭଦ୍ରକରୁ ବିଦାୟ ନେଇଥିଲେ।

୬୫ ବର୍ଷ ବୟସ୍କ ଗାନ୍ଧୀଜୀ ବୈଶାଖ-ଜ୍ୟୋଷ୍ଠ ମାସର ପ୍ରବଳ ଝାଞ୍ଜିରେ ଓଡ଼ିଶାରେ ପଦଯାତ୍ରା ନ କରିବା ପାଇଁ ଯେତେ ଯିଏ ଅନୁରୋଧ କଲେ ମଧ୍ୟ ସେ ନିଜ ନିଷ୍ପତ୍ତି ବଦଳାଇ ନଥିଲେ। ଏହି ପଦଯାତ୍ରା ସମୟରେ ତାଙ୍କ ଦେହ ଆଦୌ ଖରାପ ହୋଇନଥିଲା। ଦେଶର ୪ ପ୍ରଧାନ ତୀର୍ଥ ଭିତରୁ ପୁରୀଧାମ ଏକ ପ୍ରମୁଖ ତୀର୍ଥକ୍ଷେତ୍ର ହୋଇଥିବା ଏବଂ ଲକ୍ଷ୍ମୀ ପୁରାଣର ବର୍ଣ୍ଣନା ମୁତାବକ ଶ୍ରୀଜଗନ୍ନାଥ ମନ୍ଦିର ଆଚାଣ୍ଡାଳ ବ୍ରାହ୍ମଣ ସମସ୍ତଙ୍କ ପାଇଁ ଖୋଲା ଓ ଓଡ଼ିଆ ଜାତିର ଏହି ବ୍ରହ୍ମପିଣ୍ଡ ଅସ୍ପୃଶ୍ୟତା ନିବାରଣ କ୍ଷେତ୍ରରେ ପ୍ରେରଣାର ଉତ୍ସ ହୋଇଥିବାରୁ ପୁରୀରୁ ସେ ପଦଯାତ୍ରା ଆରମ୍ଭ କରୁଛନ୍ତି ଏବଂ ଶ୍ରୀଜଗନ୍ନାଥ କ୍ଷେତ୍ରରୁ ଏହା ଆରମ୍ଭ ହେଉଥିବାରୁ ପ୍ରଭୁ ଶ୍ରୀଜଗନ୍ନାଥ ହିଁ ପଦଯାତ୍ରୀମାନଙ୍କର ଦାୟିତ୍ୱ ନେବେ ବୋଲି ସେ ସେତେବେଳେ ଦୃଢ଼ ଭାବେ 'ସମାଜ'ର ରାଧାନାଥ ରଥଙ୍କୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଥିବା ବିନୋଦ କାନୁନଗୋଙ୍କ ରଚିତ ଓ ଗୋପବନ୍ଧୁ ସାହିତ୍ୟ ମନ୍ଦିର ଦ୍ୱାରା ପ୍ରକାଶିତ 'ଗାନ୍ଧୀଜୀଙ୍କ ଉତ୍କଳରେ ପଦଯାତ୍ରା' ପୁସ୍ତକରେ ଉଲ୍ଲେଖ ରହିଛି। ସେତେବେଳେ ବିନୋଦ କାନୁନଗୋ 'ସମାଜ'ର ସ୍ୱତନ୍ତ୍ର ପ୍ରତିନିଧି ଭାବେ ଗାନ୍ଧୀଜୀଙ୍କ କାର୍ଯ୍ୟକ୍ରମର ବିବରଣୀ ଦେଉଥିଲେ।

ଏହି ଯାତ୍ରା କାଳରେ ପଦଯାତ୍ରୀମାନେ ଯେପରି ଗାଁ ଲୋକମାନଙ୍କ ଉପରେ ବୋଝ ନ ହୁଅନ୍ତି ଓ ସେମାନଙ୍କ ଖାଦ୍ୟ ଓ ରହଣି ଯେପରି ଆଭିଜାତ୍ୟପୂର୍ଣ୍ଣ ନହୁଏ ତାହା ଉପରେ ଗାନ୍ଧୀଜୀ ଗୁରୁତ୍ୱାରୋପ କରିଥିଲେ। ପଦଯାତ୍ରା ବେଳେ ସଭା ସମିତି ସହିତ ଗ୍ରାମ ସଫେଇ, ହରିଜନମାନଙ୍କ ସହ ପଂକ୍ତି ଭୋଜନ ଆଦି କାର୍ଯ୍ୟକ୍ରମ ବି ରହୁଥିଲା। ସକାଳ ଓ ସଞ୍ଜ ରହଣି ସ୍ଥାନମାନଙ୍କରେ ପ୍ରାର୍ଥନା ସଭା ବି ହେଉଥିଲା। ଏହି ପଦଯାତ୍ରା ସମୟରେ ଉତ୍କଳମଣି ଗୋପବନ୍ଧୁଙ୍କ ଖଦି କାର୍ଯ୍ୟକ୍ରମର ପୁନରୁଦ୍ଧାର ପାଇଁ ସେ ଗୋପବନ୍ଧୁ ଚୌଧୁରୀଙ୍କୁ ଦାୟିତ୍ୱ ଦେଇଥିଲେ। ଗାନ୍ଧୀଜୀଙ୍କ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟକ୍ରମକୁ ବିରୋଧ କରିବା ପାଇଁ କାଶୀରୁ ଲାଲନାଥ ନାମକ ଜଣେ ସନାତନୀ ସାଧୁ ସଦଳବଳ ଆସିଥିଲେ। କିନ୍ତୁ ଲୋକ ଗହଳି ଦେଖି ଲାଲନାଥ କଳାପତାକା ପ୍ରଦର୍ଶନ କରିପାରିନଥିଲେ। ଶେଷରେ ଗାନ୍ଧୀଙ୍କ ଅନୁମତି ନେଇ ସେ କଟକରେ ଅନୁଷ୍ଠିତ ସଭାରେ କଳାପତାକା ପ୍ରଦର୍ଶନ କରିଥିଲେ ଏବଂ ତାଙ୍କୁ ସଭାରେ ଭାଷଣ ଦେବା ପାଇଁ ଗାନ୍ଧୀଜୀ ସୁଯୋଗ ଦେଇଥିଲେ। ଏହା ପୂର୍ବରୁ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାର ନିକୁଞ୍ଜବିହାରୀ ମନ୍ଦିରରେ ସର୍ବସମ୍ମତି କ୍ରମେ ହରିଜନ ପ୍ରବେଶ କରାଯାଇଥିଲା।

ବହୁ ସ୍ଥାନରେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ସମ୍ମିଳିତ ଭାବେ ଗାନ୍ଧୀଜୀଙ୍କୁ ସ୍ୱାଗତ କରିଥିଲେ। ଅନେକ ଗାଁରେ ସେ ହରିଜନମାନଙ୍କ ଘରକୁ ଯାଇ ସେମାନଙ୍କ ଅବସ୍ଥାର ଅନୁଧ୍ୟାନ କରିଥିଲେ। ବାଟରେ ଜଣେ ଭଣ୍ଡାରୁଣୀ ଗାନ୍ଧୀଜୀଙ୍କୁ ଖିଅର କରିବାର ସୁଯୋଗ ପାଇଥିଲେ। ଏହି ପଦଯାତ୍ରାରେ ବହୁ ସଂଖ୍ୟକ ମହିଳା ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଠକ୍କର ବାପା, ଜୟପ୍ରକାଶଙ୍କ ପତ୍ନୀ ପ୍ରଭାବତୀ ଦେବୀ, ଯମୁନାଲାଲ ବଜାଜ୍‌ଙ୍କ ଝିଅ ଉମା, ମୀରବେନ୍, ଶିଳ୍ପପତି ଘନଶ୍ୟାମ ଦାସ ବିର୍ଲା, ଜର୍ମାନ ସାମ୍ବାଦିକ ବୁଙ୍ଗୋ, ସ୍ୱିଜରଲ୍ୟାଣ୍ଡର ବୈଜ୍ଞାନିକ ସୋରିସଲ, ସରଳା ଦେବୀ, ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ମାଳତୀ ଚୌଧୁରୀ, ରାଜକୃଷ୍ଣ ବୋଷ, ଯଦୁମଣି ମଙ୍ଗରାଜ, ମନମୋହନ ଚୌଧୁରୀ, ଭାଗିରଥୀ ମହାପାତ୍ର, ଅନ୍ନପୂର୍ଣ୍ଣା ମହାରଣା, ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ହରେକୃଷ୍ଣ ମହତାବ, ସତୀଶଚନ୍ଦ୍ର ଦାସଗୁପ୍ତା, ମିନୁ ମାସାନୀଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

ପଦଯାତ୍ରା କାଳରେ ଗାନ୍ଧୀଜୀ କେଉଁଠି ଆମ୍ବ ତୋଟାରେ ତ କେଉଁଠି କିଆବାଡ଼ ଛାଇରେ ବିଶ୍ରାମ ନେଇଛନ୍ତି। ଏମିତିକି ନଈ ବନ୍ଧ ଉପରେ ବି ତାଙ୍କୁ ରାତି କଟାଇବାକୁ ପଡ଼ିଛି। ପ୍ରଚଣ୍ଡ ରୌଦ୍ରତାପ ପରେ ପରେ ଜୁନ୍ ମାସରେ ତୁହାକୁ ତୁହା ବର୍ଷା ମାଡ଼ ବି ସେ ସମ୍ଭାଳିଛନ୍ତି। ଏହି ସମୟରେ ସେ ଓଡ଼ିଆ ଭାଷା ଓ ଲିପି ଶିଖିଥିଲେ। ଏଥିପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ଗୋଦାବରୀଙ୍କ ଉପରେ। ବର୍ଷା ଆସିଯିବାରୁ ଗାନ୍ଧୀଜୀ ଭଦ୍ରକରେ ପଦଯାତ୍ରା ଶେଷ କରି ଜୁନ୍ ୮ରେ ରେଳ ଯୋଗେ ଓଡ଼ିଶା ଛାଡ଼ିବା ବାଟରେ ସୋର, ବାଲେଶ୍ୱର, ହଳଦୀପଦା, ଅମର୍ଦ୍ଦାରୋଡ୍, ଜଳେଶ୍ୱର ଆଦି ସ୍ଥାନରେ ଲୋକଙ୍କୁ ଭେଟିଥିଲେ। ପଦଯାତ୍ରା କାଳରେ ପ୍ରକୃତି, ବ୍ରିଟିଶ୍ ସରକାର ଓ ଧର୍ମାନ୍ଧ ନେତାମାନଙ୍କ ବ୍ୟାପକ ବିରୋଧର ସମ୍ମୁଖୀନ ସତ୍ତ୍ୱେ ଗାନ୍ଧୀଜୀ ହାଲିଆ ହୋଇନଥିଲେ। ଓଡ଼ିଶାରେ ଏହି ପଦଯାତ୍ରା କାଳରେ ସେ ବହୁ ସାମ୍ବାଦିକଙ୍କୁ ସାକ୍ଷାତକାର ଦେଇଛନ୍ତି। ବିଭିନ୍ନ ରାଷ୍ଟ୍ରନେତାଙ୍କ ସହ ଆଲୋଚନା କରିଛନ୍ତି। ସାଧାରଣ ଜନତା ଏବଂ ସତ୍ୟାଗ୍ରହୀମାନଙ୍କ ସଙ୍ଗେ ମିଶିଛନ୍ତି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଉଜାଗର ରହି ବହୁ ଗୁରୁତ୍ୱପୂର୍ଣ୍ଣ ଚିଠି ବି ଲେଖିଛନ୍ତି। ପିପିଲି ରହଣି ସମୟରେ ଓଡ଼ିଶାର ବନ୍ୟା ନିୟନ୍ତ୍ରଣ ପାଇଁ ସାର୍ ବିଶେଶ୍ୱରେୟାଙ୍କୁ ଗାନ୍ଧୀଜୀ ଯେଉଁ ଚିଠି ଲେଖିଥିଲେ ତାହାର ପ୍ରତିଫଳନ ହେଉଛି ହୀରାକୁଦ ନଦୀବନ୍ଧ। ସେତେବେଳେ ବିଦ୍ୟୁତ୍ ଶକ୍ତି ନ ଥିଲା କିମ୍ବା ତାଙ୍କୁ ବିଶ୍ରାମ ଦେବା ପାଇଁ ଅତିଥି ଭବନ ନ ଥିଲା। ସାଧାରଣ ଲୋକଙ୍କ ସହ ଓଡ଼ିଶାର ଗାଁ ଗହଳିରେ ସେ ସମୟ କାଟିଥିଲେ। ତାଙ୍କୁ ଦେଖିବା ଓ ଶୁଣିବା ପାଇଁ ଚାରିଆଡୁ ଲୋକ ଛୁଟୁଥିଲେ। ଗାନ୍ଧୀଜୀଙ୍କ ହାତରେ ହରିଜନ ପାଣ୍ଠି ପାଇଁ ବି ଦରିଦ୍ରତମ ଲୋକେ ଦାନ ଦେଇ ନିଜକୁ ଧନ୍ୟ ମଣୁଥିଲେ। ଅନେକ ମହିଳା ସେମାନଙ୍କ ଅଳଙ୍କାର ମଧ୍ୟ ଦାନ କରୁଥିଲେ। ବାସ୍ତବରେ ଗାନ୍ଧୀଜୀଙ୍କ ଏହି ବିରଳ ପଦଯାତ୍ରାରୁ ଓଡ଼ିଶାରେ ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ ଓ ରଚନାତ୍ମକ କର୍ମୀ ସୃଷ୍ଟି ହୋଇଥିଲେ।

'ଭବିଷ୍ୟତ ପିଢ଼ିର ବଂଶଧରମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ଗାନ୍ଧୀଜୀଙ୍କ ଭଳି ରକ୍ତମାଂସ ଧାରୀ ଜଣେ ମଣିଷ ଦିନେ ଏ ଧରାପୃଷ୍ଠରେ ବିଚରଣ କରୁଥିଲେ'-ଗାନ୍ଧୀଜୀଙ୍କ ସମ୍ପର୍କରେ ଏ ମନ୍ତବ୍ୟ ଥିଲା ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନଙ୍କର। ବିନା ପୂର୍ବ ପ୍ରସ୍ତୁତିରେ ମଇ-ଜୁନ୍ ମାସର ପ୍ରତିକୂଳ ପରିବେଶରେ ଯେ ଗାନ୍ଧୀଜୀ ଯେ ଓଡ଼ିଶା ମାଟିରେ ଏଭଳି ବିରଳ ପଦଯାତ୍ରା କରିଥିଲେ ଏ କଥା ହୁଏତ ଆଜିର ସଂଖ୍ୟାଧିକ ବିଳାସୀ ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ କଳ୍ପନା କରିପାରିବେ ନାହିଁ।

# ଜାତି ଜନଗଣନା ଏବଂ ରାଜନୀତି



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

କେନ୍ଦ୍ର ସରକାର ଜାତିଗତ ଜନଗଣନା ପାଇଁ ସ୍ୱୀକୃତି ଦେଇଛନ୍ତି। ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ବିହାର ସରକାର ଜାତିଗତ ଜନଗଣନା ବହୁପୂର୍ବରୁ କରାଇଛନ୍ତି ଏପରିକି ବିରୋଧୀ ଦଳମାନେ କ୍ରମାଗତ ଭାବେ ଜାତି ଆଧାରିତ ଜନଗଣନା ସାରା ଦେଶରେ କରାଇବା ପାଇଁ ଦାବି କରୁଥିଲେ। ବିଜେପିର ଶୀର୍ଷ ନେତୃତ୍ୱ ବୁଝି ପାରିଥିଲା ଯେ ଜାତି ଆଧାରିତ ଜନଗଣନାର ପ୍ରସଙ୍ଗ ନିର୍ବାଚନରେ ଉଠିବ। ଏହି କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ କ୍ୟାବିନେଟର ରାଜନୈତିକ ମାମଲା କମିଟି ଆଗାମୀ ଦିନରେ ହେବାକୁ ଥିବା ଜନଗଣନା ସହ ଜାତି ଗଣନା କରାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଜନଗଣନା କେନ୍ଦ୍ର ସରକାରଙ୍କ ଅଧିକାର କ୍ଷେତ୍ରରେ ରହିଛି କିନ୍ତୁ କେତେକ ରାଜ୍ୟ ସରକାର ସର୍ବେକ୍ଷଣ ନାମରେ ଅଣପାରଦର୍ଶୀ ପ୍ରକ୍ରିୟାରେ ଜନଗଣନା କରାଇଛନ୍ତି। ଏହା ସମାଜରେ ସନ୍ଦେହ ସୃଷ୍ଟି କରିଛି। କିନ୍ତୁ କଂଗ୍ରେସ ପକ୍ଷରୁ ଭିନ୍ନ କଥା କୁହାଯାଇଛି, କଂଗ୍ରେସ ମହାସଚୀବ ଜୟରାମ ରମେଶ କହିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜାତିଗତ ଜନଗଣନା କରିବା ପାଇଁ ରାଜି ହୋଇଛନ୍ତି।

ବିହାର ବିଧାନସଭାକୁ ଦୃଷ୍ଟିରେ ରଖି ସରକାର ଏପରି କରିବା ପାଇଁ ନିଷ୍ପତ୍ତି ନେଇଥିବା କଥା ଯାହା ବିରୋଧୀ କହୁଛନ୍ତି ତାହା ସଂପୂର୍ଣ୍ଣ ଠିକ୍ ନୁହେଁ। କାରଣ ଜାତିଗତ ଜନଗଣନ ବିହାର ପାଇଁ କିଛି ନୂଆ କଥା ନୁହେଁ। ବିହାର ସରକାର ଜାତିଗତ ସର୍ବେକ୍ଷଣ କରାଇ ସାରିଛନ୍ତି। ବିହାରରେ ୬୫ପ୍ରତିଶତ ସଂରକ୍ଷଣ ଦିଆଯାଇଛି। ତେଲେଙ୍ଗାନାରେ ମଧ୍ୟ ଏପରି ହୋଇଛି। ସଂରକ୍ଷଣ ପ୍ରସଙ୍ଗରେ ମାନ୍ୟବର ସୁପ୍ରିମକୋର୍ଟର ୧୯୬୨ ମସିହା ସେପ୍ଟେମ୍ବର ୨୮ ତାରିଖର ମାମଲା ପ୍ରଣିଧାନ ଯୋଗ୍ୟ। ଏମ୍ ଆଇ ବାଲାଜି ବନାମ ଷ୍ଟେଟ ଅଫ ମହୀଶୁର ମାମଲାରେ ମାନ୍ୟବର ସୁପ୍ରିମ୍‌କୋର୍ଟ କହିଥିଲେ ଯେ ସଂରକ୍ଷଣ ୫୦ ପ୍ରତିଶତ ସୀମା ମଧ୍ୟରେ ରହିବା ଉଚିତ୍। ସୁପ୍ରିମ୍ କୋର୍ଟ ଯାହା ରାୟ ଦେଇଥିଲେ ସେ କଥା ସମ୍ବିଧାନରେ ନାହିଁ। ଅର୍ଥାତ୍ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ହେବନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ନାହିଁ କିମ୍ବା ସମ୍ବିଧାନ ନିର୍ମାତା ବାବା ସାହେବ ଆମ୍ବେଦକର ମଧ୍ୟ ଏକଥା କହି ନାହାଁନ୍ତି। ୧୯୯୨ ମସିହା ନଭେମ୍ବର ୧୬ ତାରିଖରେ ଇନ୍ଦିରା ସାହାଣୀ ବନାମ ୟୁନିୟନ ଅଫ ଇଣ୍ଡିଆ ମାମଲାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ ମାନ୍ୟବର କୋର୍ଟ ଓ କୋର୍ଟଙ୍କ ଏହି ରାୟ ପରେ ମଣ୍ଡଳ କମିଶନଙ୍କ ସୁପାରିଶ ଲାଗୁ କରାଯାଇଥିଲା। ଏହା ସମ୍ବିଧାନର ବୁନିଆଦି ସଂରଚନାର ବିରୋଧୀ ନୁହେଁ କିନ୍ତୁ ଗୋଟିଏ ସର୍ତ୍ତ ରଖାଯାଇଥିଲା ଯେ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଏବଂ ପଛୁଆ ବର୍ଗଙ୍କ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବନାହିଁ।

୧୯୯୨ ପରେ କେତେକ ରାଜ୍ୟ ସଂରକ୍ଷଣ ସୀମା ବୃଦ୍ଧି କରିଥିଲେ। ଏକମାତ୍ର ରାଜ୍ୟ ତାମିଲନାଡୁର ସଂରକ୍ଷଣ ଆଇନକୁ ୯ମ ସୂଚୀରେ ସାମିଲ କରାଯାଇଥିଲା। ୯ମ ସୂଚୀର ଅର୍ଥ ହେଉଛି ଯେ ଏହା ନ୍ୟାୟାଳୟ ଦ୍ୱାରା ସଂରକ୍ଷିତ ଅଟେ, ନ୍ୟାୟାଳୟ ଏଥିରେ ପରିବର୍ତ୍ତନ କରିପାରିବେ ନାହିଁ। ତାମିଲନାଡୁରେ ସଂରକ୍ଷଣ ୬୯ ପ୍ରତିଶତ ରହିଛି କିନ୍ତୁ ଏହା ମଧ୍ୟ ଅଣ ସାମ୍ବିଧାନିକ ନୁହେଁ। ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ହଟାଇବା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ୍‌ଗେ ଏଇଥିପାଇଁ କହୁଛନ୍ତି କାରଣ ସୁପ୍ରିମକୋର୍ଟ ଏହାକୁ ଅଣ ସାମ୍ବିଧାନିକ କହିବ। ବିହାରରେ ଜନତାଦଳ (ୟୁ)-ଆରଜେଡିର ମିଳିତ ସରକାର ଥିବାବେଳେ ଜାତିଗତ ସର୍ବେକ୍ଷଣ କରାଯାଇଥିଲା ଏବଂ ୬୫ ପ୍ରତିଶତ ସଂରକ୍ଷଣ ଲାଗୁ କରାଯାଇଥିଲା ଯାହାକୁ ପାଟନା ହାଇକୋର୍ଟ ଖାରଜ କରିଦେଇଥିଲେ। ସେ ବାବଦରେ ଏକ ମାମଲା ଏବେ ବି ସୁପ୍ରିମ୍ କୋର୍ଟରେ ବିଚାରାଧୀନ ରହିଛି। ଏବେ ସରକାର ଯେତେ ଯାହା କହିଲେ ବି ଯେ ପର୍ଯ୍ୟନ୍ତ ସଂରକ୍ଷଣ ସୀମା ୫୦ ପ୍ରତିଶତକୁ ହଟାଇ ନଦିଆଯାଇଛି ସେ ପର୍ଯ୍ୟନ୍ତ ବିହାରରେ ୬୫ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ ହୋଇପାରିବ ନାହିଁ। ଅନେକ ସାମାଜିକ ରାଜନୈତିକ ବିଶ୍ଳେଷକଙ୍କ ମତରେ ଜାତି ଜନଗଣନା ସାଧ୍ୟ ନୁହେଁ ଏକ ସାଧନ ଅଟେ। ଏହାକୁ ଦଳିତ, ଅନ୍ୟ ପଛୁଆ ବର୍ଗ ଏବଂ ଆଦିବାସୀଙ୍କ ବିରୁଦ୍ଧରେ ମଧ୍ୟ ପ୍ରୟୋଗ କରାଯାଇପାରେ - ଏହା ଦୁଇପଟ ଧାରଥିବା ଏକ ଖଣ୍ଡାଭଳି।

ଦୀର୍ଘ ସମୟଧରି ଜାତି ଜନଗଣନା ପାଇଁ କରାଯାଉଥିବା ଦାବି ରାଜନୈତିକ ଦୃଷ୍ଟିରୁ ପୂରଣ ହୋଇଛି। ବିଜେପି ବ୍ୟତୀତ ଅନ୍ୟ ସବୁ ରାଜନୈତିକ ଦଳ ଏଥିପାଇଁ ଦାବି କରୁଥିଲେ। ଏବେ ବିଜେପି ମଧ୍ୟ ରାଜି ହୋଇଯାଇଛି। ଏହାକୁ ବହୁଜନ ଆନ୍ଦୋଳନର ଏକ ବିଜୟ ବୋଲି କୁହାଯାଇପାରେ। କିନ୍ତୁ ଏକଥା ମଧ୍ୟ ସତ୍ୟ ଯେ ଜାତି ଜନଗଣନା ହେଲେ ଭାରତର ବହୁ ସଂଖ୍ୟକ ବଞ୍ଚିତ ସମୁଦାୟକୁ ଯେ ଅନେକ କିଛି ମିଳିଯିବ ସେ କଥା ଭାବିବା ଭୁଲ୍ ଅଟେ। କିନ୍ତୁ କେଉଁମାନେ ପ୍ରବଞ୍ଚନାର ଶିକାର ହୋଇଛନ୍ତି ଓ କେଉଁମାନେ ଦେଶର ସଂଶୋଧନର ଅଧିକ ଉପଯୋଗ କରୁଛନ୍ତି ସେକଥା ଜଣାପଡିଯିବ ଯଦି ଠିକ୍ ଭାବରେ ଜାତି ଗଣନା ହେବ। ଜାତି ଜନଗଣନାରୁ ଯେଉଁ ତଥ୍ୟ ମିଳିବ ତା'ର ଦୁରୁପଯୋଗ ମଧ୍ୟ ହୋଇପାରେ। ପ୍ରଥମତଃ ଭାରତୀୟ ସମ୍ବିଧାନ କଥାକୁ ବିଚାରକୁ ନିଆଯାଇପାରେ। ଭାରତର ସମ୍ବିଧାନ ନ୍ୟାୟପୂର୍ଣ୍ଣ, ସମତାମୂଳକ, ବନ୍ଧୁତା ଆଧାରିତ, ସମସ୍ତଙ୍କ ସ୍ୱତନ୍ତ୍ରତା ଏବଂ ମର୍ଯ୍ୟାଦାର ସମ୍ମାନ କରୁଥିବା ଗଣତାନ୍ତ୍ରିକ ଭାରତ କଥା କହୁଛି। କିନ୍ତୁ ଭାରତର ସମ୍ବିଧାନ ଯାହା କହୁଛି ତାହା ହୋଇପାରୁଛି କି ? ଉତ୍ତର ହେଉଛି ନୁହଁ। ଏଭଳି ନହୋଇ ପାରିବାର କାରଣ କ'ଣ ? ସମ୍ବିଧାନରେ କିଛି ତ୍ରୁଟି ବା ଦୁର୍ବଳତା ଅଛି କି ? ଉତ୍ତର ହେଉଛି ନା। ତେବେ କାରଣ କ'ଣ ? ଏହାର ଉତ୍ତର ଡ. ଆମ୍ବେଦକରଙ୍କର ସମ୍ବିଧାନ ସମ୍ପର୍କୀତ ବୟାନ 'ସମ୍ବିଧାନ ଯେତେ ଭଲ ହେଉ କିନ୍ତୁ କିଛି କରିପାରିବ ନାହିଁ, ସବୁ କିଛି ନିର୍ଭର କରେ ସମ୍ବିଧାନ ଦ୍ୱାରା ସୃଜିତ ସାମ୍ବିଧାନିକ ସଂସ୍ଥା ସଂସଦ, କାର୍ଯ୍ୟକାଳିକା, ନ୍ୟାୟପାଳିକା, ନିର୍ବାଚନ କମିଶନଙ୍କ କାର୍ଯ୍ୟଶୈଳୀ ଉପରେ ନିର୍ଭର କରେ।' ଆମ୍ବେଦକର ଏକଥା ମଧ୍ୟ କହିଥିଲେ ଯେ ସମ୍ବିଧାନ ଖରାପ ହେଲେ ମଧ୍ୟ ଉତ୍ତମ ଲୋକ ଏହାର ସଠିକ୍ ବ୍ୟବହାର କରିପାରିବେ। ଏଣୁ ଜାତି ଜନଗଣନା ହେଲେ କ'ଣ ଫଳାଫଳ ମିଳିବ ସେକଥା। ଜାତି ଜନଗଣନା ପରେ ହିଁ ଜଣାପଡିବ।

ଓଡ଼ିଶା
# ଭାସ୍କର ରାଜ୍ୟ ଖବର





ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଂଚ ସ୍ୱର୍ଗତ ରାଜ କିଶୋର ସ୍ୱାଇଁଙ୍କ ଏକବର୍ଷ ଅବସରରେ ଏକ ସ୍ମୃତି ଚାରଣ ସଭା ରଞ୍ଜନ କୁମାର ଜେନାଙ୍କ ସଭାପତିତ୍ୱରେ ନିଜ ଗ୍ରାମ ନିଶିମକାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡଚଣା ବିଧାୟକ ଅମର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥି, କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ଅଜୟ କୁମାର ସାମଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବଡଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ଧଳ, ପ୍ରସନ୍ନ କୁମାର ବିଶ୍ୱାଳ, ଦେବରାଜ ବେହେରା, ଅଧ୍ୟାପକ ବିଜୟ କୁମାର ସାମଲ, ସଲିଳ ରାଜ ନନ୍ଦନ ମହାନ୍ତି, ବିଭୂତି ଭୂଷଣ ଜେନା, ଅଟଳ ଜେନା, ବୃନ୍ଦା ବନ ରାଉତ, ସୁରେଶ ଚନ୍ଦ୍ର ସାହାଣୀ, ପୁଷ୍ପରାଜ ନାୟକ କ୍ଷିରୋଦ ସ୍ୱାଇଁ, ସଂଜୟ ସ୍ୱାଇଁ, ହେମନ୍ତ କୁମାର ସାମଲ, ଅନୁପା ନନ୍ଦ ଜେନା, ପ୍ରିୟବ୍ରତ ଖୁଲାର, ମୋହନ ଖୁଲାର, ଯୁଧିଷ୍ଠିର ସାହୁ, ମାନଗୋବିନ୍ଦ ଶେଠୀ, ଫକୀର ନାରାୟଣ ମିଶ୍ର, ପ୍ରଦୀପ୍ତ କୁମାର ଜେନା ପ୍ରମୁଖ ସ୍ୱର୍ଗତ ରାଜକିଶୋରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ।

## ବ୍ୟାସ ବିଷ୍ଣୁ ସ୍ନେହାଳୟ ଓ ବ୍ୟାସ ମନ୍ଦିର ଶିଳାନ୍ୟାସ କଲେ ମନ୍ତ୍ରୀ



ପାରାଦୀପ /କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନାଳିଆପାଳ ଗ୍ରାମରେ ବ୍ୟାସ ଫାଉଣ୍ଡେସନ ପକ୍ଷରୁ ଏକ ବ୍ୟାସ ବିଷ୍ଣୁ ସ୍ନେହାଳୟ ଓ ବ୍ୟାସ ମନ୍ଦିରର ଶିଳାନ୍ୟାସ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ କରକମଳରେ ଗୁରୁବାର ଉଦଘାଟିତ ହୋଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବରେଣ୍ୟ ମଞ୍ଚାସିନ ଅତିଥି ଭାବେ ଅବସର ପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୂର୍ଯ୍ୟରଞ୍ଜନ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଜୋନ ୨ କୁଜଙ୍ଗ, ରବିନାରାୟଣ ସାହୁ, ସରପଞ୍ଚ ଦିପ୍ତିରେଖା ଲେଙ୍କା, ଗାରେଇ ଗ୍ରାମ ପଞ୍ଚାୟତ ସମିତିସଭ୍ୟା ଦିପ୍ତିମୟୀ ପଣ୍ଡା, ପୋତାନଇ ଗ୍ରାମପଞ୍ଚାୟତ ସରପଞ୍ଚ ବ୍ରଜକିଶୋର ମହାରାଜ, ଆନ୍ତର୍ଜାତୀୟ ଗୀତା ମିଶନର ସଭାପତି ସ୍ୱାମୀ ଚିଦାନନ୍ଦ ଜି ମହାରାଜ, ସ୍ୱାମୀ ଶ୍ରୁତି ସାଗରାନନ୍ଦ ଜି ମହାରାଜ, ହେମନ୍ତ କୁମାର ରଥ, ଓଟିଭି ପ୍ରାର୍ଥନାର କାର୍ଯ୍ୟକାରୀ ପ୍ରଯୋଜକ ଅଭିନନ୍ଦନ ଦାସ, ବ୍ୟାସ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ହୋତା, ଭୂମିଦାତା ବିଷ୍ଣୁ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାସ ଫାଉଣ୍ଡେସନର ଅଧକ୍ଷ୍ୟା ସ୍ନେହମୟୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପଣ୍ଡିତ ଡ.ସିଦ୍ଧେଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପ୍ରକାଶଥାଉ କି ବ୍ୟାସ ଫାଉଣ୍ଡେସନର ଦୈନନ୍ଦିନ ସେବା କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ନାଳିଆପାଳ ଗ୍ରାମର ୮୪ ବର୍ଷ ବୟସ୍କ ବିଷ୍ଣୁ ଚରଣ ସ୍ୱାଇଁ ଏକ ବୃଦ୍ଧାଶ୍ରମ ଓ ବ୍ୟାସ ମନ୍ଦିର ନିମନ୍ତେ ଜମି ଦାନ କରିଥିଲେ। ଯଦି ବା ବୃଦ୍ଧାଶ୍ରମ ଭାରତୀୟ ସଂସ୍କୃତିର ପରିପନ୍ଥୀ ତଥାପି ଆଧୁନିକ ଶିକ୍ଷାଦୀକ୍ଷାରେ ଆମ ସାମାଜିକ ଚଳଣି ଓ ପରିବାର ପରିବେଶକୁ ଏତେ ମାତ୍ରାରେ କବଳିତ କରିସାରିଲାଣି ସେଥିପାଇଁ ଅଧିକାଂଶ ବାପାମାଆମାନେ ଅତିକ୍ରାନ୍ତ ବୟସରେ ଅଲୋଡ଼ା ହୋଇପଡୁଛନ୍ତି। ସହୃଦୟ ମନ୍ତ୍ରୀ ଏପରି ମହତ୍ କାର୍ଯ୍ୟ ପାଇଁ ସାମଗ୍ରିକ ଭାବେ ସାହାଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ମଞ୍ଚରେ ଅନୁପସ୍ଥିତ ସାଂସଦ ଡ ବିଭୁପ୍ରସାଦ ତରାଇ ତାଙ୍କ ବାର୍ତ୍ତା ମାଧ୍ୟମରେ ଉକ୍ତ ସମାଜ କଲ୍ୟାଣ କକ୍ଷରି କାର୍ଯ୍ୟ ପାଇଁ ୧୦ଲକ୍ଷ ଟଙ୍କାର ଅନୁଦାନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଯାହା ଶତାଧିକ ଆଧାତ୍ମିକପ୍ରେମୀ ବ୍ୟକ୍ତି ବିଶେଷଙ୍କୁ ଖୁସି କରିଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ର ବିବିଧ ସ୍ଥାନ ରୁ ପ୍ରାୟତଃ ୭୦୦ରୁ ଉର୍ଦ୍ଧ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଥିଲେ। ବ୍ୟାସ ଫାଉଣ୍ଡେସନ କର୍ମକର୍ତ୍ତା ରଶ୍ମିତା ନାୟକ, ଦେବେନ୍ଦ୍ର କୁମାର ମଲ୍ଲିକ, ଶରତ ଚନ୍ଦ୍ର ଦାଶ, ଯଶୋବନ୍ତ ରାଉତ, ରଂଜନ କୁମାର ପ୍ରଧାନ, ରମାକାନ୍ତ ରାଉଳ, ସଂଗ୍ରାମ ମନ୍ତ୍ରୀ, ସତ୍ୟପ୍ରିୟ ପଣ୍ଡା, ରଂଜନ ପ୍ରଧାନ, ମନୋଜ ପ୍ରଧାନ, ଆକାଶ ପ୍ରଧାନ ରାକେଶ କୁମାର ପଟ୍ଟନାୟକ, ନଗେନ୍ଦ୍ର ନାଥ ସ୍ୱାଇଁ, ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ, ଅକ୍ଷୟ କୁମାର ସାହୁ, ବିପିନ ମାଝୀ, ପ୍ରିତିମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ। ଏହି ଅବସରରେ ସଂଲଗ୍ନ ଅଞ୍ଚଳର ଦଶଜଣ ମୁରବୀ ସ୍ଥାନୀୟ ବ୍ୟକ୍ତିଙ୍କୁ ଉତ୍ତୋରୀୟ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳ ୭ରୁ ୧୧ଟା ପର୍ଯ୍ୟନ୍ତ ବେଦଜ୍ଞ ବ୍ରାହ୍ମଣ ମାନଙ୍କ ଦ୍ୱାରା ବାସ୍ତୁ ପୂଜା, ହୋମ, ଗୀତା ପାଠ କରାଯାଇଥିଲା। ବିଚିତ୍ର କୁମାର ସ୍ୱାଇଁ ସପତ୍ନିକ ସଂକଳ୍ପ ହୋଇ ଉକ୍ତ ଯଜ୍ଞ କର୍ମ ସମ୍ପାଦନ କରିଥିଲେ। ଶେଷରେ ଶାରଦା ପ୍ରସନ୍ନ ଦାସ ଧନ୍ୟବାଦ ଦେବା ପରେ ସଭା ସାଙ୍ଗ କରାଯାଇଥିଲା।

## ନିମାପଡ଼ାରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାରାଥନ୍ କାର୍ଯ୍ୟକ୍ରମ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ଗୁରୁବାର ଦିନ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅଙ୍ଗନୱାଡ଼ି ଗୃହ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀମତୀ ପରିଡ଼ା ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟକ କର୍ମକର୍ତ୍ତା ଓ ଜନସାଧାରଣ ଯୋଗ ଦେଇଥିବା ଜଣାପଡ଼ିଛି। ବିଜେପି ସରକାର ଶାସନକୁ ଆସିଲା ପରେ ଉପ-ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ବାଚନ ମଣ୍ଡଳୀରେ ଜନହିତକର କାର୍ଯ୍ୟ ଦିଗରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଯାହାଫଳରେ ନିର୍ବାଚନ ମଣ୍ଡଳୀରେ ବିକାଶ ହୋଇଥିବା ବେଳେ ଆଗକୁ ଆହୁରି ବିକାଶ ହେବ ବୋଲି ଶ୍ରୀମତି ପରିଡ଼ା କହିଛନ୍ତି। ସୂଚନା ଅନୁଯାୟୀ, ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ୍ ସଭାଗୃହରେ ଉତ୍ତର ବିଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ବରିଷ୍ଠ ସଂଗଠକ ଯତିନ୍ଦ୍ର ସ୍ୱାଇଁ, ନଗର ସଭାପତି ନିରଞ୍ଜନ ନାୟକ, ମାନଲତା ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ, ପୌର ଅଧ୍ୟକ୍ଷା ସସ୍ମିତା ସାହୁ ଯୋଗଦେଇଥିଲେ। ପରେ ଅରିଷଣ୍ଡ ଗ୍ରାମ ପଞ୍ଚାୟତ ବାମଦେଇପୁର ଓ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ନିକଟରେ ନିର୍ମାଣ ହୋଇଥିବା ଅଙ୍ଗନୱାଡ଼ି ଗୃହକୁ ଉପ-ମୁଖ୍ୟମନ୍ତ୍ରୀ ଉଦ୍ଘାଟନ କରିଥିବା ବେଳେ ନଗର ସଭାପତି ନିରଞ୍ଜନ ନାୟକ, ଅରିଷଣ୍ଡ ସରପଞ୍ଚ ଲିଜ୍ଞିଆ ସେଠୀ, ସମିତି ସଭ୍ୟ ସଂଯୁକ୍ତା ବେହେରା, ସାଂସଦ ପ୍ରତିନିଧି ମାନଲତା ମହାନ୍ତି ପ୍ରମୁଖ ଯୋଗ

### ୧୦ ମାସ ମଧ୍ୟରେ ୭୦୦ କୋଟି ଅନୁଦାନ

ଦେଇଥିଲେ। ସମୀକ୍ଷା ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିବା ବେଳେ ୧୬ ସ୍କୁଲର ଛାତ୍ରଛାତ୍ରୀ ୧-୧ ପାଇକରୁ ବଂଚିତ ହୋଇଥିବା ଘଟଣାକୁ ନେଇ ଉପ-ମୁଖ୍ୟମନ୍ତ୍ରୀ ଅସନ୍ତୋଷ ପ୍ରକଟ କରିଥିଲେ। ନିମାପଡ଼ା ଶହୀଦ ଭବନ ପରିସରରେ ଏକ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରାଯାଇଥିଲା। ଜିଲ୍ଲା କୃଷି ବିଭାଗ କାର୍ଯ୍ୟାଳୟକୁ ଉପ-ମୁଖ୍ୟମନ୍ତ୍ରୀ ଗସ୍ତ କରି ବିଭିନ୍ନ କାର୍ଯ୍ୟ ସଂପର୍କରେ ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ପରିଡ଼ା ବାମନାଳ ପଞ୍ଚାୟତକୁ ଗସ୍ତ କରି କୃଷକ ପରାମର୍ଶ କେନ୍ଦ୍ର ଗୃହ ଉଦ୍ଘାଟନ କରିଥିଲେ। ତେରୁଣ୍ଡିଆ ବନ୍ଦିତ ସାହିରୁ ଆଶାପୁରଣ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ, ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାଶି ପଞ୍ଚମ ଅର୍ଥ କମିଶନର ଯୋଜନାରେ ହେବ ବୋଲି ଜଣାପଡ଼ିଛି। ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଆହୁରି ଅନେକ ବିକାଶ ହେବ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୭ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ୧୦ ମାସ ମଧ୍ୟରେ ନିମାପଡ଼ା ବ୍ଲକକୁ ପ୍ରଦାନ କରାଯାଇଛି। ସବକଣ ଓ ରାଜରାଜେଶ୍ୱରୀରେ ଅଙ୍ଗନୱାଡ଼ି ଗୃହ କେନ୍ଦ୍ରର ଶୁଭ ଉଦ୍ଘାଟନ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସାଲେଇ ଛକରେ ଥିବା ତଡ଼ଙ୍ଗା ଗ୍ରାମରେ ଏକ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିବା ଜଣାପଡ଼ିଛି।

## ରୂପା ଓ ସୁନା ବେଶରେ ସଜେଇ ହେଲେ ମା' ତାରିଣୀ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ସହର ଗାନ୍ଧୀ ମନ୍ଦିର ରୋଡସ୍ଥିତ ମା'ତାରିଣୀଙ୍କ ୨୧ତମ ଜନ୍ମ ବାର୍ଷିକ ଉତ୍ସବର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଗତ ୧ ତାରିଖ ଦିନ ଅଙ୍କୁରା ରୋପଣ ହୋଇଥିବା ବେଳେ ୬ରେ ସ୍ଥାନୀୟ ବରଗାମ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କଳସ ଧାରଣ କରି ସହର ପରିକ୍ରମା ପୂର୍ବକ ମନ୍ଦିରରେ ସ୍ଥାପନ କରିଥିଲେ। ପ୍ରତ୍ୟେକ ଦିନ ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ମା'ଙ୍କୁ ନୂତନ ବସ୍ତ୍ର ପରିଧାନ ଓ ପୁଷ୍ପାଭରଣ ଅର୍ପଣ। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୁରୁଅଭିଷେକ, ଷୋଡଶ ଉପଚାର ପୂଜା, କଳସ ପୂଜା, ମଣ୍ଡଳ ପୂଜା, ଚଣ୍ଡୀ ପାଠ, ସପ୍ତଶତୀ ଆହୁତି ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ଅନ୍ତିମ ପୂର୍ଣ୍ଣାହୁତିରେ ରୂପା ମୁକୁଟ ଓ ସୁନା ଆଖି, ସୁନା ନୋଥ, ସୁନା ପାଟ ଓ ସୁନା ଚଟାରେ ସଜା ଯାଇଥିଲା। ଯଜ୍ଞ ପରେ ପୂର୍ଣ୍ଣାହୁତିରେ ବିଭିନ୍ନ ପ୍ରକାର ପିଠା, ମିଠା ଓ ଫଳ ଲାଗି କରାଯାଇଥିଲା। ମୁଖ୍ୟ ପୂଜକ ଲିଙ୍ଗରାଜ ପତି, ମନ୍ଦିର ପୂଜକ ଆପୁଲ ରଣା, କର୍ତ୍ତା ଭାବେ ଅଭିମନ୍ୟୁ ବେହେରା ଓ ନୀଳକଣ୍ଠ ଦୋରା ପୂଜାକୁ ସମ୍ପାଦନ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ମନ୍ମଥ ଦୋରା, ସଦସ୍ୟ କେଶବ ଚନ୍ଦ୍ର ବେହେରା, ଅଭିଜିତ୍ ମହାପାତ୍ର, ସଂବିତ୍ ପଟ୍ଟନାୟକ, ସୌମ୍ୟବ୍ରତ ପତି ଓ ପବିତ୍ର ମୋହନ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ଶିକ୍ଷା ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

ମେରାମଣ୍ଡଳୀ(ଭାସ୍କର ନ୍ୟୁଜ): ଶିକ୍ଷା ଭିତ୍ତିଭୂମିର ଉନ୍ନତିକରଣ ପାଇଁ ପୁରୁଣାକୋଟ ସରକାରୀ ନୋଡାଲ ୟୁପି ସ୍କୁଲରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ଦ୍ୱାରା ଦୁଇଟି ନବନିର୍ମିତ ଶ୍ରେଣୀଗୃହ ଲୋକାର୍ପିତ ହୋଇଛି। ଢେଙ୍କାନାଳର ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ହିନ୍ଦୋଳର ମାନ୍ୟବର ବିଧାୟିକା ସିମାରାଣୀ ନାୟକ ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଟାଟା ଷ୍ଟିଲ ମେରାମଣ୍ଡଳୀ କାରଖାନାର ଆଖପାଖ ଗାଁରୁ ବିଦ୍ୟାଳୟକୁ ଆସୁଥିବା ୨୦୩ ଛାତ୍ରଛାତ୍ରୀଙ୍କୁ ଏକ ଉନ୍ନତ ମାନର ଶିକ୍ଷ୍ୟଣୀୟ ପରିବେଶ ପ୍ରଦାନ କରିବା ହେଉଛି ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ। ବିଦ୍ୟାଳୟରେ ଅଧିକ ଛାତ୍ରଛାତ୍ରୀ ପଢିବା ପାଇଁ ଅତିରିକ୍ତ ଶ୍ରେଣୀଗୃହର ଆବଶ୍ୟକତାକୁ ପୂରଣ ତଥା ଦୀର୍ଘସ୍ଥାୟୀ ପଦକ୍ଷେପ ସୁନିଶ୍ଚିତ କରି ଟିଏସଏଫ ତରଫରୁ ନିର୍ମାଣ କାର୍ଯ୍ୟ କରାଯାଇଛି। ସ୍ୱଚ୍ଛ ଓ ସବୁଜ ଶକ୍ତିକୁ ପ୍ରୋତ୍ସାହିତ ପାଇଁ ଟିଏସଏଫର ୨ କିଲୋୱାଟ ସୋଲାର ଶକ୍ତି ସଂଯୋଗ କରାଯାଇଛି। ବିଦ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କୁ ବିଶୁଦ୍ଧ ପାନୀୟ ଜଳ ପାଇଁ ୱାଟର ପ୍ୟୁରିଫାୟର ଲଗାଯାଇଛି। ଏହାବ୍ୟତୀତ ଟାଟା ଷ୍ଟିଲ ଫାଉଣ୍ଡେସନ କ୍ରୀଡ଼ା ବିକାଶ, ଜଳ ସଂରକ୍ଷଣ ଏବଂ ଜନସ୍ୱାସ୍ଥ୍ୟ ହସ୍ତକ୍ଷେପ ସମେତ ବିଭିନ୍ନ ଗୋଷ୍ଠୀକେନ୍ଦ୍ରୀତ ପ୍ରୟାସରେ ସକ୍ରିୟ ଭାବେ ଜଡିତ ଅଛି। ସୂଚନାଯୋଗ୍ୟ, ଫାଉଣ୍ଡେସନ ପକ୍ଷରୁ ପାଇକ ପୁରୁଣାକୋଟ ୟୁପି ସ୍କୁଲରେ ଏକ ଭଲିବଲ୍ ପଡ଼ିଆ ପ୍ରତିଷ୍ଠା କରାଯାଇଛି, ଯେଉଁଠି ବହୁ ସ୍ଥାନୀୟ ପିଲା ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରରେ ଉତ୍କର୍ଷ ପ୍ରଦର୍ଶନ କରିଛନ୍ତି।

## ନିମାପଡ଼ାର ସମସ୍ୟା ଦୂର ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବିପତ୍ର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବଜାର ଭିତରେ ଭାରିଯାନ ଯାତାୟତ କାରଣରୁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ଉପୁଜୁଥିବା ବେଳେ ଜରୁରିକାଳୀନ ସେବା ଠପ୍ ହୋଇଯାଉଛି। ଲୋକମାନେ ଗୁରୁତର କାର୍ଯ୍ୟରେ ଯିବା ସମୟରେ ସମସ୍ୟା ଯୋଗୁ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛନ୍ତି। ଏପରି ସମସ୍ୟା ଦୀର୍ଘଦିନ ଲାଗି ରହିଥିବା ବେଳେ କେତେକ ବ୍ୟବସାୟୀ ବଡ଼ ବଜାରରେ ଘଣ୍ଟା ଘଣ୍ଟା ଧରି ଟ୍ରକ୍ ଛିଡ଼ା କରି ମାଲ୍ ଲୋଡ଼ ଓ ଅନ୍‌ଲୋଡ଼ ଦ୍ୱାରା ରାସ୍ତା ସଂକୁଚିତ ହୋଇ ସମସ୍ୟା ଦେଖାଦେଉଛି। ବାରମ୍ବାର ଘଟଣା ପ୍ରତି ଦୃଷ୍ଟି ଦେବାକୁ ପ୍ରଶାସନକୁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉନି। ଏନେଇ ନିମାପଡ଼ାର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ, ଯୁବବର୍ଗ ପୁରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସକାଳ ୬ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ନିମାପଡ଼ା ସହର ଭିତରକୁ ଭାରିଯାନ ଚଳାଚଳ ଉପରେ ନିଷେଧ କରାଯାଉ ବୋଲି ସଚେତନ ନାଗରିକ କହିଛନ୍ତି। ବଡ଼ ବଜାରରେ କେତେଜଣ ବ୍ୟକ୍ତି ରାସ୍ତାକୁ ମଡ଼ାଇ ଘର ବାରଣ୍ଡା ଓ ବ୍ୟବସାୟ ପ୍ରତିଷ୍ଠାନ କରୁ ଥିବାରୁ ରାସ୍ତା ସଂକୁଚିତ ହୋଇଯାଉଛି। ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଯଥାଶୀଘ୍ର ପୂର୍ଣ୍ଣାଙ୍ଗ କରାଯିବା ପାଇଁ ଦାବୀ ହୋଇଛି। ନିମାପଡ଼ା ପ୍ରତ୍ୟେକ ଛକ ମାନଙ୍କରେ ଟ୍ରାଫିକ୍ ବ୍ୟବସ୍ଥା ନିୟନ୍ତ୍ରଣ କରାଯିବା ସହ ମଦ୍ୟପାନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ, ରାସ୍ତା ଉପରେ ବେଆଇନ୍ ପାର୍କିଂ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ପାଇଁ ନିମାପଡ଼ାର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଯୁବବର୍ଗ ଦାବି କରିଛନ୍ତି।

## ଲୁଟ୍ ସୁନା ଅଳଙ୍କାର ଜବତ, ଲୁଟେରା ଗିରଫ



କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅଧିନ ଚଟୁଆ ପଞ୍ଚାୟତ ଜନାର୍ଦ୍ଦନପୁର ଗ୍ରାମର ସାବିତ୍ରୀ ପ୍ରଧାନଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା କୁଜଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ଜନାର୍ଦ୍ଦନ ଜନାର୍ଦ୍ଦନପୁର ଗ୍ରାମର ସାବିତ୍ରୀ ପ୍ରଧାନଙ୍କ ସ୍ୱାମୀ ଗତ ୧ତାରିଖ ଦିନ ତାଙ୍କ କଟକ ସ୍ଥିତ ଘରକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ କେହି ଦୁର୍ବୁତ୍ତମାନେ ଛାତ ଉପର ସିଡି ଘର କବାଟ ଭାଙ୍ଗି ଘର ଭିତରକୁ ପଶି ଗଡରେଜରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି କରି ନେଇଯାଇଥିଲେ। ଥାନାରେ ଅଭିଯୋଗ ଅନୁସାରେ ସୁନାର ମୂଲ୍ୟ ପାଖାପାଖି ଷୋଳ ଲକ୍ଷ ଟଙ୍କା ବୋଲି ଅଭିଯୋଗ ହୋଇଛି। ଅଭିଯୋଗ କାରିଣୀ ସାବିତ୍ରୀ ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତି କରି କୁଜଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଶନିବାର ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ମାଧ୍ୟମରେ ତଦନ୍ତ କରିବା ସହ କୁଜଙ୍ଗ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚକରି ଯୋଜନା ଅନୁସାରେ ଚୋରି ହୋଇଥିବା ସୁନା ଅଳଙ୍କାର ସହିତ ଲୁଟାରାଙ୍କୁ କାବୁ କରିଥିବାରୁ ଏକ ସାମ୍ବାଦିକ ସମ୍ମିଳନୀ କୁଜଙ୍ଗ ଥାନାରେ ତିର୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ଡାକିଥିଲେ। ଲୁଟେରାଙ୍କ ପାଖରୁ ଜବତ ହୋଇଥିବା ଚୋରି ସାମଗ୍ରୀ ସେଗୁଡିକ ହେଲା ସୁନା ପାତ ଦୁଇଟି, ବାହୁଡ଼ି ଏକ ହଳ, କାନଫୁଲ ଛଅହଳ, ସୁନାମିଦି ଏକଟି, ସୁନା ପଦକ ଏକଟି, କାନ ରିଙ୍ଗ ଏକ ହଳ, ଶଂଖା ଏକ ହଳ, ନଗଦ ୨୧ ହଜାର ୫ସହ ଟଙ୍କା ସହିତ ଚୋରିରେ ବ୍ୟବହୃତ ହୋଇଥିବା ଏକ ମାରୁତି ଅଲଟ୍ଟୋଗାଡି, ତିନୋଟି ମଟର ସାଇକେଲ ଓ ଚାରିଗୋଟି ମୋବାଇଲ ଜବତ ହୋଇଥିବା ଏସ୍‌ଡିପିଓ ଶ୍ରୀ ରାଉତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଚୋରି ହୋଇଥିବା ଅନ୍ୟ ସାମଗ୍ରୀକୁ ଉଦ୍ଧାର କରିବା ପାଇଁ ପୋଲିସ ଅନୁସନ୍ଧାନ ଜାରି ରଖିଛି। ଅଭିଯୁକ୍ତ ଦେବପ୍ରକାଶ ମହାପାତ୍ର, ହେମନ୍ତ କୁମାର ଜେନା, ମିଟୁ ଗୋଛାୟତ ଓ ଚୋରି ସାମଗ୍ରୀ ଗ୍ରହଣ କରିଥିବା ସୁକାନ୍ତ ଜେନା ଓ ବଂଶୀଧର ଗୋଛାୟତଙ୍କୁ ବିଭାଗୀୟ ହାଜତକୁ ପଠାଯାଇଛି। ଅଦାଲତରେ କିଛି ଫଇସଲା ନହେବାରୁ ସମସ୍ତ ଅଭିଯୋଗୀକାରିଙ୍କୁ ସମାଗଳ ଉପାକାରାଗାରକୁ ପଠାଇ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ତିର୍ତୋଲ ଏସ୍ ଡିପିଓ ଚିନ୍ମୟ ରାଉତଙ୍କ ସହିତ କୁଜଙ୍ଗ ଥାନା ଆଇଆଇସି ବଂଶୀଧର ପ୍ରଧାନ ଓ ସବ୍ ଇନସ୍ପେକ୍ଟର ଅନୀଲ କୁମାର ସାହୁ ଉପସ୍ଥିତ ଥିଲେ।

## ଜଙ୍ଗଲ ଲୁଟ୍ ସହ ଲକ୍ଷାଧିକ ଟଙ୍କାର ଗଛ କଟା ଅଭିଯୋଗ

ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ରାଜନଗର ବନଖଣ୍ଡ କାର୍ଯ୍ୟାଳୟରେ ଥିବା ସ୍ଥାନୀୟ ବାସିନ୍ଦା କର୍ମଚାରୀ ଓ ଫରେଷ୍ଟରଙ୍କ ପ୍ରୋତ୍ସାହନରେ ଜଙ୍ଗଲରୁ, ରାସ୍ତାକଡରୁ, ରାଜନଗର କଲେଜ,ଏବଂ ଟୋଲରୁ ଲକ୍ଷଲକ୍ଷ ଟଙ୍କାର ମୋଟା ଗଛ କଟା ଯାଇ ବାହାରକୁ ଚାଲାଣ ହେଉଛି। ଏନେଇ ରାଜନଗର ରେଞ୍ଜର ଅବଗତ ନଥିଲେ ମଧ୍ୟ କାଠ ବେପାରୀଙ୍କ ସହ ସ୍ଥାନୀୟ ବାସିନ୍ଦା ଓ ଫରେଷ୍ଟର ସଲାସୁତରା କରି ନିରବ ରହୁଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ରାଜନଗର ସଂସ୍କୃତ ଟୋଲ ଓ ମହାବିଦ୍ୟାଳୟ ପରିସରରୁ ବିରାଟ ବିରାଟ ଚାକୁଣ୍ଡା, ଓସ୍ତ, ଓ କୃଷ୍ଣଚୁଡା ଗଛକୁ କାଟି ଲକ୍ଷାଧିକ ଟଙ୍କାର ବିକ୍ରୀ ହୋଇଥିବା ଅଭିଯୋଗ ହୋଇଛି। ବନବିଭାଗ ଓ ତହସିଲଦାରଙ୍କ ବିନା ଅନୁମତିରେ ହତାମଧ୍ୟରୁ ଗଛ କାଟି ଟ୍ରାକ୍ଟର ଦ୍ୱାରା ବାହାରକୁ ଚାଲାଣ ହୋଇଥିବା ଅଭିଯୋଗ ଆଧାରରେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ହେଲେ ସେଥିରେ କୌଣସି ପଦକ୍ଷେପ ନିଆଯାଇନଥିବା ବେଳେ କିଛିଦିନ ପରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରୁ ଇଉକାଲ ପଟାଶ, ଆକାଶୀ, ଭଳି ପୁରୁଣା ମୂଲ୍ୟବାନ ଗଛ କଟାଯାଇଥିଲେ ବି ବନ ବିଭାଗ ଆଖି ବୁଜି ଦେଇଛି। ଏଠାରେ ପ୍ରଶ୍ନ ଉଠୁଛି କାହା ଅନୁମତିରେ କଲେଜ କର୍ତ୍ତୃପକ୍ଷ ଏହି ଗଛ କାଟିବା ପଛରେ କି ସ୍ୱାର୍ଥ ରହିଛି। ଗଛ କାଟିବା ପୂର୍ବରୁ ତହସିଲ ଓ ବନବିଭାଗର ମିଳିତ ତଦନ୍ତ ପରେ ବନବିଭାଗ ଠାରୁ ଅନୁମତି ପାଇବା ପରେ ଗଛ କଟାଯିବା ନିୟମ ରହିଛି। ହେଲେ ସବୁ ଜାଣି ବନବିଭାଗ ଆଖି ବୁଜିଦେଉଥିବା ଅଭିଯୋଗ ହେଉଛି। ଏନେଇ ରାଜନଗର ରେଞ୍ଜରଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ସ୍ଥାନୀୟ ବାସିନ୍ଦା ତଥା ଦୀର୍ଘଦିନ ଥିବା ଫରେଷ୍ଟର ବିଜୟ ପାତ୍ର କହିଛନ୍ତି ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ବାହୁଲା ଗଛ କଟା ଯାଇଥିଲା ଏନେଇ ମୁଁ ରେଞ୍ଜରଙ୍କୁ ରିପୋର୍ଟ କରିଛି। ହେଲେ କଟା ହୋଇଥିବା ଇଉକାଲ ପଟାସ ଗଛ ଗଲା କୁଆଡେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଟୋଲରୁ ଚାକୁଣ୍ଡା ଗଛ କାଟି ଟ୍ରାକ୍ଟରରେ ବୁହାହୋଇ ଯାଉଥିବା ବନବିଭାଗକୁ ଅବଗତ କରାଇବା ସହ ଏପ୍ରିଲ ୧ରେ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା ଏବଂ ସେହି ନିଉଜ୍ ପେପରର କଟିଂ ଫରେଷ୍ଟର ବିଜୟ ପାତ୍ରଙ୍କଠାରୁ ଆରମ୍ଭ କରି ଡିଭିଜନର ଫରେଷ୍ଟର ଓ ରେଞ୍ଜରଙ୍କୁ ହ୍ୱାଟସ୍ ଆପ୍‌ରେ ପଠାଯାଇଥିଲା। ହେଲେ ବିଜୟ ବାବୁ ଅପ୍ରେଲ ୨ରେ ନିଉଜ ଦେଖିଥିଲେ ମଧ୍ୟ ଟୋଲରୁ ଗଛକଟା ଯାଇଥିବା ଜାଣିନାହାଁନ୍ତି ବୋଲି ସଫେଇ ଦେବା ହାସ୍ୟାସ୍ପଦ। ତେଣୁ ଫରେଷ୍ଟରଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ଫରେଷ୍ଟରଙ୍କ ନିଜ ଘର ରାଜନଗର ରେଞ୍ଜ ଅଫିସ ଠାରୁ ମାତ୍ର ୪କିମି ଦୂରତା ହୋଇଥିଲେ ବି ଦୀର୍ଘଦିନ ହେବ ରାଜନଗର ବ୍ଲକ ଅଞ୍ଚଳରେ ବନ ବିଭାଗର ରହି ଆସୁଥିବାରୁ ସବୁ କ୍ଷେତ୍ରରେ ଅନୀୟମିତ କାର୍ଯ୍ୟକୁ ପ୍ରଶ୍ରୟ ଦେଇ ଭଲ ରୋଜଗାର ଯୋଗାଉଥିବାରୁ ଉଚ୍ଚ ପଦସ୍ଥ ଅଧିକାରୀମାନେ ପାଟି ବନ୍ଦ କରି ରହିବାକୁ ବାଧ୍ୟ ହେଉଛନ୍ତି। ଯଦି ଏଥିପ୍ରତି ଗୁରୁତ୍ୱ ଦିଆନଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଏନେଇ ଅଞ୍ଚଳର ସମାଜସେବୀ ଓ ଜନସାଧାରଣ ସିସିଏଫଙ୍କ ଠାରେ ଅଭିଯୋଗ କରିବେ ବୋଲି ଚେତାବନି ଦେଇଛନ୍ତି।

## ବାଇକ୍ ଡିକି ଭାଙ୍ଗି ୫୫ ହଜାର ଲୁଟ୍



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ମୁଖ୍ୟ ବଜାର ରାସ୍ତାରୁ ଗୁରୁବାର ଦିବ୍ୟସିଂହପୁର ଗାଁର ତଥା ମହାନାଦପୁର୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ନୀଳକଣ୍ଠ ଶତପଥୀଙ୍କ ବାଇକ ଡିକି ଭାଙ୍ଗି ୫୫ ହଜାର ଟଙ୍କା ଲୁଟ ହୋଇଛି। ସେ ଛତ୍ରପୁର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବଜାର ଶାଖାରୁ ୫୫ ହଜାର ଟଙ୍କା ଉଠାଇଥିଲେ। ଉକ୍ତ ଟଙ୍କା ବ୍ୟାଗରେ ଭର୍ତ୍ତି କରି ନିଜ ବାଇକ (ଓଡ଼ି ୦୭ ଏଭି ୭୧୧୪) ଡିକିରେ ରଖିଥିଲେ। ପରେ ବ୍ୟାଙ୍କ ଠାରୁ କିଛି ଦୂରରେ ଥିବା ଏକ କସ୍ମେଟିକ୍ ଦୋକାନ ଆଗରେ ବାଇକକୁ ରଖି ସେ କିଛି କିଣି ଆସି ଦେଖିବାବେଳେ ବାଇକର ଡିକି ଭଙ୍ଗାଯାଇ ଉକ୍ତ ୫୫ ହଜାର ଟଙ୍କା ନଥିବା ସେ ଦେଖିବାକୁ ପାଇଥିଲେ। ଶିକ୍ଷକ ଜଣଙ୍କ ଉଠାଇଥିବା ଉକ୍ତ ଟଙ୍କା ସୋସାଇଟିରୁ ନେଇଥିବା ଋଣ ବାବଦରେ ପୈଠ କରିଥାନ୍ତେ ବୋଲି ସେ କହିଛନ୍ତି। ପରେ ସେ ଏ ସଂପର୍କରେ ଛତ୍ରପୁର ଥାନାରେ ଲିଖିତ ଏତଲା ଦେଇଥିଲେ। ଛତ୍ରପୁର ଥାନା ଏସଆଇ ବିନୟ କୁମାର ଦାଶ ପୋଲିସ ଟିମ୍ ନେଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଟିମ ବ୍ୟାଙ୍କକୁ ଯାଇ ମ୍ୟାନେଜର ସହ ଆଲୋଚନା କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଏଥିସହ ଲୁଟ୍ ଘଟଣା ସ୍ଥଳ ନିକଟରେ ଥିବା ବିଭିନ୍ନ ଦୋକାନର ମଧ୍ୟ ସିସିଟିଭି ଫୁଟେଜ୍‌କୁ ପୋଲିସ ଯାଞ୍ଚ କରିଥିଲେ ୪ ଜଣ ଦୃର୍ବୃତ୍ତ ୨ଟି ବାଇକ୍‌ରେ ଆସି ଏହି ଘଟଣା ଘଟାଇଥିବା ସିସିଟିଭି ଫୁଟେଜରୁ ଅନୁମାନ କରାଯାଉଛି।

**ଭଗବାନଙ୍କ ଭରସାରେ ପାରାଦୀପ ଟ୍ରାଫିକ୍ ବ୍ୟବସ୍ଥା**

## ଦୁର୍ଘଟଣାରେ ଗଲା ଆଉ ଏକ ନିରୀହ ଜୀବନ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପର ଅଠରବାଙ୍କିରୁ ଦୋଛକି ମୁଖ୍ୟ ରାଜରାସ୍ତାରେ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ଭଗବାନଙ୍କ ଭରଷାରେ ଟ୍ରାଫିକ ବ୍ୟବସ୍ଥା ଚାଲୁଥିବା ପରି ଲାଗୁଛି। ଏ ବାବଦରେ ପ୍ରଶାସନ ପକ୍ଷରୁ ବାରମ୍ବାର ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବୈଠକ ମାନ ଚାଲୁଥିବା ବେଳେ ତାହା କେବଳ ଆଲୋଚନାରେ ସୀମିତ ରହୁଥିବା ଦେଖିବାକୁ ମିଳୁଛି। ଏପରି ଏକ ଘଟଣାରେ ପାରାଦୀପ ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ରାଜରାସ୍ତାରେ ଏକ ବସ ଦୁର୍ଘଟଣାରେ ଜଣେ ନିରୀହ ଯୁବକର ମୃତ୍ୟୁ ଘଟିଛି। ଖବରରୁ ପ୍ରକାଶ ଗୁରୁବାର ମଧ୍ୟାହ୍ନରେ ପାରାଦୀପରେ ଅସ୍ଥାୟୀ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ମୟୁରଭଞ୍ଜ ଅଞ୍ଚଳର ଅଜିତ କୁମାର ହେମ୍ବ୍ରମ (୩୮) ଡ୍ୟୁଟି ସରି ନିଜ ମଟର ସାଇକେଲରେ ଘରକୁ ଫେରୁଥିବା ବେଳେ ଏକ ଘରୋଇ ବସ ଅନ୍ନପୂର୍ଣ୍ଣା ନମ୍ବର ଓଡି୦୫ବି୍ୱାଇ୦୭୭୮ ଜୋରରେ ଧକ୍କା ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସେଠାରେ ଉତ୍ତେଜନା ସୃଷ୍ଟି ହୋଇ ଲୋକମାନେ କିଛି ସମୟ ରାସ୍ତା ବନ୍ଦ କରି କ୍ଷତିପୂରଣ ଦାବି କରିଥିବା ବେଳେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଖବର ପାଇ ପାରାଦୀପ ଆଦର୍ଶ ଥାନା ପୋଲିସ ପହଞ୍ଚି ରାସ୍ତା ଜାମ ହଟାଇବା ସହସବ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଇ ସମ୍ପୃକ୍ତ ଦୁର୍ଘଟଣା ଘଟାଇଥିବା ବସ ଓ ମଟର ସାଇକେଲକୁ ଜବତ କରି ଅନୁସନ୍ଧାନ ଜାରି ରଖିଥିବା ଜଣାପଡିଛି।

## ରୋଷେଇରୁ ନିଆଁ ଲାଗି ଘର ଧ୍ୱଂସ: ଅଳ୍ପକେ ବର୍ତ୍ତିଲେ ପରିବାର



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସର୍ଦ୍ଦାରବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କଂଗ୍ରେସ ନେତା ସ୍ୱର୍ଗତ ମନିନ୍ଦ୍ର ମହନ୍ତଙ୍କ ସାନ ପୁଅ ହିତେଶ୍ୱର ମହନ୍ତଙ୍କ ସ୍ତ୍ରୀ ରୋଷେଇ କରୁଥିବା ସମୟରେ ହଠାତ ରୋଷେଇ ଘରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗି ଯିବା ଫଳରେ ଘରର ଯାବତୀୟ ଜିନିଷପତ୍ର ପୋଡ଼ିଯିବା ସଙ୍ଗେ ସଙ୍ଗେ ମୋବାଇଲ, ଗହଣା ଗାଣ୍ଠି, ଧାନ ଚାଉଳ ତଥା ବିଭିନ୍ନ ଆସବାବପତ୍ର ପୋଡ଼ି ଧ୍ୱଂସ ହୋଇ ଯାଇଛି। ଅଳ୍ପକେ ବର୍ତ୍ତିଲେ ତାଙ୍କର ସ୍ତ୍ରୀ ଓ ଦୁଇଜଣ ପିଲା। ଘରେ ନିଆଁ ଜଳୁଥିବା ସମୟରେ ଘର ଭିତରେ ଥିବା ପିଲା ଓ ମାଆଙ୍କୁ ଗାଁ ଲୋକଙ୍କ ସହାୟତରେ ବାହାରକୁ ବାହାର କରାଯାଇଥିଲା। ପିଲା ଓ ମାଆର ଦେହରେ ପିନ୍ଧିଥିବା ଲୁଗାରେ ନିଆଁ ଲାଗି ଯାଇ ଥିବାରୁ ଦେହର କିଛି ଅଂଶ ପୋଡ଼ି ଯାଇଥିଲା। ଘର ପୋଡ଼ି ଯିବା ପରେ ପ୍ରଶାସନ ତରଫରୁ ତଦନ୍ତ ହୋଇପାରି ନ ଥିବାବେଳେ ଜଳେଶ୍ୱର ବିଜେଡି ସଭାପତି ଦିଲ୍ଲୀପ କୁମାର ସାମଲ ଉକ୍ତ ପରିବାର ପାଇଁ କ୍ଷତି ପୂରଣ ଦାବି କରିଛନ୍ତି।

**ସୁଭଦ୍ରା ଯୋଜନା ଦିଗହରା**

## ସହାୟତା ରାଶି ପାଇବାରୁ ବଞ୍ଚିତ ବହୁ ମହିଳା

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକରେ ଦିଗହରା ହୋଇଥିବା ଅଭିଯୋଗ ହୋଇଛି। ବହୁ ଗରିବ ଅସହାୟ ମହିଳା ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଭାଜପାର ଡବଲ ଇଞ୍ଜିନ ସରକାର କ୍ଷମତାସୀନ ହେବା ପରେ ରାଜ୍ୟରେ ମହିଳାଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ। ଘରେ ନପଶୁଣୁ ଚାଳ ବାଜିବା ନ୍ୟାୟରେ ଯୋଜନାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁ ଅଯୋଗ୍ୟ ହିତାଧିକାରୀ ଆଇନର ଗଳାବାଟ ଦେଇ ୨ଟି କିସ୍ତି ହାତେଇଥିବା ବେଳେ ଯୋଗ୍ୟ ହିତାଧିକାରୀ ବାରମ୍ବାର ସରକାରୀ ଦପ୍ତରକୁ ଧାଇଁ ଧାଇଁ ନିରାଶ ହୋଇଛନ୍ତି। ଅଭିଯୋଗ ଦିଆଯାଇଥିଲେ ମଧ୍ୟ କୌଣସି ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଜଣେ ଗରିବ ଶିକ୍ଷିତ ମହିଳା ଯୋଜନାର ସମସ୍ତ ମାନଦଣ୍ଡ ପୂରଣ କରୁଥିବା ବେଳେ ଯୋଜନାରୁ ବାଦ ପଡିଛନ୍ତି। ଏଭଳି ଏକ ନଜିର ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମାରେ। ନିଶ୍ଚିନ୍ତକୋଇଲି ପଂଚାୟତ ୭ନଂ ୱାର୍ଡର ସରସ୍ୱତୀ ଭୂୟାଁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଥିଲେ। ସେ ରାସନ କାର୍ଡଧାରୀ ହୋଇଥିଲା ବେଳେ ସ୍ୱାମୀ ଗାଡିଚାଳକ ରୂପେ କାର୍ଯ୍ୟ କରନ୍ତି। ଉଭୟ ସ୍ୱାମୀ ସ୍ତ୍ରୀ ଶ୍ରମକାର୍ଡ ଧାରୀ ମଧ୍ୟ ଅଟନ୍ତି। ସରସ୍ୱତୀ ସୁଭଦ୍ରା ଯୋଜନାରୁ ସହାୟତା ପାଇ ସ୍ୱାବଲମ୍ବୀ ହେବେ ବୋଲି ବିଚାର କରୁଥିବା ବେଳେ ଦୀର୍ଘ ଦିନ ହେବ ସେ ଆବେଦନ କରୁଥିଲେ ମଧ୍ୟ ସେ ଅଦ୍ୟାବଧି କୌଣସି ସୁଫଳ ପାଇପାରୁନାହାନ୍ତି। ଅନଲାଇନରେ ତନଖି କରିବାରୁ ୪ଚକିଆ ଯାନ ଥିବା ଜାଣିବାକୁ ମିଳିଥିଲା। କିନ୍ତୁ ତାଙ୍କ ପରିବାରର କୌଣସି ସଦସ୍ୟଙ୍କ ନାମରେ ୪ଚକିଆ ଯାନ ନଥିବା ସେ ଗ୍ରୀଭାନ୍ସରେ ଦେବା ସହ ସିଡିପିଓଙ୍କ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇଥିଲେ। ତେବେ ସୁଭଦ୍ରାର ଶେଷ କିସ୍ତି ମିଳିସାରିଥିବା ବେଳେ ଯୋଗ୍ୟ ହିତାଧିକାରୀ ତାଲିକାରେ ଅଦ୍ୟାବଧି ସେ ସାମିଲ ହୋଇପାରିନାହନ୍ତି କିମ୍ବା କୌଣସି ସହାୟତା ମିଳିପାରିନାହିଁ। କେବଳ ସରସ୍ୱତୀ ନୁହେଁ ବ୍ଲକର ୪୧ ପଞ୍ଚାୟତରେ ଶତାଧିକ ମହିଳା ଅଯୋଗ୍ୟ ତାଲିକାରେ ଥିଲେ ହେଁ ଦେଇଥିବା ଗ୍ରୀଭାନ୍ସର ସୁବିଚାର କରାଯାଇନାହିଁ। ଏ ସମ୍ପର୍କରେ ସିଡିପିଓ ସତ୍ୟଭାମା ବିଶୋଇଙ୍କୁ ପଚାରିବାରୁ ସେ ଅଯୋଗ୍ୟ ତାଲିକାର ସମାଧାନ ପାଇଁ ୱେବ୍‌ସାଇଟ୍‌ରେ କୌଣସି ବ୍ୟବସ୍ଥା ନାହିଁ। ସରକାର ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଜାରିକଲେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ସୂଚନାଥାଉ କି ସରକାର ଯୋଜନା ପରେ ଯୋଜନା କରୁଥିଲେ ମହିଳାଙ୍କ ପାଇଁ ଏହି ଯୋଜନା ଦିନକୁ ଦିନ ଦିଗହରା ହେବାରେ ଲାଗିଛି। ତରୁନ୍ତ ସରକାର ଏନେଇ ସ୍ପଷ୍ଟିକରଣ ରଖିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ ପାଇଁ ପରିବାର ସ୍ୱେଚ୍ଛାସେବୀ ସଙ୍ଗଠନର ସଭାପତି ବଲ୍ଲଭ ଚରଣ ପଲେଇ ଦାବି କରିଛନ୍ତି।

**କାଳ ସାଜୁଛି କାଳବୈଶାଖୀ**

## ଡିବି ପାଇଁ ମିଳୁନି କିରୋସିନି, ବିଦ୍ୟୁତ୍ କଟିଲେ ଗାଁ ଅନ୍ଧାର



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଆକାଶରେ ମେଘ ଢାଙ୍କିବା ହେଉ କି କାଳବୈଶାଖୀ ଆସିଲେ ହେଉଛି ବିଦ୍ୟୁତକାଟ। ପୁରୀ ଜିଲ୍ଲା ଅସ୍ତରଙ୍ଗରେ କିଛି ଘଣ୍ଟା ବିଦ୍ୟୁତ କାଟ ହେଉଥିବା ବେଳେ ବ୍ଲକର ଅନେକ ଗ୍ରାମରେ ସ୍ଥିତି ସଙ୍ଗିନୀ। ବିଦ୍ୟୁତ ଯାଉଛି ଯେ ଯାଉଛି। କେତେବେଳେ ବିଦ୍ୟୁତ ଆସିବ ସେ ନେଇ କାହାରି ନିକଟରେ ଉତ୍ତର ରହୁନି। ଏପରିକି ୪ରୁ ୫ଘଣ୍ଟା ଧରି ବିଦ୍ୟୁତ ସେବା ବିଚ୍ଛିନ୍ନ ହୋଇ ରହୁଛି। ଫଳରେ ଅସ୍ତରଙ୍ଗ ବ୍ଲକର କିଛି ଗାଁରେ ଲୋକେ ନାହିଁନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବଡ଼ କଥା ହେଲା କାଳବୈଶାଖୀ ସମୟରେ କିରୋସିନ ଟିକିଏ ସାତ ସପନ ପାଲଟିଛି। ଫଳରେ ବେଳ ବୁଡିଗଲେ ଜଙ୍ଗଲୀ ହିଂସ୍ରଜନ୍ତୁ ଙ୍କ ଭୟ ରହୁଥିବା ବେଳେ ଅସ୍ତରଙ୍ଗ ବ୍ଲକର ଅନେକ ଗ୍ରାମ କାଳବୈଶାଖୀ ସମୟରେ ଅନ୍ଧକାର ହୋଇ ରହୁଛି। ଅନ୍ୟ ପାର୍ଶ୍ୱରେ, ସରକାର ଲୋକଙ୍କ ମୌଳିକ ସୁବିଧା ସୁଯୋଗକୁ ଦୃଷ୍ଟିରେ ରଖି ସୁଲଭ ମୂଲ୍ୟରେ କିରୋସିନି ଯୋଗାଣ କରୁଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପ୍ରାୟ ୧ ବର୍ଷରୁ ଉର୍ଦ୍ଧ ସମୟ ଧରି କିରୋସିନି ଯୋଗାଣ ବନ୍ଦ ହୋଇ ପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସମସ୍ୟା ବଢୁଛି। ଏଭଳି ସ୍ଥିତିରେ କାଳ ବୈଶାଖୀ ପାଇଁ ଅଧିକାଂଶ ସମୟ ବିଦ୍ୟୁତ ସଂଯୋଗ ରହୁନାହିଁ। ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ବିଦ୍ୟୁତ ଖୁଣ୍ଟ ଓ ତାର ନଷ୍ଟ ହେଉଥିବା କହି ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ କରାଯାଉଛି। ଫଳରେ ଅସ୍ତରଙ୍ଗ ଅଞ୍ଚଳର ଗ୍ରାମାଞ୍ଚଳ ଲୋକେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଧିବାସୀ କହିବା ଅନୁଯାୟୀ, ପୂର୍ବରୁ କିରୋସିନି ମିଳୁଥିଲା। ଦର ଅଧିକ ହେଲେ ମଧ୍ୟ ରାତି ଅନ୍ଧାରେ ଚଳିବା ପାଇଁ କିରୋସିନି ଆଣିବାକୁ ପଡୁଥିଲା। ମାତ୍ର କିରୋସିନି ଯୋଗାଣ ବନ୍ଦ ହେବା ପରେ ଏବେ ଆଉ କୌଣସି ଉପାୟ ନାହିଁ। ବିଦ୍ୟୁତ କଟିଗଲେ ଅନ୍ଧାରରେ ରହିବାକୁ ପଡୁଛି। କାଳବୈଶାଖୀ ସମୟରେ ସଞ୍ଜ ନଇଁଲେ ଗାଁ ଗୁଡିକରେ ଟାଟି କବାଟ ପଡିବା ସହ କୋକୁଆ ଭୟ ସୃଷ୍ଟି ହେଉଛି। ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ବିଦ୍ୟୁତ ସଂଯୋଗ ସମ୍ପର୍କରେ ଜାଣିବାକୁ ହେଲେ ସାଧାରଣ ଲୋକେ ଜାଣି ପାରୁନାହାନ୍ତି। କୌଣସି ଜରୁରୀ ସମୟରେ ଯୋଗାଯୋଗ କରିବା ହେଉକି ରାତି ଅନ୍ଧାରରେ ଘରୁ ବାହାରିବା ସମ୍ଭବ ହେଉନାହିଁ। କିରୋସିନି ଯୋଗାଣ ପ୍ରତି ସରକାର ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଅଞ୍ଚଳ ବାସୀ ଦାବୀ କରିଛନ୍ତି।



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ସ୍ୱାଭିମାନ ଅଞ୍ଚଳର ଜୋଡାମ୍ବ ପଞ୍ଚାୟତର ଜେନ୍ଦୁଗୁଡା ଗ୍ରାମର ତ୍ରିନାଥ ପାଙ୍ଗି ଆଜକୁ ପ୍ରାୟ ମାସେ ହେବ ନିଖୋଜ ଥିଲେ। ସେ ମାନସିକ ଦୁର୍ବଳତା ଯୋଗୁଁ ନିଜେ ନିଜର କୌଣସି ଠିକଣା ଜାଣି ନପାରି ଘର ପରିବାର ଲୋକଙ୍କୁ ଭୁଲି ଯାଇ ବାହାରେ ଅନ୍ୟଗ୍ରାମରେ ଯାଇ ନିଜ ଗାଁ ଓ ଘରର ଠିକଣା ସେ ନିଜେ ନ ଜାଣି ପାରୁନଥିଲେ। ଏ ବିଷୟରେ ଖବର ପାଇ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ମାଥିଲି ବ୍ଲକ ବିଜେଡି ସଭାପତି ସଦାଶିବ ପୂଜାରୀ, ପ୍ରଥମେ କମାଲପାଲ୍ଲୀର କୁଲଦୀପ ସଗରିଆଙ୍କ ସହ ଫୋନ ଯୋଗେ ବାର୍ତ୍ତାଳାପ କରି ଯୋଗାଯୋଗ କରିଥିବାରୁ, ନିଖୋଜ ତ୍ରିନାଥ ପାଙ୍ଗିଙ୍କ ସନ୍ଧାନ ଛତିଶଗଡ଼ ସୀମା ପୁଷ୍ପାଲ୍ଲୀରେ ଥିବାର ଖବର ପାଇଥିଲେ ଏବଂ ବରିଷ୍ଠ ସମାଜସେବୀ ତଥା ମାଥିଲି ବ୍ଲକ ବିଜେଡି ସଭାପତି ସଦାଶିବ ପୂଜାରୀ ଭକ୍ତ ଗ୍ରାମକୁ ଯାଇ ନିଖୋଜ ତ୍ରିନାଥ ପାଙ୍ଗିଙ୍କୁ ଉଦ୍ଧାର କରିଥିଲେ। ଏଥିରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଜେଡି ସଭାପତି ରାମଚନ୍ଦ୍ର ଗୋଲେଇଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରି ଏକାଠି ହୋଇଥିଲେ। ଖଇରପୁଟ ବ୍ଲକ ସଭାପତି ସାଧୁ ହନ୍ତାଲ, କୁମୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଡ଼ି, ପିତାମ୍ବର ଖେମୁଡୁ, ମାଥିଲି ବ୍ଲକ ଡାଇଭ ମେଡି, ଗ୍ରାମପଞ୍ଚାୟତ ସଭାପତି ମାଧବ ନାଳା, ବୁଦୁ ପାଙ୍ଗି, ପ୍ରାୟ ସମସ୍ତଙ୍କ ସହଯୋଗ ପ୍ରକାରେ ନିଖୋଜ ତ୍ରିନାଥଙ୍କୁ ଉଦ୍ଧାର କରିବା ସହ ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏହିପରି କାର୍ଯ୍ୟକଳାପକୁ ନେଇ ଅଂଚଳ ବାସୀଙ୍କ ସହଯୋଗ ପ୍ରକାରେ ଜଣଙ୍କ ଜୀବନଙ୍କୁ ନିଖୋଜରୁ ଉଦ୍ଧାର କରି ବଞ୍ଚେଇଦେବାରୁ ତାଙ୍କ ପରିବାର ଲୋକେ ଓ ସ୍ୱାଭିମାନ ଅଞ୍ଚଳବାସି ସଭାପତି ରାମଚନ୍ଦ୍ର ଏବଂ ସଦାଶିବଙ୍କୁ ଧନ୍ୟବାଦ ଦେଇଛନ୍ତି।

# 'ୱଣ୍ଡରଲା' ପକ୍ଷରୁ ମା'ଙ୍କୁ ମାତୃତ୍ୱ ଦିବସର ଭେଟି

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍) : ୱଣ୍ଡରଲା ହଲିଡେଜ୍ ଲିମିଟେଡ୍ ଚଳିତ ମାତୃତ୍ୱ ଦିବସରେ ଏହାର ସମସ୍ତ ଆମ୍ୟୁଜମେଣ୍ଟ ପାର୍କରେ ମା'ମାନଙ୍କ ପାଇଁ ମାଗଣା ପ୍ରବେଶ ସୁବିଧା ପ୍ରଦାନ କରୁଛି। ୨୦୨୫ ମଇ ୧୦ ଓ ୧୧ ତାରିଖରେ ମା' ମାନେ ସେମାନଙ୍କ ପିଲାମାନଙ୍କ ସହ କୋଚି, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଭୁବନେଶ୍ୱରର ୱଣ୍ଡରଲା ପାର୍କରେ ଏକ ସୀମିତ ଅଫର ଅଧୀନରେ ମାଗଣା ସୁବିଧା ପାଇବେ। ୱାଟର ସ୍ଲାଇଡ଼ଠାରୁ ଆରମ୍ଭ କରି ରୋମାଞ୍ଚକର ରାଇଡ଼ ପର୍ଯ୍ୟନ୍ତ ସମସ୍ତେ ମିଳିତ ଭାବେ ଆନନ୍ଦମୟ, ସ୍ଥାୟୀ ସ୍ମୃତି ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ଅଫର ଅନଲାଇନରେ ଅତି କମରେ ଗୋଟିଏ ପିଲା ସମେତ ସର୍ବନିମ୍ନ ତିନୋଟି ଟିକେଟ ବୁକିଂ କରୁଥିବା ପରିବାର ପାଇଁ ଲାଗୁ ହେବ, ଯେଉଁଥିରେ ମା'ଙ୍କୁ ମାଗଣା ପ୍ରବେଶ ସୁବିଧା ପ୍ରଦାନ କରାଯିବ। ଏହା ଟିକେଟ ଏବଂ ଭୋଜନ କମ୍ବୋରେ ମଧ୍ୟ ବୈଧ ଅଟେ। ଯାହା ପୂରା ଦିନର ଭ୍ରମଣ ପାଇଁ ଏକ ସୁବିଧାଜନକ ବିକଳ୍ପରେ ପରିଣତ କରିଛି। ଏହି ଅଫର କେବଳ ଅନଲାଇନ୍ ବୁକିଂ ଉପରେ ଉପଲବ୍ଧ। ମାଗଣା ପ୍ରବେଶ ଅଭିଯାନକୁ ସମର୍ଥନ





କରିବା ପାଇଁ, ୱଣ୍ଡରଲା ଏହାର ସମସ୍ତ ପାର୍କରେ ସମ୍ପର୍କ, ଉଲ୍ଲାସ ଏବଂ ଆନନ୍ଦର ସ୍ପର୍ଶରେ ପରିପୂର୍ଣ୍ଣ ମାତୃତ୍ୱ ଦିବସକୁ ଏକ ଆନନ୍ଦଦାୟକ ଉତ୍ସବରେ ପରିଣତ କରୁଛି। ଉତ୍ସାହଜନକ 'ମମ୍ ଆଣ୍ଡ ମିମ୍ ଗେମ୍ ଏବଂ ଜୁମ୍ବା ଅଧିବେଶନଠାରୁ ଆରମ୍ଭ କରି କେକ୍ ସଜ୍ଜା କାର୍ଯ୍ୟକଳାପ ଏବଂ ଲାଇଭ ମନୋରଂଜନ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ, ପ୍ରତ୍ୟେକ ପାର୍କ ପରିବାରକୁ ଏକାଠି ଉତ୍ସବ ପାଳନ କରିବାର ଅନନ୍ୟ ଉପାୟ ପ୍ରଦାନ କରୁଛି। ବଛାବଛା ପାର୍କରେ ଅଂଶଗ୍ରହଣକାରୀ ମା'ମାନଙ୍କ ପାଇଁ ମସାଜ୍ ଚେୟାର ଏବଂ ମାଛ ସ୍ପା ଅନୁଭୂତି ସହିତ ଲାଡର ଜୋନ୍ ମଧ୍ୟ ରହିବ ଏବଂ ଥିମ୍ ପ୍ରତିଯୋଗିତାର ବିଜେତାମାନେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ବୁଫେ ଉପଭୋଗ କରିବାର ସୁଯୋଗ ପାଇବେ। ୱଣ୍ଡରଲା ହଲିଡେଜ୍ ଲିମିଟେଡର ମୁଖ୍ୟ ପରିଚାଳନା ଅଧିକାରୀ ଧୀରନ ସିଂହ ଚୌଧୁରୀ କହିଛନ୍ତି ଯେ, "ୱଣ୍ଡରଲା ମାତୃତ୍ୱ ଦିବସରେ ପରିବାର ସଦସ୍ୟଙ୍କୁ ଏକତ୍ରିତ କରି ମନୋରଞ୍ଜନର ଖୋରାକ ଯୋଗାଇବା ସହ ସ୍ମୃତି ସାଉଁଟିବାକୁ ସୁଯୋଗ ପ୍ରଦାନ କରୁଛି। ବ୍ୟସ୍ତବହୁଳ ଜୀବନରେ ପରିବାରକୁ ସମୟ ଦେବା ନିତ୍ୟାନ୍ତ ଜରୁରୀ। ଏହି ଖୁସିର ମୁହୂର୍ତ୍ତକୁ ଉପଭୋଗ କରିବାର ବିଶେଷ ସୁଯୋଗ ୱଣ୍ଡରଲା ପରିବାର ଗ୍ରାହକଙ୍କୁ ଦେବାକୁ ଯାଉଥିବାରୁ ମୁଁ ବହୁତ ଖୁସି।" ଅନଲାଇନ୍ ପୋର୍ଟାଲ୍ ଜରିଆରେ https://booking.wonderla.com/ ଆଗୁଆ ପ୍ରବେଶ ଟିକେଟ୍ ବୁକ୍ କରିବା ପାଇଁ ୱାଣ୍ଡରଲା ପରିଦର୍ଶକମାନଙ୍କୁ ପ୍ରୋତ୍ସାହିତ କରୁଛି କିମ୍ବା ଗ୍ରାହକମାନେ ପାର୍କ କାଉଣ୍ଟରରୁ ସିଧାସଳଖ ଟିକେଟ୍ କିଣିପାରିବେ କିମ୍ବା ଯୋଗାଯୋଗ କରିପାରିବେ।

## ବ୍ଲକସ୍ତରୀୟ ପଞ୍ଚାୟତ ସମିତି ବୈଠକ

# ପାନୀୟଜଳ ସୁବିଧା ଓ ଖାଉଟି କାର୍ଡ ପ୍ରଦାନକୁ ଗୁରୁତ୍ୱ

ବୋଲଗଡ଼, (ଭାସ୍କର ନ୍ୟୁଜ୍) :ବୋଲଗଡ ବ୍ଲକ ଅଧକ୍ଷା ଉଲ୍ଲାସ ପ୍ରଧାନଙ୍କ ସଭାପତିତ୍ୱରେ ଓ ବିଡିଓ ସୁମନ ସୁଦ୍ଧା କୁଣ୍ଡୁଙ୍କ ଆବାହତ୍ୱରେ ବ୍ଲକ ସ୍ତରୀୟ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଦିନ ରାଜୀବଗାନ୍ଧୀ ସେବା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିବାବେଳେ ସଂମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ କୁମାର ଛୋଟରାୟ, ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ଅତିରିକ୍ତ ବିଡିଓ ଡାକ୍ତର ରତିକାନ୍ତ ମିଶ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ପ୍ରସ୍ତାବିତ ଆଲୋଚନା ବିଷୟବସ୍ତୁ



ଉପରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଯନ୍ତ୍ରୀ ଅମୁଲ୍ୟ କୁମାର ବାହିନୀପତି ଚଳିତବର୍ଷର କାର୍ଯ୍ୟକାରୀ ପ୍ରକଳ୍ପ ଗୁଡିକର ଆୟ ବ୍ୟୟ ହିସାବ ସହିତ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ସମିତି ବୈଠକରେ ବୋଲଗଡ ବ୍ଲକ ଅନ୍ତର୍ଗତ ୧୯ ଟି ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ ଓ ପରିବେଶ, ଖାଦ୍ୟ ଓ ଖାଉଟି କଲ୍ୟାଣ, ସାମାଜିକ ସୁରକ୍ଷା ଓ ସହାୟତା ମନନରେଗା ଯୋଜନା, କୃଷି,ପାନୀୟଜଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଭାଗ ଗୁଡିକର ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ର ତାପ ମାତ୍ରା ବୃଦ୍ଧି ଯୋଗୁ ପ୍ରତେକ ଗ୍ରାମର ଲୋକମାନଙ୍କୁ ସହଜ ସୁବିଧାରେ ପାନୀୟ ଜଳ ଯୋଗାଇଦେବା ସଂଗେ ସଂଗେ ଅଚଳ ନଳକୂପ ଗୁଡିକୁ ଶୀଘ୍ର ମରାମତି କରି ସଚଳ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଗ୍ରାମାଞ୍ଚଳର ଦରିଦ୍ର ସୀମାରେଖା ତଳେ ଥିବା ଖଟିଖିଆ ଦିନମଜୁରିଆ ମାନଙ୍କୁ ଶୀଘ୍ର ଖାଉଟି କାର୍ଡ ଯୋଗାଇ ଦେବା ଓ ୬୦ବର୍ଷ ରୁ ଉର୍ଦ୍ଧ୍ୱ ବୃଦ୍ଧ ଓ ବୃଦ୍ଧା ଲୋକମାନଙ୍କୁ ଶୀଘ୍ର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ମୁଖ୍ୟ ଅତିଥି ତଥା ବିଧାୟକ ପ୍ରଦୀପ କୁମାର ସାହୁ ଗୁରୁତ୍ୱ ଦେଇଥିଲେ। ଶିକ୍ଷାର ବିକାଶ ପାଇଁ ସ୍କୁଲ ଗୁଡିକରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ଗୁଡିକୁ ଶୀଘ୍ର ପୂରଣ କରିବାକୁ ନିଷ୍ପତି ନିଆ ଗଲା। ସବୁ ଗ୍ରାମପଞ୍ଚାୟତରେ ଅଧା କାର୍ଯ୍ୟ ହୋଇ ପଡ଼ି ରହିଥିବା ସମସ୍ତ ଜନକଲ୍ୟାଣ କାଯ୍ୟକ୍ରମ ଗୁଡିକୁ ଶୀଘ୍ର ସମାପ୍ତ କରିବାକୁ ବ୍ଲକ ଉପାଧାକ୍ଷା ରମେଶ ଚନ୍ଦ୍ର ସାହୁ ପରାମର୍ଶ ଦେଇଥିଲେ। ପରିଶେଷରେ ବିଡିଓ ସୁମନସୁଦ୍ଧା କୁଣ୍ଡୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ରେଡକ୍ରସ ଦିବସ ପାଳିତ





କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ସଦରମହକୁମାରେ ଭାରତୀୟ ରେଡକ୍ରସ ସଂସ୍ଥା ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ଉଦ୍‌ବୋଧନ ଦେବା ସହିତ ସମାଜର ମଙ୍ଗଳ ପାଇଁ ଆଗଭର ହୋଇ କାମ କରିବା ଜରୁରୀ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି ରକ୍ତଦାନର ଆବଶ୍ୟକତା ଓ ଥାଲାସେମିଆ, ରକ୍ତ ଶିକୁଳି ଅବା ସିକଲ ସେଲ ରୋଗୀଙ୍କ ଜୀବନ ରକ୍ଷା ସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ। ଡିପିଏମ ନିତ୍ୟାନନ୍ଦ ବରାଳ, ଇଣ୍ଡିଆନ ମେଡ଼ିକାଲ ଆସୋସିଏସନ ସମ୍ପାଦକ ଡ଼ଃ ମହେଶ ପ୍ରସାଦ ମହାନ୍ତ, ସହକାରୀ ପ୍ରଫେସର ଧରଣୀଧର ଭେଷଜ ମହାବିଦ୍ୟାଳୟ ବିଭୁପ୍ରସାଦ ନାୟକ, ସମାଜସେବିକା ଧରିତ୍ରୀ ରାଉତ ପ୍ରମୁଖ ମତବ୍ୟକ୍ତ କରିଥିବାବେଳେ, ଡେପୁଟି କଲେକ୍ଟର ଆପତକାଳୀନ, ଶ୍ରୀ ଅଭିଳାଷ ପୁରୋହିତ ଆଜିର ଦିବସ ସମ୍ପର୍କରେ ବର୍ଣନା କରିଥିଲେ। ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ ସମାରୋହ ରେ ଅଧକ୍ଷତା କରିବାସହ ପରିଚାଳନା କରିଥିଲେ। ଏ ଅବସରେରେ ଥାଲାସେମିଆ ରୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ସହିତ ରେଡକ୍ରସ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ସତ୍ୟବତୀ ଲାଗୁରି, ସମରେନ୍ଦ୍ର ମହାନ୍ତ, ସଂଦୀପ ପଟ୍ଟନାୟକ, ଚନ୍ଦ୍ରକାନ୍ତ ସା, ରଞ୍ଜନ ବାରିକ, ସସ୍ମିତ ଧଡା ପ୍ରମୁଖ ସହଯୋଗ କରିଥିଲେ।

ବାରିପଦା, (ଭାସ୍କର ନ୍ୟୁଜ୍) : ଆଜି ବାରିପଦା ଠାରେ ଆନ୍ତର୍ଜାତୀୟ ରେଡ କ୍ରସ ଦିବସ -୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୮ ଘଟିକା ସମୟରେ ବାରିପଦା କ୍ଲବ ଠାରେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟ ଓ ରେଡକ୍ରସର ସଦସ୍ୟ ବୃନ୍ଦଙ୍କ ମିଳିତ ସହଯୋଗରେ ଜିଲ୍ଲା ରକ୍ତ କେନ୍ଦ୍ରର ଅଧିକାରୀ ଡ଼. ସୌମ୍ୟ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅୟୋଜିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ବାରିପଦା ଉପଜିଲ୍ଲାପାଳ ଡ଼.ଦୟାସିନ୍ଧୁ ପରିଡା ମୁଖ୍ୟ ଅତିଥି ଓ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରଦ୍ଧା ସୁମନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ରକ୍ତଦାନ ଦାନ ଶିବିରରେ ୮ ଜଣ ମହିଳାଙ୍କ ସମେତ ସମୁଦାୟ ୫୯ ଜଣ ରକ୍ତଦାନ କରିଥିଲେ। ପରେ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଇଣ୍ଡିଆନ ରେଡକ୍ରସ ସୋସାଇଟି, ଜିଲ୍ଲା ଶାଖା, ମୟୁରଭଞ୍ଜ ଆନୁକୂଲ୍ୟରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରଦ୍ଧା ସୁମନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରା ନନ୍ଦ ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାଧନ କର୍ମୀ ତଥା ଇଣ୍ଡିଆନ ରେଡକ୍ରସ ସୋସାଇଟି, ଜିଲ୍ଲା ଶାଖା, ମୟୁରଭଞ୍ଜର ଭାଇସ ପାଟ୍ରୋନ ଡ଼. ରମାକାନ୍ତ ମହାନ୍ତ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ରେଡ କ୍ରସର ପ୍ରତିଷ୍ଠାତା ସାର ଜିନ ହେନେରୀ ଡୁନାଣ୍ଟଙ୍କ ଫୋଟ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ।

# କୃଷି କୈନ୍ଦ୍ରିକ ପଞ୍ଚାୟତରେ ମିଲେଟ୍ କାଫେ ଉଦ୍‌ଘାଟିତ

ଭାପୁର, (ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକରେ ନୟାଗଡ ଜିଲ୍ଲାର ପ୍ରଥମ କରି ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଟିଫିନ୍ ସେଣ୍ଟର ଖଣ୍ଡପଡ଼ା ବିଧାୟକ ଇଞ୍ଜିନିୟର ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା କରବର ଗ୍ରାମରେ ସୋମବାର ଦିନ ଉଦ୍ଘାଟିତ ହୋଇଯାଇଛି। ଏହି ସେଣ୍ଟର ଶ୍ରୀ ଅଭିଯାନ ତରଫରୁ ସୁଭଦ୍ରା ସ୍ୱୟଂ ସହାୟକ ଗୋଷ୍ଠୀ, କରବର ସଭ୍ୟା ମାନଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ଗୁଣାତ୍ମକ ମାଣ୍ଡିଆ ଚୁନାରେ ତିଆରି ବିଭିନ୍ନ ପ୍ରକାର ଟିଫିନ୍ ସର୍ବସାଧାରଣଙ୍କ ପାଇଁ ବିକ୍ରି ପାଇଁ ଉପଲବ୍ଧ। ଏହା ଖାଇଲେ ଶରୀରର ପ୍ରତିରୋଧକ ଶକ୍ତି ବଢ଼ିଥାଏ ଫଳରେ, ମଣିଷ ସୁସ୍ଥ ଓ ନିରୋଗ ରହିଥାଏ। କମ୍ ଖର୍ଚ୍ଚରେ ଅଧିକ ଆଦାୟ



ହେଉଥିବା ମଣ୍ଡିଆରେ ସମସ୍ତ ଭିଟାମିନ ଭରପୁର ରହିଥିବାରୁ ସେଥିରୁ ତିଆରି ଆରିସା ପିଠା, ଦହି ବୁନ୍ଦି, ମିକ୍ସଚର, ବରା, ଲଡୁ, ଦହି ବରା ଆଦି ଖାଇଲେ ଶରୀରର ପୌଷ୍ଟିକ ଗୁଣବତ୍ତା ବଢିଥାଏ ବୋଲି ଉପସ୍ଥିତ ଅତିଥି ନିଜନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ତେଣୁ, ବର୍ତ୍ତମାନ ପ୍ରସାର କରିଥିବା ଫାଷ୍ଟଫୁଡ୍ ରୁ ଦୂରେଇ ମିଲେଟ ଟିଫିନ୍ ଖାଇବା ପାଇଁ ଉପସ୍ଥିତ ଅତିଥି ମାନେ ଆହ୍ୱାନ କରିଥିଲେ। କରବର ପଞ୍ଚାୟତ ମହାନଦୀ କୂଳରେ ଅବସ୍ଥିତ ହୋଇଥିବାରୁ ମାଣ୍ଡିଆ ଫସଲ ଭଲ ଉତ୍ପାଦନ ହେତୁ ପ୍ରଥମେ ଏହି ପଞ୍ଚାୟତରେ ମାଣ୍ଡିଆ ଟିଫିନ୍ ସେଣ୍ଟର ଉଦ୍‌ଘାଟନ ହେଲା ଏବଂ ପରେ ପରେ ଅନ୍ୟ ୧୯ ଗୋଟି ପଞ୍ଚାୟତରେ ହେବ ବୋଲି ବିଧାୟକ ପ୍ରକାଶ କରିଥିଲେ। ତତ୍ ସହିତ ଏକ ଶୀତଳକରଣ ଭଣ୍ଡାର ନିର୍ମାଣ ପାଇଁ ଘୋଷଣା ହେବା ସହିତ ଜୈବିକ ଖତସାର ପ୍ଲାଣ୍ଟ ଉଦ୍ଘାଟନ ହୋଇଥିଲା। କାର୍ଯ୍ୟକ୍ରମରେ, ଅନ୍ୟ ମାନଙ୍କ ମଧ୍ୟରେ, ମୁଖ୍ୟବକ୍ତା ରୂପେ ଜିଲ୍ଲା କୃଷି ଅଧିକାରୀ ସୁମନ କୁମାର ପଟ୍ଟନାୟକ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଜିଲ୍ଲା ଶ୍ରୀ ଅନ୍ନ ଅଭିଯାନର ସଂଯୋଜିକା ସୁଶ୍ରୀ ଅମ୍ବିକା ଦତ୍ତ, ଜିଲ୍ଲା ସହକାରୀ କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇ, ବ୍ଲକ କୃଷି ଅଧିକାରୀ ପ୍ରସାଦ ପୁରୁଷୋତ୍ତମ ସୁବୁଦ୍ଧି, ଯୋଜନା କୃଷି ଅଧିକାରୀ ନାଗେସ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।

# ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଜାତୀୟ ଆଇନସେବା ପ୍ରାଧୀକରଣ ଓ ରାଜ୍ୟ ଆଇନସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ତା. ୧୦ମେ ୨୦୨୫ ଶନିବାର ଦିନ ଜିଲ୍ଲା ଆଇନସେବା ପ୍ରାଧୀକରଣ, ମାଲକାନଗିରି ସମେତ ମୋଟୁ, କୁଡୁମୁଲୁ ଗୁମ୍ମା, ମାଥୀଲି କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବିଚାରଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ, ଚେକ ବାଉଙ୍କ ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଜନିତ ମାମଲା, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ମାମଲା ସଙ୍ଗେ ସଙ୍ଗେ ପ୍ରାକ-ମକଦ୍ଦମା ସ୍ତରୀୟ ବିବାଦର ମଧ୍ୟ ଅପୋଷ ସହମତିରେ ଏବଂ ବିନା ଆର୍ଥିକ ବ୍ୟୟରେ ସମାଧାନ କରାଯାଇ ପାରିବ। ତେଣୁ ଏହି ଲୋକ ଅଦାଲତ ମାଧ୍ୟମରେ ଉପରୋକ୍ତ ଜଡିତ ମାମଲାର ଶୀଘ୍ର ଏବଂ ବିନା କୌଣସି ଆର୍ଥିକ ବ୍ୟୟରେ ସମାଧାନ ନିମନ୍ତେ ଭାଗ ନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ମାଲକାନଗିରି ଓ ତାଲୁକ ଆଇନସେବା କମିଟି, ମୋଟୁ ପକ୍ଷରୁ ସୂଚନା ଦିଆ ଯାଇଛି। ଜିଲ୍ଲା ଦୌରା ଜଜ ଡାଃ ପ୍ରସନ୍ନ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ହେବ ବୋଲି ଜିଲ୍ଲା ଆଇନସେବା ପ୍ରାଧୀକରଣର ସଚିବ ସୁଶ୍ରୀ ସଂଗୀତା ପାତ୍ର ସୂଚନା ଦେଇଛନ୍ତି।

# ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସମ୍ମିଳନୀ

କୋରାପୁଟ, (ଭାସ୍କର ନ୍ୟୁଜ୍) : କୋରାପୁଟ ଟାଉନ ହଲଠାରେ ଅଖିଳ ଭାରତ ଯୁବ ସଂଘର ୧୩ତମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଭାପତି ପ୍ରଦୀପ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀକୁ ସର୍ବଭାରତୀୟ ସମ୍ପାଦକ ଆର ତିରୁମଲେଇ ଉଦ୍‌ଘାଟନ କରିଥିଲେ। ଅଖିଳ ଭାରତ ଯୁବ ସଂଘର କର୍ମକର୍ତାମାନେ ପାରମ୍ପରିକ ନୃତ୍ୟରେ ସହର ପରିକ୍ରମା କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଭଗତ ସିଂ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ପ୍ରଣୟନ କରିବାକୁ ରାଜ୍ୟ ସଭାପତି ପ୍ରଦୀପ କୁମାର ସେଠୀ ଦାବି କରିଛନ୍ତି।

# ଦେବେନ୍ଦ୍ର ପୁରରେ 'ପାତ୍ର ଫିଟନେସ୍' ଜିମ୍‌ର ଉଦ୍‌ଘାଟିତ



ବାରିପଦା, (ଭାସ୍କର ନ୍ୟୁଜ୍) : ବାରିପଦା ସହରର ଦେବେନ୍ଦ୍ର ପୁରରେ ଉଦ୍‌ଘାଟିତ ହେଲା 'ପାତ୍ର ଫିଟନେସ୍'। ଫିଟନେସ୍ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହେଲା ବୋଲି ଚର୍ଚ୍ଚା ଜୋର ଧରିଛି ସହରରେ। ଅତ୍ୟାଧୁନିକ ସୁବିଧା ଯୁକ୍ତ 'ପାତ୍ର ଫିଟନେସ୍' ନାମକ ଇଉନିସେକ୍ସ ମଲ୍ଟି ଜିମ୍‌ର ଉଦ୍‌ଘାଟନ ଏକ ବିଶେଷ ପ୍ରଭାବ ପକାଇବ ଆଜିର ଫିଟନେସ ପ୍ରିୟ ଯୁବପିଢ଼ୀଙ୍କ ଉପରେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ସମ୍ମାନିତ ବ୍ୟକ୍ତି, ଯୁବ ଓ ମହିଳା ମାନେ ଉପସ୍ଥିତ ଥିଲେ। ଫିଟନେସ୍ ପ୍ରେମୀ ଯୁବକ-ଯୁବତୀମାନେ ଆନନ୍ଦର ସହିତ ଅଂଶଗ୍ରହଣ କରିଥିବାର ଦେଖିବାକୁ ମିଳିଛି। ଅନେକ ଲୋକ ଏହି ନୂଆ ଜିମ୍‌ର ସୁବିଧା ବିଷୟରେ ଜାଣିବା ପାଇଁ ଆସିଥିଲେ।ଜିମ୍ ସେଣ୍ଟର୍‌ରେ ଷ୍ଟ୍ରେନ୍ଥ ଟ୍ରେନିଂ, କାର୍ଡିଓ ଫିଟନେସ୍, ଏବଂ ବିଭିନ୍ନ ଅଭ୍ୟାସ ଯନ୍ତ୍ର ଉପଲବ୍ଧ ରହିଛି। ଜିମ୍ ସ୍ଥାପକ ୨୫ନଂ ୱାର୍ଡ କାଉନସିଲର ଶ୍ରୀ ଦେବାଶିଷ ପାତ୍ରଙ୍କ କହିବା ଅନୁସାରେ, 'ଏହି ଜିମ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବପିଢି ମଧ୍ୟରେ ଶାରୀରିକ ଶକ୍ତି, ଫିଟନେସ୍ ଓ ସ୍ୱାସ୍ଥ୍ୟବାନ୍ କରାଇବା ଦିଗରେ ଏକ ଅନୁଶାସନ ଅନୁଷ୍ଠାନ ମାଧ୍ୟମରେ ତିଆରି କରିବା।

# ବିବାହବେଳେ ବେଆଇନ ମଦ କାରବାର, ଅଭିଯୁକ୍ତ କୋର୍ଟଚାଲାଣ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଆଦିବାସୀ ସାମ୍ପ୍ରଦାୟର ପରମ୍ପରା ଅନୁଯାୟୀ ଜନ୍ମ ହେବା ଠାରୁ ବିବାହ ଓ ମୃତ୍ୟୁ ଯାଏଁ ପ୍ରତ୍ୟେକ କ୍ଷେତ୍ରରେ ମଦ ଦରକାର ପଡୁଥିବା ବେଳେ ଆଜି ତାହା ବିପଦ ସୃଷ୍ଟି କରିଛି। ଖବର ନେବାରେ ଜଣା ପଡିଛିକି ଆଜି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ବୁର୍ଜା ପଞ୍ଚାୟତର ପୁଞ୍ଜିସିଲ ଗ୍ରାମ ଠାରେ ଏକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁଅ ଘରୁ ଝିଅ ଘରକୁ ଆଦିବାସୀଙ୍କ ପରମ୍ପରା ମୁତାବକ ବିଭିନ୍ନ ସାମଗ୍ରୀ ସହ ମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ହାତରେ ଦୁଇ ଜଣ ବ୍ୟକ୍ତି ଧରା ପଡ଼ିଥିଲେ। ହେଲେ ବିଭାଗ ଆଗପଛ କିଛି ବିଚାର ନକରୀ ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଥିବା ଚର୍ଚ୍ଚାର ବିଷୟ ପଲଟିଛି। ଏନେଇ ନିଜର ପରମ୍ପରା ପ୍ରତି ଆଞ୍ଚ



ଆସିବା ଦେଖି ଅନେକ ଆଦିବାସୀ ଲୋକେ ଏହାକୁ ବିରୋଧ କରିବା ସହ ଲକ୍ଷ୍ମୀପୁର ଅବକାରୀ କାର୍ଯ୍ୟାଳୟ ଘେରାଉ କରି ଆଗାମୀ ଦିନରେ ଆଦିବାସୀ ସମାଜ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବିଭିନ୍ନ ସ୍ଥାନରେ ମଦ କାରବାର ଜୋର ସୋର ଚାଲୁଥିଲେ ମଧ୍ୟ ଅବକାରୀ ବିଭାଗ ସେଥି ପ୍ରତି ଦୃଷ୍ଟି ନଦେଇ ନିଜ କେଶ ବଢାଇବା ପାଇଁ ନିରୀହ ଆଦିବାସୀଙ୍କୁ ମୋହରା କରୁଛି। ତେଣୁ ଏହାକୁ ବରଦାସ୍ତ କରାଯିବନି ବୋଲି ପୁଞ୍ଜିସିଲ ଗ୍ରାମର ଆଦିବାସୀ ସମାଜ ଏକ ଦାବି ପାତ୍ର କୋରାପୁଟ ଜିଲ୍ଲାପାଳ, ଅବକାରୀ ସୁପରିଟେଣ୍ଡ, ଆରକ୍ଷୀ ଅଧିକ୍ଷକ କୋରାପୁଟଙ୍କୁ ଏକ ଦାବି ପାତ୍ର ପ୍ରେରିତ କରିଥିବା ଜଣା ପଡିଛି।ଏହାର ଉଚ୍ଚିତ ତଦନ୍ତ କାରା ନଗଲେ ଆଗାମୀ ଦିନରେ ଆମରଣ ଅନସନ କରିବାକୁ ବାଧ ହେବୁ ବୋଲି ଦାବି ପତ୍ରରେ ଉଲେଖ ରହିଛି। ଏନେଇ ଏବେ ଜିଲ୍ଲା ପ୍ରଶାସନ କି ପଦକ୍ଷେ ଗ୍ରହଣ କରୁଛି ତାହା ଉପରେ ସବୁରି ନଜର ରହିଛି।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଜାତୀୟ ଆଲୋଚନାଚକ୍ର

ବାରିପଦା, (ଭାସ୍କର ନ୍ୟୁଜ୍) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେଇଯାଇଛି। 'ଆଡ୍‌ଭାନ୍ସ୍ ଇନ୍ ମେସିନ୍ ଲର୍ଣ୍ଣିଙ୍ଗ ଫର୍ ଡାଟା ଆନାଲିଟିକ୍ସ' ଶୀର୍ଷକ ଏହି ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ଆଜିର ଯୁଗରେ କୃତ୍ରିମ ବୁଦ୍ଧିମତ୍ତା ଅପରିହାର୍ଯ୍ୟ ହୋଇପଡ଼ିଛି ଏବଂ ଆମ ଦୈନନ୍ଦିନ ଜୀବନର ସମସ୍ତ ଆୟାମରେ 'ଡାଟା' ମୁଖ୍ୟ ଭୂମିକା ଗ୍ରହଣ କରିଛି। ଆଗାମୀ ଦିନରେ କମ୍ପ୍ୟୁଟର ବିଜ୍ଞାନ, ଗଣିତ ଓ ପରିସଂଖ୍ୟାନକୁ ବାଦ୍ ଦେଇ ଅନ୍ୟାନ୍ୟ ବିଷୟରେ ଗବେଷଣା ହୋଇପାରିବ ନାହିଁ ବୋଲି ସେ ମତପ୍ରକାଶ କରିଥିଲେ। ଏହି





ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଜେଆଇଏସ୍ ଆଇଏଏସ୍ ଆର କୋଲକାତାର ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଅଜୟ କୁମାର ରାୟ 'ସ୍ଥାୟୀ ସମାଜ ୫.୦ ନିର୍ମାଣରେ ଏଆଇର ଭୂମିକା : ଆଜି ଓ କାଲି' ଶୀର୍ଷକ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇଆଇଟି (ଆଇଏସ୍‌ଏମ୍) ଧାନବାଦର ଡ. ଗଜେନ୍ଦ୍ର ବିଶ୍ୱକର୍ମା ମେସିନ୍ ଲର୍ଣ୍ଣିଂରେ ପରିସଂଖ୍ୟାନ ମଡେଲ୍ ବ୍ୟବହାର ଉପରେ ବକ୍ତବ୍ୟ ରଖିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ପୃଷ୍ଠପୋଷକ ଭାବେ ଯୋଗଦେଇ ଏଆଇ ଓ ମେସିନ ଲର୍ଣ୍ଣିଂ ସାମାଜିକ ପରିବର୍ତ୍ତନକୁ କିପରି ପ୍ରୋତ୍ସାହିତ କରୁଅଛି ସେ ବିଷୟରେ କହିଥିଲେ। ବିଭାଗୀୟ ସଂଯୋଜିକା ପ୍ରଫେସର ଏମ୍ ହିମବିନ୍ଦୁ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ବିବରଣୀ ରଖିଥିଲେ। ଆଲୋଚନା ଚକ୍ରର ଆବାହକ ବିଭାଗୀୟ ସହକାରୀ ପ୍ରଫେସର ଡ. ଜନ୍ମେଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ସହ-ଆବାହକ ଡ. ଶାନ୍ତିସ୍ୱରୂପ ବସା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡ. ଶର୍ମିଳା ସୁବୁଦ୍ଧି, ଡ. ପାର୍ଥ ସାରଥୀ ମିଶ୍ର ପ୍ରମୁଖ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ଏହି ଆଲୋଚନା ଚକ୍ରରେ ଏନ୍‌ଆଇଟି ରାଉରକେଲାର ଡ. ଅନୁପ ନନ୍ଦୀ, ଆଇଆଇଟି (ଆଇଏସ୍‌ଏମ୍) ଧାନବାଦର ଡ. କୌଶିକ ମଣ୍ଡଳ, ନାଇଜର ଭୁବନେଶ୍ୱରର ଡ. ଶୁଭଙ୍କର ମିଶ୍ର, ଆଇଆଇଆଇଟି ଭୁବନେଶ୍ୱରର ଡ. ସଞ୍ଜୟ ସାକ୍ସେନା, ଆଇଆଇଏସ୍‌ସି ବେଙ୍ଗାଲୁରୁର ଡ. ରତିକାନ୍ତ ବେହେରା, ଆଇଜର ବ୍ରହ୍ମପୁରର ଡ. ଅନାବିକ ପାଲ୍, ଫକୀରମୋହନ ବିଶ୍ୱବିଦ୍ୟାଳୟର ଡ. ଅଶାନ୍ତ ରଞ୍ଜନ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ୪୮ ଜଣ ଗବେଷକ/ ଗବେଷିକା ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ ଓ ୧୦୦ ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭାଗନେଇଥିଲେ। ଏହି ଆଲୋଚନାଚକ୍ରର ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

# ଦୁଇ ମାଟ୍ରିକ ବ୍ଲକ ଟପ୍ପର ଓକିଲ ସଙ୍ଘ ଦ୍ୱାରା ସମ୍ବର୍ଦ୍ଧିତ

ଆଠମଲ୍ଲିକ, (ଭାସ୍କର ନ୍ୟୁଜ୍) : ଆଠମଲ୍ଲିକ ଉପଖଣ୍ଡ କିଶୋରନଗର ବ୍ଲକ ଓ ଆଠମଲ୍ଲିକ ବ୍ଲକରେ ୨୦୨୪-୨୫ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ୨ ଛାତ୍ରୀଙ୍କୁ ବୁଧବାର ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସଂଘ ବାରହଲ ଠାରେ ଏକ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ଆଠମଲ୍ଲିକ ଉପଖଣ୍ଡରେ ସର୍ବୋଚ୍ଚ ନମ୍ବର ରଖି ଗୌରବ ଅର୍ଜନ କରି ପ୍ରଥମ ସ୍ଥାନ ଗ୍ରହଣ କରିଥିବା କିଶୋନଗର ବ୍ଲକ ଅଙ୍ଗପଡା ପଞ୍ଚାୟତି ରାଜ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଲୋପାମୁଦ୍ରା ସାହୁ ସମୁଦାୟ ୬୦୦ ନମ୍ବରରୁ ୫୬୫ ନମ୍ବର ରଖି ବ୍ଲକରେ ପ୍ରଥମ ହୋଇଥିବା ବେଳେ ଉପଖଣ୍ଡରେ ମଧ୍ୟ ପ୍ରଥମ ସ୍ଥାନ ଅଳଙ୍କୃତ କରି ମାଟ୍ରିକ ଟପର ଆଖ୍ୟା ଅର୍ଜନ କରିଛନ୍ତି। ସେହିଭଳି ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ପ୍ରିୟଦର୍ଶିନୀ ପ୍ରଧାନ ସମୁଦାୟ ୬୦୦ ନମ୍ବରରୁ ୫୪୨ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ ଆଠମଲ୍ଲିକ ବ୍ଲକ ପାଇଁ ପ୍ରଥମ ସ୍ଥାନ



ଗ୍ରହଣ କରି ଟପର ହୋଇଛନ୍ତି। ଉଭୟଙ୍କୁ ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରିବାପାଇଁ ବୁଧବାର ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନାରେ ୨ କୃତି ଛାତ୍ରୀଙ୍କୁ ଓକିଲସଂଘ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ସହ ଉଚ୍ଚ ଶିକ୍ଷା ପାଇଁ ୨ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା। ସଭାପତି ଶ୍ରୀ ମହାପାତ୍ର ଉକ୍ତ ମାନପତ୍ର ୨ଟିକୁ ପଢି ସମସ୍ତଙ୍କୁ ଶୁଣାଇଥିଲେ। ଓକିଲସଂଘର ବରିଷ୍ଠ ଆଇନଜୀବୀ ତଥା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ ଉପଖଣ୍ଡ ସ୍ତରରେ ପ୍ରଥମ ହୋଇଥିବା ସୁଶ୍ରୀ ଲୋପାମୁଦ୍ରା ସାହୁଙ୍କୁ ଓ ଅନ୍ୟତମ ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର ଆଠମଲ୍ଲିକ ବ୍ଲକରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ସୁଶ୍ରୀ ପ୍ରିୟଦର୍ଶିନୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୨ କୃତି ଛାତ୍ରୀଙ୍କୁ ସଭାପତି ଶ୍ରୀ ମହାପାତ୍ରଙ୍କ ସମେତ ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ସମ୍ପାଦକ ଅର୍ଜୁନ ରାଉଳ, ଆଇନଜୀବୀ ଅସିତ ରଞ୍ଜନ ଦେଓ, ଜିତେନ୍ କୁମାର ମିଶ୍ର, ଗଣେଶ ଚନ୍ଦ୍ର କର୍ମୀ ଓ ସୁଶାନ୍ତ ରାଉଳ ପ୍ରମୁଖ ଭବିଷ୍ୟତରେ ଆହୁରି କଠିନ ପରିଶ୍ରମ କରି ପାଠ ପଢିବା ସହ ନିଜକୁ ସମାଜରେ ପ୍ରତିଷ୍ଠିତ କରାଇ ଆଠମଲ୍ଲିକର ତଥା ପିତାମାତାଙ୍କ ନାମକୁ ସାର୍ଥକ କରିବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର, ସରକାରୀ ଓକିଲ ଅନ୍ତର୍ଯ୍ୟାମୀ ରାଉଳ, ଅବନୀ କୁମାର ଆଚାର୍ଯ୍ୟ ଓ ଦୀନେଶ କୁମାର ସିଂହ, ସଂଘ କୋଷାଧକ୍ଷ ବିଶ୍ୱସୁନ୍ଦର ଶତପଥି ଆଇନଜୀବୀ ରାଜେଶ କୁମାର ମିଶ୍ର, ସୁନୀଲ କୁମାର ଶାସନି, ଉଗ୍ରସେନ ସେଠି, ଜିତେନ୍ଦ୍ର କୁମାର ମୁଖି, ନାରାୟଣ ଦାଶ, ଅଶୋକ କୁମାର ମହାପାତ୍ର, ପ୍ରଭାକର କହଁର ଓ ୨ ଛାତ୍ରୀଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ।



ରଘୁନାଥପୁର (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତର କେରକେରା ଠାରେ ଥିବା ପ୍ରସିଦ୍ଧ ବିଭୁତି କ୍ଷେତ୍ର ପ୍ରଭୁଗୋରେଖନାଥଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପବିତ୍ର ଅକ୍ଷୟ ତୃତୀୟାରେ ଆରମ୍ଭ ହୋଇ ବୁଧବାର ଏହାର ପୂର୍ଣ୍ଣାହୁତି ଶେଷ ହୋଇଛି। ୮ଦିନ ବ୍ୟାପ ଏହି ଯଜ୍ଞଉତ୍ସବ ଶାନ୍ତିଶୃଙ୍ଖଳା ସହିତ ଶେଷ ହୋଇଥିବାବେଳେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଥିଲା। ଭକ୍ତମାନଙ୍କ ପାଇଁ ପୀଠ ପକ୍ଷରୁ ପାନୀୟ ଜଳ ପରିମଳ ବ୍ୟବସ୍ଥା, ଆଇନଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ଆଲୋକିକରଣ ଓ ସ୍ୱାସ୍ଥ୍ୟସେବାର ସଠିକ ବ୍ୟବସ୍ଥା କରାଯାଇଥିଲା। ପୂର୍ଣ୍ଣାହୁତିରେ ୩୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୀଠରେ ପହଞ୍ଚି ପ୍ରଭୁଙ୍କ ଯଜ୍ଞଦର୍ଶନ କରି ମୀନାବଜାର ମଜାନେବା ସହ ଅପେରାପାଟିର ଯାତ୍ରା ପରିବେଷଣକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ପୀଠର କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପରିଜାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି ଓ ପୀଠର ପରିଚାଳନା ଦାୟିତ୍ୱରେ ଥିବା ସଦସ୍ୟମାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସହଯୋଗ କରିଥିଲେ ପୀଠର ହିସାବ ରକ୍ଷକ ସରୋଜ ସାହାଣୀ। ପୂଜାକାର୍ଯ୍ୟରେ ମୁଖ୍ୟପୂଜକ ଦିଲିପ କୁମାର ପଣ୍ଡା, ଆଲୋକ ପଣ୍ଡା, ଜ୍ଞାନରଂଜନ ପଣ୍ଡା ଦାୟିତ୍ୱରେ ରହିଥିବା ବେଳେ ଗୋରେଖ ବାହୀନି ଓ ବୈଷ୍ଣବ ଜେନା ମେମୋରିୟାଲ ଟ୍ରଷ୍ଟର ସେଚ୍ଛାସେବୀ ସଙ୍ଗଠନମାନେ ଏଥିରେ ସହଯୋଗ ପ୍ରଦାନ କରିଥିଲେ।



# ପ୍ରାଚୀ ଉପରେ ଲୋଲୁପ ଦୃଷ୍ଟି



## ପୂର୍ତ୍ତ ବିଭାଗ ଟଙ୍କାରେ ମାଟି ଖୋଳି ସରକାରୀ ଜାଗା ପୋତିଲେ, ଗ୍ରାମବାସୀଙ୍କ ତୀବ୍ର ବିରୋଧ

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ତହସିଲ ଅଧୀନ ନିଆଳି ନରୀଶ ସିନେମା ହଲ ଛକ ରାସ୍ତାରେ ପୂର୍ତ୍ତ ବିଭାଗର ୨୨ ଡ଼ିସିମିଲ ଜାଗାକୁ ପୋତିବା ପାଇଁ ବିନା ଟେଣ୍ଡରରେ ଜଣେ କୁଜିନେତା ନିଜ ଚେଲା ଚମଣ୍ଡା ଲଗାଇ ଦିନ ଦି'ପ୍ରହରେ ଟ୍ରାକ୍ଟର ଜେସିବି ଲଗାଇ ଗତ ବୁଧବାର ଦିନ ପ୍ରାଚୀରୁ ମାଟି ଖୋଳୁଥିଲେ। ଯାହାକୁ ସ୍ଥାନୀୟ ଲୋକମାନେ ତୀବ୍ର ବିରୋଧ କରିବା ପରେ ଘଟଣାସ୍ଥଳରେ ନିଆଳି ଥାନା ପୋଲିସ ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲା। ମିଳିଥିବା ସୂଚନା ଅନୁଯାଇ ପୂର୍ତ୍ତ ବିଭାଗର ଏହି ଜାଗାଟିକୁ ଜଣେ ଘରୋଇ ଲୋକଙ୍କୁ ଦିଆଯିବ। କାରଣ ନିର୍ବାଚନ ପରେ ଏହି ବ୍ୟକ୍ତିଙ୍କୁ ଜାଗାଟି ଦିଆଯିବ ବୋଲି କୁଜିନେତାମାନେ ପ୍ରତିଶ୍ରୁତି ଦେଇ ଦଳକୁ ଆଣିଥିଲେ। ନିଆଳି ତହସିଲ କାର୍ଯ୍ୟାଳୟଟି ଯେଉଁ ଜାଗାରେ ହୋଇଛି ତାହା ଘରୋଇ ଜାଗା, କାରଣ ଜାଗାଟିକୁ କିଛିଦିନ ତଳେ ତହସିଲ କାର୍ଯ୍ୟାଳୟ ପାଇଁ ଦାନ ଦିଆଯାଇଥିଲା। ଏବେ ତାଙ୍କ ଉତ୍ତରାଧିକାରୀମାନେ ଜାଗା ବଦଳରେ ଜାଗା ମାଗୁଥିବାରୁ ପୂର୍ତ୍ତ ବିଭାଗର ଏହି ଜାଗା ତାଙ୍କୁ ଯୋଗାଇ ଦିଆଯିବ। ନିଆଳି ବଜାର ଭଙ୍ଗା ଯାଇଥିବା ବେଳେ କିଛି ଇଟା ଗୁଣ୍ଡକୁ ଆଣି ଏହି ଜାଗାରେ ପକାଇ ପ୍ରାଚୀରୁ ମାଟି ଖୋଳି ତା'ଉପରେ ପକାଇ ପୂର୍ତ୍ତ ବିଭାଗ ଦେଇଥିବା ୩ ଲକ୍ଷ ଟଙ୍କାର ଆତ୍ମସାତ କରିବାର ହେଉଛି ଯୋଜନା। ଏଥିସହିତ ନିଆଳି ରାଜସ୍ୱ ବିଭାଗ ପକ୍ଷରୁ ୧୨ ଲକ୍ଷ ଟଙ୍କା ପୂର୍ତ୍ତ ବିଭାଗକୁ ଦିଆଯାଇ ଅନେକ ଜାଗାକୁ ପୋତି ଘରୋଇ ଲୋକଙ୍କୁ ହସ୍ତାନ୍ତର କରିବା ପାଇଁ ହେଉଛି ଯୋଜନା। ଏଠାରେ ପ୍ରଶ୍ନ ଉଠୁଛି କାହିଁକି ଡ୍ରେନେଜ ବିଭାଗର ପ୍ରାଚୀକୁ ବିନା ଅନୁମତିରେ ଖୋଳି ମାଟି ନିଆଯାଉଛି। ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ଅଞ୍ଚଳବାସୀଙ୍କ ବିରୋଧ ଯୋଗୁ ଚାପା ଉତ୍ତେଜନା ଲାଗି ରହିଥିଲା। ନିଆଳି ଥାନା ପୋଲିସ ପହଞ୍ଚି ଜେସିବି ଓ ଟ୍ରାକ୍ଟରକୁ ଉଦ୍ଧାର କରିବା ଶହ ମାଟି ନଖୋଳିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଘଟଣା ଉପରେ ରାଜସ୍ୱ ବିଭାଗ, ପୂର୍ତ୍ତ ବିଭାଗ, ଡ୍ରେନେଜ ବିଭାଗର କୌଣସି ଅଧିକାରୀ ମୁହଁ ଖୋଲୁ ନାହାନ୍ତି।

# ବ୍ୟାଙ୍କ ସହଯୋଗୀଙ୍କ ଠାରୁ ୩ ଲକ୍ଷ ଲୁଟ୍

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅଧୀନ ବୋଲଗଡ଼ -ଖଙ୍ଗୁରିଆ ରାସ୍ତାର ମାରୁଗାଡିଆ ପୋଖରୀ ନିକଟରେ ଅପରାହ୍ନ ସାଢେ ୫ଟା ସମୟରେ ଏକ ଟଙ୍କା ଲୁଟ୍ ଘଟଣା ଘଟିଛି। ଏଥିରେ ସ୍ଥାନୀୟ ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ଜନୈକ ବ୍ୟବସାୟିକ ସହଯୋଗୀଙ୍କୁ ବନ୍ଧୁକ ଫୁଟାଇ ଭୟଭୀତ କରି ତାଙ୍କ ନିକଟରେ ଥିବା ଏକ ବ୍ୟାଗରୁ ନଗଦ ୩ ଲକ୍ଷ ଟଙ୍କା ସହ ମୋବାଇଲ ଫୋନ, ୨ଟି ସ୍ୱାଇପ ମେସିନ, ଫିଙ୍ଗର ପ୍ରିଣ୍ଟ ଡିଭାଇସ୍, ପ୍ରିଣ୍ଟର ମେସିନ ସହିତ କେତେକ ପାସବୁକ୍ ଓ ଜରୁରୀ କାଗଜପତ୍ର ଲୁଟି ନେଇଛନ୍ତି। ଘଟଣା ଅନୁଯାୟୀ ବ୍ୟାଙ୍କରୁ କାର୍ଯ୍ୟ ସାରି ସଂପୁର ଗ୍ରାମରେ ଆଇଓବି ଶାଖା ଗ୍ରାହକ ସେବା କେନ୍ଦ୍ର କେନ୍ଦ୍ର କରିଥିବା ସଂପୁର ଗ୍ରାମର ସଞ୍ଜୀୟ କୁମାର ସ୍ୱାଇଁ ନିଜ କାରବାର ପାଇଁ ଟଙ୍କା ସହିତ ଅନ୍ୟାନ୍ୟ ସରଞ୍ଜାମ ଏକ ବ୍ୟାଗରେ ରଖି ତାଙ୍କ ମୋଟର ସାଇକେଲ ହ୍ୟାଣ୍ଡେଲରେ ଓହଳାଇ ସଂପୁର ଫେରୁଥିଲେ। ତେବେ ମାରୁଗଡିଆ ପୋଖରୀ ନିକଟରେ ପଛରୁ ଏକ କଳା ପଲସର ଗାଡ଼ିରେ ତିନିଜଣ ହେଲମେଟ ପିନ୍ଧିଥିବା ଯୁବକ ହଠାତ୍ ଆସି ସଞ୍ଜୀୟଙ୍କୁ ସମ୍ମୁଖରୁ ଜଗିବା ସହ ତାଙ୍କ ଗୋଡ଼କୁ ବନ୍ଧୁକରୁ ଗୋଟିଏ ଗୁଳି ଚଳାଇଥିଲେ। ସଞ୍ଜୀୟ ଗୋଡ ଘୁଞ୍ଚାଇ ଦେବାରୁ ରକ୍ଷା ପାଇଯାଇଥିଲେ। ପରେ ହ୍ୟାଣ୍ଡେଲରେ ଥିବା ବ୍ୟାଗଟିକୁ ନେଇ ଯାଇ ଆଉ ଦୁଇ ରାଉଣ୍ଡ ଗୁଳି ଚଳାଇ ବୋଲଗଡ଼ ଦିଗକୁ ଚାଲି ଯାଇଥିଲେ। ପରେ ଏ ସଂକ୍ରାନ୍ତରେ ସଞ୍ଜୀୟ ବୋଲଗଡ଼ ଥାନାରେ ଜଣାଇବା ପରେ ପୋଲିସ ପକ୍ଷରୁ ଏସ ଆଇ ଲିଲି ପାଢ଼ୀ ଘଟଣାସ୍ଥଳକୁ ଯାଇ ପରେ ବ୍ୟାଙ୍କ ପରିସର ସିସି ଟିଭି ଯାଞ୍ଚ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ ବିଧିବଦ୍ଧ ଲିଖିତ ଅଭିଯୋଗ ହୋଇନାହିଁ।

# ଡାକ୍ତର-କର୍ମଚାରୀ ଅଭାବ, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

କୋରେଇ (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାର ଭୌଗୋଳିକ ଦୃଷ୍ଟିରୁ କୋରେଇ ବ୍ଲକଟି ନିପଟ ଗ୍ରାମାଞ୍ଚଳ ବ୍ଲକ ଭାବେ ପରିଚିତ। ଗ୍ରାମାଞ୍ଚଳର ଲୋକମାନେ ସ୍ୱାସ୍ଥ୍ୟସେବା ପାଇଁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ବୈମାତୃକ ମନୋଭାବ ପାଇଁ ଏଠାରେ ରୋଗୀ ସେବା ବ୍ୟାଘାତ ହେଉଛି ବୋଲି ଅଭିଯୋଗ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ କି କୋରେଇ ବ୍ଲକର ୨୮ଗୋଟି ପଞ୍ଚାୟତରୁ ପାଖାପାଖି ୨୦ଗୋଟି ପଞ୍ଚାୟତର ଜନସାଧାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ପ୍ରତ୍ୟେକ ଦିନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରୁ ଡାକ୍ତରମାନେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ମାନଙ୍କୁ ରେଫର ବି କରନ୍ତି। ସେଥିପାଇଁ ପ୍ରତିଦିନ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଦୁଃଖର ବିଷୟ ଏଠାରେ ଦୀର୍ଘବର୍ଷ ହେବ ଶିଶୁ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଦନ୍ତ ବିଶେଷଜ୍ଞ ପଦ ଖାଲି ପଡିଛି। ଏହାରି ମଧ୍ୟରେ ୧ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଫାର୍ମାସିଷ୍ଟ ପଦବୀ ଖାଲି ପଡ଼ିଛି, କୋରେଇ ବ୍ଲକରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଥିବା ଫାର୍ମାସିଷ୍ଟଙ୍କୁ ଅଦଳ ବଦଳ କରି ଚାଲିଛି ନିରାମୟ ସେବା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ ଘଣ୍ଟିଆ ଔଷଧ ମିଳିବାର ନିୟମ ଥିବା ବେଳେ ମାତ୍ର ଦିନରେ ୫ରୁ ୬ ଘଣ୍ଟା ରୋଗୀମାନେ ନିରାମୟ ସେବା ପାଇ ପାରୁଛନ୍ତି ଓ ଅନ୍ୟ ସମୟରେ ଔଷଧ ଦୋକାନରୁ ଔଷଧ କିଣି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ସରକାର ନିରାମୟରେ ସମସ୍ତ ପ୍ରକାର ରୋଗ ପାଇଁ ମାଗଣା ଔଷଧ ସେବା ଯୋଗାଉଥିବା ବେଳେ କିନ୍ତୁ ପ୍ରକୃତରେ ତୃଣମୂଳ ସ୍ତରରେ ଏହାର ସୁଫଳ ରୋଗୀ ପାଇ ପାରୁନାହାନ୍ତି। ଯାହା ପାଇଁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ ଯୋଜନା ଫେଲ୍ ମାରିଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଅଧିକ ହେଉଥିବାରୁ ମାତ୍ର ୩ଜଣ ସୁରକ୍ଷା କର୍ମୀରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା କରିବା କାଠିକର ପାଠ ହେଉଛି। ଅନ୍ୟପଟେ ଏହାର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ କର୍ମଚାରୀଙ୍କ ଅଭାବ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଏନେଇ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଭବାନୀ ଶଙ୍କର ଦାସଙ୍କୁ ଅଞ୍ଚଳର ବୁଦ୍ଧିଜୀବୀମାନେ ଅଭିଯୋଗ କରିବା ପରେ ମଧ୍ୟ କିଛି ସୁଫଳ ମିଳୁନଥିବା ସାଧାରଣରେ ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ଆମେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀ ଦାସଙ୍କ ପ୍ରତିକ୍ରିୟା ନେଇଥିଲୁ ସେ ଏସବୁ ସମସ୍ୟା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ୦୬/୦୫/୨୫ ରିଖ ଚିଠି ସଂଖ୍ୟା ୪୪୧ରେ ଏ ସମ୍ପର୍କରେ ଚିଠି କରିଥିବା କହିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ସ୍ଥାନୀୟ ବିଧାୟକ, ଯାଜପୁର ଜିଲ୍ଲାପାଳ ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି କରି ଏହାର ସମାଧାନ ନକଲେ ହଜାର ହଜାର ଲୋକ ନିର୍ଭର କରୁଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଜନସାଧାରଣଙ୍କ ଭରଷା ତୁଟି ଯିବ। ଲୋକମାନେ ବାଧ ହୋଇ ଘରୋଇ ଚିକିତ୍ସାଳୟ ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହେବେ।

## ଗୋବିନ୍ଦପୁର ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ୍

ଏରସମା (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଏରସମା ବ୍ଲକ୍ ପ୍ରଶାସନ ଏବଂ ବାତ୍ୟା ଆଶ୍ରୟସ୍ଥଳୀ ମରାମତି ଓ ପରିଚାଳନା କମିଟି, ଗୋବିନ୍ଦପୁର, ଢ଼ିଙ୍କିଆ ପଞ୍ଚାୟତର ମିଳିତ ସଂଯୋଜନାରେ ଏକ ଅଭ୍ୟାସ ଶିବିର ସ୍ଥାନୀୟ ଆଶ୍ରୟସ୍ଥଳ ଠାରେ ଅନୁଷ୍ଠିତ ହୋଇଯାଇଛି। ପହଲଗାମ୍ ଆକ୍ରମଣ ପରେ ଆସନ୍ନ ଯୁଦ୍ଧ ସମୟରେ କିପରି ସ୍ଥାନୀୟ ଲୋକମାନେ ବିଭିନ୍ନ ନିରାପତ୍ତା ଉପାୟ ଅବଲମ୍ବନ କରିବେ ତାହା ସମ୍ବନ୍ଧରେ ଆଲୋକପାତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏରସମା ବ୍ଲକର ଏଡିଓ ନୃସିଂହ ଶୁକ୍ଲ, ଢ଼ିଙ୍କିଆ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଜେନା, ପରିଚାଳନା କମିଟି ସମ୍ପାଦକ ସମାଜସେବୀ ରଞ୍ଜନ କୁମାର ବର୍ଦ୍ଧନ, ନାଏବ ସରପଞ୍ଚ ତୀର୍ଥଙ୍କର ଦାସ, ଏମବିକେ ସନ୍ଧ୍ୟାରାଣୀ ପାତ୍ର, ଅଙ୍ଗନୱାଡ଼ି କର୍ମୀ ସାବିତ୍ରୀ ରାଉତ, କମିଟି ସଦସ୍ୟ ଯୁବ ସ୍ୱେଚ୍ଛାସେବୀ ପ୍ରଭାତ ରାଉତ ପ୍ରମୁଖ ଯୋଗଦେଇ ଏହା ସମ୍ବନ୍ଧରେ ଆଲୋଚନା କରିଥିଲେ। ପାକିସ୍ତାନର ଦୋମୁହାଁ ନୀତି ଏବଂ ଆତଙ୍କବାଦକୁ ପ୍ରଶୟ ଦେବାକୁ ସାମୂହିକ ଭାବେ ନିନ୍ଦା କରାଯାଇଥିଲା। ପହଲଗାମ ଆକ୍ରମଣରେ ସହିଦ ହୋଇଥିବା ବ୍ୟକ୍ତି ମାନଙ୍କ ପାଇଁ ଦୁଇ ମିନିଟ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ସିନ୍ଦୂର ଅପରେସନକୁ ନୈତିକ ସମର୍ଥନ କରାଯାଇ ସୈନ୍ୟ ବାହିନୀ ପାଇଁ ଠାକୁରଙ୍କୁ ପ୍ରାର୍ଥନା କରାଗଲା।



# ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳିତ



ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଦୁଇଦିନ ବ୍ୟାପୀ ସ୍ଥାନୀୟ ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ନୀତା ନୃତ୍ୟାଙ୍ଗନା ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ଅନ୍ତର୍ଜାତୀୟ ନୃତ୍ୟ ଦିବସକୁ ମହାସମାରୋହରେ ପାଳିତ ହୋଇଯାଇଛି। ସରକାରଙ୍କ ଓଡିଆ ଭାଷା ସାହିତ, ସଂସ୍କୃତି ସୌଜନ୍ୟରୁ ଶ୍ରୀ ସାଇ ଡ୍ୟାନ୍ସ ଏକାଡେମୀ ଖୋର୍ଦ୍ଧାର କଳାକାରମାନେ ଆସି ନୃତ୍ୟ ପରିବେଷଣ କରିଥିଲେ। ଦୁଇଦିନ ବ୍ୟାପୀ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ କଳାକାରମାନଙ୍କ ସହ ଅନୁଷ୍ଠାନର କଳାକାରମାନଙ୍କର ନୃତ୍ୟ ପରିବେଷଣ ଓ ଦ୍ୱିତୀୟ ଦିବସରେ ସର୍ବକନିଷ୍ଠ, କନିଷ୍ଠ, ବରିଷ୍ଠ ତଥା ଦଳଗତ ନୃତ୍ୟରେ ବହୁ କଳାକାର ଭାଗ ନେଇ ଅତ୍ୟନ୍ତ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ । ପ୍ରଥମ ଦିବସ ଓ ଦ୍ୱିତୀୟ ଦିବସର ପ୍ରାତଃ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠାନର ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସମ୍ପାଦକ ଗୁରୁ ଆଶିଷ କୁମାର ପାଲ୍ ସୁଦୁର ମଧ୍ୟପ୍ରଦେଶ ଓ ଭୋପାଲ୍‌ରୁ ଆସିଥିବା ବିଶିଷ୍ଟ କଥକ ନୃତ୍ୟଶିଳ୍ପୀ ରୋମା ଅଧିକାରୀ ପ୍ରମୁଖ ଯୋଗଦାନ କରି ପିଲାମାନଙ୍କୁ ତଥା ଦର୍ଶକମାନଙ୍କୁ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଧ୍ୟା କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଶିଷ୍ଟ ସମାଜସେବୀ ଡା ରଜନୀକାନ୍ତ ତରାଇ ଓ ଗୁରୁମା ଉଷାରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ସଫଳତା କାମନା କରିଥିଲେ। ନୃତ୍ୟଶିଳ୍ପୀ ବିଶ୍ୱଭୂଷଣ ଚମ୍ପତିରାୟଙ୍କୁ ନୃତ୍ୟଗୁରୁ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଦିବସର ସକାଳ କାର୍ଯ୍ୟକ୍ରମରେ ସିନର୍ଜୀ କଲେଜ୍‌ର ବରିଷ୍ଠ ଅଧ୍ୟାପିକା ଜୟଶ୍ରୀ ସିଂ, ଅବସରପ୍ରାପ୍ତ ଡିଆଇପିଆରଓ ଡ. ପ୍ରମୋଦ କୁମାର ନାୟକ ଓ କାଉନ୍‌ସିଲ ଲକ୍ଷ୍ମୀପ୍ରିୟା ଦଳେଇ ପ୍ରଭୃତି ଯୋଗଦାନ କରି ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଭୁବନେଶ୍ୱର, ଅନୁଗୁଳ, ରାଉରକେଲା ଓ ବରହ୍ମପୁରରୁ ଆସିଥିବା ବିଚାରକମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତାର ମୂଲ୍ୟାଙ୍କନ କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୧୫ଜଣ ନୃତ୍ୟ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ଉଷାରାଣୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଧବ ମନ୍ଦିର ପରିଚାଳନାରେ ଦ୍ୱନ୍ଦ୍ୱ

# ବିନା ନୋଟିସ୍‌ରେ ବଂଶାନୁକ୍ରମୀ ଟ୍ରଷ୍ଟିଙ୍କ କାର୍ଯ୍ୟାଳୟରେ ପଡିଲା ତାଲା




ନିଆଳି (ଭାସ୍କର ନ୍ୟୁଜ୍) : ନିଆଳିର ପ୍ରସିଦ୍ଧ ଦେବତା ପ୍ରଭୁ ଜଗନ୍ନାଥଙ୍କ ମାମୁଘର ଶ୍ରୀ ଶ୍ରୀ ମାଧବାନନ୍ଦ ମନ୍ଦିରରେ ପଶିଛି ରାଜନୀତି। ନୀତି ନିୟମ ସରକାରଙ୍କ ଦ୍ୱାରା ଗଢ଼ା ଯାଇଥିବା କମିଟି ଆସୁନି କାମରେ। ଏବେ ମାଧବାନନ୍ଦ ପରିଚାଳନା କମିଟିରେ ଉପୁଜିଛି ଦ୍ୱନ୍ଦ୍ୱ। ସରକାରଙ୍କ ଦ୍ୱାରା ଗଢ଼ାଯାଇଥିବା ଟ୍ରଷ୍ଟିରେ ବଂଶାନୁକ୍ରମୀ ଟ୍ରଷ୍ଟିର ମୁଖ୍ୟ ପ୍ରଶାନ୍ତ ଦେବ ଗୋସ୍ୱାମୀ ପରିଚାଳନା କମିଟିରୁ ବାହାରେ ରଖାଯାଇ ଆଉ ଏକ କମିଟି ଗଠନ କରାଯାଇଛି। କଟକ ଉପଜିଲ୍ଲାପାଳ ଦୁଇମାସ ମାଧବାନନ୍ଦ ଜିଉ ମନ୍ଦିର ପରିଚାଳନା ପାଇଁ ଆରଆଇଙ୍କୁ ଦୁଇମାସ ପରିଚାଳନା ପାଇଁ ଦାୟିତ୍ୱ ଦେଇଥିବା ବେଳେ ଏବେ କିନ୍ତୁ ନା ଆରଆଇ ନା ଗୋସ୍ୱାମୀ କେହି ବି ପରିଚାଳନା ଦାୟିତ୍ୱ ବୁଝୁ ନାହାନ୍ତି। ଏ ନେଇ ଆରଆଇ ସୁବୋଧ କୁମାର ପଣ୍ଡାଙ୍କୁ ପଚାରିବାରୁ ମିଁ କୌଣସି ଚାବି ରଖିନାହିଁ କି ପରିଚାଳନା ଦାୟିତ୍ୱରେ ନାହିଁ। ମନ୍ଦିର ପରିସରରେ ଥିବା ବଂଶାନୁକ୍ରମୀ ଟ୍ରଷ୍ଟି ପ୍ରଶାନ୍ତ ଦେବ ଗୋସ୍ୱାମୀର କାର୍ଯ୍ୟାଳୟର ତାଲାକୁ କାଟି ନୂତନ ତାଲା ପକାଯାଇଛି। ଯାହାଫଳରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ କାର୍ଯ୍ୟାଳୟରେ ରହିଛି। ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ ମାସର ମନ୍ଦିର ପରିଚାଳନା ବାବଦରେ ଖର୍ଚ୍ଚ ହୋଇଥିବା ୨ଲକ୍ଷ ୪ ହଜାର ଟଙ୍କା ଖର୍ଚ୍ଚ ହୋଇଥିବାର ନିଆଳି ତହସିଲଦାର ଲିଳନ ପ୍ରସାଦ ସାହୁ ପଇସା ଦେଇନଥିବା ଗୋ ସ୍ୱାମୀ ଅଭିଯୋଗ ଆଣିଛନ୍ତି। ବିଭିନ୍ନ ଦୋକାନରୁ ରାସନ ଠୁ ଆରମ୍ଭ କରି ଛେନା ଦହି କ୍ଷୀର ଓ ବିଭିନ୍ନ ପନିପରିବା ବାକିରେ ଅଣିଥିବାରୁ ସେମାନଙ୍କ ପରିବାର ଏବେ ଚିନ୍ତାରେ ପଡିଛନ୍ତି। ଧର୍ମାନୁଷ୍ଠାନ ପରି ପବିତ୍ର ଜାଗାରେ ରାଜନୀତି କରଣକୁ ନେଇ ବୁଦ୍ଧିଜୀବୀ ଓ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ନିଆଳି ତହସିଲଦାର ଲିଳନ ପ୍ରସାଦ ସାହୁଙ୍କ ମତ ନେବାକୁ ଚାହିଁଥିଲେ ବି ସେ ଫୋନ ଉଠାଇ ନାହାନ୍ତି।

## ଅସହ୍ୟ ରୌଦ୍ରତାପ ଖୋଲିଲାନି ଜଳଛତ୍ର

କଣାସ (ଭାସ୍କର ନ୍ୟୁଜ) : ସାରା ରାଜ୍ୟରେ ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ପାଉଥିବାରୁ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡିଛି ଜନଜୀବନ। ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ଏଠାରେ ପାନୀୟ ଜଳ ସମସ୍ୟା ଲାଗି ରହୁଥିବାବେଳେ ଖରାଦିନେ ଏହା ଉଗ୍ରରୂପ ଧାରଣ କରେ। ଯାହା ଜିଲ୍ଲା ଓ ବ୍ଲକ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ହୋଇପଡେ। ପ୍ରତିବର୍ଷ ଛକ ସ୍ଥାନରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲାଯାଏ ଏବଂ ଗାଁ କଲ୍ୟାଣ ସମିତି ପକ୍ଷରୁ ମଧ୍ୟ ଜଳଛତ୍ର ଖୋଲାଯାଇଥାଏ ବର୍ତ୍ତମାନ ଅସହ୍ୟ ରୌଦ୍ରତାପ ହେଉଥିବାବେଳେ କୌଣସି ପଞ୍ଚାୟତରେ ଜଳଛତ୍ର ଏପର୍ଯ୍ୟନ୍ତ ଖୋଲିନାହିଁ। ଚାରିଦିନ ହେଲା ଅସହ୍ୟ ରୌଦ୍ରତାପ ଯୋଗୁଁ ସକାଳ ୮ ଘଟିକା ସମୟରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଲୋକମାନେ ଘରୁ ବହାରୁ ନାହାଁନ୍ତି। ବଜାର ଘାଟ ଓ ରାସ୍ତା ଜନଶୂନ୍ୟ ହୋଇପଡିଛି । ଏ ସଂପର୍କରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ବାରମ୍ବାର ସରପଞ୍ଚମାନଙ୍କୁ ଜଳଛତ୍ର ଖୋଲିବା ପାଇଁ ଚିଠି ଦେଲାଣି ସେମାନେ ଖୋଲୁ ନାହାଁନ୍ତି।

# 'ଲବଣ ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ'

## ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ପାଇଁ ପ୍ରସ୍ତୁତି



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଡାକରାରେ ଅନୁପ୍ରାଣିତ ହୋଇ ଗାନ୍ଧିଜୀଙ୍କ ଦାଣ୍ଡି ଯାତ୍ରାର ପ୍ରତିଧ୍ୱନି ଦେଶର ବିଭିନ୍ନ ରାଜ୍ୟରେ ଶୁଣାଯାଇଥିଲା। ଓଡିଶା ଏକ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଲବଣ ସତ୍ୟାଗ୍ରହ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲା। ପୁରୀ ଜିଲ୍ଲାରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଜଗନ୍ନାଥ ରଥଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା। ୧୯୩୦ମେ ୨୧ତାରିଖର ସ୍ଥାନୀୟ ସଂଗ୍ରାମୀ ଓ ସତ୍ୟାଗ୍ରହୀଙ୍କ ଗାଥାକୁ ଉଜ୍ଜୀବିତ କରିବା ପାଇଁ ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ସମାରୋହ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖବର ମୁତାବକ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ଓ ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୁରୁବାର ଦିନ ମଧ୍ୟାହ୍ନ ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ ଅଧକ୍ଷା ଆରତୀ ନାଏକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ସମ୍ମାନିତ ଅତିଥି ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ଶସ୍ମିତା ବେହେରା, ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମୀୟ କୁମାର ପଟ୍ଟନାୟକ, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର ପ୍ରମୁଖଙ୍କ ଉପସ୍ଥିତରେ ଆସନ୍ତା ମେ ୨୧ତାରିଖ ତଥା ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ଦିନ ପ୍ରତ୍ୟୁଷରୁ ରାମଧୂନ, ସକାଳ ୭ଘଟିକା ରେ ମାଲ୍ୟାର୍ପଣ, ଲବଣ ସତ୍ୟାଗ୍ରହ ସମ୍ପର୍କରେ ଲୋକଙ୍କୁ ସଚେତନ ପାଇଁ ଅସ୍ତରଙ୍ଗ ବ୍ଲକ ଠାରୁ ଲବଣ ସତ୍ୟାଗ୍ରହ ପୀଠ କୁହୁଡି ପର୍ଯ୍ୟନ୍ତ ଏକ ଗଣଦୌଡ଼, ସଂଗ୍ରାମୀ ସ୍ମୃତି ପୀଠରେ ଶ୍ରଦ୍ଧା ସୁମନ ପ୍ରଦାନ, ଜାତୀୟ ପତାକା ଉତ୍ତୋଳନ, କୁହୁଡ଼ି ଗ୍ରାମର ମହିଳାଙ୍କ ଦ୍ୱାରା ପ୍ରଭୁ କ୍ଷେତ୍ରପାଳଙ୍କ ଠାରୁ ଆଜ୍ଞା ମାଳ ଆସିବା ପରେ ଲବଣ ସତ୍ୟାଗ୍ରହ ପୀଠରେ ଲବଣ ସତ୍ୟାଗ୍ରହ ସମ୍ପର୍କରେ ଲୋକଙ୍କୁ ଅବଗତ ପାଇଁ ଲବଣ ସତ୍ୟାଗ୍ରହ ଉପରେ ଆଧାରିତ ପାଲା, ଏହା ସହ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ପ୍ରତିଷ୍ଠା, ଅତିଥି ଓ ଉପସ୍ଥିତ ଜନ ସାଧାରଣଙ୍କ ଦ୍ୱାରା ସଂଗ୍ରାମୀ ମାନଙ୍କ ସହ ପହଲଗାମରେ ନିରୀହ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା, ସ୍ମରଣିକା ଉନ୍ମୋଚନ, ଏହା ସହ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ବାର୍ତ୍ତା ପଠନ ହେବ ବୋଲି ପ୍ରସ୍ତୁତି ବୈଠକ ଆଲୋଚନା ହୋଇଥିଲା। ଏହା ସହ ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ସମାରୋହରେ ଅତିଥି ଭାବେ ଓଡିଶାର ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସ୍ମୃତି ସମିତି ତରଫରୁ ନିବେଦନ କରାଯାଇଛି, ଆସିବାର ଅନୁମୋଦିତ ହେଲେ ସ୍ୱତନ୍ତ୍ର ଆୟୋଜନ ହେବ ବୋଲି ସ୍ଥିର ମଧ୍ୟ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ କୋଣାର୍କ ପର୍ଯ୍ୟଟକ ଅଧିକାରୀ ଅମୀୟ କୁମାର ସେଠୀ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ, କାକଟପୁର ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡ, ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ଯନ୍ତ୍ରୀ ସତ୍ୟଶଙ୍କର ମହାନ୍ତି, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଶିକ୍ଷାବିତି କାଳନ୍ଦୀ ଚରଣ ଛାଟୋଇ, ରବୀନ୍ଦ୍ର ମହାନ୍ତି, ସମାଜସେବୀ ସତ୍ୟବ୍ରତ ଲେଙ୍କାଙ୍କ ସହ ବ୍ଲକର ବିଭିନ୍ନ ବିଭାଗ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ରେଡ଼କ୍ରସ ପକ୍ଷରୁ ବିଶ୍ୱ ରେଡ଼କ୍ରସ ଦିବସ ଓ ରକ୍ତଦାନ ଶିବିର




ଭଦ୍ରକ (ଭାସ୍କର ନ୍ୟୁଜ୍) : ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଷ୍ଟଙ୍କ ଜନ୍ମ ଦିବସ ଅବସରରେ ବିଶ୍ୱ ରେଡକ୍ରସ ଦିବସ ଓ ରକ୍ତଦାନ ଶିବିର ଭାରତୀୟ ରେଡକ୍ରସ ସୋସାଇଟୀ ଏବଂ ଭଦ୍ରକ ଜିଲ୍ଲା ରେଡକ୍ରସ ଶାଖା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ତଥା ରେଡକ୍ରସର ଅଧକ୍ଷ ଦିଲୀପ ରାଉତରାଏ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଗରିକା ସାହୁଙ୍କ ସହିତ ରେଡକ୍ରସର ଆଜୀବନ ସଦସ୍ୟ ମନୋରଂଜନ ଦାସ, ରାଧା ରାଣୀ ମହାପାତ୍ର, ଚାରୁଲତା ମହାପାତ୍ର, ଶ୍ରୀ ନିବାସ ପତି, ଅତୀଶ ବେହେରା ଓ ବହୁ ବୁଦ୍ଧିଜୀବୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଗତବର୍ଷ ୨୦୨୪-୨୫ର ସମସ୍ତ ଆୟ ବ୍ୟୟର ହିସାବ ହୋଇଥିଲା। ଏହି ଆର୍ଥିକ ବର୍ଷରେ ୧ କୋଟି ୫ ଲକ୍ଷ ୮୦ ହଜାର ୮୨୧ ଟଙ୍କା ରେଡକ୍ରସରେ ଆୟ ହୋଇଥିବା ବେଳେ ୫୧ ଲକ୍ଷ ୫୩ ହଜାର ୬୯୨ ଟଙ୍କା ରେଡକ୍ରସ ସହାୟତାରେ ଖର୍ଚ୍ଚ ହୋଇଛି। ରେଡକ୍ରସର କ୍ରିୟାଶୀଳ, ଗତିଶୀଳ ଅଧିକ ହେବା ଉପରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ଗୁରୁତ୍ୱାରୋପ କରିଥିଲେ। ଏହା ପରେ ରେଡକ୍ରସ ବିଭାଗକୁ ସର୍ବାଧିକ ଆୟ ଯୋଗାଇଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରଯାଇଥିଲା। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାଳନ୍ଦୀ ସଭାଗୃହ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲ୍ଲାପାଳ ଶ୍ରୀ ରାଉତରାଏ ଉଦ୍ଘାଟନ କରିଥିଲେ। ଏଥିରେ ଜିଲ୍ଲାପାଳଙ୍କ ସହିତ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଗରିକା ସାହୁ ଓ ସମାଜସେବୀ ରକ୍ତଦାନ କରିଥିଲେ।

# ରାଶିଫଳ

**ଶୁକ୍ରବାର, ୦୯ ମଇ ୨୦୨୫**



**ମେଷ:** ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ। ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ।



**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକ୍କାପଣ ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଧାର୍ମିକ ଯାତ୍ରା ଆୟୋଜିତ ହେବ।



**ମିଥୁନ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ। ଆପଣଙ୍କଠାରୁ ସହକର୍ମୀମାନେ ଲାଭବାନ ହେବେ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ମିଠା ଖାଦ୍ୟ ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।



**ତୁଳା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।



**କନ୍ୟା:** ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ। ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ (ଭାସ୍କର ନ୍ୟୁଜ୍): ବିଭିନ୍ନ ସମୟରେ ରକ୍ତ ଅଭାବରେ ମୂଲ୍ୟବାନ ଜୀବନ ଚାଲିଯାଉଛି ।କେତେକାଂଶରେ ଏହାର କୁପ୍ରଭାବ ପୁରା ପରିବାର ଉପରେ ପଡୁଥିବା ଦେଖିବାକୁ ମିଳୁଛି । ଏହିପରିପେକ୍ଷୀରେ ବିଭିନ୍ନ ସମାଜ ମଙ୍ଗଳ ପାଇଁ କାର୍ଯ୍ୟକ୍ରମମାନ କରୁଥିବା ଉମରକୋଟ ସ୍ଥିତ ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁରୁକୃପା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ରକ୍ତଦାନ ଶିବିର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉମରକୋଟ ଏବଂ ଗୁରୁକୃପା ମେଡ଼ିକାଲ୍ କଲେଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ, ଶିବିର ରେ ମୋଟ ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଡଃ.ସବ୍ୟସାଚୀ ମହାନ୍ତି ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଉମରକୋଟ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ବିଧିବଦ୍ଧ ଭାବେ ଫିତା କାଟି ଶୁଭ ଉଦଘାଟନ କରି ଥିଲେ ଏବଂ ପରିଶେଷରେ ଗୁରୁକୃପା ପରିବାରର ସମସ୍ତ ସଦସ୍ୟ ଏବଂ ସଦସ୍ୟା ମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଆଗାମୀ ଦିନରେ ରକ୍ତ ଅଭାବରେ କାହାର ଜୀବନ ହାନୀ ହେବାକୁ ଦିଆଯିବ ନାହିଁ ବୋଲି ଗୁରୁକୃପା ଶିକ୍ଷା ଅନୁଷ୍ଠାନର ପରିଚାଳକ ମନୋଜ ପାଢ଼ୀ କହିଥିବା ବେଳେ, ସମସ୍ତ ରକ୍ତଦାତାମାନଙ୍କୁ ଏବଂ ଶିବିର ପରିଚାଳନାରେ ସହଯୋଗ କରିଥିବା ସମସ୍ତଙ୍କୁ ଗୁରୁକୃପା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଧାପିକା ଇଂ. ଚନ୍ଦନା ମଲ୍ଲିକ ସାଧୁବାଦ ଜଣାଇଥିଲେ ।



# ଚୁଆପାଣି ଭରସାରେ ମଣିଷ ଓ ପଶୁ



ମାଲକାନଗିର(ଭାସ୍କର ନ୍ୟୁଜ୍): ଝରଣାର ଗୋଟିଏ ସ୍ଥାନରୁ ଉଭୟ ମଣିଷ ଓ ପଶୁ ଶୋଷ ମେଣ୍ଟାଉଛନ୍ତି । ବର୍ଷ ବର୍ଷ ଧରି ଏଭଳି ଚାଲିଥିବାବେଳେ ଦେଖିବାକୁ କେହି ନାହିଁ ଓ ଏପରି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ବଣ୍ଡାଘାଟିରୁ । ଖଇରପୁଟ ବ୍ଲକରେ ଥିବା ଏହି ବଣ୍ଡାଘାଟିରେ କାହିଁ କେଉଁକାଳରୁ ରହି ଆସୁଛନ୍ତି ଆଦିମ ଜନଜାତି ବଣ୍ଡା । ଏହି ଜନଜାତିଙ୍କ ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ଅନେକ ପ୍ରୟାସ ଜାରି ରହିଥିବାବେଳେ ବି ଡି ଏ ନାମକ ସଂସ୍ଥାକୁ ଏଠିକାର ବିକାଶ ନିମନ୍ତେ ଦୟିତ୍ୱ ଦିଆଯାଇଛି । ଏହି ଜନଜାତିଙ୍କ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସୁଥିଲେ ସୁଦ୍ଧା ଆଜି ବଣ୍ଡା ଜନଜାତିଙ୍କ ପାଇଁ ପାନୀୟ ଜଳ ଏକ ମୁଖ୍ୟ ସମସ୍ୟା ପାଲଟିଛି । ଅଞ୍ଚଳର ବିକାଶ ପାଇଁ ସରକାର ନାନା ପ୍ରୟାସ କରି ସେଠାକୁ ରାସ୍ତା, ମୋବାଇଲ ସେବା, ବିଦ୍ୟାଳୟ ଭଳି ନାନା ପ୍ରକାରର ସୁବିଧା ପହଞ୍ଚାଇ ଥିଲେ ମଧ୍ୟ ଏଠିକାର ଲୋକଙ୍କ ପାଇଁ ପାଣିର ସୁବିଧା ସଠିକ ଭାବେ ହୋଇ ପାରିନାହିଁ । ଫଳରେ ବର୍ଷ ବର୍ଷ ଧରି ଝରଣା ଉପରେ ନିର୍ଭର କରୁଛନ୍ତି ବଣ୍ଡା ଜନଜାତି ମଣିଷ । ଗୋଟିଏ ଚୁଆରୁ ଅନେକ ପଶୁ ପକ୍ଷୀ ଓ ମଣିଷ ପିଉଛନ୍ତି ପାଣି । ବଣ୍ଡାଘାଟିର ଅଁଦ୍ରାହାଲ ଓ ମୁଦୁଲିପଡା ପଞ୍ଚାୟତରେ ମୋଟ ୩୨ ଗାଁ ରହିଛି। ସରକାରୀ ରେକର୍ଡରେ ଘାଟିରେ ୬୦ରୁ ୭୦ଟି ନଳକୂପ ରହିଛି। କିନ୍ତୁ ସେଥିମଧ୍ୟରୁ କିଛି ଅଚଳ ହେଇ ରହିଛି, ଆଉ କିଛିରେ ଗୋଳିଆ ପାଣି ବାହାରୁ ଥିବାରୁ ଏହା ବ୍ୟବହାର ଯୋଗ୍ୟ ନୁହେଁ ବୋଲି ଲୋକେ ଅଭିଯୋଗ କରିଛନ୍ତି । ଏମିତି ସ୍ଥିତିରେ ବାଧ ହୋଇ ଲୋକେ ଝରଣା, ଚୁଆ ଓ ନଦୀ ଉପରେ ନିର୍ଭର କରନ୍ତି । ଖରାରେ ନଦୀ ନାଳ ଶୁଖି ଯାଉଥିବାରୁ ଲୋକେ ପାଣି ମୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। ଏହାର ସମାଧାନ ପାଇଁ ବିଶେଷ ପଦକ୍ଷେପ ନିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି । ବଣ୍ଡାଘାଟିରେ ପ୍ରତିବର୍ଷ ଜଳ ସଂକଟର ଏପରି ଚିତ୍ର ଦେଖିବାକୁ ମିଳୁଛି। ବଣ୍ଡା ଉନ୍ନୟନ ସଂସ୍ଥା ଜନଜାତିଙ୍କ ବିକାଶ କଥା କହୁଥିବା ବେଳେ ପାଣି ଯୋଗାଇ ଦେବାରେ ବିଫଳ ହୋଇଛି ଖଇରିପୁଟ ବ୍ଲକ । ମୁଦୁଲିପଡା ପଞ୍ଚାୟତର ବଣ୍ଡାପଡା ଗ୍ରାମରେ ପ୍ରାୟ ୬୫ ପରିବାର ବସବାସ କରୁଥିବା ବେଳେ ଏମାନଙ୍କ ପାଇଁ ଥିବା ଗୋଟିଏ ନଳକୂପ ଅଚଳ ହୋଇ ପଡିରହିଛି । ଯାହାର ମରାମତି କିମ୍ବା ନୂତନ ନଳକୂପ ପାଇଁ ବ୍ଲକ ପ୍ରଶାସନର ନଜର ନାହିଁ । ବର୍ଷ ତମାମ ଝରଣା ପାଣି ଉପରେ ନିର୍ଭର କରି ଆସୁଛନ୍ତି ଏଠିକାର ଗ୍ରାମବାସୀ । ବହିଯାଉଥିବା ଝରଣାରେ ଚୁଆ କରି ସେହି ପାଣିକୁ ଆଜି ପର୍ଯ୍ୟନ୍ତ ବ୍ୟବହାର କରି ଆସୁଛନ୍ତି। ଗୋଟିଏ ଚୁଆରେ ଗାଈ ଗୋରୁ, ଛେଳି ମେଣ୍ଢା, ଘୁଷୁରି ପାଣି ପିଉଥିବା ବେଳେ ପୁଣି ସେହି ଚୁଆର ପାଣି ବଣ୍ଡା ଜନଜାତି ମଣିଷ ମଧ୍ୟ ପିଉଛନ୍ତି ଓ ତାହା ମଧ୍ୟ ଶୁଖିବାକୁ ବସିଲାଣି । ଏନେଇ ଆମେ ଖଇରପୁଟ ବିଡିଓଙ୍କୁ ପଚାରିବାରୁ ପାଣିର ବ୍ୟବସ୍ଥା କରିଦେବୁ ବୋଲି ଉତ୍ତର ଦେଇଥିଲେ ।

# କାମରେ ଆସୁନି ତିନିକୋଟି ଟଙ୍କାର ସରକାରୀ ବିଲ୍ଡିଂ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ଏବେ ବି ସରକାରୀ କାର୍ଯ୍ୟାଳୟଗୁଡିକ ଭଡା ଘରେ ଚାଲିଛି । ଯାହାଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ର ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ୱାର୍ଡ ନମ୍ବର ୧୩ ଗାନ୍ଧୀ ନଗର ସ୍ଥିତ ଗୋଡ଼ଧୁଆ ଯିବା ରାସ୍ତା ଡାହାଣ ପାର୍ଶ୍ୱରେ ନିର୍ମିତ ହୋଇଥିବା ତିନି କୋଟି ଟଙ୍କାର କୋଠାଘର କ୍ଷେତ୍ରରେ ।ପାଖାପାଖୀ ଦଶ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ତିନି କୋଟି ଟଙ୍କାର ବିଲଡିଂ ନିର୍ମାଣ ହୋଇଛି । ଭୂତ ନିର୍ମାଣ କରିଛି ଏହି କୋଠା ଘରକୁ ।ପୂର୍ତ୍ତ ବିଭାଗ କହୁଛି ଆମର ଅଫିସ ତରଫରୁ କାମ ହୋଇନାହିଁ ଅନ୍ୟ ପଟେ ଗ୍ରାମ୍ୟ ଉନ୍ନୟନ ବିଭାଗ କହୁଛି ଆମର କାମ ନାହିଁ ହେଲେ ଏତେ ଟଙ୍କାର କୋଠା ଘର ଭୂତ ନିର୍ମାଣ କରି ସମ୍ପୂର୍ଣ କରିଛି। କିନ୍ତୁ ଏହି ବିଲଡିଙ୍ଗ କାର୍ଯ୍ୟରେ ଆସିପାରୁ ନାହିଁ। ଭୂତକୋଠି ସାଜିଛି ଏହି ତିନି କୋଟି ଟଙ୍କାର ବିଲଡିଂ। ସରକାରଙ୍କ ମାଲ ଦରିଆମେ ଡାଲ ସଦୃଶ। କେଉଁ ଉଦ୍ଦେଶ୍ୟରେ ଏଠାରେ ଏତେ ଟଙ୍କାର ବିଲଡିଂ ତିଆରି ହେଲା ଓ କାହିଁକି ଦଶ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟକାରୀ ହେଉନାହିଁ ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଲଡିଂ ଏତେ ଉଚ୍ଚମାନର କାମ ହୋଇଛି ଯେ, କୋଣସି ପାଖେ ଦାଗ ମଧ୍ୟ ହୋଇନାହିଁ। ସରକାରିଆ କର୍ମଚାରୀମାନେ ଭଡା ଘରେ ରହୁଛନ୍ତି ।ସରକାରୀ କାର୍ଯାଳୟ ଭଡାରେ ଚାଲିଛି। ଯଦ୍ୱାରା ସରକାରୀ ଖଜଣାକୁ ଯିବା ଅର୍ଥ ଯାଇପାରୁନାହିଁ। ଫଳରେ ରାଜସ୍ୱ ଅର୍ଥ ହରାଇବାକୁ ପଡୁଛି ।କାହିଁକି କୋଟି କୋଟି ଟଙ୍କାର ବିଲଡିଂ ଭୂତକୋଠି ସାଜିଛି, କେଉଁ ଉଦ୍ଦେଶ୍ୟ ରେ ଏହି ବିଲଡିଂ ତିଆରି ହୋଇଛି ବା କାହିଁକି ବିଲଡିଂ କାର୍ଯ୍ୟକାରୀ ହେଉନାହିଁ ଏହାକୁ ନେଇ ଏବେ ନାନାଦି ପ୍ରଶ୍ନ ସୃଷ୍ଟି ହେଉଛି ସାଧାରଣରେ। ତେଣୁ ବୁଦ୍ଧିଜୀବୀ ମହଲରେ ତୁରନ୍ତ ଏହି ବିଲଡିଂକୁ କାର୍ଯ୍ୟକାରୀ କରିବାକୁ ଦାବି ହେଉଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

# ନିଶୁଳ୍କ ବ୍ରତୋପନୟନ ଓ ଗର୍ଭଉତ୍ସବ ସଂସ୍କାର



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ୧୧୯ କଲୋନୀ ସ୍ଥିତ ଗାୟତ୍ରୀ ପ୍ରଜ୍ଞା ପୀଠରେ ନିଃଶୁଳ୍କ ବ୍ରତୋପନୟନ ଓ ଗର୍ଭଉତ୍ସବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳେ ମାଲକାନଗିରି ସହରର ଜଗଦୀଶ ଗନ୍ତାୟତଙ୍କ ପୁତ୍ର ଯସରାଜ ଗନ୍ତାୟତଙ୍କ ରୀତିନୀତି ଅନୁସାରେ ବ୍ରତୋପନୟନ ସଂସ୍କାର କାର୍ଯ୍ୟକ୍ରମ ନିଶୁଳ୍କ ଭାବେ କରାଯାଇଛି। ଏହା ବ୍ୟତିତ ଗର୍ଭସ୍ଥ ଶିଶୁକୁ ପ୍ରଖର, ପ୍ରତିଭାଶାଳୀ, ବୁଦ୍ଧିମାନ, ସୁଯୋଗ୍ୟ, ଶାରୀରିକ, ବନ୍ଧିକ, ସଂସ୍କାର, ସୁସ୍ଥ, ସବଳ ନିମନ୍ତେ ଗର୍ଭବତୀ ଦୁଇଜଣ ମହିଳାଙ୍କର ଗର୍ଭଉତ୍ସବ ସଂସ୍କାର କାର୍ଯ୍ୟକ୍ରମ କରା ଯାଇଥିଲା। ଗାୟତ୍ରୀ ପୀଠର ମୁଖ୍ୟ ପୁରୋଧା ମିହିର ପାଢ଼ୀ ଓ ଅନ୍ୟ ଗାୟତ୍ରୀ ଦୀକ୍ଷିତ ଭାଇ ଓ ଭଉଣୀମାନେ ଏହି ସଂସ୍କାର କାର୍ଯ୍ୟକ୍ରମ କରିଥିଲେ।ଏହି କାର୍ଯ୍ୟକ୍ରମରେ ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।ଗାୟତ୍ରୀ ପୀଠ ପକ୍ଷରୁ ସମସ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

'ଅପରେସନ ଶୁଦ୍ଧି'

# ନୂଆପଡ଼ାକୁ କରିବ ନିଶାମୁକ୍ତ



ନୂଆପଡାଭାସ୍କର ନ୍ୟୁଜ୍): ନୂଆପଡା ପୋଲିସ ଜିଲ୍ଲାକୁ ନିଶା ମୁକ୍ତ କରିବାକୁ ଅପରେସନ 'ଶୁଦ୍ଧି' ଚଳାଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି. ଆର. ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଖରିଆରରୋଡ ଜୋଙ୍କ ଥାନା ପୋଲିସ ଅବୈଧ ନିଶା କାରବାରରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ବିପୁଳ ପରିମାଣର ନିଶା ଔଷଧ ଜବତ କରିଛି । ଏସ୍ ପି ଶ୍ରୀ ରାଘବେନ୍ଦ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟରେ ବିସ୍ତୃତ ସୂଚନା ଦେଇଛନ୍ତି ।ଅଭିଯୁକ୍ତମାନେ ହେଲେ ଖରିଆରରୋଡର ୧୩ନମ୍ବର ୱାର୍ଡର ଅତାର ମହମ୍ମଦ(୫୫), ସୋହେଲ ମହମ୍ମଦ(୨୩) ଏବଂ ଶାହରୁଖ ଖାନ (୩୨) । ଏମାନଙ୍କଠାରୁ ୨ଗୋଟି ମୋବାଇଲ ସହ ନିଶା ଯୁକ୍ତ ୬୨୨ଟି ପେଣ୍ଟାଜୋସିନ ଲାକ୍ଟେଟ ଇଞ୍ଜେକସନ ଜବତ କରାଯାଇଛି । ସୂଚନା ଯୋଗ୍ୟ ଯେ ଗତ ମାସ ୧୩ ତାରିଖଠାରୁ ନୂଆପଡା ଏସପିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାବ୍ୟାପି ଅପରେସନ 'ଶୁଦ୍ଧି' ଚାଲିଛି । ଜିଲ୍ଲାବ୍ୟାପି ଭିନ୍ନ ଭିନ୍ନ ଜାଗାରେ ଅବୈଧ ନିଶା କାରବାର ଉପରେ ଚଢାଉ କରି ବେଆଇନ ଡ୍ରଗସ୍, ମଦ, ଗଞ୍ଜେଇ, କଫ୍ ଶିରପ ଆଦି ପୋଲିସ୍ ଜବତ କରୁଛି । ବିଶ୍ୱାସନୀୟ ସୂତ୍ରରୁ ଖବର ପାଇ ଜୋଙ୍କ ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଖରିଆରରୋଡ ସହରର ୱାର୍ଡ ନମ୍ବର ୧୩ରେ ଅତାର ମହମ୍ମଦଙ୍କ ଘର ଉପରେ ଅତର୍କିତ ଚଢାଉ କରିଥିଲା । ସେଠାରୁ ଉପରୋକ୍ତ ନିଷିଦ୍ଧ ଇନ୍‌ଜେକ୍ସନ ସବୁ ଜବତ କରାଯାଇଥିଲା । ଏଥିରେ ତାଙ୍କର ଦୁଇ ସହଯୋଗୀଙ୍କୁ ମଧ୍ୟ ଗିରଫ କରାଯାଇଛି । ଏମାନଙ୍କ ବିରୁଦ୍ଧରେ କେଶ ନମ୍ବର ୮୮/୨୫ ଅନୁସାରେ ୧୧(୪)ବିଏନଏସ, ୨୧(କ), ଏନଡିପିଏସ ୧୯୮୫ ଆକ୍ଟର୨୯ ଧାରାରେ ଗିରଫ କରାଯାଇ ବୁଧବାର ସଂଧ୍ୟାରେ ନୂଆପଡା କୋର୍ଟକୁ ଚାଲାଣ କରାଯାଇଛି । ଜିଲ୍ଲାକୁ ଅବୈଧ ନିଶା କବଳରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ଏହି ଅଭିଯାନ ଚାଲୁ ରହିବ ବୋଲି ଆରକ୍ଷୀ ଅଧିକ୍ଷକ ପ୍ରକାଶ କରିଛନ୍ତି ।

# ବହୁଚରା ମା'ଙ୍କ ଷୋହଳ ପୂଜା



ଉମରକୋଟ(ଭାସ୍କର ନ୍ୟୁଜ୍): କିନ୍ନର ସମ୍ପ୍ରଦାୟ ପକ୍ଷରୁ କିନ୍ନରଙ୍କ କୁଳଦେବୀ ବହୁଚରା ମାତାଙ୍କ ଷୋହଳ ପୂଜା ମହା ଆଡମ୍ବର ସହକାରେ ଉମରକୋଟ ପୌରାଞ୍ଚଳ ଅଧୀନ ଗୁଲିପାଟଣା ସ୍ଥିତ ବାବା ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହିପୂଜା କରିବା ଦ୍ୱାରା ଅଞ୍ଚଳରେ ସୁଖ ଶାନ୍ତି ଓ ସମୃଦ୍ଧିରେ କୌଣସି ଆଞ୍ଚ ଆସିବ ନାହିଁ ବୋଲି କୁହାଯାଏ ।ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କିନ୍ନରମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଛି। ରାଜ୍ୟର ଅନେକ ସ୍ଥାନରେ ବହୁଚରା ମା' ଙ୍କ ପୂଜା କରାଯାଇଥାଏ କିନ୍ତୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଉମରକୋଟ ଠାରେ ଏହି ବହୁଚରା ମାତାଙ୍କ ପୂଜା ଆୟୋଜନ କରାଯାଇଛି। ବହୁଚରା ମା' କୁକୁଡ଼ା ଉପରେ ବିରାଜମାନ ରହିଛନ୍ତି ଦୁର୍ଗତିନାଶିନୀ ମା' ଦୁର୍ଗା ଙ୍କ ଏହା ଏକ ରୂପ ବୋଲି କୁହାଯାଉଛି ।ଉମରକୋଟ ଗୁରୁମା ଦେବୋଲିନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସେହିଭଳି ମହାଆଡମ୍ବର ସହକାରେ ରୀତି ନୀତି ଅନୁସାରେ ପୂଜା କାର୍ଯ୍ୟ କରାଯାଇଛି। ଏହିପୂଜା ତିନିଦିନ ଧରି ଚାଲିଥିଲା। ଆଜି ଶେଷ ଦିନ ।ପ୍ରଥମ ଦିନର ସୋମବାର ସନ୍ଧ୍ୟା ସମୟରେ ଶତାଧିକ କିନ୍ନର କଳସ ଯାତ୍ରା ମାଧ୍ୟମରେ ନଦୀରୁ ପାଣି ଆଣିଥିଲେ ପରବର୍ତ୍ତୀ ପର୍ଯ୍ୟାୟ ରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ କରାଯାଇଥିଲା। ଏହି ପୂଜା ଉମରକୋଟ ଅଞ୍ଚଳରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବାରୁ ପୂଜା ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଶ୍ରୀକାନ୍ତ ପଣ୍ଡା ପୂଜକ ପୂଜା କାର୍ଯ୍ୟ କରିଥିବା ବେଳେ ବିକାଶ ନାହାକ ଓ ଆଦିତ୍ୟ ମିଶ୍ର ସହଯୋଗ କରିଥିଲେ। ଲୋକଙ୍କ ମଧ୍ୟରେ ଏକ ବିଶ୍ୱାସ ରହିଛି ଯେ କିନ୍ନରଙ୍କ ଆଶୀର୍ବାଦ ପ୍ରାପ୍ତ କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଲୋକଙ୍କ ମନରେ ଏକ ବିଶ୍ୱାସ ରହିଛି। ତେଣୁ ଅନେକ ଲୋକ ଏହିପୂଜାରେ ସାମିଲ ହୋଇ ସହଯୋଗ କରିଥିଲେ ଅନ୍ୟପଟେ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ମଧ୍ୟ ସମସ୍ତ ସହଯୋଗ କରାଯାଇଥିଲା। ଏହି ଅବସରରେ ପ୍ରାୟ ପାଞ୍ଚ ହଜାର ଲୋକଙ୍କ ପାଇଁ ଅନ୍ନ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଓଡିଶା ସଭାପତି ସୁଇଟି ମହାଗୁରୁ, କଳାହାଣ୍ଡି ସଭାପତି କାମିନୀ ମା, ମାଲକାନଗିରି ପିଙ୍କି ମା' ଜଗଦଳପୁର ରିୟା ମା, ଅମ୍ବାଦୋଳାର ବର୍ଷା ମା, କେସିଙ୍ଗା ଦୁର୍ଗା ମା, କଣ୍ଟାବାଞ୍ଜି ର ସୋନୁ ମା, ସମ୍ବଲପୁର ଦୀପାଳି ମା ଙ୍କ ସହ ଶତାଧିକ କିନ୍ନର ଯୋଗ ଦେଇଥିବା ଦେଖିବାକୁ ମିଳିଛି। ସେହିଭଳି ଏହି ପୂଜା ପ୍ରତିବର୍ଷ କରାଯିବ ବୋଲି କିନର ସଂଘ ପକ୍ଷରୁ ସୂଚନା ମିଳିଛି।

# ଜ୍ୟୋତି କଳସ ରଥକୁ ଭବ୍ୟ ସମ୍ବର୍ଦ୍ଧନା



ଉମରକୋଟ(ଭାସ୍କର ନ୍ୟୁଜ୍): ବିଶ୍ୱର ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ ସମ୍ଭାବନା ଗୁଡିକ ଫଳପ୍ରଦ କରିବା ପାଇଁ ଶାନ୍ତିକୁଞ୍ଜ, ହରିଦ୍ୱାର ଜ୍ୟୋତି କଳସ ରଥକୁ ଉମରକୋଟ ସହରର ବିଭିନ୍ନ ମନ୍ଦିର ଠାରେ ଭକ୍ତମାନେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଉମରକୋଟ ସହର ଭାଲୁଗୁଡ଼ା ସାହି ଠାରେ ଥିବା ଶିବ ମନ୍ଦିରରୁ ଏହି ରଥ ବାହାରି ଡଙ୍ଗରିଗୁଡ଼ା କାଳୀ ମନ୍ଦିର, ତ୍ରିନାଥ ମନ୍ଦିର, ରାଧା କୃଷ୍ଣ ମନ୍ଦିର, ଗୁଲିପାଟଣା ଶିବ ମନ୍ଦିର, କୁସୁମଗୁଡ଼ା। ଶିବ ମନ୍ଦିର, ମା ମଙ୍ଗଳା ମନ୍ଦିର, ହନୁମାନ ମନ୍ଦିର, ମା ସନ୍ତଶୀ ମନ୍ଦିର, ପେଣ୍ଡ୍ରାଣୀ ମନ୍ଦିର, ଝାଡେଶ୍ୱର ମନ୍ଦିର ଓ ରାମ ମନ୍ଦିର ପରିକ୍ରମା କରି ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର ଠାରେ ପହଞ୍ଚିଥିଲା। ସେଠାରେ ଶତାଧିକ ମହିଳାଙ୍କ ଉପସ୍ଥିତିରେ ଦୀପ ଯଜ୍ଞ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାରର ମହିଳା ଗୋଷ୍ଠିର ଶାନ୍ତିଲତା ସାହୁ, ଗୀତାଞ୍ଜଳି ଡାକୁଆ, ସ୍ୱାଗତିକା ପଟ୍ଟନାୟକ, ଜ୍ୟୋସ୍ନା କୁମାରୀ ନାୟକ, ଲିଲା ପଟ୍ଟନାୟକ, ସସ୍ମିତା ସାହୁ, ସଂଯୁକ୍ତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା, ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା କୋଟାମାଲ ଠାରୁ ସମାଡପଦର ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନା ରାସ୍ତା କାର୍ଯ୍ୟ ନିମ୍ନମାନର କାମ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ରାସ୍ତା ନିର୍ମାଣ ଚାଲୁଥିବା ବେଳେ ରାସ୍ତାର ପିଚୁ ଉଠିଯାଇ ଧୂଳି ଉଡୁଛି ଓ ପାହାଡ଼ ଉପରେ ହେଉଥିବା କଂକ୍ରିଟ ରାସ୍ତା ଚାଲୁ ରହିଛି , ହେଲେ କଂକ୍ରିଟ ଫାଟିବା ଆରମ୍ଭ ହୋଇଛି। ଫଳରେ ରାସ୍ତା ନିର୍ମାଣରେ ନିମ୍ନମାନର କାର୍ଯ୍ୟ କରି ସମ୍ପୃକ୍ତ ଠିକା ସଂସ୍ଥା ବ୍ୟାପକ ଦୁର୍ନୀତିକୁ ପ୍ରମାଣିତ କରୁଥିବା ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ ୬ କିମି ୧୦୦ ମିଟର ବିଶିଷ୍ଟ କୋଟାମାଲ ଠାରୁ ସମାଡପଦର ରାସ୍ତା ନିର୍ମାଣ ପାଇଁ ୧୩ ଫେବୃଆରୀ ୨୦୨୪ ମସିହାରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଶେଷ ଅବଧି ୧୨ ନଭେମ୍ବର ୨୦୨୪ ହେଲେ କାର୍ଯ୍ୟ ଶେଷ ହେବାର ଅବଧିସରି ପାଞ୍ଚ ମାସରୁ ଅଧିକ ଦିନ ବିତିଗଲା କାର୍ଯ୍ୟ ଶେଷ ହୋଇନାହିଁ। ଏହି ରାସ୍ତା ନିର୍ମାଣ ପାଇଁ ଅଟକଳ ୫,୩୩,୦୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ସେହି ଟଙ୍କା ପାଣିରେ ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ଠିକାଦାର ଆଶୁତୋଷ ସାହୁ, ପ୍ରଥମ ଶ୍ରେଣୀ ଠିକାଦାର ପୋଷ୍ଟ ପାଇକମାଲ ଜିଲ୍ଲା ବରଗଡ ବୋଲି ସୂଚନା ଫଳକରୁ ଜଣାପଡ଼ିଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ଖଡ଼ିଆଳ। ଏହି ରାସ୍ତା ନିର୍ମାଣରେ ନିମ୍ନମାନର ଧଳା ମେଟାଲ ବ୍ୟବହାର କରାଯାଇଥିବା ବେଳେ ଇଷ୍ଟିମେଟ ଅନୁଯାୟୀ ପିଚୁ ନପକାଇ ଅତି ପତଳା ଭାବରେ କମ ପିଚୁ ଦେଇ କାମ ହେଇଛି। ଫଳରେ ରାସ୍ତାରେ ପିଚୁ କାର୍ଯ୍ୟ ଶେଷ ହୋଇ ଏକ ମାସ ମଧ୍ୟରେ ରାସ୍ତାର ପିଚୁ ଉଠିଯାଉଛି ଓ ରାସ୍ତାର ସମସ୍ତ ସ୍ଥାନରେ ପିଚୁ ଲାଗିଥିବା ଗୋଡି ବାଲି ବିଛେଇ ହୋଇପଡ଼ିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ୱେଲ ଓ ପୋଲ କାର୍ଯ୍ୟ ଅତି ନିମ୍ନମାନର ହେଇଛି। ସେଥିରେ ନିମ୍ନମାନର ଧଳା ମେଟାଲ ବ୍ୟବହାର ହୋଇଛି। ପାହାଡ ଉପରେ କଂକ୍ରିଟ ରାସ୍ତା କାର୍ଯ୍ୟ ଚାଲୁ ରହିଛି ହେଲେ ସେହି କଂକ୍ରିଟ ରାସ୍ତାର ଅନେକ ସ୍ଥାନରେ ଫାଟି ଯାଇଛି। ଫଳରେ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଉଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ କାର୍ଯ୍ୟସ୍ଥଳ ପରିଦର୍ଶନ କରୁନଥିବାରୁ ସମ୍ପୃକ୍ତ ଠିକାଦାର ନିଜ ଇଚ୍ଛାରେ ନିମ୍ନମାନର କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ଶ୍ରମିକ ଭରସା ରେ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ରାସ୍ତା ପିଚୁ କାମ। ଅନ୍ୟ ପକ୍ଷରେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ଅବାଧରେ ମୁରୁମ ଆଣି ରାସ୍ତା କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଫଳରେ ସଂରକ୍ଷିତ ଜଙ୍ଗଲ ନଷ୍ଟ ହେଉଛି। ଏନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ବିଶ୍ୱନାଥ ଏକ୍କାଙ୍କୁ ପଚାରିବାରୁ ରାସ୍ତା କାର୍ଯ୍ୟ ଠିକ ହେଉଛି ସଂରକ୍ଷିତ ଜଙ୍ଗଲରୁ କାଠ ଚୋରି ହେଉଛି । ସେହି ଚୋରାକାଠକୁ ହଳ ସାହାଯ୍ୟରେ ପିଚୁ ରାସ୍ତାରେ ଘୋଷାରି ଘୋଷାରି ଆଣୁଥିବାରୁ ରାସ୍ତାର ପିଚୁ ଉଠି ଯାଉଛି ବୋଲି ସଫେଇ ଦେଇଥିଲେ। ଏଠାରେ ପ୍ରଶ୍ନ ଉଠେ ଦୀର୍ଘ ବର୍ଷ ବର୍ଷ ଧରି ପାହାଡ଼ ଉପରେ ପଥରରେ ବହୁ କଷ୍ଟରେ ଚାଲୁଥିବା ଲୋକଙ୍କ ପାଇଁ ପ୍ରଧାନ ମନ୍ତ୍ରୀ ସଡକ ନିର୍ମାଣ ହେଉଛି। ହେଲେ ବିଭାଗୀୟ ଅଧିକାରୀ ମାନଙ୍କ ଲାଭଖୋର ମନୋଭାବ ଯୋଗୁଁ ନିମ୍ନମାନର ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।

# ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିଦର୍ଶନରେ ବିକ୍ରମଦେବ ମହାବିଦ୍ୟାଳୟର ଓଏସ୍‌ଡ଼ି



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଜୟପୁର ବିକ୍ରମଦେବ ମହାବିଦ୍ୟାଳୟର ଓଏସଡ଼ି ଦେବୀ ପ୍ରସାଦ ମିଶ୍ର ଆଜି ଲକ୍ଷ୍ମୀପୁର ମହା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅଧ୍ୟାପିକା ତିଲୋତ୍ତମା ପଟ୍ଟନାୟକ ତାଙ୍କୁ ଫୁଲତୋଡ଼ା ସହ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ସେ ଲାଇବ୍ରେରୀ ଓ ସ୍ମାର୍ଟ କ୍ଲାସ ରୁମ ବୁଲି ଦେଖି ମହା ବିଦ୍ୟାଳୟର ସମସ୍ୟା ଉପରେ ଅବଗତ ହୋଇ ଆଗାମୀ ଦିନରେ ସେସବୁ ସମସ୍ୟାର ସମାଧାନ କରି ମହାବିଦ୍ୟାଳୟର ଉନ୍ନତି ଦିଗରେ ଉଦ୍ୟମ କରିବେ ବୋଲି ପ୍ରକାଶ କରି ଏକ ଏନସିସି ୟୁନିଟ ଖୋଲିବାକୁ ପରାମର୍ଶ ଦେଇଥିଲେ। ଶ୍ରୀଯୁକ୍ତ ମିଶ୍ରଙ୍କର ଏହି ଗସ୍ତ ସମୟରେ ଲକ୍ଷ୍ମୀପୁର ମହା ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

### ୫୩ତମ ଜିଲ୍ଲା ପରିଷଦ ବୈଠକ

# ଆରମ୍ଭରୁ ହଟ୍ଟଗୋଳ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାପରିଷଦ ବୈଠକରେ ଆରମ୍ଭରୁ ହଟ୍ଟଗୋଳ କରିଥଲେ ଜିଲ୍ଲା ପରିଷଦ ସଭ୍ୟ ଓ ବ୍ଲକର ଚେୟାରମ୍ୟାନ୍ । ଗତକାଲି ଜିଲ୍ଲା ପରିଷଦ ର ୫୩ ତମ ବୈଠକ ଜିଲ୍ଲା ପରିଷଦ ସମ୍ମିଳିତ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ଅଧକ୍ଷତା ଜିଲ୍ଲାପରିଷଦର ଅଧକ୍ଷ ଜି.ତ୍ରପତି ରାଓ , ଜିଲ୍ଲାପାଳ ବିଜୟ କୁମାର ଦାଶ, ଶଙ୍କର କେରକେଟା, ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ , ମୋହନା ବିଧାୟକ ଦାଶରଥି ଗମାଙ୍ଗ , କେ,ନାଗରାଜୁ ,ଜିଲ୍ଲା ପରିଷଦର ଉପାଧକ୍ଷା ମଞ୍ଚ ଉପରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଗତ ସରକାର ସମୟରେ ବିଜୁ ଗଜପତି ଓ କନ୍ଧମାଳ ଯୋଜନା ରେ ବିଭିନ୍ନ ଅର୍ଥରାଶି ଆସିଥାଏ । ଏହା ଜନସାଧାରଣଙ୍କ ପାଖରେ ଠିକ୍ ରେ ବିନିଯୋଗ ହେଉନାହିଁ , ତାହା ସହ ପଲ୍ଲୀସଭା ଓ ଗ୍ରାମ ରେ ଯେଉଁ ପ୍ରସ୍ତାବ ଗୁଡିକ ପାସ୍ ହୋଇଥାଏ, ତାହା ପୁଣି ଜିଲ୍ଲାସ୍ତର କୁ ଆସି ଅନୁମୋଦିତ ହୋଇଥାଏ । ମାତ୍ର ଜିଲ୍ଲାପରିଷଦର ସଭ୍ୟ ମାନେ କହିବା ହେଲା ଯେ ସହିତ ପ୍ରସ୍ତାବକୁ ଜିଲ୍ଲାସ୍ତରରେ ବଦଳି କରି ନୂତନ ପ୍ରସ୍ତାବ ଯୋଡ଼ି ଦିଆଯାଏ । ଜିଲ୍ଲା ପରିଷଦ ସଭ୍ୟ ଓ ବ୍ଲକ ଚେୟାରମେନ୍ କଥା ଜିଲ୍ଲା ପ୍ରଶାସନ ଶୁଣୁ ନଥିବା ଯୋଗୁଁ ସମସ୍ତ ୫୩ତମ ବୈଠକକୁ ବର୍ଜନ କରିଥିଲେ ।



# ଜଙ୍ଗଲ ଜମିରେ ରାଇସ୍ ମିଲ୍

ସଇଁତଲା(ଭାସ୍କର ନ୍ୟୁଜ୍): ସରକାର ପରିବର୍ତ୍ତନ ହେବାପରେ ଦୀର୍ଘ ଦିନରୁ ବେଆଇନ ଭାବେ କବଜା କରି ରଖିଥିବା ସରକାରୀ ଜମି ଉପରେ କଟକଣା ଆଣିବା ସହ କେତେକ ସ୍ଥାନ ରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ସଇଁତଲା ତହସିଲ ଅଧିନସ୍ଥ ବେଲଗାଁ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରୁ ଠିକ ଦୁଇ କିଲୋମିଟର ଦୂରରେ ଗୋପାଳ ଅଗ୍ରୱାଲା ନାମକ ଜଣେ ମିଲ ମାଲିକ ଲକ୍ଷ୍ମୀ ରାଇସ ମିଲ ନାମକ ଏକ ମିଲ ସରକାରୀ ଜମିରେ ତିଆରି କରିଥିବା ସୂଚନା ଅଧିକାର ଆଇନ ମାଧ୍ୟମ ରେ ଜଣାପଡିଛି। ସୂଚନା ମୁତାବକ ଗୋପାଳ ଅଗ୍ରୱାଲ ପ୍ରାୟ ୩୩ ଡିସିମିଲ ଗୋଚର ସରକାରୀ ଜମି ରେ ବେଆଇନ ଭାବେ ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ମାଡ଼ି ବସିଛନ୍ତି। ତେବେ ନିଜ ମାଲିକାନା ଅଧିନରେ ନ ଥିବା ଜମି ଉପରେ ଯୋଗାଣ ବିଭାଗ କିପରି ଭାବେ ରାଇସ ମିଲ ତିଆରି କରିବା ପାଇଁ ଅନୁମତି ଦେଲା ତା ନେଇ ଜିଲ୍ଲା ଯୋଗାଣ ବିଭାଗ ର ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଯୋଗାଣ ବିଭାଗ ନୁହେ ଏକ ରାଷ୍ଟ୍ରୟାତ ବ୍ୟାଙ୍କର ଆଖିରେ ଧୂଳିଦେଇ ମିଲ ମାଲିକ ଶ୍ରୀ ଅଗ୍ରୱାଲା ଅନ୍ୟଜମି କୁ ଦେଖାଇ ମୋଟା ଅଙ୍କର ଋଣ ଆଣି ସରକାରୀ ଜମି ଉପରେ ମିଲ ଛିଡ଼ା କରିଛନ୍ତି। ତେବେ ଗୋଚର ଜମିକୁ ସରକାରୀ ଭାବେ କୌଣସି ବ୍ୟକ୍ତିଗତ ମାଲିକାନା ବ୍ୟକ୍ତିକୁ ପ୍ରଦାନ କରିବା ପାଇଁ ରାଜସ୍ୱ ବିଭାଗରେ ନିୟମ ନ ଥିବା ବେଳେ ଶ୍ରୀ ଅଗ୍ରୱାଲା କି ପରି ଭାବେ ୩୩ ଡିସିମିଲ ତାହା ପୁଣି କିସମ ଗୋଚର କୁ ମାଡ଼ି ବସିଛନ୍ତି। ଅନ୍ୟପଟେ କିଛି ଦିନ ତଳେ ସଇଁତଲା ତହସିଲ ପକ୍ଷରୁ ବିଭିନ୍ନ ବେଆଇନ ଜବରଦଖଲ ଜମି ଉପରେ ବୋଲଡେଜର ଚଢାଇ ଥିବାବେଳେ ମିଲ ମାଲିକ କାହା ଛତ୍ରଛାୟାରେ ରହି ବିନଦାସ ବେଆଇନ ସରକାରୀ ଜମିକୁ ଜବରଦଖଲ କରିଛନ୍ତି। ତେବେ କେବେ ବେଆଇନ ରାଇସ ମିଲ ଉପରେ ବୋଲଡେଜର ଚଢ଼ିବ ତା ନେଇ ସଧାରଣରେ ଦାବି କରାଯାଉଛି।

# ମାଟ୍ରିକ୍ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ବର୍ଦ୍ଧନା ସମାରୋହ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଠାରେ ପାରଳା ସ୍ୱାଭିମାନ ମଞ୍ଚ ତରଫରୁ ମାଟ୍ରିକ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ସମାରୋହ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ମାନ୍ୟବର ପାରଳା ବିଧାୟକ ଶ୍ରୀଯୁକ୍ତ ଇଂ ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇ ମାଟ୍ରିକ ପରୀକ୍ଷା ରେ ଇ୧ ଗ୍ରେଡ଼ ରଖିଥିବା ଛାତ୍ର ଛାତ୍ରୀମାନଙ୍କୁ ଆର୍ଥିକ ପୁରସ୍କାର ସହ ମାନପତ୍ର ପ୍ରଦାନ କରି ଶୁଭେଚ୍ଛା ଜଣେଇଥିଲେ । ଏଥିରେ ବିଧାୟକ ସହିତ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଦୀପ ନାୟକ, ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, ପୌର ପରିଷଦ ଉପାଧକ୍ଷ ଲେଙ୍କା ମଧୁ,ବିଜୁ ଜନତା ଦଳର ବରିଷ୍ଠ ନେତା ଲକ୍ଷ୍ମୀ ପରିଚ୍ଛା ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ. ମାୟାଧର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଜଣେଇଥିଲେ

# ଦଦଲା କଣ୍ଡାମାଳ ହତ୍ୟା ଘଟଣାର ରାୟ ପ୍ରକାଶ



ଗୁଣୁପୁର(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଗୁଡାରି ଥାନା ଅନ୍ତର୍ଗତ ଆରଟି ଗ୍ରାମର ଦଦଲା କଣ୍ଡାମାଳ ହତ୍ୟା ଘଟଣାର ରାୟ ଗୁଣପୁର ଏଡିଜେ କର୍ଟରେ ପ୍ରକାଶ ପାଇଛି। ଏଡିଜେ କୋର୍ଟ ର ବିଚାରପତୀ ଦେବଦତ୍ତ ପଟ୍ଟନାୟକ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଦୁଇଜଣ ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ ନେଇ ରାୟ ଶୁଣାଣି କରିଛନ୍ତି। ଦୁଇ ଅଭିଯୁକ୍ତ ଥିଲେ ଆନା କାନାମାକା, ଦିନ ହିକାବାଡି। ଏହ ଘଟଣାରେ ୧୪ ଜଣ ଙ୍କ ସାକ୍ଷ୍ୟ ଗ୍ରହଣ କରା ଯାଇଥିଲା। ସାକ୍ଷ୍ୟ ପ୍ରମାଣ ଅଭାବରୁ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷ ରେ ଖଲାସ ହୋଇଛନ୍ତି। ୧୩ / ୧୧/ ୨୦୧୯ ମସିହାରେ ଦଦଲା କାଣ୍ଡାମାକାକୁ ଏକ ପାହାଡରେ ହତ୍ୟା କରିବା ପରେ ଆରଟି ଗ୍ରାମକୁ ଆଣି ପୋଡି ଦେଇଥିଲେ। ସେହି ସମୟରେ ଗୁଡାରି ଥାନାରେ ମାମଲା ରୁଜୁ କରିଥିଲା। ପୋଲିସ ୩୦୨, ୨୦୧/୩୪ ଦଫା ରୁଜୁକରି ହତ୍ୟାକାରୀମାନଙ୍କୁ ଗିରଫ କରିଥିଲା। ହତ୍ୟା ଅଭିଯୋଗରେ ତିନି ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ଜାମିନ ପାଇଥିଲେ। ମାମଲାର ବିଚାରଣ ଚାଲିଥିବା ବେଳେ ଜଣେ ଅଭିଯୁକ୍ତ ର ମୃତ୍ୟୁ ବି ହୋଇସାରିଛି। ମୃତକ ଜଣକ ହେଲେ ଦନ କାଣ୍ଡାମାକା। ଅନ୍ୟ ଦୁଇ ଜଣ ଅଭିଯୁକ୍ତ ହତ୍ୟାକାଣ୍ଡ ଘଟଣା ରେ ବିଚାରଧିନ ଥିଲେ। ଏହି ମାମଲା ଗୁଣୁପୁର ଏଡିଜେ କୋର୍ଟ ରେ ବିଚାରଣ ଚାଲିଥିଲା । ଗୁରୁବାର ଦିନ ଏହି ମାମଲା ବିଚାରଣ କରି ରାୟ ପ୍ରକାଶ ପାଇଛି। ଏହି ହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କ ପକ୍ଷରୁ ଉମାଚରଣ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସରକାରୀ ଓକିଲ ଭାବେ ରାଜେନ୍ଦ୍ର ସାହୁ ରହିଥିଲେ।

# ରାଜ୍ୟ ଖବର



ବୌଦ୍ଧ (ଭାସ୍କର ନ୍ୟୁଜ): ଗୁରୁବାର ସନ୍ଧ୍ୟା ୬ ଘଣ୍ଟା ସମୟରେ ବୌଦ୍ଧ ବ୍ଲକ ଜଗତୀ ହାଇସ୍କୁଲ ଖେଳ ପଡିଆ ଠାରେ ଥିବା ମହୋତ୍ସବ ମଣ୍ଡପ ଠାରେ ଚତୁର୍ଥ ଗନ୍ଧରାଡ଼ି ଲୋକ କଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ସମ୍ପାଦକ ସହ ସମ୍ପାଦକ ସ୍ୱାଧୀନ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ବିଭିନ୍ନ ସବ୍ କମିଟିର ଦାୟିତ୍ୱ ବଣ୍ଟନ କରା ଯାଇଥିଲା । ଆସନ୍ତା ମେ ୧୧ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଚତୁର୍ଥ ଗନ୍ଧରାଡ଼ି ଲୋକ କଳା ମହୋତ୍ସବ ଆୟୋଜିତ ହେବାକୁ ଥିବା ବେଳେ ୩୫ ଗୋଟି ସାଂସ୍କୃତିକ ଦଳ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଉଦଘାଟନ ଦିବସରେ ଜନ୍‌ହାପଙ୍କ ଠାରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ନାରୟଣ ନଗର ଗ୍ରାମ ଦେଇ ମହୋତ୍ସବ ପଡିଆରେ ପହଞ୍ଚିବ ବୋଲି ନିଷ୍ପତ୍ତି ଗ୍ରହଣ କରା ଯାଇଥିଲା । ସମ୍ପାଦକ ଶମ୍ଭୁ ଗିରିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଜନସାଧାରଣ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ମହୋତ୍ସବ ଆୟୋଜନ ପାଇଁ ଦୀର୍ଘଦିନ ହେବ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଥିଲା । ତେବେ ଜନସାଧାରଣଙ୍କ ସହଯୋଗରେ ଏହା ସଫଳ ହେବ ବୋଲି ଆଶା କରାଯାଉଛି ।



## ଆଦର୍ଶ ଶିକ୍ଷକ କୁଳମଣି ମିଶ୍ରଙ୍କ ପରଲୋକ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ହରିପୁର ମଧ୍ୟଇଂରାଜୀ ବିଦ୍ୟାଳୟର ନୀତିନିଷ୍ଠ, କର୍ତ୍ତବ୍ୟ ପରାୟଣ ଓ ଛାତ୍ରବତ୍ସଳ ଅବସରପ୍ରାପ୍ତ ଶିକ୍ଷକ କୁଳମଣି ମିଶ୍ରଙ୍କର କେନ୍ଦ୍ରାପଡ଼ା ଡେରାବିଶ ବ୍ଲକ ବଳଭଦ୍ରପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ଜଣେ ମିଷ୍ଟଭାଷୀ, ସ୍ପଷ୍ଟବାଦୀ, ସଂଗଠକ, ପରୋପକାରୀ ବ୍ୟକ୍ତି ରୂପେ ସ୍ଥାନୀୟ ଅଞ୍ଚଳରେ ବେଶ ଲୋକପ୍ରିୟ ଥିଲେ । ତାଙ୍କ ମୃତ୍ୟୁରେ ଡେରାବିଶ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁଶଯ୍ୟା ନିକଟରେ କନିଷ୍ଠ ଭ୍ରାତା ଆଇବିର ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ତଥା ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ପରାମର୍ଶଦାତା ଅକ୍ଷୟ କୁମାର ମିଶ୍ର, କନିଷ୍ଠ ପୁତ୍ର ରାଇଟସ୍ ଗ୍ରୁପ୍ ଜେନେରାଲ ମ୍ୟାନେଜର ଶ୍ରୁତିକାନ୍ତ ମିଶ୍ର ଏବଂ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ । ଜ୍ୟେଷ୍ଠପୁତ୍ର ଡେରାବିଶ କଲେଜର ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ସଞ୍ଜୟ ମିଶ୍ର ମୁଖାଗ୍ନି ଦେଇଥିଲେ ।

### ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନଂ ଡିଆରଏମ ଇଞ୍ଜିନିୟରିଂ-୨୧-୨୭-୨୦୨୫, ତାରିଖ- ୦୭.୦୫.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ), ଦକ୍ଷିଣ-ପୂର୍ବ ରେଳପଥ, ରାଞ୍ଚି ନିମ୍ନଲିଖିତ କାର୍ଯ୍ୟପାଇଁ ଟେଣ୍ଡର ଆହ୍ୱାନ କରୁଛନ୍ତି । କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଅମାନତ ଜମା ମୂଲ୍ୟ: (୧) ଡିଆରଏମ୍ ଇଞ୍ଜିନିୟରିଂ-୨୧,୨୦୨୫, ରାଞ୍ଚି ଡିଭିଜନ, ପିଡବ୍ଲୁଆଇ/ମୁରି-୧ ଅଧୀନରେ ଥିବା ବିଭିନ୍ନ ୟାର୍ଡର ଟ୍ରାକ୍ ମେସିନ୍ ବିକାଶ କାର୍ଯ୍ୟ ସହ ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟର ବିକାଶ । ଟ.୮,୯୯,୬୩,୩୫୪.୯୭, ଟ. ୫,୯୯,୮୦୦/-, (୨) ଡିଆରଏମ୍ ଇଞ୍ଜିନିୟରିଂ-୨୨-୨୦୨୫, ରାଞ୍ଚି ଡିଭିଜନର ପିଡବ୍ଲୁଆଇ-ମୁରୀ ଡିଭିଜନର ବିଭିନ୍ନ ୟାର୍ଡ ଏବଂ ଟ୍ରାକ୍ ମେସିନର ବିକାଶ ସହ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟର ବିକାଶ । ଟ.୮,୯୮,୮୬,୭୧୭.୧୪/- ଟ. ୫,୯୯,୪୦୦/- । (୩) ଡିଆରଏମ୍ ଇଞ୍ଜିନିୟରିଂ-୨୩-୨୦୨୫, ରାଞ୍ଚି ଡିଭିଜନର ପିଡବ୍ଲୁଆଇ/ ରାଞ୍ଚି ଅଧୀନରେ ଥିବା ବିଭିନ୍ନ ୟାର୍ଡ ଏବଂ ଟ୍ରାକ୍ ମେସିନର ବିକାଶ କାର୍ଯ୍ୟ ସହ ଭିତ୍ତିଭୂମିର ବିକାଶ । ଟ.୮,୯୮,୫୦,୮୩୨.୫୦/-, ଟ.୫,୯୯,୩୦୦/-, (୪) ଡିଆରଏମ୍ ଇଞ୍ଜିନିୟରିଂ-୨୪-୨୦୨୫, ରାଞ୍ଚି ଡିଭିଜନ ଅଧୀନରେ ଥିବା ପିଡବ୍ଲୁଆଇ/ତତିସିଲୱାଇର ବିଭିନ୍ନ ୟାର୍ଡର ବିକାଶ ସହ ଉନ୍ନତିକରଣ ଏବଂ ଭିତ୍ତିଭୂମି କାର୍ଯ୍ୟର ବିକାଶ, ଟ.୯,୦୦,୧୭,୮୩୩.୫୦/-, ଟ. ୬,୦୦,୧୦୦/- । (୫) ଡିଆରଏମ୍ ଇଞ୍ଜିନିୟରିଂ-୨୫-୨୦୨୫, ରାଞ୍ଚି ଡିଭିଜନ ଅଧୀନରେ ଥିବା ପିଡବ୍ଲୁଆଇ/ଲୋହରଡଗା ଅଧୀନରେ ଥିବାବିଭିନ୍ନ ୟାର୍ଡର ବିକଶିତ କାର୍ଯ୍ୟସହ ଟ୍ରାକ୍ ଭିତ୍ତିଭୂମିର ବିକାଶ, ଟ.୯,୦୦,୪୨,୬୫୬.୩୮/-, ଟ.୬,୦୦,୨୦୦/- (୬) ଡିଆରଏମ୍ ଇଞ୍ଜିନିୟରିଂ-୨୬-୨୦୨୫, ରାଞ୍ଚି ଡିଭିଜନ ଅଧୀନରେ ଥିବା ପିଡବ୍ଲୁଆଇ/ଗୋବିନ୍ଦପୁର ରୋଡର ବିଭିନ୍ନ ୟାର୍ଡର ବିକାଶ ଓ ଉନ୍ନତିକରଣ ତଥା ଟ୍ରାକ୍ ମେସିନର ବିକାଶ ସହ ଭିତ୍ତିଭୂମିର ବିକାଶ । ଟ.୮,୯୬,୩୧,୩୨୬.୯୪/-, ଟ.୫,୯୮,୨୦୦/- (୭) ଡିଆରଏମ୍ ଇଞ୍ଜିନିୟରିଂ-୨୭-୨୦୨୫, ରାଞ୍ଚି ଡିଭିଜନ ଅଧୀନରେ ଥିବା ପିଡବ୍ଲୁଆଇ/ବାନୋଠାରେ ଥିବା ୟାର୍ଡର ଉନ୍ନତିକରଣ/ ବିକାଶ କାର୍ଯ୍ୟ ସହ ଟ୍ରାକ୍ ମେସିନ ବିକାଶ କାର୍ଯ୍ୟ ଓ ଭିତ୍ତିଭୂମିର ବିକାଶ । ଟ.୮,୭୪,୯୬,୬୪୨.୨୭/-, ଟ. ୫,୮୭,୫୦୦/- । ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ: ୩୦.୦୫.୨୦୨୫ ଅପରାହ୍ନ ୩ଟା ପ୍ରତ୍ୟେକଙ୍କ ପାଇଁ । ଟେଣ୍ଡରରମାନେ ଆମର ୱେବସାଇଟ୍ www.ireps.gov.inରେ ଟେଣ୍ଡର ଦେଖିବେ ଓ ଅନଲାଇନରେ ଆବେଦନ କରିବେ । ପିନ୍‌କୋର୍ଡ-୮୩୪୦୦୩ ।

(PR-132)

### AFFIDAVIT

By virtue of an affidavit sworn before the Executive Magistrate, Simulia Balasore on 07.05.2025, I Ganesh Kumar Behera, S/o- Shiba Prasad Behera, resident of village- Bangarakhadigadia, Post- Simulia, Dist- Balasore, declares that my Minor Son's correct name is Ashutosh Behera which is mentioned in his birth certificate. But wrongly mentioned as Atush Shot Behera in Aadhar Card. Ashutosh Behera & Atush shot Behera is same and one person. This affidavit is to be produced before concerned authority for required correction.
Sd/ Ganesh Kumar Behera

### AFFIDAVIT

By virtue of an affidavit sworn before the Executive Magistrate, Khallikote, Ganjam, dated: 05.05.2025, I Subhashree Das, Address: Village- Minchinipatana Main Road, Po- Minchinipatana, Ps- Rambha, Dist- Ganjam, Odisha, PIN-761028, declare that I have changed my name from Subhashree Patnaik to Subhashree Das. Henceforth, I shall be known as Subhashree Das for all purposes.
**Sd/- Subhashree Das**

### AFFIDAVIT

By virtue of an affidavit sworn before the Notary Public, Bhubaneswar, dated 06.05.2025, I Pranati Rout, W/o- Late Rabindranath Rout, resident of At- Tihada, Tehada, Asureswar, Ps- Mahakalapada, Dist- Kendrapara, declares that I have changed my minor son's name from Sidarth Rout to Sridharth Kumar Rout. Henceforth, he shall be known as Sridarth Rout for all purposes.
**Sd/- Pranati Rout**

By virtue of an affidavit sworn before the Executive Magistrate, Jamankira, Sambalpur, dated: 19.04.2025, I Rajendra Sundara, Address: village- Santara, Po- Mangarajpur, Ps- Kujang, Dist- Jagatsinghpur, Odisha, PIN-754141, declare that I have changed my son's name from Am Sai Sundara to MA Sai. Henceforth, He shall be known as MA Sai for all purposes.
**Sd/- Rajendra Sundara**

### AFFIDAVIT

By virtue of an affidavit sworn before the Executive Magistrate, Dhenkanal, dated: 08.05.2025, I Balaram Sahoo, Address: At- Chaulia Khamar, Po- Chaulia, Ps- Sadar, Dist- Dhenkanal, Odisha, PIN-759013, declare that I have changed my son's name from Ommprrakas Sahoo to Sai Krishna Sahoo. Henceforth, He shall be known as Sai Krishna Sahoo for all purposes.
**Sd/- Balaram Sahoo**

### AFFIDAVIT

I, Somya Biswajeet, son of Badri Narayan Mohanty, resident of S1/163, H.I.G Duplex, Niladribihar, Chandrasekharpur, Bhubaneswar, Dist: Khurdha, PIN: 751021, Odisha, declared by this Affidavit no. 173 dated 08/05/2025 [8th May, 2025], that now onwards I shall be known as **Soumya Biswajit** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏୟାର ଡିଫେନ୍ସ...

ଏତଦ୍ୱାରା ଜଣାଇଦିଆଯାଉଛି ବନ୍ଧା ରଖାଯାଇଥିବା ସୁନା ଗହଣା ଅତିଦେୟ ଯାହା ଅବଧି up to 30.06.2024 & MSGL ,SPL 16 ,One Plus, Guide prepaid, Super value, ADGL and all other 6 months tenure gold loans up to 30.09.2024 and MSGB ,SME Suvarna & EMI due upto 31.03.2025.Also those gold loans where interest is due and not paid up to 31.03.2025 are also included in this auction ପର୍ଯ୍ୟନ୍ତ କମ୍ପାନୀର ଉଲ୍ଲେଖିତ ଶାଖା ଦ୍ୱାରା ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ, ବର୍ତ୍ତମାନ ସୁଦ୍ଧା ମୁକୁଳାଯାଇନାହିଁ, ସମସ୍ତ ସମ୍ବନ୍ଧିତ ପକ୍ଷଙ୍କ ସୂଚନା ପାଇଁ ଜଣାଇଦିଆଯାଉଛି 24.05.2025 ସକାଳ 10 ଟା ସମୟରୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯିବ ।

**ANGUL DISTRICT - ANGUL:** 413300902, 413300907, 413300908, 413300912, 413300916, 413300917, 413300919, 413300928, 413300944, 413300946, 413300948, 413300949, 413300950, 413300978, 413300979, 413301004, 413301009, 413301024, 413301031, 413301037, 413301041, 413301052, 413301061, 413301068, 413301072, 413301087, 413301089, 413301095, 413301099, 413301114, 413301116, 413301124, 413301126, 413301127, 413301144, 413301148, 413301157, 413301173, 413301181, 413301182, 413301191, 413301214, 413301254, 413301255, 413301256, 413301260, 413301263, 413301271, 413301276, 413301280, 413301288, 413301294, 413301298, 413301310, 413301311, 413301313, 413301320, 413301322, 413301327, 413301328, 413301338, 413301345, 413301354, 413301355, 413301361, 413301363, 413301364, 413301366, 413301387, 413301388, 413301395, 413301408, 413301409, 413301415, 413301417, 413301418, 413301419, 413301420, 413301432, 413301437, 413301449, 413301455, 413301461, 413301474, 413301481, 413301483, 413301491, 413301496, 413301505, 413301507, 413301509, 413301520, 413301540, 413301556, 413301558, 413301559, 413301560, 413301561, 413301564, 413301566, 413301567, 413301578, 413301588, 413301590, 413301597, 413301599, 413301600, 413301602, 413301607, 413301609, 413301610, 413301613, 413301615, 413301616, 413301618, 413301619, 413301625, 413301626, 413301633, 413301634, 413301639, 413301640, 413301642, 413301647, 413301660, 413301673, 413301682, 413301690, 413301692, 413301695, 413301699, 413301703, 413301704, 413301716, 413301720, 413301727, 413301728, 413301729, 413301731, 413301739, 413301745, 413301749, 413301750, 413301752, 413301755, 413301757, 413301759, 413301780, 413301782, 413301792, 413301801, 413301805, 413301809, 413301811, 413301815, 413301816, 413301822, 413301827, 413301829, 413301838, 413301840, 413301850, 413301851, 413301852, 413301856, 413301858, 413301860, 413301863, 413301864, 413301865, 413301866, 413301869, 413301870, 413301872, 413301874, 413301885, 413301895, 413301899, 413301907, 413301908, 413301911, 413301915, 413301917, 413301919, 413301931, 413301954, 413301955, 413301968, 413301982, 413301983, 413302007, 413302033, 413302096, 413302102. **CUTTACK DISTRICT - ATHAGARH:** 418300829, 418300878, 418300886, 418300887, 418300888, 418300890, 418300896, 418300898, 418300900, 418300905, 418300906, 418300923, 418300924, 418300936, 418300942, 418300946, 418300955, 418300956, 418300964, 418300978, 418300980, 418300981, 418300983, 418300984, 418300985, 418300994, 418300999, 418301003, 418301006, 418301014, 418301015, 418301017, 418301024, 418301025, 418301030, 418301041, 418301043, 418301044, 418301045, 418301046, 418301052, 418301056, 418301060, 418301066, 418301073, 418301075, 418301076, 418301078, 418301083, 418301084, 418301095, 418301096, 418301099, 418301104, 418301106, 418301107, 418301109, 418301110, 418301111, 418301112, 418301121, 418301125, 418301127, 418301128, 418301129, 418301130, 418301131, 418301132, 418301133, 418301135, 418301141, 418301149, 418301162, 418301165, 418301169, 418301172, 418301178, 418301180, 418301181, 418301184, 418301185, 418301186, 418301192, 418301194, 418301195, 418301197, 418301198, 418301205, [illegible] 409602167, 409602168, 409602171, 409602172, 409602177, 409602179, 409602189, 409602190, 409602197, 409602200, 409602209, 409602211, 409602216, 409602217, 409602220, 409602225, 409602226, 409602235, 409602238, 409602239, 409602245, 409602251, 409602254, 409602268, 409602270, 409602275, 409602278, 409602280, 409602286, 409602288, 409602293, 409602303, 409602306, 409602308, 409602318, 409602323, 409602334, 409602337, 409602342, 409602343, 409602347, 409602350, 409602354, 409602355, 409602356, 409602357, 409602358, 409602367, 409602368, 409602371, 409602384, 409602385, 409602386, 409602387, 409602393, 409602394, 409602406, 409602431, 409602435, 409602445, 409602450, 409602457, 409602461, 409602466, 409602469, 409602471, 409602472, 409602473, 409602474, 409602476, 409602477, 409602484, 409602485, 409602487, 409602493, 409602496, 409602505, 409602506, 409602510, 409602513, 409602519, 409602523, 409602524, 409602525, 409602527, 409602528, 409602531, 409602539, 409602551, 409602552, 409602555, 409602556, 409602557, 409602558, 409602560, 409602568, 409602572, 409602576, 409602577, 409602579, 409602584, 409602585, 409602586, 409602587, 409602591, 409602594, 409602599, 409602600, 409602601, 409602606, 409602607, 409602608, 409602610, 409602612, 409602616, 409602622, 409602623, 409602624, 409602626, 409602627, 409602630, 409602631, 409602634, 409602637, 409602643, 409602644, 409602645, 409602646, 409602647, 409602649, 409602650, 409602651, 409602653, 409602654, 409602655, 409602658, 409602659, 409602660, 409602661, 409602665, 409602670, 409602672, 409602674, 409602677, 409602679, 409602681, 409602685, 409602686, 409602687, 409602688, 409602693, 409602694, 409602700, 409602701, 409602703, 409602708, 409602711, 409602712, 409602716, 409602727, 409602732, 409602733, 409602734, 409602738, 409602740, 409602745, 409602747, 409602749, 409602753, 409602754, 409602755, 409602756, 409602757, 409602759, 409602762, 409602763, 409602764, 409602766, 409602769, 409602771, 409602773, 409602775, 409602776, 409602777, 409602779, 409602780, 409602788, 409602789, 409602790, 409602793, 409602795, 409602798, 409602799, 409602800, 409602804, 409602805, 409602806, 409602808, 409602809, 409602816, 409602819, 409602820, 409602824, 409602830, 409602831, 409602836, 409602840, 409602841, 409602842, 409602848, 409602853, 409602854, 409602860, 409602861, 409602863, 409602865, 409602867, 409602870, 409602872, 409602874, 409602876, 409602879, 409602882, 409602889, 409602897, 409602898, 409602899, 409602904, 409602909, 409602911, 409602913, 409602919, 409602920, 409602923, 409602928, 409602934, 409602935, 409602937, 409602941, 409602944, 409602945, 409602946, 409602950, 409602953, 409602954, 409602957, 409602960, 409602962, 409602963, 409602964, 409602965, 409602968, 409602969, 409602970, 409602971, 409602972, 409602974, 409602975, 409602976, 409602990, 409603003, 409603005, 409603008, 409603010, 409603018, 409603022, 409603026, 409603029, 409603030, 409603034, 409603036, 409603044, 409603048, 409603049, 409603054, 409603066, F12365.

ନିଲାମ ସମ୍ବନ୍ଧିତ ଆୟୋଜନ ଶାଖାରେ କରାଯିବ, ଯଦି କୌଣସି କାରଣ ବଶତଃ ନିଲାମୀ ହୋଇନପାରିଲା, ତେବେ 04.06.2025 ସକାଳ 10 **DHENKANAL:** First Floor Muthoot Fincorp Ltd. Plot No.-2820/5920, Khathyan No.-503, Main Bazar, Opposite Mahavir Mandir Dhenkanal Dhenkanal. Pin: 759001. **ANGUL:** IFirst Floor, Plot No -24/1456/2713, Kahatian No 413/472. Besides Federal Bank, Sankar Cinema Road, Angul Town , District- Angul, Odisha- 759122. **CUTTACK-NAYASADAK:** First Floor, Dataram Jagannath Building , Dataram Jagannath Building, Nayasadak, Nearhigh Court , Cuttack, Orissa , 753002. ରେ ଆୟୋଜନ କରାଯିବ । ନିଲାମୀଦାତାଙ୍କୁ ଅନୁରୋଧ ସେମାନେ ନିଜ ଫଟୋ ଆଇଡି କାର୍ଡ, ପ୍ୟାନ୍ କାର୍ଡ ଜମା କରାନ୍ତୁ । ସଫଳ ନିଲାମୀଦାତା ଆର୍‌ଟିଜିଏସ୍ ମାଧ୍ୟମରେ ରାଶି ହସ୍ତାନ୍ତର କରିବାକୁ ଅନୁରୋଧ ।

ମୁଥୁଟ୍ ଫିନ୍‌କର୍ପ ଲିମିଟେଡ୍



ମିଠା ସପେଟାର ଋତୁ ଆସିଯାଇଛି । ଏହି ସମୟରେ ବଜାରରେ ସପେଟା ଅଧିକ ପରିମାଣରେ ବିକ୍ରି ହେଉଛି । ସମସ୍ତେ ଏହାର ରସାଳ ଏବଂ ମିଠା ସ୍ୱାଦ ପସନ୍ଦ କରନ୍ତି । କିନ୍ତୁ ଆପଣ କ'ଣ ଜାଣନ୍ତି ସପେଟା ପୋଷକତତ୍ତ୍ୱରେ ଭରପୂର ଅଟେ । ଏଥିରେ ଭିଟାମିନ୍, ଖଣିଜ ପଦାର୍ଥ ଏବଂ ଫାଇବର ପରି ଅନେକ ପୋଷକ ତତ୍ତ୍ୱ ରହିଛି । ତେବେ ଆସନ୍ତୁ ଜାଣିବା ଗ୍ରୀଷ୍ମ ଋତୁରେ ସପେଟା ଖାଇବାର ସ୍ୱାସ୍ଥ୍ୟ ଲାଭ କ'ଣ ? -ଗ୍ରୀଷ୍ମ ଋତୁରେ ଅଧିକାଂଶ ଲୋକଙ୍କ ପାଚନକ୍ରିୟା ବିଗିଡି ଯାଇଥାଏ । ଏପରି ସ୍ଥିତିରେ, ସପେଟା ସେବନ ଲାଭଦାୟକ ଅଟେ । ଏଥିରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ ଏବଂ କୋଷ୍ଠକାଠିନ୍ୟକୁ ଦୂର କରେ । ଅନ୍ତନଳୀର ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରେ । ସପେଟାରେ ପ୍ରଚୁର ପରିମାଣରେ କ୍ୟାଲସିୟମ, ଫସଫରସ୍ ଏବଂ ମ୍ୟାଗ୍ନେସିୟମ ରହିଛି, ଯାହା ହାଡ଼ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହାକୁ ସେବନ କରିବା ଦ୍ୱାରା ହାଡ଼ ମଜବୁତ ହୁଏ । କ୍ୟାଲସିୟମ, ଭିଟାମିନ ଡି ଏବଂ ମ୍ୟାଗ୍ନେସିୟମରେ ଭରପୂର ଖାଦ୍ୟ ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ ।

## ଚର୍ଚ୍ଚାରେ ତମନ୍ନା



ତମନ୍ନା ଭାଟିଆ ହେଉଛନ୍ତି ସେହି ଅଭିନେତ୍ରୀ ଯିଏ ତାଙ୍କ କାମ ଅପେକ୍ଷା ତାଙ୍କ ଲୁକ୍ ଏବଂ ବିଜୟ ବର୍ମାଙ୍କ ସହ ବ୍ରେକ୍‌ଅପ୍ ଖବର ପାଇଁ ଅଧିକ ଖବରରେ ଅଛନ୍ତି । ନିକଟରେ ଅଭିନେତ୍ରୀ ସୋସିଆଲ ମିଡିଆରେ ତାଙ୍କର କିଛି ଫଟୋ ସେୟାର କରିଛନ୍ତି । ଏହାକୁ ଦେଖି ପ୍ରଶଂସକମାନେ ପୂରା ଦିବାନା ହୋଇଯାଇଛନ୍ତି । ନିକଟରେ, ଅଭିନେତ୍ରୀ ଲାଲ ରଙ୍ଗର ଫୁଲପକା ଗାଉନରେ ତାଙ୍କର ଫଟୋ ସେୟାର କରିଛନ୍ତି । ପୁଣି ଥରେ ସେ ଫଟୋଗୁଡ଼ିକରେ ତାଙ୍କର ପରଫେକ୍ଟ ଫିଗର ଦେଖାଇଛନ୍ତି । ଏହି ଲାଟେଷ୍ଟ ଫଟୋଗୁଡ଼ିକରେ, ତମନ୍ନା ଚମକଦାର ମେକ୍‌ଅପ୍ ନେଇ ଖୋଲା ଚୁଟି ଏବଂ ଘାତକ ଆଖି ସହିତ ତାଙ୍କର ଲୁକ୍ ସମାପ୍ତ କରିଛନ୍ତି । ଫଟୋଗୁଡ଼ିକ ସେୟାର କରିବା ସମୟରେ, ତମନ୍ନା କ୍ୟାପ୍‌ସନ୍‌ରେ ଅନେକ ଲାଲ ଗୋଲାପ ଇମୋଜୀ କରିଛନ୍ତି । କମେଣ୍ଟ ସେକ୍ସନରେ, ପ୍ରଶଂସକମାନେ ତାଙ୍କୁ ଲାଲ ପରି ବୋଲି କହୁଛନ୍ତି । କିଛି ୟୁଜର୍ସ ବିଜୟ ବର୍ମାଙ୍କ ନା' ନେଇ ତମନ୍ନାଙ୍କୁ ଚିଡ଼ାଉଥିବାର ଦେଖାଯାଏ । ଜଣେ ଲେଖିଛନ୍ତି – କ' ଣ ଫାଇଦା ଏହି ଷ୍ଟାଇଲ୍‌ରେ, ଯେତେବେଳେ ବିଜୟ ବିବାହ କରିବାକୁ ମନା କରିଦେଲେ ।

## ଫ୍ଲପ୍ ଫିଲ୍ମର ଫି' ନିଅନ୍ତିନି ଅମୀର



ବଲିଉଡର ମିଷ୍ଟର ପରଫେକ୍ସନିଷ୍ଟ ଅମୀର ଖାନ । ଖୁବ୍ ଶୀଘ୍ର ପୁଣି ଥରେ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି । ତାଙ୍କ ଫ୍ୟାନ୍ସମାନେ 'ସିତାରେ ଜମିନ୍ ପର' ଚଳଚ୍ଚିତ୍ରରେ ଦେଖିବାକୁ ପାଇବେ । କୁହାଯାଉଛି ଯେ ଅମୀର ଏହି ଫିଲ୍ମରେ ଜଣେ ଖଳନାୟକ ଭୂମିକାରେ ଅଭିନୟ କରିବେ । ଏହି ଚଳଚ୍ଚିତ୍ରଟି ଆର.ଏସ. ପ୍ରସନ୍ନଙ୍କ ଦ୍ୱାରା ନିର୍ଦ୍ଦେଶିତ । ଏହି ଫିଲ୍ମଟି ୨୦୦୭ ମସିହାରେ ଆସିଥିବା ଫିଲ୍ମ 'ତାରେ ଜମିନ୍ ପର'ର ସିକ୍ୱେଲ୍ । ଏହି ଚଳଚ୍ଚିତ୍ରଟି ଖାସ୍ କରି ପିଲାମାନଙ୍କ ଉପରେ ଆଧାରିତ । ଏହା ୨୦ ଜୁନରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ନିକଟରେ ଫିଲ୍ମର ପୋଷ୍ଟର ରିଲିଜ୍ ହେବା ପରେ ଏହା ପ୍ରଶଂସକଙ୍କ ମଧ୍ୟରେ ହଇଚଇ ସୃଷ୍ଟି କରିଥିଲା । ଅମୀରଙ୍କ ସହିତ ୧୦ ଜଣ ନୂଆ ଅଭିନେତାଙ୍କୁ ଦେଖିବାକୁ ମିଳିବ । ଏହାର ଅର୍ଥ ହେଉଛି ସେ ଏହି ଫିଲ୍ମ ସହିତ ୧୦ ଜଣ ନୂଆ ଅଭିନେତାଙ୍କୁ ଲଞ୍ଚ କରୁଛନ୍ତି । ଏହାରି ବିଷୟରେ ଅମୀର ଖାନ କହିଥିଲେ ଯେ ଯେତେବେଳେ ତାଙ୍କର କୌଣସି ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହୁଏ, ସେ ତାଙ୍କର ଫିସ୍ ନିଅନ୍ତି ନାହିଁ । ମୁଁ ଲାଭରୁ ମୋର ଦେୟ ନେଇଥାଏ । ଯଦି ଫିଲ୍ମଟି ଲାଭ ନକରେ, ତେବେ ମୁଁ ମୋର ଦେୟ ନେଇ ନଥାଏ । ଯେପରି 'ଲାଲ ସିଂହ ଚଡ୍ଢା' ଫ୍ଲପ୍ ହେବା ପରେ, ମୁଁ ଟଙ୍କା ନେଇ ନଥିଲି । ଏବଂ ଏଥିରେ ମୋର କୌଣସି ଅନୁତାପ ହୁଏ ନାହିଁ । ଯେତେବେଳେ ମୁଁ କାମ କରେ, ମୁଁ ଭାବେ ନାହିଁ ଯେ ମୁଁ ୬୦ ଦିନ ପାଇଁ କାମ କରୁଛି, ତେଣୁ ତୁମେ ମୋତେ ଟଙ୍କା ଦିଅ । ଏହା ମୋର ଚିନ୍ତାଧାରା ନୁହେଁ । କିଛି ଲୋକ ଏପରି ଭାବନ୍ତି ।

## ପାଚନ ଶକ୍ତିକୁ ମଜବୁତ କରେ ଯୋଗ



*ପାଚନ ତନ୍ତ୍ରର ସମସ୍ୟା ମୁଖ୍ୟତଃ ଆମ ତ୍ରୁଟିପୂର୍ଣ୍ଣ ଜୀବନଶୈଳୀ, ମାତ୍ରାଧିକ ଭୋଜନ, ଖରାପ ଖାଦ୍ୟାଭ୍ୟାସ, ମାନସିକ ଚାପ ଏବଂ ନକାରାତ୍ମକ ଭାବନା ଯୋଗୁ ହୋଇଥାଏ । ଏଣୁ କୌଣସି ପରିସ୍ଥିତିରେ ମାନସିକ ଉତ୍ତେଜନା ସମୟରେ ଖାଦ୍ୟ ଗ୍ରହଣ କରିବେ ନାହିଁ । ଦୀର୍ଘଦିନ ପାଚନ ତନ୍ତ୍ରଜନିତ ସମସ୍ୟା ଲାଗି ରହିଲେ ଏହା କୋଷ୍ଠକାଷ୍ଠିନ୍ୟ, ପେପ୍‌ଟିକ ଅଲ୍‌ସର, ଅର୍ଶ ଭଳି ସମସ୍ୟା ସୃଷ୍ଟି କରିଥାଏ । ଏଣୁ କେବଳ ଭୋକ ଲାଗିବା ସମୟରେ ହିଁ ଭୋଜନ କରିବା ସହ ସନ୍ତୁଳିତ ଖାଦ୍ୟପେୟ ଏବଂ ନିମ୍ନଲିଖିତ କିଛି ପ୍ରଭାବୀ ଯୋଗାସନର ନିୟମିତ ଅଭ୍ୟାସ ଦ୍ୱାରା ପାଚନ ତନ୍ତ୍ରକୁ ସୁସ୍ଥ ରଖାଯାଇପାରିବ ।*

### ସୁପ୍ତ ଉଦରାକର୍ଷଣ ଆସନ

ପ୍ରଥମେ ପିଠିରେ ଶୋଇଯାଆନ୍ତୁ । ଆଣ୍ଠୁକୁ ଭାଙ୍ଗି ପାଦକୁ ନିତମ୍ବର ସାମ୍ନାରେ ରଖନ୍ତୁ । ଅଭ୍ୟାସର ଶେଷ ପର୍ଯ୍ୟନ୍ତ ଆଣ୍ଠୁ ଏବଂ ପାଦ ଏକାଠି ଲାଗି ରହିବ । ହାତ ପାପୁଲିକୁ ଛନ୍ଦି ମୁଣ୍ଡ ତଳେ ରଖନ୍ତୁ । ଗଭୀର ଶ୍ୱାସ ନିଅନ୍ତୁ ଏବଂ ଶ୍ୱାସ ଛାଡ଼ି ଦୁଇ ଗୋଡ଼କୁ ଡାହାଣକୁ ମୋଡ଼ନ୍ତୁ ଯେପରି ଆଣ୍ଠୁ ଭୂମିକୁ ଛୁଇଁବ । ଏହି ସମୟରେ ଆଣ୍ଠୁ ଉପରେ ଆଣ୍ଠୁ ଏବଂ ପାଦ ଉପରେ ପାଦ ରହିବ । ବର୍ତ୍ତମାନ ବେକ ଏବଂ ମୁଣ୍ଡକୁ ଆଣ୍ଠୁର ବିପରୀତ ଦିଗକୁ ମୋଡ଼ିବେ । ଏହି ସ୍ଥିତିରେ କିଛି ସମୟ ରହି ସାରିଲା ପରେ ଶ୍ୱାସ ନେଇ ଦୁଇ ଆଣ୍ଠୁକୁ ସିଧା ଉଠାଇବେ, ପାଦ ଏବଂ ଆଣ୍ଠୁ ସେହିଭଳି ଲାଗି ରହିଥିବ । ଅଭ୍ୟାସ ଶେଷ ପର୍ଯ୍ୟନ୍ତ କାନ୍ଧ ଓ କହୁଣି ଭୂଇଁରେ ଲାଗି ରହିବ । ଏହାକୁ ବାମ ପଟରେ ମଧ୍ୟ ଅଭ୍ୟାସ କରନ୍ତୁ । ଏହା ଗୋଟିଏ ଚକ୍ର, ଏହିଭଳି ୫ଟି ଚକ୍ର ଅଭ୍ୟାସ କରନ୍ତୁ । ଏହି ଆସନ ଦ୍ୱାରା ଶରୀରର ମେରୁଦଣ୍ଡ ସମାନ ଭାବରେ ମୋଡ଼ି ହୋଇଥାଏ ।

### ନୌକାସନ

ପିଠିରେ ଶୋଇଯାଆନ୍ତୁ । ହାତର ପାପୁଲି ତଳକୁ କରି ଶରୀରର ଦୁଇ ପାର୍ଶ୍ୱରେ ରଖିବେ । ଗଭୀର ଶ୍ୱାସ ନିଅନ୍ତୁ ଏବଂ ନିଃଶ୍ୱାସକୁ ଧରିରଖି ଦୁଇ ଗୋଡ଼କୁ ଆଣ୍ଠୁ ସହ ସିଧା ରଖି ଉପରକୁ ଉଠାନ୍ତୁ । ଏହା ସହିତ ମୁଣ୍ଡ, କାନ୍ଧ, ହାତ ମଧ୍ୟ ଉପରକୁ ଉଠିବ । କାନ୍ଧ ଏବଂ ପାଦ ଭୂଇଁଠାରୁ କୌଣସି ମତେ ୧୫ ସେଣ୍ଟିମିଟର ଉପରକୁ ଉଠାଇବେ ନାହିଁ । ବର୍ତ୍ତମାନ ଶରୀରର ସମସ୍ତ ଭାର ନିତମ୍ବ ଉପରେ ରହିବ । ହାତ ଏବଂ ପାଦ ଆଙ୍ଗୁଳି ଏକ ସରଳ ରେଖାରେ ରହିବ । ଦୃଷ୍ଟି ପାଦର ଆଙ୍ଗୁଳି ଉପରେ ରହିବ । ଏହି ସ୍ଥିତିରେ କିଛି ସମୟ ରହି ଶରୀରକୁ ଶ୍ୱାସ ଛାଡ଼ି ଧୀରେ ଧୀରେ ତଳକୁ ଖସାଇବେ । ତଳକୁ ଖସାଇଲା ବେଳେ ମୁଣ୍ଡ ଯେପରି ପିଟି ନ ହେବ ସେ ଉପରେ ଧ୍ୟାନ ଦେବେ । ଏହା ଗୋଟିଏ ଚକ୍ର । କିଛି ସମୟ ବିଶ୍ରାମ ନେଇ ଏହି ଅଭ୍ୟାସର ପୁନରାବୃତ୍ତି କରନ୍ତୁ । ଏହାକୁ ୩ରୁ ୫ ଚକ୍ର ଅଭ୍ୟାସ କରନ୍ତୁ ।

## ରାଜ୍ ନିଦିମୋରୁଙ୍କ ସହ ସମ୍ପର୍କରେ ଅଛନ୍ତି ସାମନ୍ଥା !



ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ । ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । ଏବେ ସାମନ୍ଥା ଜଣେ ପ୍ରଯୋଜକ ଭାବରେ 'ଶୁଭମ' ଫିଲ୍ମର ପ୍ରମୋସନରେ ବ୍ୟସ୍ତ ଅଛନ୍ତି । ଏହି ଫିଲ୍ମ ରିଲିଜ୍ ହେବା ପୂର୍ବରୁ, ସାମନ୍ଥା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଅନେକ ଫଟୋ ସେୟାର କରିଛନ୍ତି । ଏହି ସମୟରେ ସାମନ୍ଥା ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କ ସହ ଏକ ଫଟୋ ସେୟାର କରୁଥିବାର ଦେଖିବାକୁ ମିଳିଛି । ସାମନ୍ଥା ଏବଂ ରାଜଙ୍କ ଫଟୋ ଏକାଠି ଦେଖିବା ପରେ, ଲୋକମାନେ ସେମାନଙ୍କ ସମ୍ପର୍କରେ ଥିବା ନେଇ ଅନୁମାନ କରିବା ଆରମ୍ଭ କରି ଦେଇଛନ୍ତି । ଏହି ଫଟୋ ଗୁଡ଼ିକୁ ସେୟାର କରି ସାମନ୍ଥା କ୍ୟାପସନରେ ଲେଖିଛନ୍ତି, 'ଏହା ଏକ ଲମ୍ବା ଯାତ୍ରା ଥିଲା କିନ୍ତୁ ଆମେ ଏବେ ବି ଆମର ଗନ୍ତବ୍ୟସ୍ଥଳରେ ଅଛୁ ।' ନୂତନ ଆରମ୍ଭ । 'ଶୁଭମ' ୯ ମଇରେ ମୁକ୍ତିଲାଭ କରୁଛି । ରାଜ ନିଦିମୋରୁଙ୍କ ସହ ସାମନ୍ଥାଙ୍କ ଫଟୋ ଏବଂ 'ନୂତନ ଆରମ୍ଭ' ପୋଷ୍ଟ ଦେଖିବା ପରେ, ଲୋକମାନେ ସେମାନଙ୍କ ସମ୍ପର୍କରେ ଥିବା ବିଷୟରେ ଅନୁମାନ କରିବା ଆରମ୍ଭ କରିଛନ୍ତି । ତଥାପି, ରାଜ ଏବଂ ସାମନ୍ଥା ଏହି ଖବର ଉପରେ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି କିମ୍ବା ସମ୍ପର୍କରେ ଥିବା ନିଶ୍ଚିତ କରିନାହାଁନ୍ତି । ସାମନ୍ଥାଙ୍କୁ କିଛି ଦିନ ପୂର୍ବେ ମୁକ୍ତିଲାଭ କରିଥିବା ଧାରାବାହିକ 'ସିଟାଡେଲ୍ ହନି-ବନି'ରେ ଦେଖିବାକୁ ମିଳିଥିଲା । ଏହି ଧାରାବାହିକରେ ସାମନ୍ଥାଙ୍କ ସହ ବରୁଣ ଧାୱନଙ୍କୁ ଦେଖିବାକୁ ମିଳିଥିଲା । ଲୋକମାନେ ଏହି ସିରିଜ୍‌କୁ ବହୁତ ପସନ୍ଦ କରିଥିଲେ । ଏବେ ସାମନ୍ଥା ତାଙ୍କ ବ୍ୟାନରରେ ପ୍ରଥମ ଫିଲ୍ମ 'ଶୁଭମ' ନିର୍ମାଣ କରିଛନ୍ତି । ଏହି ସିନେମାଟି ୯ ମେ'ରେ ମୁକ୍ତିଲାଭ କରିବ ।

## ଭୁଲବେ ବି ଧରନ୍ତୁ ନାହିଁ ଏମିତି ପର୍ସ







ପର୍ସ ବ୍ୟବହାର କରୁଥିଲେ...ସବୁବେଳେ ସଫା ରଖନ୍ତୁ । ଏହାଦ୍ୱାରା ଧନ ଏବଂ ସକାରାତ୍ମକ ଭାବନା ଯୋଡ଼ି ହୋଇ ରହିବ । ଏହାଦ୍ୱାରା ଟଙ୍କାର ଅଭାବ ରହିବ ନାହିଁ ।

ଏପରି ପର୍ସ ରଖନ୍ତୁ ନାହିଁ । କାହିଁକି ନା ଏହା ନକାରାତ୍ମକ ଉର୍ଜାକୁ ଆକର୍ଷିତ କରିଥାଏ । ଏହା ବଦଳରେ ଆପଣ ଲାଲ, ନାରଙ୍ଗୀ, ସବୁଜ ରଙ୍ଗର ପର୍ସ ଚୟନ କରିପାରିବେ ।

କେବେ ବି ପର୍ସ ଖାଲି ରଖନ୍ତୁ ନାହିଁ । କାହିକି ନା ଏହାଦ୍ୱାରା ଧନର କମ୍ ହୋଇପାରେ । ପର୍ସରେ କିଛି ନା କିଛି ଟଙ୍କା ରଖନ୍ତୁ । ପର୍ସକୁ ସବୁବେଳେ ସଫା ପାଣିରେ ଧୁଅନ୍ତୁ ଏବଂ ଶୁଖିଲା କପଡ଼ା ସାହାଯ୍ୟରେ ସଫା କରନ୍ତୁ ।

କେବେ ବି ଲୋକଙ୍କ ସାମ୍ନାରେ ପର୍ସ ଖୋଲନ୍ତୁ ନାହିଁ । କାରଣ ଏହାଦ୍ୱାରା ନକାରାତ୍ମକ ଭାବନା ରହିପାରେ । ପର୍ସକୁ ସବୁବେଳେ ବନ୍ଦ ରଖନ୍ତୁ । ଏହାଦ୍ୱାରା ଧନ ସୁରକ୍ଷିତ ରହିପାରିବ ଏବଂ ଧନର କେବେ ବି ଅଭାବ ଦେଖାଯିବନି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ଜଳେଶ୍ୱର(ଭାସ୍କର ନ୍ୟୁଜ): ଗୁରୁବାର ବିଶ୍ୱ ରେଡକ୍ରସ ଦିବସ ଅବସରରେ ଓଡିଶା ରକ୍ତଦାତା ସଂଘର ୧୦ମ ପ୍ରତିଷ୍ଠା ଦିବସ ଜଳେଶ୍ୱର ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି । ସଂଗଠନର ସଭାପତି ଭିକାରୀ ଚରଣ ମିଶ୍ରୀ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ କରିଥିଲେ । ମୁଖ୍ୟ ଅତିଥିଭାବେ କଲେଜ ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଦୀନକୃଷ୍ଣ ମହାବିଦ୍ୟାଳୟର ଯୁବ ରେଡକ୍ରସ କାଉନ୍ସିଲର ଡ. ମାନସ କୁମାର ଦାସ ଯୋଗଦେଇ ସ୍ୱେଚ୍ଛା ରକ୍ତଦାନର ମହାନୀୟତା, ରେଡକ୍ରସର ଜନକ ଜନ୍ ହେନେରୀ, ଡୋନାଣ୍ଟଙ୍କ ଅବଦାନ ଏବଂ ରକ୍ତର ବିକଳ୍ପ ନ ଥିବା ସଂପର୍କରେ ପ୍ରକାଶ କରିଥିଲେ । ପ୍ରୋଗ୍ରାମ ଅଫିସର ଅଶୋକ ରଥ, କାଉନ୍ସେଲର ଜ୍ଞାନରଂଜନ ଜେନା, ଯୁବ ସମାଜ ଓ ସାମାଜିକ ଅନୁଷ୍ଠାନ ଗୁଡିକ ସ୍ୱେଚ୍ଛା ରକ୍ତଦାନ କ୍ଷେତ୍ରରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ଗ୍ରୀଷ୍ମଦିନରେ ରକ୍ତର ଅଭାବ ପରିଲକ୍ଷିତ ହେଉଥିବାରୁ ଏବଂ ଥାଲାସେମିଆରୋଗୀଙ୍କ ସଂଖ୍ୟା ବୃଦ୍ଧି ହେଉଥିବାରୁ ରକ୍ତର ଆବଶ୍ୟକତା ବଢୁଥିବା କହିଛନ୍ତି । ଗୌରାଙ୍ଗ ପଣ୍ଡା, ଶ୍ରୀହରୀ ଶଂକର ପାଣିଗ୍ରାହୀ, ଧନଞ୍ଜୟ ଜେନା, ଆଶୁତୋଷ ପାତ୍ର, ସମ୍ବିତ ପ୍ରଧାନ, ଶ୍ରବଣ ନାଥ, ନିରଂଜନ ବାରିକ, ପଦ୍ମଲୋଚନ ସାମଲ, ରବିନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



### ବାହାରିଲା ମାଟ୍ରିକ୍ ପରୀକ୍ଷା ଫଳ, ଆରମ୍ଭ ହେବ ନୂଆ ଶିକ୍ଷାବର୍ଷ

# ଜିଲ୍ଲାରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ଦାବି




କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଇତି ମଧ୍ୟରେ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି । ସାଧାରଣତଃ ମାଟ୍ରିକ ପରୀକ୍ଷା ଫଳ ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱ ବହନ କରୁଥିବାବେଳେ ସରକାରୀ ଶିକ୍ଷାବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥାନ୍ତି । ଓଡିଶାରେ ନୂତନ ଜାତୀୟ ଶିକ୍ଷା ନିତି-୨୦୨୦ ଲାଗୁ କରାଯାଉଥିବାବେଳେ ମାଧ୍ୟମିକ ଶିକ୍ଷାକୁ ଉନ୍ନତ କରିବା ପାଇଁ ଖାଲିଥିବା ଶିକ୍ଷକ-ଶିକ୍ଷୟିତ୍ରୀ ପୂରଣ କରିବା ଆବଶ୍ୟକୀୟ ହୋଇପଡିଛି । ଇତିମଧ୍ୟରେ ୨୦୨୪-୨୫ ଶିକ୍ଷାବର୍ଷ ସରି ୨୦୨୫-୨୬ଶିକ୍ଷାବର୍ଷ ଆରମ୍ଭ ହୋଇଛି ଏବେ ଗ୍ରୀଷ୍ମପ୍ରବାହକୁ ଲକ୍ଷ୍ୟ ରଖି ବିଦ୍ୟାଳୟଗୁଡିକ ଛୁଟି କରାଯାଇଥିବାବେଳେ ଆସନ୍ତା ଜୁନ ମାସଠାରୁ ନୂତନ ଶିକ୍ଷାବର୍ଷର ଶିକ୍ଷାଦାନ ନିୟମିତ ହେବ । ମିଳିଥିବା ସରକାରୀ ସୂଚନା ଅନୁଯାୟୀ କେନ୍ଦୁଝର ଜିଲ୍ଲାରେ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମୋଟ ୩ହଜାର ୧୭୬ଟି ବିଦ୍ୟାଳୟ ରହିଛି । ସେଥିମଧ୍ୟରୁ ୧ହଜାର ୫୭୮ଟି ପ୍ରାଥମିକ ବିଦ୍ୟାଳୟ, ୮୨୬ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ, ୧୭୩ଟି ଉଚ୍ଚ ପ୍ରାଥମିକ, ୧୨୭ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ, ୨୪୬ଟି ଉଚ୍ଚ ପ୍ରାଥମିକ ସହ ମାଧ୍ୟମିକ ବିଦ୍ୟାଳୟ, ୨୨ଟି ଉଚ୍ଚ ପ୍ରାଥମିକ ଓ ହାୟର ସେକେଣ୍ଡାରୀ, ୧୫ଟୀ ତିନିପ୍ରକାର ସ୍କୁଲ ଯେପରିକି, ପ୍ରାଇମେରୀ, ଅପର ପ୍ରାଇମେରୀ ଓ ହାୟର ସେକେଣ୍ଡାରୀ, ୩ଟି ସେକେଣ୍ଡାରୀ ଓ ହାୟର ସେକେଣ୍ଡାରୀ ସ୍କୁଲ ଏପରି ୧୦ପ୍ରକାରର ସ୍କୁଲ ରହିଛି । ସୂଚନା ଅନୁଯାୟୀ ଜିଲ୍ଲାର ବିଭିନ୍ନ ସରକାରୀ, ଅନୁଦାନପ୍ରାପ୍ତ ଓ ବ୍ଲକଗ୍ରାଣ୍ଟ ବିଦ୍ୟାଳୟଗୁଡିକରେ ୬୯୧ରୁ ଅଧିକ ଶିକ୍ଷକ ପଦବୀ ଖାଲି ରହିବା କେନ୍ଦୁଝର ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ଅଧୋଗତିକୁ ଉନ୍ମୋଚନ କରୁଛି । ନୂତନ ଶିକ୍ଷାବର୍ଷ ପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ପଦବୀଗୁଡିକୁ ପୂରଣ କରିବା ପାଇଁ ଅଭିଭାବକ ମହଲରେ ଦାବି କରାଯାଉଛି । ମିଳିଥିବା ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ବିଦ୍ୟାଳୟରେ ୨୦୮ଟି ଶିକ୍ଷକ ପଦବୀ ଖାଲି ପଡିଛି । ଉକ୍ତ ଖାଲି ପଦବୀଗୁଡିକ ମଧ୍ୟରୁ ୬୮ଟି ପ୍ରଧାନଶିକ୍ଷକ, ୪ଟି ପିସିଏମ୍, ୩ଟି ସିବିଜେଡ, ୧୦ଟି ସଂସ୍କୃତ, ୫୬ଟି ହିନ୍ଦୀ, ୩୧ଟି ଖେଳ, ୩୬ ଟିଆଇ/ଟିଏମ୍ ଶିକ୍ଷକ ପଦବୀ ଖାଲି ରହିଥିବା ଜଣାପଡିଛି । ଜିଲ୍ଲାରେ ଥିବା ବିଭିନ୍ନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୨୦୦ଟି ଶିକ୍ଷକ ପଦବୀ ଖାଲି ରହିଛି । ଏହି ପଦବୀଗୁଡିକ ମଧ୍ୟରୁ ୩୯ଟି ପ୍ରଧାନଶିକ୍ଷକ, ୬୦ଟି କଳା ଶିକ୍ଷକ, ୨୨ଟି ପିସିଏମ୍, ୧୩ଟି ସିବିଜେଡ, ୨୫ଟି ସଂସ୍କୃତ,୧୮ଟି ହିନ୍ଦୀ, ୨୩ଟି ଖେଳ ଶିକ୍ଷକ ପଦବୀ ଖାଲି ଥିବା ସୂଚନାପ୍ରାପ୍ତ ହୋଇଛି । ଏତଦ୍‌ବ୍ୟତୀତ କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ବ୍ଲକଗ୍ରାଣ୍ଟ ବିଦ୍ୟାଳୟରେ ୨୮୩ଟି ଶିକ୍ଷକ ପଦବୀ ଖାଲି ପଡିଥିବା ସୂଚନା ମିଳିଛି । ଏହି ଖାଲି ପଡିଥିବା ଶିକ୍ଷକ ପଦବୀ ମଧ୍ୟରୁ ୨୪ଟି ପ୍ରଧାନଶିକ୍ଷକ, ୧୦୮ଟି କଳା, ୪୫ଟି ପିସିଏମ୍, ୪୨ଟି ସିବିଜେଡ, ୧୫ଟି ସଂସ୍କୃତ, ୨୧ଟି ହିନ୍ଦୀ ଓ ୨୮ଟି ଖେଳ ଶିକ୍ଷକ ପଦବୀ ଖାଲି ପଡିଥିବା ସୂଚନାପ୍ରାପ୍ତ ହୋଇଛି । ଅନୁତାପର ବିଷୟ ଏହା ଯେ ଖାଲି ପଡିଥିବା ମୋଟ ୬୯୧ଟି ଶିକ୍ଷକ ପଦବୀ ମଧ୍ୟରୁ ୧୩୧ଟି ପ୍ରଧାନଶିକ୍ଷକ ପଦବୀ ରହିଛି । ଏହାବାଦ୍ ୧୬୮ଟି କଳା ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ମୋଟ ୬୧ଟି ପିସିଏମ୍, ୫୮ଟି ସିବିଜେଡ, ୫୦ଟି ସଂସ୍କୃତ, ୯୫ଟି ହିନ୍ଦୀ ଏବଂ ୮୨ଟି ଖେଳ ଶିକ୍ଷକ ପଦବୀ ଖାଲି ପଡିବା ହେତୁ ଶିକ୍ଷା ଗ୍ରହଣ କ୍ଷେତ୍ରରେ ଛାତ୍ରଛାତ୍ରୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି । ଶିକ୍ଷା ବିଭାଗ ଏଥିପ୍ରତି ଧ୍ୟାନ ଦେଇ ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ଖାଲି ପଡିଥିବା ଶିକ୍ଷକ ପଦବୀଗୁଡିକ ପୂରଣ କରିବା ପାଇଁ ବିହୀତ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବି ଜଣାଇଛନ୍ତି ।

## ବିଦ୍ୟାଳୟରେ ବାରମ୍ବାର ଚୋରି ଘଟଣାରେ ପୋଲିସ୍ ହାତ ଖାଲି



ଜଳେଶ୍ୱର(ଭାସ୍କର ନ୍ୟୁଜ): ବିଦ୍ୟାଳୟ ଗୁଡିକରେ ଏବେ ସ୍ମାର୍ଟ ଟିଭି, କମ୍ପୁଟର, ପ୍ରିଣ୍ଟର, ରନ୍ଧନ ସାମଗ୍ରୀ, ମାଇକ୍ ସେଟ୍, ଚାଉଳ ଇତ୍ୟାଦି ମୂଲ୍ୟବାନ ଆସବାପତ୍ର ରହୁଥିବାରୁ ଦୁର୍ବୃତ୍ତମାନେ ବିଦ୍ୟାଳୟକୁ ଟାର୍ଗେଟ କରୁଛନ୍ତି । ଗତ ରାତିରେ ମହମ୍ମଦନଗରପାଟଣା ପଂଚାୟତର ଜଳେଶ୍ୱର ପାଟଣା ପ୍ରାଥମିକ ବିଦ୍ୟାଳୟରେ ଚୋରୀ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିବାଳା ରାମ ଅଭିଯୋଗ କରିଛନ୍ତି । ୩ଟି ଶ୍ରେଣୀ ଗୃହର ତାଲା ଭଂଗାଯାଇଥିବା ବେଳେ ଆଲମାରୀକୁ ଭଂଗି ଦେଇଥିଲେ । ଏଥିରେ ବହୁ ଜିନିଷପତ୍ର ଚୋରୀ ହୋଇଥିବା ଦର୍ଶାଇଛନ୍ତି । ସେହିପରି ରାମଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଗୋଟିଏ ବାକ୍ସ, ୨କ୍ୟାଣ୍ଟାଲ ଚାଉଳ, ତ୍ରିପାଲ, ଖେଳ ସାମଗ୍ରୀ ଇତ୍ୟାଦି ଚୋରୀ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ସୁମତୀ ବେହେରା ଥାନାରେ ଅଭିଯୋଗ କରିଛନ୍ତି । ଏ ସଂପର୍କରେ ଜଳେଶ୍ୱର ଥାନାର ସବ୍‌ଇନସ୍‌ପେକ୍ଟର ଘଟଣା ସ୍ଥଳ ତଦନ୍ତ କରି ଫେରିଛନ୍ତି । ସୂଚନାଯୋଗ୍ୟ ବିଭିନ୍ନ ବିଦ୍ୟାଳୟ ଗୁଡିକରୁ ଏପରି ଚୋରୀ ହେଉଥିବା ବେଳେ ପୁଲିସ୍ ଚୁରକୁ ଧରିବାରେ ବିଫଳ ହୋଇଛି । ଏ ସଂପର୍କରେ ଜଳେଶ୍ୱର ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ସମସ୍ତ ବିବରଣୀ ପଠାଇବେ ବୋଲି ଜଣାଯାଇଛି ।

## ନବବଧୂଙ୍କ ଆତ୍ମହତ୍ୟା, ସ୍ୱାମୀ ଅଟକ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ବେକରେ ଓଢଣୀ ଦେଇ ଜଣେ ନବ ବଧୂ ଆତ୍ମହତ୍ୟା କରିଥିବା ଘଟଣା ନାରାୟଣପାଟଣା ବ୍ଲକ ସଦରରେ ଚର୍ଚ୍ଚାର ବିଷୟ ପାଲଟିଛି । ମହିଳା ଜଣକ ହେଲେ ପୋଡାପଦର ପଞ୍ଚାୟତର ଡାକ କର୍ମଚାରୀ ସୁରଜ ପଟନାୟକଙ୍କ ସ୍ତ୍ରୀ ସୁଲୋଚନା ପଟନାୟକ । ଗତ ଡିସେମ୍ବର ମାସ ୧୪ ତାରିଖ ଦିନ ଦୁଇଜଣଙ୍କ ବିବାହ ହୋଇଥିବା ସୂଚନା ମିଳିଛି । ସୁରଜ ଗୁରୁବାର ସକାଳେ ନିଜର କାମ ପାଇଁ ବାହାରକୁ ଯାଇ ୧୧ ଟା ବେଳେ ଘରକୁ ଫେରିଥିଲେ । ହେଲେ ଘର ଭିତରେ କବାଟ ବନ୍ଦ ଥିବା ଦେଖି ପରିବାର ଲୋକଙ୍କ ସାହାଯ୍ୟରେ କବାଟ ଭାଙ୍ଗି ଭିତରକୁ ଯାଇ ଦେଖିବା ବେଳେ ଏକ ଓଢଣିରେ ସୁଲଚନାଙ୍କ ମୃତ ଦେହ ଓହଳି ରହିଛି । ଏହା ଦେଖି ତାଙ୍କ ପରିବାର ଲୋକେ ନାରାୟଣପାଟଣା ଥାନା କୁ ଯାଇ ସୁଚନା ଦେଇଥିଲେ । ପରେ ମୃତ ସୁଲଚନାଙ୍କ ମା’ କନକ ମଞ୍ଜରୀ ପଟନାୟକ ଖବର ପାଇ ବୋରିଗୁମାରୁ ଆସି ନାରାୟଣପାଟଣା ରେ ପହଞ୍ଚି ତାଙ୍କ ଝିଅକୁ ମାନସିକ ଏବଂ ଯୌତୁକ ନିର୍ଯାତନା ଦିଆଯାଇଥିବା ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ଘଟଣା ସ୍ଥଳରେ ଲକ୍ଷ୍ମୀପୁର ଏସଡିପିଓ ବିରଞ୍ଚି ନାରାୟଣ ଜଗତ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଦେବବ୍ରତ ମହାରଣା, ଏସ୍ ଆଇ ପ୍ରଫୁଲ୍ଲ ପାତ୍ର, ଏସ୍ ଆଇ ନରସିଂହ ପାଢୀ, ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଓ କନ୍ୟାଙ୍କ ପରିବାରବର୍ଗଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଥିବା ବେଳେ ପୋଲିସ ମୃତ ଦେହ ଉଧାର କରି ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୁଲଚନାଙ୍କ ମାଙ୍କ ଅଭିଯୋଗକୁ ଭିତ୍ତି କରି ତାଙ୍କ ସ୍ୱାମୀ ଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଥିବା ବେଳେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣା ପଡିଛି । ଆଗକୁ ଏହି ଘଟଣାରେ ଅନ୍ୟ କେହି ଗିରଫ ହେଉଛନ୍ତି ନା ନାହିଁ ତାହା ଏବେ ଦେଖିବାକୁ ବାକି ରହିଲା ।

### କେନାଲବନ୍ଧ ପାଲଟିଛି ଆଶ୍ରୟସ୍ଥଳ, ଆବାସ ସାତ ସପନ

## ପଲିଥିନ୍ ତଳେ ୧୧ ବର୍ଷ:, ଭଗବାନ ଭରସାରେ ଦୁଇ ପ୍ରାଣୀ




ଗୋପ(ଭାସ୍କର ନ୍ୟୁଜ): ନା ଏମାନେ ଯାଯାବର, ନା ଏମାନେ ବାଂଲାଦେଶୀ, ନା ଏମାନେ ଶରଣାର୍ଥୀ । କିନ୍ତୁ ଏସବୁ ଠାରୁ ଅନେକ ନିମ୍ନରେ ରହିଛନ୍ତି ଦୁଇ ପ୍ରାଣୀ କୁଟୁମ୍ବ । ଯାହାର ସାହା ଭରସା କହିଲେ କେନାଲ ବନ୍ଧ ଓ ତାହାର ଶଯ୍ୟା । ଚିରା ପଲିଥିନ୍ ତଳେ ଆଜକୁ ୧୧ ବର୍ଷ ହେବ ଦୟନୀୟ ଭାବେ ନିଜର ଜୀବନ କୁ ଅତିବାହିତ କରିଚାଲିଛନ୍ତି । ହେଲେ ମନରେ କୌଣସି ଗ୍ଲାନି ନାହିଁ । କାରଣ ଏମାନେ ଅଶିକ୍ଷିତ ତଥା ଦଳିତ । ନିଜେ ଭାରତୀୟ ଭାବେ ସରକାରଙ୍କ ଠାରୁ ସମସ୍ତ ନ୍ୟାର୍ଯ୍ୟ ଦାବୀ ପାଇବାକୁ ଏମାନେ ହକଦାର ବୋଲି ସେମାନେ ଜାଣନ୍ତିନି । କହିବେ କାହାକୁ ଶୁଣିବ କିଏ ନ୍ୟାୟରେ ସେମାନେ ଚୁପ୍ ରହୁଛନ୍ତି । ନିର୍ବାଚିତ ସରକାର କିମ୍ବା ଜନପ୍ରତିନିଧି ଭୋଟ୍ ନେବା ପରେ ଏମାନଙ୍କୁ ଭୁଲିଯିବା ଏକ ପ୍ରକାର ମାନସିକତା ପାଲଟିଛି । ରାଜ୍ୟର ଉନ୍ନତ ଜିଲ୍ଲାର ମାନ୍ୟତା ପାଇଥିବା ପୁରୀ ଜିଲ୍ଲା ଏବଂ ଏହାର ବଡ ବ୍ଲକ ଗୋପ ବ୍ଲକ ଠାରୁ ମାତ୍ର ଚାରି କିଲୋମିଟର ଦୂର ଗଣେଶ୍ୱରପୁର ପଂଚାୟତ ର ମଧ୍ୟ ଭାଗରେ ଥିବା ଗଣେଶ୍ୱରପୁର-ବିଶରପୁର ମାଇନର କେନାଲ ଉପରେ ଦୀର୍ଘ ୧୧ ବର୍ଷ ହେବ ସ୍ୱାମୀ ସ୍ତ୍ରୀ ଦୁଇ ପ୍ରାଣୀ କୁଟୁମ୍ବ ଚିରା ପଲିଥିନ ତଳେ ଦୟନୀୟ ଅବସ୍ଥାରେ ରହୁଛନ୍ତି । ଅଭୟ ଭୋଇ ଏବଂ ତାଙ୍କର ସ୍ତ୍ରୀ ବିଷ୍ଣୁପ୍ରିୟା ଭୋଇ ସ୍ଥାନୀୟ ବିଶରପୁର ମାଂଚିଆ ଗ୍ରାମରୁ ମହାବାତ୍ୟା ପରେ ଘର ଦୁଆର ଭାଙ୍ଗିଯିବା ପରେ ସେମାନେ ଏହି ବରଗଛ ମୂଳେ ନିଜର ବସତି ଜମାଇଥିଲେ । ମାତ୍ର ମୁଣ୍ଡ ଉପରେ କିଛି ନଥିବାରୁ ଦୀର୍ଘ ଦିନ ହେବ ମାଗିଯାଚି ପଲିଥିନ୍ ଏବଂ କିଛି ବାଉଁଶ ଆଣି ଧିରେ ଧିରେ ରହିବାକୁ ଆରମ୍ଭ କଲେ । ଚଳିବା ପାଇଁ ଜାଗା ନାହିଁ, ରୋଷେଇ କରିବାକୁ ଘର ନାହିଁ । ବର୍ଷା ପବନ ଆସିଲେ ବରଗଛ ହିଁ ତାଙ୍କ ପାଇଁ ବରଦାନ ପାଲଟିଛି । ଏଠାରେ ରହିବା ସମୟରେ ଫନି ବାତ୍ୟା ଠାରୁ ଆରମ୍ଭ କରି ତିତିଲି,ହୁଡୁହୁଡୁ ପରି ଅନେକ ବାତ୍ୟାକୁ ସମ୍ମୁଖୀନ ହେଇଛନ୍ତି । କିନ୍ତୁ କାହାର ବି ଦୟା ଆସିଲାନି ଯେ ତାଙ୍କୁ କୌଣସି ସ୍ଥାନରେ ସ୍ଥାୟୀ ପକ୍କାଘର କିମ୍ବା ରହଣି ନିମନ୍ତେ କୌଣସି ବ୍ୟବସ୍ଥା କରିବେ । ସୁବର୍ଣପୁର ଠାରୁ ଗବକୁଣ୍ଡ ରାସ୍ତାର ବାବା ମଂଚନାଥ ଙ୍କ ରାସ୍ତା ପାର୍ଶ୍ୱରେ ଏହି ଦୁଇ ପ୍ରାଣୀ କୁଟୁମ୍ବଙ୍କର ଠିକଣା ଆଜକୁ ୧୧ ବର୍ଷ ଧରି ଚଳିଆସିଛି । ସେମାନେ ଏଠାରେ ରହିବା ପରେ ତିନି ତିନିଟି ସାଧାରଣ ନିର୍ବାଚନ ଓ ତିନି ତିନିଟି ପଂଚାୟତ ନିର୍ବାଚନ ଯାଇଛି ହେଲେ ସମସ୍ତ ଙ୍କର ଗୋଟିଏ କଥା ଆମେ ଆସିଲେ ତୋର ନିଶ୍ଚିତ ଭାବେ ଘର ହେବ । ହେଲେ କେବେ ହେବ ଘର କେବେ ସେମାନେ ନିଜର ଘରେ ରହିବେ ତାହାର ଉତର କାହା ପାଖରେ ନାହିଁ । ସବୁବେଳେ ଚାହିଁ ରହିଛନ୍ତି କାହାର ନଜର ପଡୁ ଯେପରି ଆଉ ବନ୍ୟା କିମ୍ବା ବାତ୍ୟା ଆସିଲେ ଦୟନୀୟ ସ୍ଥିତିକୁ ଯିବେ ନାହିଁ । ପାର୍ଶ୍ୱରେ ଥିବା କେନାଲ ଶଯ୍ୟାକୁ ଅଗଣା ଭାବେ ଏବଂ କେନାଲ ବନ୍ଧ କୁ ଗୁହାଳ, ରୋଷେଇ ଘର, ଶୋଇବା ଘର ଭାବେ ବ୍ୟବହୃତ କରୁଛନ୍ତି । ଗୁହାଳରେ ଛେଳି ଦୁଇଟି ବନ୍ଧା ହୋଇ ରହିଛନ୍ତି । ଅଭୟ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ ସ୍ତ୍ରୀ ବିଷ୍ଣୁପ୍ରିୟା ମଧ୍ୟ ବେଳେ ବେଳେ ତାଙ୍କ ସହିତ ଯାଆନ୍ତି ମଜୁରୀ ଖଟିବାକୁ । ଦିନେ ନଖଟିଲେ ଓପାସ ପଡିବା ଥୟ । ଏମାନଙ୍କ ନିମନ୍ତେ ସ୍ୱର ଉଠାଇବା ନିମନ୍ତେ କାହାର ଇଚ୍ଛାଶକ୍ତି ନାହିଁ । ଏ ନେଇ ଗଣେଶ୍ୱରପୁର ପଞ୍ଚାୟତର ସରପଞ୍ଚ ପ୍ରଭାତ ବେହେରାଙ୍କ ପ୍ରତିକ୍ରିୟା ନେବାରେ ସେ କହିଛନ୍ତି ଯେ ମୁଁ ଗଣମାଧ୍ୟମରୁ ଜାଣିବା ପରେ ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସେମାନଙ୍କର ଆବାସ ଯୋଜନା ରେ ସର୍ଭେ କରିବାକୁ ଏବଂ ସର୍ଭେ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନେବି ।

### ବାଜିଲା ଡେଙ୍ଗୁରା, ପୁରିଲା ସମୟସୀମା

## ଏପର୍ଯ୍ୟନ୍ତ ଖାଲି କରିନାହାନ୍ତି ଦୋକାନ ଗୃହ, ଉଚ୍ଛେଦ କେବେ ?



ନିଆଳି(ଭାସ୍କର ନ୍ୟୁଜ): ଡେଙ୍ଗୁରା ପିଟି ନିଆଳି ପ୍ରଶାସନ ଜାରି କରିଥିଲା ନୋଟିସ । ସରକାରୀ ଜାଗାକୁ ବେଦଖଲ କରି ରଖିଥିବା ପ୍ରଭାବ ଶାଳୀ ବ୍ୟକ୍ତି ମାନଙ୍କୁ ୮ ତାରିଖ ସଂଧ୍ୟା ସୁଧା ଜବର ଦଖଲ ହଟାଇବା ପାଇଁ ଦୋକାନ ଗୃହ ଗୁଡିକ ଖାଲି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ତହସିଲଦାର । ସମୟ ସୀମା ପୁରିଲା ହେଲେ ଏପର୍ଯ୍ୟନ୍ତ ଗୋଟିଏ ବି ଦୋକାନୀ ସରକାରୀ ଜାଗାରେ କରିଥିବା ଦୋକାନ ଗୃହ ଖାଲି କରିନାହାନ୍ତି । ଯେଉଁମାନେ ସମୟସୀମା ମଧ୍ୟରେ ଖାଲି କରିନାହାନ୍ତି ଶ୍ରମାନଙ୍କୁ ବଳ ପୂର୍ବକ ହଟାଇ ଦଖଲ ନିଆଯିବ ବୋଲି ନିଆଳି ଆର ଆଇ ଦେବବ୍ରତ ବିଶ୍ୱାଳ ଡେଙ୍ଗୁରା ପିଟି ସୂଚନା ଦେଇଥିଲେ । ସୂଚନା ମୁତାବକ ନିଆଳି ତହସିଲ ଅନ୍ତର୍ଗତ ପୂର୍ବ ଖଣ୍ଡ ମଉଜା ନିଆଳି ବଜାରର ସରକାରୀ ଜାଗାରେ ଦୋକାନ କରିଥିବା ଅବରୋଧ କାରୀ ମାନଙ୍କୁ ଚିନ୍‌ହଟ କରାଯାଇଥିଲା । ଓଡିଶା ଭୁମି ଅନଧିକାର ଦଖଲ ନିବାରଣ ଅଧିନିୟମ ୧୯୭୨ ଧାରା ୬(୧)ଅନୁଯାୟୀ ଉକ୍ତ ସ୍ଥାନକୁ ପରିତ୍ୟାଗ କରିବା ନିମନ୍ତେ ଜାରି ହୋଇଥିବା ନୋଟିସ ର ସମୟ ସୀମା ପୁରୀ ଯାଇଛି । ହେଲେ ଏମାନଙ୍କୁ ଉଚ୍ଛେଦ କେବେ କରାଯିବ । ଗତ ମାସ ୯ ତାରିଖ ରେ ନିଆଳି ବଜାର ରୁ ସରକାରୀ ଜାଗାରେ ଥିବା ୮୫ ଟି ଦୋକାନ ଗୃହ କୁ ପ୍ରଶାସନ ଭାଙ୍ଗି ଦେଇଥିବା ବେଳେ ସେମାନେ ନିଜ ରୋଜଗାର ହରାଇ ବସିଛନ୍ତି । ଯେଉଁ କିଛି ଅନ୍ୟ ଦୋକାନ ଗୃହ ରହିଥିଲା ନିଆଳି ତହସିଲଦାର ଲିଲନ ପ୍ରସାଦ ସାହି ନୋଟିସ ଜାରି କରିଥିଲେ ମଧ୍ୟ ଏବେ ନେତାଙ୍କ ପ୍ରତିଶୃତି ଭଙ୍ଗା ଯିବନି ବୋଲି ଦୋକାନ ଗୃହ ବୋଲି ମିଳିଛି ସୂଚନା । ଅପର ପକ୍ଷରେ ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁ ଙ୍କୁ ଭଙ୍ଗା ଯାଇଥିବା ଦୋକାନୀ ଦେଇଛନ୍ତି ଦାବି ପତ୍ର । ସରକାରୀ ଜାଗାରୁ ଅନ୍ୟ ଦୋକାନ ଉଚ୍ଛେଦ କରାନଯାଏ ସେମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ତହସିଲଦାରଙ୍କ ଏହି ସମୟରେ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଉଚ୍ଛେଦ କୁ ନେଇ ଉଠିଛି ଦ୍ୱନ୍ଦ୍ୱ । ଏବେ ପ୍ରଶ୍ନ ପ୍ରଶାସନ ଉଚ୍ଛେଦ କରୁଛି ନା ନେତାଙ୍କ ଚାପରେ ଚେପା ହେଉଛି ।

### ସମସ୍ୟାରେ ଅରିଷଣ୍ଡ ପଞ୍ଚାୟତ

## କେବେ ପଡ଼ିବ ପ୍ରଶାସନର ଦୃଷ୍ଟି ?

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅରିଷଣ୍ଡ ପଂଚାୟତରେ ରାଜନୀତି ପ୍ରବଳ, ବିକାଶ ଦୁର୍ବଳ । ଯାହାକୁ ନେଇ ଲୋକମାନେ ବିଭିନ୍ନ ସମସ୍ୟାରେ ଗତି କରୁଛନ୍ତି । ବାରମ୍ବାର ପ୍ରଶାସନ ନିକଟରେ ସମସ୍ୟା ଦୂର କରିବା ପାଇଁ ଦାବୀ ହେଉଥିଲେ ମଧ୍ୟ ପ୍ରଶାସନ ଏହି ଦାବୀ ଉପରେ ଦୀର୍ଘବର୍ଷ ହେବ ଗୁରୁତ୍ୱ ଦେଉ ନାହିଁ । ଯାହାକୁ ନେଇ ଲୋକମାନେ ଏବେ ମଧ୍ୟ ଦୁର୍ଦ୍ଦିନରେ ରହିଛନ୍ତି । ଏହି ଘଟଣା ପ୍ରତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦୃଷ୍ଟି ଦେଲେ ସମସ୍ୟା ଦୂର ହେବ ବୋଲି ଗ୍ରାମବାସୀମାନେ ଦାବୀ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଅରିଷଣ୍ଡ ପଂଚାୟତରେ ନେତା ପ୍ରବଳ ହୋଇଥିଲେ ମଧ୍ୟ ସରକାରଙ୍କ ବିକାଶ ଅଚଳ ହୋଇପଡ଼ିଛି । ବିଜେଡ଼ି ସରକାର ପୂର୍ବରୁ ୫ ବର୍ଷ ତଳେ ନିର୍ମାଣ ହୋଇଥିବା ଆମୋଦ ପ୍ରମୋଦ ଉଦ୍ୟାନ ଅଧାରେ ଅଟକିଛି । ଖରିପଡ଼ିଆ ଠାରୁ ଡ଼ଗରାସାହି ଗ୍ରାମକୁ ରାସ୍ତା ଖାଲଖମା ସୃଷ୍ଟି ହୋଇଥିଲେ ମଧ୍ୟ ଏହି ରାସ୍ତା ନିର୍ମାଣ ଦିଗରେ ବ୍ଲକ୍ ପ୍ରଶାସନ କିମ୍ବା କୌଣସି ଅଧିକାରୀ ଦୃଷ୍ଟି ଦେଉ ନାହାନ୍ତି । ଯାହାପାଇଁ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆବଶ୍ୟକ ନଥିବା ସ୍ଥାନରେ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଆବଶ୍ୟକ ଥିବା ସ୍ଥାନରେ ରାସ୍ତା ନିର୍ମାଣ କରାଯାଉ ନାହିଁ । ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅରିଷଣ୍ଡ ପଂଚାୟତରେ ଥିବା ଗ୍ରାମ ଜଙ୍ଗଲକୁ କେତେକ ଅସାଧୁ ବ୍ୟକ୍ତି ଗଛ କାଟି କାଠ ବିକ୍ରି କରି ଦେଉଥିବା ବେଳେ ଗ୍ରାମ ଜଙ୍ଗଲ ଏବେ ମରୁଭୂମିରେ ପରିଣତ ହୋଇଛି । ନୂତନ ଚାରା ଲଗାଯାଇ ପାରୁ ନାହିଁ । କେତେଜଣ ବ୍ୟକ୍ତି ଏହି ଗ୍ରାମ ଜଙ୍ଗଲ ଜାଗାକୁ ଜୋର ଜବରଦସ୍ତ ଦଖଲ କରୁଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉ ନାହିଁ । ପଂଚାୟତରେ ଥିବା ଭେଟନାରୀ ସବ୍ ସେଂଟର ଏକ ସ୍କୁଲ ଘରେ ଚାଲୁଥିବା ବେଳେ ସବ୍ ସେଂଟର ଗୃହ ନିର୍ମାଣ ହୋଇପାରୁ ନାହିଁ । ଉପ-ସ୍ୱାସ୍ଥ୍ୟକେନ୍ଦ୍ର କରାଯିବା ପାଇଁ ବାରମ୍ବାର ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଉପ-ସ୍ୱାସ୍ଥ୍ୟକେନ୍ଦ୍ର କରାଯାଉ ନାହିଁ । ଏପରି ଅନେକ ସମସ୍ୟା ଏହି ପଂଚାୟତରେ ଲାଗିଥିବା ବେଳେ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି ।

## ଶିଳ୍ପଦ୍ୟୋଗୀ ମଦନ ସ୍ୱାଇଁଙ୍କ ବିୟୋଗରେ ଶୋକ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଓ କୁଜଙ୍ଗ ଅଞ୍ଚଳର ବିଶିଷ୍ଟ ଶିଳ୍ପଦ୍ୟୋଗୀ, ସମାଜସେବୀ, ବରିଷ୍ଠ ରାଜନେତା, ଶିକ୍ଷାବିତ୍, ପାରାଦୀପ ଟ୍ରକ ମାଲିକ ସଂଘର ଉପଦେଷ୍ଟା, ମଦନ ମୋହନ ଆଇଟିଆଇର ପ୍ରତିଷ୍ଠାତା ମଦନ ମୋହନ ସ୍ୱାଇଁ (୬୮)ଙ୍କ ହୃଦଘାତରେ ଗୁରୁବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି । ନିଜ ଘର୍ କୁଜଙ୍ଗ ବ୍ଲକ ଅଧୀନ ନବାଡ଼ିଆରେ ଆଜି ସକାଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ସଙ୍ଗେ ସଙ୍ଗେ ତାଙ୍କୁ ଅଠରବାଙ୍କି ସ୍ଥିତ ବିଜୁ ମେମୋରିଆଲ ହସପିଟାଲକୁ ନିଆ ଯାଇଥିଲେ ହେଁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶେଷନିଶ୍ୱାସ ତ୍ୟାଗ କଲାବେଳେ ନିକଟରେ ବଡ ପୁଅ ସାମ୍ବାଦିକ ରତ୍ନାକର ସ୍ୱାଇଁ (ପପୁ)ଙ୍କ ସମେତ ଅନ୍ୟ ଦୁଇପୁଅ ଓ ପୁଅବୋହୂମାନେ ଉପସ୍ଥିତ ଥିଲେ । ମଦନ ସ୍ୱାଇଁଙ୍କ ପରଲୋକ ଖବର ପାଇ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସାଂସଦ ଡ଼ାକ୍ତର କୁଳମଣି ସାମଲ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ସୁଢ଼ଳ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା, ସୁଧାଂଶୁ ନାୟକ, ନାରାୟଣ ବେହେରା, ରାକେଶ ପଟ୍ଟନାୟକ, ରତ୍ନାକର ଜେନା, ବିବେକାନନ୍ଦ ରାଉତ, ପାରାଦୀପ ଟ୍ରକ ମାଲିକ ସଂଘର ସଭାପତି ବିରଞ୍ଚି ନାରାୟଣ ପରିଡା, କର୍ମକର୍ତ୍ତା ଓ ଅନ୍ୟ ଉପଦେଷ୍ଟାଙ୍କ ସମେତ ପାରାଦୀପ, କୁଜଙ୍ଗ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଠରବାଙ୍କିସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହସ୍ପିଟାଲରେ ପହଞ୍ଚି ଅମାୟିକ ବ୍ୟକ୍ତିତ୍ୱ ସ୍ୱର୍ଗତ ମଦନ ସ୍ୱାଇଁଙ୍କ ଅନ୍ତିମ ଦର୍ଶନ କରିଥିଲେ । ସ୍ୱର୍ଗତ ସ୍ୱାଇଁଙ୍କ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ପାରାଦୀପ ସହର ଓ କୁଜଙ୍ଗ ଅଞ୍ଚଳ ସମେତ ନିଜ ଗ୍ରାମ ନବାଡ଼ିଆ ପରିକ୍ରମା କରିବା ପରେ ଗ୍ରାମ ଶ୍ମଶାନରେ ଭାଇ, ବନ୍ଧୁ, ଜ୍ଞାତି ସହୋଦର ମାନଙ୍କ ଗହଣରେ ଅନ୍ତିମ ସତ୍କାର କରାଯାଇଥିଲା ଏବଂ ବଡ ପୁଅ ପପୁ (ରତ୍ନାକର) ମୁଖାଗ୍ନି ଦେଇଥିଲେ । ସୂଚନାଥାଉକି, ସ୍ଥାନୀୟ ଅଞ୍ଚଳରେ ଯୁବକଙ୍କ ଆତ୍ମନିର୍ଭରଶୀଳ ପାଇଁ ବୈଷୟିକ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଶ୍ରୀ ସ୍ୱାଇଁ ପାରାଦୀପ ଉପକଣ୍ଠ ହସିଣାଠାରେ ୨୦୦୭ ମସିହାରେ ମଦନ ମୋହନ ଆଇଟିଆଇ କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ତେବେ ସ୍ୱର୍ଗତ ସ୍ୱାଇଁଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ନାଟକ ‘ହାକୃଷ୍ଣ ବୋଲି ଯାଉ ଯିବ’ ମଞ୍ଚସ୍ଥ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅଧିନସ୍ଥ କଣ୍ଟାପଡା ଗ୍ରାମପଞ୍ଚାୟତ ଗମ୍ଭାରୀପଦା ଗ୍ରାମରେ ଥିବା ତ୍ରିନାଥ ରୟାଲିଟ ଡ୍ରାମାଟ୍ରିକ କ୍ଲବ ତାର ୧୫ ତମ ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ଦୁଇଦିନ ବ୍ୟାପୀ ଦୁଇଗୋଟି ସାମାଜିକ ନାଟକ ମଞ୍ଚସ୍ଥ କରିଛି । ଉତ୍ସବର ପ୍ରଥମ ଦିବସରେ ହାକୃଷ୍ଣ ବୋଲି ଯାଉ ଯିବ ନାଟକ ମଞ୍ଚସ୍ଥ କରାଯାଇଥିବା ବେଳେ (ଦ୍ୱିତୀୟ) ଦିବସରେ ଆଖି ଅବୁଝାକୁ ଲୁହ ଅବୁଝା ନାଟକ ମଞ୍ଚସ୍ଥ କରାଯାଇଥିଲା । କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବର ଆୟୋଜିତ ସଭାରେ ଅତିଥି ଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଆତ୍ମା କମିଟି ଅଧ୍ୟକ୍ଷ ତଥା ଅଞ୍ଚଳର ସମାଜସେବୀ ରମେଶ ଚନ୍ଦ୍ର ପାତ୍ର, ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ ଯୋଗଦେଇ, ଆୟୋଜକ ଡ୍ରାମାଟ୍ରିକ କ୍ଲବର ଦୀର୍ଘ ୧୫ ବର୍ଷ ଧରି ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରୟାସକୁ ଭୂୟଶୀ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ । ନାଟ୍ୟନିର୍ଦ୍ଦେଶନା ରାଜ କିଶୋର ନାୟକ, ନାଟ୍ୟ ପରିଚାଳନା ଶ୍ରୀଧର ମଳିକ (ଦାୟିତ୍ୱ )ସହ ନିର୍ବାହ କରିଥିବା ବେଳେ ଗମ୍ଭାରୀପଦା ଗ୍ରାମ ସମେତ ଆଖପାଖ ଅଞ୍ଚଳର ଶତାଧିକ ଦର୍ଶକ ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦୁଇ ଦିନ ଶୃଙ୍ଖଳାତାର ସହ ବସି ମଞ୍ଚସ୍ଥ ନାଟକକୁ ଉପଭୋଗ କରିଥିଲେ ।

## ରାଜସୁନାଖଳା ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ଦିବସ ପାଳିତ




ବୋଲଗଡ(ଭାସ୍କର ନ୍ୟୁଜ): ବିଶ୍ୱ ଯୁବରେଡ କ୍ରସ ଦିବସ ବିଭିନ୍ନ ଶିକ୍ଷନୁଷ୍ଠାନ ବୋଲଗଡ ଶିକ୍ଷା ବ୍ଲକ ସ୍ଥିତ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ, କାଳିଚରଣ ଡିଗ୍ରୀ ମହାବିଦ୍ୟାଳୟ ବାଂକୋଇ, ରଘୁନାଥ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଦେଉଳି, ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟ ଦେଉଳି ଗୁଡିକରେ ପାଳନ କରାଯାଇଛି । ସେହିପରି ଭାବରେ ରାଜସୁନାଖଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସର କାଉଁନ ସିଲର ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଭାଗିରଥି ପାଢ଼ୀଙ୍କ କରକମଳରେ ଶୁଭ ଉଦଘାଟନ କରିଥିଲେ । ଯୁବ ରେଡ କ୍ରସର ସମସ୍ତ ଭଲ୍ୟୁଣ୍ଟରପିଲାମାନଙ୍କୁ ଶ୍ରୀ ପାଢ଼ୀ ଅନେକ ସେବାମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ସହିତ ମାନବ ସେବା ହିଁ ମାଧବ ସେବା ବୋଲି ବୁଝାଇଥିଲେ । ଅସହାୟ, ନିଃସହାୟ ଗରିବ ଲୋକମାନଙ୍କୁ ସାହାର୍ଯ୍ୟ କରିବା ସହିତ ସେମାନଙ୍କର ଆଶାର ବାଡ଼ି ପାଲଟି ତାଙ୍କର ଅସୁବିଧା ସମୟରେ ତାଙ୍କ ପାଖରେ ଛିଡା ହୋଇପାରିଲେ ଜୀବନ ସାର୍ଥକ ହୋଇପାରିବ ବୋଲି ସମସ୍ତ ଭଲ୍ୟୁଣ୍ଟର ମାନଙ୍କୁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ଯୁବ ରେଡ କ୍ରସର ଭଲ୍ୟୁଣ୍ଟର ମାନଙ୍କ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟ କରାଯିବ ବୋଲି କାଉଁନସିଲର ଶ୍ରୀ ସ୍ୱାଇଁ କହିଥିଲେ । ପରିଶେଷରେ ଯୁବ ରେଡ୍ କ୍ରସର କାଉଁନସିଲର ପ୍ରଶାନ୍ତ କୁମାର ସାହୁ ଭଲ୍ୟୁଣ୍ଟର ମାନଙ୍କୁ ଯୁବରେଡ କ୍ରସ ସମ୍ପର୍କରେ ବିସ୍ଲେଷଣ କରି କହିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୀରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ




ପୁରୀ(ଭାସ୍କର ନ୍ୟୁଜ): ରେଡକ୍ରସ ବିଶ୍ୱର ସର୍ବବୃହତ ମାନବ ସେବାକାରୀ ଅନୁଷ୍ଠାନ । ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ ବା ଅନ୍ୟ ଯେ କୌଣସି ବିପର୍ଯ୍ୟୟର ସମ୍ମୁଖୀନ ମଣିଷମାନଙ୍କୁ ସହାୟତା ପାଇଁ ରେଡକ୍ରସ ସର୍ବ ପ୍ରଥମେ ପହଞ୍ଚି ଥାଏ । ଯୁଦ୍ଧ କ୍ଷେତ୍ରରେ ମଧ୍ୟ ଭେଦଭାବ ନ ରଖି ସେବା ଦେଇଥାଏ । ପୁରୀ ଜିଲ୍ଲା ରେଡକ୍ରସ ଶାଖା ସେହିପରି ମାନବ ସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ଓ ଏହି ସେବାକୁ ଆହୁରି ପରିବ୍ୟାପ୍ତ କରିବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା । ଆଜି ବିଶ୍ୱ ରେଡ୍‌କ୍ରସ ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ରେଡ୍‌କ୍ରସ ପତାକାକୁ ଉତ୍ତୋଳନ, ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଓ ରେଡକ୍ରସ ପ୍ରତିଷ୍ଠାତା ସାର ହେନେରୀ ଡୁନାଣ୍ଟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ସେବା ଏକ ଐଶ୍ୱରୀୟ ଗୁଣ । ଏହାକୁ ପ୍ରଦାନ କରୁଥିବା ପ୍ରତ୍ୟେକ ବ୍ୟକ୍ତି ମହାନ ଅଟନ୍ତି । ସମାଜରେ ବିଭିନ୍ନ ସେବାରେ ବ୍ରତୀ ସ୍ୱେଚ୍ଛାସେବୀ ମାନେ ସେମାନଙ୍କ ସେବାକୁ ଜାରି ରଖିବା, ବିଶେଷକରି ରାସ୍ତା ଦୁର୍ଘଟଣାର ଶିକାର ବ୍ୟକ୍ତି ମାନଙ୍କୁ ଗୋଲଡେନ ପିରିୟଡ଼ ମଧ୍ୟରେ ଉଦ୍ଧାର କରି ସେବା ଯୋଗାଇଲେ ଅନେକ ମୂଲ୍ୟବାନ ଜୀବନ ବଞ୍ଚି ପାରିବ ବୋଲି ସେ ମତ ଦେଇଥିଲେ । ରେଡକ୍ରସ ପୁରୀ ଜିଲ୍ଲା ଶାଖାର ସମ୍ପାଦକ ତଥା ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ଭାମନ ପ୍ରଧାନ, ରେଡକ୍ରସର ଯୁଗ୍ମ ସମ୍ପାଦକ ଗୀତାଞ୍ଜଳି ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତୀ ମହାପାତ୍ର ପ୍ରମୁଖ ଯୋଗଦେଇ ରେଡକ୍ରସ ସଂସ୍ଥା, ପ୍ରତିଷ୍ଠାତା ହେଳାରୁ ଡୁନାଷ୍ଟ ଓ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ରେଡକ୍ରସ ସଂଘ ପକ୍ଷରୁ ବିଶେଷ ଅବଦାନ ପାଇଁ ୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଆୟୁର୍ବେଦ ମହାବିଦ୍ୟାଳୟ ଓ କମଳା ଦେବୀ ମାତୃ ଚିକିତ୍ସାଳୟର ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ରେଡକ୍ରସ କର୍ମଚାରୀ, ଆଜୀବନ ସଦସ୍ୟ, ଜୁନିୟର ରେଡକ୍ରସ ସଦସ୍ୟ, ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଥାନା ବରିଷ୍ଠ ସବଇନିସପେକ୍ଟର ମହାପ୍ରସାଦ ନାୟକଙ୍କୁ ମାଲକାନାଗିରି ଜିଲ୍ଲାକୁ ବଦଳି କରାଯାଇଛି। ଗତ ୭ ତାରିଖ ବୁଧବାର ରାଜ୍ୟ ପୁଲିସ ମୁଖ୍ୟାଳୟରୁ ଆଦେଶ ସଂଖ୍ୟା ୧୯୯୮ ଅନୁଯାୟୀ ୬୩ ଜଣ ସବଇନିସପେକ୍ଟରଙ୍କୁ ଆନ୍ତଃଜିଲ୍ଲା ବଦଳି ହୋଇଛି। ଏହି କ୍ରମରେ ମହାପ୍ରସାଦ ନାୟକଙ୍କୁ ମାଲକାନାଗିରି ଜିଲ୍ଲାକୁ ବଦଳି ହୋଇଛି। ବଦଳି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳ ଓ ଖୋଦର ଥାନାର କର୍ମଚାରୀମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ଦୀର୍ଘ ୨୦ ବର୍ଷ ଚାକିରି କାଳ ମଧ୍ୟରେ ଆଦୌ ପଦୋନ୍ନତି ପାଇନଥିବା ସଂପୃକ୍ତ ସବଇନିସପେକ୍ଟର ଭଣ୍ଡାରିପୋଖରୀ ଥାନାରେ ତାଙ୍କର ୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସର୍ବଦା ବିବାଦ ମଧ୍ୟରେ ରହିଥିଲେ। ଥାନାକୁ ନମ୍ବର ବିହୀନ ବୁଲେଟ ଓ କାର ଯୋଗେ ଭଦ୍ରକରୁ ନିୟମିତ ଭାବେ ଯାତାୟତ କରିବା, ଥାନାରୁ ଜବତ କୋଇଲା ଗାଡି ଛାଡିଦେବା, ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରିବା, ବାଲି ମାଫିଆ ଓ ଅନ୍ୟାନ୍ୟ ଅପରାଧିମାନଙ୍କ ସାଥ ଦେବା, ଥାନାର ଅନ୍ୟ କର୍ମଚାରୀଙ୍କୁ ଧମକ ଚମକ ଦେବା ଭଳି ବିପୁଳ ସଂଖ୍ୟକ ଅଭିଯୋଗ ବିଭିନ୍ନ ସ୍ତରରେ ହୋଇଆସୁଥିଲା। ଅଚାନକ ଏହି ବଦଳି ଆଦେଶ ଆସିବା ପରେ ଶ୍ରୀ ନାୟକ ଏହାକୁ ରୋକିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଦେଇଥିବା ଜଣାଯାଇଛି। ଏଥିପାଇଁ ରାଜନୈତିକ ଚାପ ପ୍ରୟୋଗ କରି ବଦଳିକୁ ଟାଳିବାକୁ ପ୍ରୟାସ କରୁଥିବା ଖବର ମିଳିଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ଗ୍ରାମୀଣ ପାର୍କ, ଖତ ଖାଉଛି ଲକ୍ଷାଧିକ ଟଙ୍କାର ପ୍ରକଳ୍ପ

ଆଳି (ଭାସ୍କର ନ୍ୟୁଜ୍): ଜରାଜୀର୍ଣ୍ଣ ଅବସ୍ଥାରେ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ପ୍ରକଳ୍ପ ଗ୍ରାମୀଣ ପାର୍କ। କୋଟି କୋଟି ଟଙ୍କାରେ ନିର୍ମିତ ଏହି ପାର୍କ ଗାଈ ଗୋରୁଙ୍କ ସହିତ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପଞ୍ଚାୟତରେ ନିର୍ମିତ ହୋଇଥିବା ପାର୍କର ଅବ୍ୟବସ୍ଥା ପାଇଁ ଏବେ ହରଡ଼ଘଣାରେ ଛନ୍ଦି ହୋଇପଡିଛି ସାନମଙ୍ଗ ପଞ୍ଚାୟତ କ୍ଷ ପାର୍କରେ ବାହାରେ ତାଲା ଖୋଲା ପଡ଼ିଥିବା ବେଳେ ଭିତରେ ପିଲାଙ୍କ ମନୋରଞ୍ଜନ ପାଇଁ ଖେଳ ସାମଗ୍ରୀ ଭଙ୍ଗା ଦରଦରା ହୋଇପଡିଛି। ଖେଳ ସାମଗ୍ରୀ ଉପରେ କେଉଁଠି ଗଛଲତା ମାଡିବସିଲାଣି ତ କେଉଁଠି ଭାଙ୍ଗୁରୁଜି ଗଲାଣି। ପାର୍କ ଭିତରେ ଖୋଜିଲେ ଆଉ ଦେଖିବାକୁ ମିଳୁନି ଖେଳ ସାମଗ୍ରୀ। ଏଭଳି ଦେଖିବାକୁ ମିଳିଛି ଆଳି ବ୍ଲକ ଅଧୀନରେ ଥିବା ସାନମଙ୍ଗ ପଞ୍ଚାୟତରେ ଥିବା ପାର୍କ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଶିଶୁମାନଙ୍କ



ଆମୋଦ ପ୍ରମୋଦ ଲକ୍ଷରେ ନିର୍ମାଣ ହୋଇଥିବା ପାର୍କ କିଛି ବର୍ଷ ନଯାଉଣୁ ପାର୍କର ଦୃଶ୍ୟ ଅତ୍ୟନ୍ତ କଦର୍ଯ୍ୟ ହୋଇପଡିଛି। ପାର୍କରେ କେବଳ ପାଚେରୀ ଅଛି, ପାଚେରୀ ଛଡା ଆଉ କିଛି ନାହିଁ, ଯାହା ଅଛି ଭାଙ୍ଗିରୁଜି ଗଲାଣି। ପାର୍କକୁ ଆକର୍ଷଣ କରିବା ପାଇଁ ବିଭିନ୍ନ ଦାମିକିଆ ଫୁଲ ଚାରା ସବୁ ଲଗା ଯାଇଥିଲା। ତା ସହିତ ଶିଶୁ ମାନଙ୍କ ଆମୋଦ ପ୍ରମୋଦ ପାଇଁ ଝୁଲା ଦୋଳି ସହିତ ସୌଖିନ ଦ୍ରବ୍ୟ ମାନ ଖଞ୍ଜା ଯାଇଥିଲା। ବସାଉଠା ପାଇଁ ସିମେଣ୍ଟ ବେଞ୍ଚ ରହିଥିଲା। ଏବେ ପାର୍କ ଶ୍ରୀହୀନ ହୋଇ ପଡିଛି। ରଙ୍ଗୀନ ଫୁଲ ଗଛର ଚିହ୍ନବର୍ଣ୍ଣ ନାହିଁ। ସୌଖିନ ଦ୍ରବ୍ୟ ସବୁ ଭାଙ୍ଗି ଗଲାଣି ଖାଲି ସେତିକି ନୁହେଁ ତା ଉପରେ ଗଛ ଲତା ମଧ ମାଡି ଗଲାଣି। ପାର୍କରେ ଥିବା ଡ୍ରେନ ଆବର୍ଜନା ପଡ଼ି ପୋତି ହୋଇଗଲାଣି। ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ଦୂରରୁ ହେଉ କି ପାଖରୁ ତାହା ଏକ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଦିନ ରାତି ସବୁବେଳେ ଗେଟ ଖୋଲା ରହୁଥିବାରୁ ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି ଗ୍ରାମୀଣ ପାର୍କ। ଏହି ପାର୍କ ରାକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତକୁ ଦିଆ ଯାଇଥିବା ବେଳେ ଏଥିପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ ସାମାନ୍ୟ ଦୃଷ୍ଟିଦେଉ ନଥିବାରୁ ଏଭଳି ଅବସ୍ଥା ଉପୁଜିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ବିଷୟରେ ସାନମଙ୍ଗ ପଞ୍ଚାୟତର ସରପଞ୍ଚ ହେମଲତା ସେଠି ତାଙ୍କ ପ୍ରତିକ୍ରିୟାରେ କୁହନ୍ତି କି ପୂର୍ବରୁ ଥିବା ସରପଞ୍ଚଙ୍କ ସମୟରେ ପାର୍କ ନିର୍ମାଣ ହୋଇଥିଲା ସେତେବେଳେ ଯଦି ରକ୍ଷଣାବ୍ୟକ୍ଷଣ ହୋଇଥାନ୍ତା ତାହା ହେଲେ ଏ ଅବସ୍ଥା ହୋଇ ନଥାନ୍ତା। ଏହାର ରକ୍ଷଣ ବେକ୍ଷଣ ପାଇଁ ସରକାରଙ୍କ ତରଫରୁ ପଞ୍ଚାୟତ କୁ ଆର୍ଥିକ ସହାୟତା ଦିଆଯାଉନି। ପଞ୍ଚାୟତରେ ଅଧିକ ରୋଜଗାର ନଥିବାରୁ ଅର୍ଥ ବ୍ୟୟ ହୋଇ ପାରୁନଥିବା ନେଇ କହିଛନ୍ତି।

## ଦିବ୍ୟାଙ୍ଗ ଯୁବତୀ ନିଖୋଜ
# ୪୮ ଘଣ୍ଟା ପରେ ପୋଲିସ କାର୍ଯ୍ୟ ଶୂନ



କଣ୍ଟାପଡା (ଭାସ୍କର ନ୍ୟୁଜ୍): ଗୋବିନ୍ଦପୁର ଥାନା ଅଧିନସ୍ତ ସିରସୁନ୍ଦରପୁର ଗ୍ରାମର ଚକ୍ରଧର ଭାରତୀଙ୍କ ଝିଅ ସୁଜାତା ଭାରତୀ ୨୨ ବର୍ଷ। ଗତ ୭ ତାରିଖ ବୁଧବାର ଦିନ ସକାଳ ୯ଟା ସମୟରେ ଗ୍ରାମରୁ ଅଟୋରେ ଫୁଲନଖରାରୁ ବସରେ ହଂସପାଳ ଯାଇଥିବା ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ଏହାପରଠାରୁ ସେ ବ୍ୟବହାର କରୁଥିବା ମୋବାଇଲ ନମ୍ବର ୮୨୬୦୬୦୩୪୧୯ ସ୍ୱିଚ ଅଫ ରହିଛି। ଏ ନେଇ ଗୋବିନ୍ଦପୁର ଥାନାରେ ସୁଜାତାଙ୍କ ମା ବିଳାସୀ ଭାରତି ଅଭିଯୋଗ କରିଛନ୍ତି। ଗତକାଲି ରାତିରେ ପରିବାର ଲୋକ ଏତେଲା ନେଇ ଗୋବିନ୍ଦପୁର ଥାନାକୁ ଯାଇଥିଲେ ବି ଏତେଲା ନ ରଖି ଗୋବିନ୍ଦପୁର ପୋଲିସ ଫେରାଇ ଦେଇଥିଲା। ଦିବ୍ୟାଙ୍ଗ ଝିଅ ତି ନିଖୋଜ ହେବା ପରିବାର ଲୋକଙ୍କ ଚିନ୍ତା ବଢିଥିବା ବେଳେ ପୋଲିସର ଉତ୍ତର ବ୍ୟସ୍ତ ହେଉଛ କାହିଁକି। ଏଠାରେ ସୂଚନା ଥାଉ କି ପୂର୍ବରୁ ଗୋବିନ୍ଦପୁର ଥାନାରେ ଏହିଭଳି ମାମଲା ଯୁବତୀ ନିଖୋଜ ହେବା ଅଭିଯୋଗ ହୋଇଥିଲା। ଗୋବିନ୍ଦପୁର ପୋଲିସର ଅବହେଳା ଯୋଗୁ ଛଦ୍ମର ନାମ କୁନି ଭଳି ଝିଅ ବଳାତ୍କାରର ଶିକାର ହୋଇ ମାରି ପୋତି ଦେଇଥିଲେ। ଯଦି କୌଣସି ବ୍ୟକ୍ତି ସନ୍ଧାନ ପାନ୍ତି ଗୋବିନ୍ଦପୁର ପୋଲିସ ଶହ ଯୋଗାଯୋଗ କରିବାକୁ ଅନୁରୋଧ।

## ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କୁ ନମନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କୁ ନମନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଯେଉଁ ସ୍ୱତନ୍ତ୍ରତା ସଂଗ୍ରାମୀଙ୍କ ବଳିଷ୍ଠ ଅବଦାନ ଥିଲା, ସେମାନଙ୍କ ମଧ୍ୟରୁ ଗୋପବନ୍ଧୁ ଚୌଧୁରୀ ଅନ୍ୟତମ। ସମାଜ ସଂସ୍କାରକ, ସେବା ଓ ତ୍ୟାଗର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଗୋପବନ୍ଧୁ ଚୌଧୁରୀଙ୍କ ପବିତ୍ର ଜୟନ୍ତୀରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି।

## ସମାଜସେବୀ ଗୋପବନ୍ଧୁ ଚୌଧୁରୀଙ୍କ ସ୍ମରଣ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମାଜସେବୀ ଗୋପବନ୍ଧୁ ଚୌଧୁରୀଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ଏଥର ୨୦ ଜିଲ୍ଲାରେ ରବି ଧାନ ପଞ୍ଜିକରଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବି ଧାନ ପାଇଁ ପଞ୍ଜୀକରଣ ସରିଛି । ଏଥର ଆମେ ୨୦ ଟି ଜିଲ୍ଲାକୁ ନେଇଛୁ । ଆଗରୁ ୧୭ ଜିଲ୍ଲାରେ ପଞ୍ଜୀକରଣ ହେଉଥିଲା। ପଞ୍ଜୀକରଣ ପରେ ସାଟେଲାଇଟ ସର୍ଭେ କରାଯିବ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ସପ୍ତାହେ ଭିତରେ ଆରମ୍ଭ ହେବ ଧାନ କିଣା ପ୍ରକ୍ରିୟା। ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଯିବ ଟଙ୍କା । ମଣ୍ଡି ଦାୟିତ୍ୱରେ ରହିବେ ନୋଡାଲ ଅଫିସର ଆମର ଟାର୍ଗେଟ ୧୫ ଲକ୍ଷ ମେଟ୍ରିକ୍ ଟନ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି। କଟନୀ ଛଟନୀ କରାଇ ଦିଆଯାଇନାହିଁ । ଅସାଧୁ ମିଲର ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

## ଭୁବନେଶ୍ୱରରେ ହେବ ସାଇନ୍ସ ସିଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ହେବ ସାଇନ୍ସ ସିଟି । ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହା ଲକ୍ଷ୍ୟ ରହିଛି । ସେଥିଲାଗି ନିକଟରେ ଅହମଦାବାଦରେ ଥିବା ସାଇନ୍ସ ସିଟି ଦେଖିବାକୁ ଯାଇଥିବା ମନ୍ତ୍ରୀ କହିଛନ୍ତି । ଆମ ରାଜ୍ୟରେ ସେଭଳି ସାଇନ୍ସ ସିଟି ଓଡ଼ିଶାରେ ପ୍ରତିଷ୍ଠା ହେବ । ସବୁ ଜିଲ୍ଲାରେ ସାଇନ୍ସ ପାର୍କ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

## ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହିଳା ଏବଂ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଲକ୍ଷ ନେଇ ଏକ ଦୁଇ ଦିନିଆ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ୭ ଓ ୮ ମଇରେ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ, ଲକ୍ଷ୍ମୀସାଗର, ଭୁବନେଶ୍ୱର ଠାରେ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ, ଆର୍ଥିକ କାରବାର ବୁଝୁଥିବା ଜିଲ୍ଲା ସ୍ତରୀୟ କର୍ମଚାରୀ, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ ତଥା ସଖୀ ନିବାସ ପରିଚାଳନା କରୁଥିବା ଅଣ-ସରକାରୀ ସଂଗଠନ (ଏନଜିଓ)ଙ୍କ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ସରକାରୀ ବ୍ୟବସ୍ଥା ଏବଂ ପ୍ରୋଟୋକଲ ସହିତ ସୁସଙ୍ଗତ ହେବା ପାଇଁ ତଥା ଆର୍ଥିକ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନ୍ୱୟନ କ୍ଷେତ୍ରଗୁଡ଼ିକ ଉପରେ ପ୍ରତକ୍ଷ ତାଲିମ ଦେବା ଏହି କାର୍ମଶାଳାର ଲକ୍ଷ । ଏହି ଦୁଇ ଦିନିକିଆ କର୍ମଶାଳା କେବଳ ଏନଜିଓ ଗୁଡ଼ିକର ଆର୍ଥିକ ଦକ୍ଷତା ବୃଦ୍ଧି କରିବା ନୁହେଁ ବରଂ ଡକ୍ୟୁମେଣ୍ଟେସନ୍, ଅନୁପାଳନ, ପ୍ରଭାବୀ ରିପୋର୍ଟିଂ, ଆଇନଗତ ଢାଂଚା ଏବଂ ଡିଜିଟାଲ୍ ସମନ୍ୱୟ ଭଳି ପ୍ରମୁଖ ଦାୟିତ୍ୱ ବିଷୟରେ ସେମାନଙ୍କର ଧାରଣା ଆହୁରି ଶାଣିତ କରିବା ଲକ୍ଷ୍ୟରେ ଆୟୋଜନ କରାଯାଇଥିଲା । ଯେହେତୁ ଆଜିକାଲି ସରକାରଙ୍କ ସମସ୍ତ ଦେଣନେଣ ପ୍ରକ୍ରିୟା ଏସଏନଏ ସ୍ପର୍ଶ ପୋର୍ଟାଲ ମାଧ୍ୟମରେ ସମ୍ପାଦିତ କରାଯାଉଛି ତେଣୁ ଏହାର କାର୍ଯ୍ୟକାରିତାକୁ ପରିଚିତ କରାଇବା ତଥାରେ ବିଲ୍ କିପରି ଜେନେରେଟ୍ ଏବଂ ଅପଲୋଡ୍ କରାଯିବ, ବିନିଯୋଗ ପ୍ରମାଣପତ୍ର /ଖର୍ଚ୍ଚ ବିବରଣୀ ଦାଖଲ, ପାଣ୍ଠି ପ୍ରକାଶନ ପ୍ରୋଟୋକଲ ଏବଂ ରିପୋର୍ଟିଂ ଭଳି ଜରୁରୀ କାର୍ଯ୍ୟଗୁଡ଼ିକ ଉପରେ ପ୍ରତ୍ୟକ୍ଷ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା । ଏଥି ସହିତ ଡିଜିଟାଲ୍ ମନିଟରିଂ ଉପକରଣର ବ୍ୟବହାର ଯଥା ମିଶନ ଶକ୍ତି ଡ୍ୟାସ ବୋର୍ଡ, ଗୁଗୁଲ ଶୀଟ ଆଦିର ପ୍ରଭାବଶାଳୀ ଉପଯୋଗ ଉପରେ ମଧ ଆଲୋକ ପାତ କରାଯାଇଥିଲା ଯାହା ତଥ୍ୟ ପ୍ରସ୍ତୁତି, ସଂରକ୍ଷଣ ତଥା ସେୟାରିଂ ସୂଚାରୁ ଓ ସରଳୀକରଣ କରିବାରେ ସହାୟକ ସାବ୍ୟସ୍ତ ହେବ

## ସ୍ତ୍ରୀ ର ହାତୁଡି ମାଡରେ ସ୍ୱାମୀର ମୃତ୍ୟୁ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଗାରିଡି ପଞ୍ଚାୟତ ଅନ୍ତର୍ଗତ ଲୁଙ୍ଗୁ ଗାଁରେ ଏକ ଅଭାବନୀୟ ଘଟଣା ଘଟି ଯାଇଛି। ମଦ ପିଇବାକୁ ବାରଣ କରି ସ୍ତ୍ରୀର ହାତୁଡ଼ି ମାଡରେ ସ୍ୱାମୀର ମୃତ୍ୟୁ ହୋଇଯାଇଛି। ଏହି ଘଟଣା ସାମଗ୍ରହ ବନ୍ଧୁଗାଁ ବ୍ଲକରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।ମୃତ ବ୍ୟକ୍ତିଙ୍କ ନାମ ରାଜିଗା ବିଡ଼ିକା ବୋଲି ଜଣା ପଡିଥିବା ବେଳେ ହତ୍ୟାକାରୀ ସ୍ତ୍ରୀ ର ନାମ ସମ୍ବାରି ବିଡ଼ିକା ବୋଲି ଜଣା ପଡିଛି। ଗତ କାଲି ତାଙ୍କ ଗାଁରେ ଏକ ବିବାହ ଭୋଜିର ଆୟୋଜନ ହୋଇଥିଲା। ସେଠାରେ ଭୋଜି ଖାଇ ରାଜିଗା ନିଜ ସ୍ତ୍ରୀ ସମ୍ବାରିଙ୍କ ଖାଇବା ପାଇଁ କିଛି ଖାଦ୍ୟ ନିଜ ଘରକୁ ନେଇ ଆସିଥିଲେ।ପରେ ଘର ଭିତରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଥା କଟା କଟି ହୋଇଥିଲା। ମୋ ପାଇଁ ମଦ ଆଣିଛୁକି ନାହିଁ ବୋଲି ସମ୍ବାରି ନିଜ ସ୍ୱାମୀଙ୍କୁ କହିଥିଲେ। ଏହା ମଧ୍ୟରେ ଦୁହିଁଙ୍କ ମଧ୍ୟରେ ଠେଲା ପେଲା ଆରମ୍ଭ ହୋଇ ଯାଇ ଥିବା ବେଳେ ମହିଳା ସ୍ୱାମୀଙ୍କୁ ତଳେ ପକାଇ ଏକ ହାତୁଡ଼ିରେ ଅତର୍କିତ ଆକ୍ରମଣ କରିଥିବା ବେଳେ ସେଠାରେହିଁ ତାଙ୍କର ମୃତ୍ୟୁ ଘଟିଥିଲା।ବୁଧବାର ରାତିରେ ଖବର ପାଇ ଆଇଆଇସି ପ୍ରସନ୍ନ କୁମାର ମିଶ୍ର ଓ ତାଙ୍କ ଟିମ ପହଞ୍ଚି ତଦନ୍ତ କରି ଫେରି ଆସିଥିଲେ।

# ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଓ ଆନ୍ଧ୍ରର ଦୁଇ ମାଓବାଦୀ ନିହତ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତିଲେ କେନ୍ଦ୍ରିୟ କମିଟି ସଦସ୍ୟ ତଥା ଟପ୍ ମାଓନେତା ଉଦୟ ଓ ଅରୁଣା । ଛତିଶଗଡ ତେଲେଙ୍ଗନା ସୀମାରେ ଜୋରଦାର ମାଓ ବିରୋଧୀ ଅପରେସନ ଚାଲିଥିବା ବେଳେ ଆନ୍ଧ୍ର ପ୍ରଦେଶ ଓ ମାଲକାନଗିରି ସୀମାରେ ମଧ ଆଉ ଏକ ଅପରେସନ ଆରମ୍ଭ ହୋଇଛି । ଏହି ଅପରେସନରେ ମାଲକାନଗିରି ଡିଭିଏଫ ବାହିନି ସହ ଆନ୍ଧ୍ର ଗ୍ରେହଣ୍ଡ ଜବାନ ସାମିଲ୍ ହୋଇଛନ୍ତି । ଗତ ୩ ଦିନ ଧରି ଏହି ମିଳିତ ଅଭିଯାନ ଜାରି ରହିଥିବା ବେଳେ ଗତ କାଲି ସୁରକ୍ଷା କର୍ମୀଙ୍କ ସହ ମାଓବାଦୀ ମୁହାଁ ମୁହିଁ ହେବା ପରେ ଜୋରଦାର ଗୁଳି ବିନିମୟ ହୋଇଛି । ମାଲକାନଗିରି ଆନ୍ଧ୍ର ସିମାନ୍ତ ଆଲୁରି ସିତାରାମ ରାଜୁ ଜିଲ୍ଲାର ରାମାଭରମ ଥାନା ଅନ୍ତର୍ଗତ ଦୁମୁକୋଣ୍ଡା ଜଙ୍ଗଲରେ ଗତ କିଛିଦିନ ଧରି ମାଓ ନେତା ଉଦୟ ଓ ଅରୁଣାଙ୍କ ସହ ୧୬ ଜଣ ମାଓବାଦୀ ଲୁଚି ରହିଥିଲେ । ଗୁଇନ୍ଦା ସୂଚନା ଅନୁଯାୟୀ ଆରମ୍ଭ ହୋଇଥିଲା ଅପରେସନ । ଗୁଳି ବିନିମୟ ବେଳେ ମାଲକାନଗିରି ଜିଲ୍ଲା କାଲିମେଲା ମାଓ ସଙ୍ଗଠନର ସମ୍ପାଦକ ୱାଗା ପଡିଆମୀ ଓରଫ ରମେଶ ନିହତ ହୋଇଛି । ରମେଶର ଘର କାଲିମେଲା ବ୍ଲକ ଅନ୍ତର୍ଗତ ମାରିଗେଟାରେ ବୋଲି ସୂଚନା ମିଳିଛି । ରମେଶ ର ମୁଣ୍ଡ ଉପରେ ଆନ୍ଧ୍ର, ଓଡିଶା ଓ ଛତିଶଗଡ ରାଜ୍ୟରେ ୧୦ଲକ୍ଷ ଟଙ୍କାରପୁରସ୍କାର ଘୋଷଣା ହୋଇଥିଲା । ସେହିପରି ଏହି ଘଟଣାରେ ଜଗନ ମଧ୍ୟ ନିହତ ହୋଇଛି । ଜଗନ ମାଓ ନେତା ଉଦୟର ଅଙ୍ଗ ରକ୍ଷୀ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଘର ଚିତ୍ରକୋଣ୍ଡା ସିମାନ୍ତ ଆନ୍ଧ୍ର ପ୍ରଦେଶର ସିଲେରୁ ରେ ବୋଲି ଜଣାପଡିଛି । ଘଟଣା ସ୍ଥଳରୁ ୨ ଟି ବନ୍ଧୁକ ସହ ଭାରି ମାତ୍ରାରେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ଏନକାଣ୍ଟର ପରେ ଟପ୍ ମାଓ ନେତା ଉଦୟ ଓ ଅରୁଣା ସେଠାରୁ ଖସି ପଳାଇଥିବା ବେଳେ ସେମାନଙ୍କୁ ଧରିବା ଲାଗି ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି ।

# ଲବଣ ସତ୍ୟାଗ୍ରହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ପୁରୀ (ଭାସ୍କର ନ୍ୟୁଜ) : ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ପ୍ରତି ବର୍ଷ ମେ ୨୧ କୁ ଲବଣ ସତ୍ୟାଗ୍ରହ ସ୍ମୃତି ଦିବସ ଭାବେ ପାଳନ କରାଯାଏ। ଏହି ଉତ୍ସବ କୁ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ଏହି ଉତ୍ସବ କୁ ଶୃଙ୍ଖଳିତ ଓ ସୁଚାରୁ ରୁପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଲବଣ ସତ୍ୟାଗ୍ରହ ର ସଂଗ୍ରାମୀ ମାନଙ୍କୁ ଉଚିତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦେବାର ଏହା ଏକ ଶୁଭ ଅବସର।ଆମ ଆଗାମୀ ପିଢି ଏହି ସତ୍ୟାଗ୍ରହ ସମ୍ପର୍କରେ ଅବଗତ ହେବା, ସଂଗ୍ରାମୀ ମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନ ସମ୍ପର୍କରେ ଅବଗତ ହେବା ଆବଶ୍ୟକ ବୋଲି ସେ କହିବା ସହ ସମସ୍ତ ଙ୍କ ସହଯୋଗ ରେ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆ ଯାଉଛି ତାହାକୁ ନିର୍ଦ୍ଧାରିତ ସମୟରେ ସମାପନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ ପଟ୍ଟନାୟକ କାର୍ଯ୍ୟକ୍ରମ ର ସଫଳ ଆୟୋଜନ ପାଇଁ ବିବିଧ ପ୍ରସ୍ତାବ ମାନ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା ସମସ୍ତଙ୍କୁ ସ୍ୱାଗତ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଆରତୀ ନାଏକ, ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ଜଗତସିଂହପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଏଥିରେ ସଂଗ୍ରାମୀ ସ୍ମୃତି ସମିତି ର କର୍ମକର୍ତ୍ତା, ଲୋକ ପ୍ରତିନିଧି,ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ନିଷ୍ପତ୍ତି ଅନୁସାରେ ମେ ୨୧ ତାରିଖ ପ୍ରାତଃ ରୁ ରାମଧୂନ ପରିବେଷଣ,ସକାଳ ୭ ଘଟିକାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ଫଳକରେ ମାଲ୍ୟାର୍ପଣ,ସକାଳ ୮ ଘଟିକା ରେ କୁହୁଡି ସ୍ମୃତି ପୀଠରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ, ସଭା ଓ ସମ୍ବର୍ଦ୍ଧନା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ବିଦ୍ୟୁତ ତାର ଚୋରି କରି ଦୁଇ ଗିରଫ

ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ କୃଷ୍ଣ ପ୍ରସାଦ ପଂଚାୟତରେ ବିଦ୍ୟୁତ ତାର ଚୋରି ହୋଇଥିବା ନେଇ ନିଆଳି ଥାନାରେ ଅଭିଯୋଗ ହୋଇଥିଲା। ନିଆଳି ଥାନା ପୋଲିସ ଅଭିଯୋଗ କୁ ଆଧାର କରି ଦୁଇ ଜଣ ଙ୍କୁ ଗିରଫ କରିବା ସହ ସେମାନଙ୍କ ପାଖରୁ ଚୋରି ହୋଇଥିବା ତାର ଜବତ କରିଛି। ଗିରଫ ହୋଇଥିବା ବ୍ୟକ୍ତି ହେଲେ କୃଷ୍ଣ ପ୍ରସାଦ ପଂଚାୟତ ଅଧୀନ ପୁରୁଣା ବେତେଣ୍ଡା ଗ୍ରାମର ନବଘନ ମଳିକ ଓରଫ ବାବୁନା (୫୪)। ସେହି ଗ୍ରାମର ପବିତ୍ର ପୁଷ୍ଟି (୪୫) ଦୁହିଁଙ୍କ ନାମରେ ନିଆଳି ଥାନାରେ ୧୯୭/ ୨୫ ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ ଜରାଯାଇଥିବା ନିଆଳି ଥାନା ଆଇ ଆଇ ସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

# ସେନା କ୍ଷେତ୍ରରେ ଗୌରବ ଆଣିଲେ ଶଶୀକାନ୍ତ



ରାଜନଗର(ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ଜିଲ୍ଲା ସମେତ ରାଜନଗର ବ୍ଲକର ମହିଁସାସୁର, ପେଣ୍ଠ, ତାଳଚୁଆ ଆଦି ସ୍ଥାନରେ ଯୁଦ୍ଧ ମୁକାବିଲା ଓ ସତର୍କତା ପାଇଁ ମକ୍ ଡ୍ରିଲ୍ ଚାଲୁଥିବା ବ୍ଳେ ଅପେରେସନ 'ସିନ୍ଦୁର 'ର୍ ବିଜୟ ଉତ୍ସ୍ୱ ପାଳନ ହେଉଛି। ହେଲେ ରାଜନଗର ବ୍ଲକ ସମେତ ଡାଙ୍ଗମାଳ ଅଞ୍ଚଳରେ ଆନନ୍ଦ ଉଲ୍ଲାସରେ ର୍ଗ୍ୱ କରିଛନ୍ତି ଡାଙ୍ଗମାଳ ବାସୀ, ଅପରେସନ୍ 'ସିନ୍ଦୂର'ର ବିଜୟ ଉତ୍ସ୍ୱ ପାଳନରେ ଶ୍ରେୟ ଦେଇଛନ୍ତି ଗାଁ ପୁଅ ବିଏସ୍ଏଫ୍ ଜବାନ ଶଶୀକାନ୍ତ ଦ୍ୱୋ ସାମଲଙ୍କୁ। ମା ଦୁର୍ଗାଙ୍କ ଆଶୀର୍ବାଦରୁ ସିନ୍ଦୁର ଅପରେସନ୍ ରେ ଭାରତୀୟ ସେନା ପାକିସ୍ଥାନକୁ ଉପଯୁକ୍ତ ପ୍ରତିଆକ୍ରମଣ କରି ବିଜୟ ହାସଲ କରିଛନ୍ତି ସେଥିପାଇଁ ଆମେ ବହୁତ ଖୁସି। ଦୁଇବର୍ଷ ହେ୍ ବିଏସ୍ଏଫ୍ ରେ ଯୋଗ ଦେଇ ଥିଲେ ଶଶୀକାନ୍ତ । ଗାଁ ପୁଅ ଏହି ଅପରେସନରେ ସାମିଲି ଥୀବାରୁ ଗର୍ବରେ ଛାତି ଫାଟିପଡୁଥିବା ବେଳେ ଭାରତ ମାତାକି ଜୟ, ବନ୍ଦେ ମାତରମ, ଭାରତୀୟ ସେନା ଯିନ୍ଦାବାଦ୍ ନାରା ରେ ଡାଙ୍ଗମାଳ ଉଠୁଛିପଡୁଛି। ଘଟଣା ଦିନ ରାତିରେ ନିଶିକାନ୍ତ ପରିବାର ସହିତ ବ୍ୟସ୍ତତା ଭିତରେ ଅଳ୍ପ ସମୟ କଥା ହୋଇଥିଲା। ହେଲେ ଯୁଦ୍ଧ ବିଷୟରେ କିଛି କହିନଥିଲା। ତା' ପୂର୍ବରୁ ପହଲଗାମରେ ଆତଙ୍କବାଦୀ ଭାରତୀୟ ପର୍ଯ୍ୟଟକଙ୍କୁ ଆକ୍ରମଣ କରି ମୃତ୍ୟୁ ମୁଖରେ ପକାଇଥିଲେ ତାଙ୍କୁ ଉଦ୍ଧାର କରିବାରେ ଶଶୀକାନ୍ତ ସାମିଲିଥିବା ପରିବାରକୁ ଜଣାଇଥିଲା। ଏନେଇ ଶଶୀକାନ୍ତଙ୍କ ବାପା ସଦାଶିବ ଦେବ କହିଛନ୍ତି ମୋ ପୁଅ ଭାରତମାତାର ସେବା ତଥା ଏହି ଅପରେଶନରେ ସାମିଲି ହୋଇ୍ ବିଜୟ ଲାଭ କରିଥିବାରୁ ମୁଁ ମୋ ପୁଅ ଏବଂ ଭାରତର ସେନା ବାହିନୀ ପାଇଁ ଗର୍ବିତ। ଯେଉଁମାନେ ଆତଙ୍କ ବାଦିଙ୍କ ଆକ୍ରମଣରେ ପ୍ରାଣ ହରାଇଛନ୍ତି, ସେମାନେଙ୍କ ସିନ୍ଦୁର ଲିଭାଇ ଦେଇଛନ୍ତି ଭାରତ ମାତା ଆଜି ତାର ବଦଳା ନେଇ ସିନ୍ଦୁରର ଅପରେସନ୍ 'ସିନ୍ଦୁର ବିଜୟ କରିଛି, ମୃତକ ପରିବାରକୁ ଭଗବାନ ଅଶେଷ ଧୈର୍ଯ୍ୟ ଦେବା ସହ ମୃତକଙ୍କ ଆତ୍ମାର ସଦ୍‌ଗତି ହେଉ ବୋଲି ନିଶିକାନ୍ତଙ୍କ ମା ଏପରି କହିଛନ୍ତି।

# ଉମରକୋଟ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ



ଉମରକୋଟ (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ୨୦୨୫-୨୬ ବର୍ଷରେ ରେ ଗ୍ରାମାଞ୍ଚଳ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ସହ ରାଜସ୍ୱ ଗ୍ରାମଗୁଡିକର ସର୍ବାଙ୍ଗୀନ ଉନ୍ନତି ପାଇଁ ଉମରକୋଟ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏ ଇ ସଂକେତ ନାୟକ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଝରିଗାଁ ବିଧାୟକ ନରସିଂହ ଭତରା ଯୋଗଦେଇ ଥିବା ବେଳେ ଗୋଷ୍ଠି ଉର୍ଣ୍ଣୟନ ଆଦିକାରୀ ମନୋଜ କୁମାର ମେହେର, ସମ୍ମାନିତ ଅତିଥି ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷଓ ସୁଶୀଳଓ ମାଝୀ,ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ,ଉପାଧ୍ୟକ୍ଷ ସାମଲ ସରକାର, ଜିଲ୍ଲା ପରିଷଦ ବୈଠକରେ ଯୋଗ ଦେଇଥିଲେ। ଉମରକୋଟ ପଞ୍ଚାୟତ ସମିତି ଅଧୀନ ୨୬ ଗ୍ରାମ ପଞ୍ଚଓୟତ ଗୁଡିକର ଉନ୍ନତି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟ ସରକାର ଏହି ଯୋଜନାରେ ୬ କୋଟି ରୁ ଉର୍ଦ୍ଧ ଟଙ୍କା ବ୍ୟୟ ବରାଦ ଅନୁମୋଦିତ କରିଥିବା ସୂଚନା ଦିଆଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବିଜୁଳି, କମ୍ୟୁନିଟି ହଲ, ଷ୍ଟାଲ, ପତିତ ପୋଖରୀ ଗୁଡିକର ପୁନଃ ଉଦ୍ଧାର ଆଦି କାର୍ଯ୍ୟକୁ ପ୍ରାଥମିକତା ଦେଇ ସମାଧାନ କରିବାକୁ ଆଲୋଚନା ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ, ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ,ସମସ୍ତ ସରପଞ୍ଚ, ଜିଲ୍ଲା ପରିଷଦ, ସମିତି ସଭ୍ୟ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶିକ୍ଷାବିତ୍ ପ୍ରଭାତ କୁମାର କରଙ୍କ ପରଲୋକ

କଟକ(ଭାସ୍କର ନ୍ୟୁଜ୍): ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିଶିଷ୍ଟ ଶିକ୍ଷାବିତ୍ ପ୍ରଭାତ କୁମାର କରଙ୍କର ଆଜି କଟକ ଅଲିଶା ବଜାରଠାରେ ପରଲୋକ ହୋଇଯାଇଛି । ଶ୍ରୀ କର କଟକ ଶାନ୍ତି ସୁରକ୍ଷା କମିଟି ଏବଂ ଅଲିଶା ବଜାରର ଦଶନ୍ଧି ଦଶନ୍ଧି ଧରି ସଭାପତି ଥିଲେ । ଆଜି ତାଙ୍କ ଉଦ୍ଦେଶ୍ୟରେ କଟକ ଅଲିଶା ବଜାରରେ ଶୋକର ଛାୟା ଖେଳିଯାଇଥିଲା, ସମଗ୍ର ଦୋକାନ ବଜାର ମଧ ବନ୍ଦ ରହିଥିଲା । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତାଙ୍କ ଜ୍ୟେଷ୍ଠ ପୁତ୍ର ପ୍ରଦୀପ, କନିଷ୍ଠ ପୁତ୍ର ପ୍ରବୀର, ଜ୍ୟେଷ୍ଠ ଜାମାତା ଅଶୋକ ଦାଶ, କନିଷ୍ଠ ଜାମାତା ଡ଼କ୍ଟର ଅଭୟ ଦାଶ ଏବଂ ପ୍ରଭାତ କରଙ୍କର କନିଷ୍ଠ ଭ୍ରାତା ଡ଼କ୍ଟର ଅଜିତ କର ଏବଂ କର ପରିବାରର ସମସ୍ତ ଆତ୍ମୀୟସ୍ୱଜନ ତଥା ତାଙ୍କର ଅନେକ ଛାତ୍ରଛାତ୍ରୀ ଏବଂ ସାହି ବନ୍ଧୁ ସମସ୍ତେ ସତୀଚଉରାଠାରେ ଶେଷ ଦର୍ଶନ କରିଛନ୍ତି ।

## ସଙ୍ଗୀତ, ନୃତ୍ୟ ପ୍ରତିଯୋଗୀତା



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର କୁଳଣା କୁଶଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ରମାକାନ୍ତ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଗୁରୁବାର ଅପରାହ୍ନରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ସଂପୃକ୍ତ ସ୍ଥାନରେ ଅନୁଷ୍ଠିତ ଭାଗବତ ପାରାୟଣ ସପ୍ତାହ ଅବସରରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରତିକାନ୍ତ ପଣ୍ଡାଙ୍କ ପୌରହିତ୍ୟରେ ଏହି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ସମାଜସେବୀ ରମାକାନ୍ତ ପଣ୍ଡାଙ୍କ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଏହି ପ୍ରତିଯୋଗୀତାରେ ବହୁ ପ୍ରତିଯୋଗୀ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଆକାଶବାଣୀ ଓ ଦୂରଦର୍ଶନ ଶିଳ୍ପୀ ରଙ୍ଗାଧର ନାୟକ ଓ ଜୟନ୍ତ କୁମାର ଦାସ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶାନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ସମ୍ପାଦକ ରଶ୍ମିକାନ୍ତ ପଣ୍ଡା, ସୁରେନ୍ଦ୍ର କୁମାର ପଟ୍ଟନାୟକ, ପାରାୟଣ କିଟି ସଦସ୍ୟ, ସଦସ୍ୟା ସହଯୋଗ କରିଥିଲେ।

## ଭାରତୀୟ ଯବାନଙ୍କ ପାଇଁ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ



ବେତନଟୀ(ଭାସ୍କର ନ୍ୟୁଜ): ପହେଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତ। ଆତଙ୍କବାଦୀଙ୍କ ବିରୁଦ୍ଧରେ ସଫଳ ଏୟାରଷ୍ଟ୍ରାଇକ କରିଛି ଭାରତ। ଯାହାର ନାମ ଦିଆଯାଇଛି ଅପରେସନ ସିନ୍ଦୂର । ଭାରତୀୟ ବୀର ଯବାନ ମାନଙ୍କର ଏଭଳି ସାହସିକ କାର୍ଯ୍ୟକୁ ଉତ୍ସାହିତ କରିବା ଓ ଯବାନ ମାନଙ୍କର ଶକ୍ତି ଏବଂ ଆୟୁ ବୃଦ୍ଧି କରିବା ପାଇଁ ବେତନଟୀର ଚଣ୍ଡିମନ୍ଦିର ସମ୍ମୁଖରେ ଭାରତୀୟ ଜନତାପାର୍ଟିର ବେତନଟୀ ମଣ୍ଡଳ ୩୫ ନମ୍ବର ଜୋନ ତରଫରୁ ପ୍ରଦୀପ ପ୍ରଜ୍ୱଳନ କରି ଭଗବାନଙ୍କୁ ପ୍ରାର୍ଥନା କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ମହାନ୍ତ , ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା, ହିମାଂଶୁ କବାଟ, ଅଜିତ କୁମାର ବେହେରା, ଅରୁପ ରଞ୍ଜନ ଲେଙ୍କା, ସଂଜୀବ ଜେନା, କେଶବ ନାଥ, ମନୋଜ ପଣ୍ଡା, ରବିନ ନାୟକ, ସୈମ୍ୟ ମହାପାତ୍ର , ଭୈରବ ନାଥ, ରାଜୁ ମହାନ୍ତ , କିଶମତ ପରିଡା, ଜୀବନ ମହାନ୍ତି, ଇନ୍ଦ୍ରଜିତ ମହାନ୍ତ , ଗୌରବ ନାଥ, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରିପଡା ଦଳିତସାହି ରାସ୍ତା ବିପର୍ଯ୍ୟସ୍ତ ରାସ୍ତା, ଶୁଣୁନି ପ୍ରଶାସନ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ନେରଡା ପଞ୍ଚାୟତ ଅନ୍ତର୍ଗତ ପୁରିପଡା ଦଳିତ ସାହି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀମାନେ ୧୦ ବର୍ଷ ଧରି କରିଆସୁଥିବା ଗୁହାରୀ ବିଫଳ ହୋଇଛି। ସଂପୃକ୍ତ ଅଞ୍ଚଳର ଦଲାଲମାନେ ରାଜନୈତିକ ଦୂରଭିସନ୍ଧି ରଖି ରାସ୍ତା ନିର୍ମାଣକୁ ବିଫଳ କରିଦେଉଥିବା ଗାମବାସୀମାନେ ଅଭିଯୋଗ କରିଛନ୍ତି। ଗ୍ରାମର ଗ୍ରାମ୍ୟ ଉନ୍ନୟନ ରାସ୍ତା ଠାରୁ ଶାଳଣିଆ ବ୍ରାଂଚ କେନାଲ ଅଧିନ ପୁରିପଡା ମାଇନର କେନାଲ ଅଣଓସାରିଆ କଚାବନ୍ଧ ଉପରେ ଥିବା ସାହି ରାସ୍ତା ଯାତାୟତ ପାଇଁ ଅନୁପଯୋଗୀ। ୨ ବର୍ଷ ପୂର୍ବେ କେନାଲ ବନ୍ଧ ଉପରେ ମାଟି ପକାଯାଇ ପାଦଚଲା ରାସ୍ତାକୁ ଅଧିକ ବିପର୍ଯ୍ୟସ୍ତ



କରାଯାଇଥିଲା। ସାହିମୁଣ୍ଡରେ ଥିବା କେନାଲ ମଝିରେ ଏକ କଲର୍ଭଟ ନିର୍ମାଣ କରାଯାଇଛି। ଏହି ସ୍ଥାନରେ କେନାଲ ଭିତରେ ମାଟି ପକାଯାଇ ଜଳସେଚନକୁ ଠିକାଦାର ଅବରୋଧ କରିଦେଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଫଳରେ ବର୍ଷା ପାଣି ଜମିରହି ରାସ୍ତା ପାଣି କାଦୁଅ ପୂର୍ଣ୍ଣ ହେଉଛି। ବର୍ଷ ବର୍ଷ ଧରି ଏଭଳି ଅବସ୍ଥା ଲାଗି ରହିଥିଲେ ମଧ ରାସ୍ତା ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଗ୍ରାମବାସୀଙ୍କ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨୦୨୩ ମାର୍ଚ୍ଚ ମାସରେ ଜିଲ୍ଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗରେ ଉତକ୍ଷିପ୍ତ ହୋଇ ଦଲାଲମାନେ ଏହି ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ମହଜୁଦ ରଖାଯାଇଥିବା ମୋରମକୁ ଉଠାଇନେଇଥିଲେ। ରାସ୍ତା ମରାମତ କରିବାକୁ ଶାଳଣିଆ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀଙ୍କୁ ତତ୍କାଳୀନ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଯନ୍ତ୍ରୀ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇ ଓହରି ଯାଇଥିଲେ। ପ୍ରଶାସନ ବି ତୁନି ପଡିଥିଲା। ହେଲେ ପୂର୍ବଭଳି ଗ୍ରାମବାସୀମାନେ ରାସ୍ତା ପାଇଁ ହିନସ୍ତା ହେଉଥିଲେ ବି ସେମାନଙ୍କ ସକଳ ଉଦ୍ୟମ ବିଫଳ ହୋଇଥିବା ଜଣାଯାଇଛି। ଏବେ ଏହି ଅଣଓସାରିଆ ରାସ୍ତା ମଝିରେ ଲମ୍ବା ଫାଟ ସାହିବାସୀଙ୍କ ପାଇଁ ବିପଦର କାରଣ ଭାବେ ଉଭା ହୋଇଛି। ପ୍ରଶାସନର କ୍ଷଣଭଙ୍ଗୁର ନୀତି ଯୋଗୁଁ ସାହିବାସୀ ରାସ୍ତା ଭଳି ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥିବା ଜଣାଯାଇଛି।



ଫୁଲନଖରା(ଭାସ୍କର ନ୍ୟୁଜ): କଟକ ସଦର ଅଞ୍ଚଳ ଅନ୍ତର୍ଗତ ଆଇଜିଆ ସ୍ଥିତ ଜିଡି ଓଡ଼ିଆ ଡିପିଏସ କଳିଙ୍ଗର ପ୍ରତିଷ୍ଠାତା ବିଶିଷ୍ଟ ଶିକ୍ଷାବିତ ସମାଜସେବୀ ଓ ଏସ୍ ଏଲ୍ ମୁଖ୍ୟ ମହିମାନନ୍ଦ ମିଶ୍ରଙ୍କ ଜନ୍ମଦିନ ଅବସରରେ ବିଦ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ୨୫୦ଯୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ରକ୍ତ ସଂଗ୍ରହକାରୀ ରେଡ଼କ୍ରସ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ସଂଗ୍ରହ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ବିଦ୍ୟାଳୟର ପ୍ରୋ ଭାଇସ ଚେୟାରମ୍ୟାନ ମାଳା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଦିବାକରଙ୍କ ଅଧକ୍ଷ ଡିପିଏସ ମୁଖ୍ୟଙ୍କ ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏକ୍ଜିକ୍ୟୁଟିଭ୍ ଟ୍ରଷ୍ଟି ସ୍ମୃତୟନା ପଣ୍ଡା, ଓଏସଏଲର ବରିଷ୍ଠ ଅଧିକାରୀ ପ୍ରଫୁଲ୍ଲ କୁମାର ପଣ୍ଡା, ଅଶୋକ କୁମାର ପ୍ରଧାନ ଓ ବିଦ୍ୟାଳୟର ଯୁଗ୍ମ ପ୍ରଶାସକ ପ୍ରଶାନ୍ତ କୁମାର ପାଙ୍ଗି, ରେଡ଼କ୍ରସ ରକ୍ତ ଭଣ୍ଡାରର ସଂଯୋଜକ ଅବିନାଶ ଦାଶ, ଡକ୍ଟର ବିନାୟକ ପୃଷ୍ଟି, ବିଦ୍ୟାଳୟର ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ସ୍ମୃତି ନାଥ, ପ୍ରଧାନ ଶିକ୍ଷକ ମୁନ୍ତାକ ମହମ୍ମଦ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ରକ୍ତଦାନ ଏକ ମହତ ଦାନ ଏହାଦ୍ୱାରା ସାଧାରଣ ଲୋକଙ୍କ ଜୀବନକୁ ବଞ୍ଚାଇବାରେ ସହାୟକ ହେବ ବୋଲି ମତ ବ୍ୟକ୍ତ କରିଥିଲେ। ଡିପିଏସ କଳିଙ୍ଗର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ୨୭ ବର୍ଷରୁ ଉର୍ଦ୍ଧ୍ୱ ଶିକ୍ଷାବିତ୍, ସମାଜସେବୀ ଓ ପରୋପକାରୀ ମହିମାନନ୍ଦ ମିଶ୍ର ଡିପିଏସ କଳିଙ୍ଗ ବିଦ୍ୟାଳୟ ପ୍ରତିଷ୍ଠା କରି ଏକ ଅଗ୍ରଣୀ ସିବିଏସଇ ବିଦ୍ୟାଳୟ ଭାବେ ରାଜ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଶ୍ରୀ ମିଶ୍ରଙ୍କ ଜନ୍ମଦିନ ଅବସରରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକମାନେ ଜନ୍ମଦିନର ଶୁଭେଚ୍ଛା ଜଣାଇ ରକ୍ତଦାନ ଶିବିର ଆୟୋଜନ କରିଥିଲେ।

# ପାନୀୟ ଜଳ ପ୍ରକଳ୍ପରେ ଝୁଲୁଛି ତାଲା
## ପାଣି ପାଇଁ ଲୋକେ ଡହଳବିକଳ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ଗ୍ରାମାଂଚଳର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗର ଦାୟିତ୍ୱହୀନତା ତଥା କର୍ତବ୍ୟରେ ଚରମ ଅବହେଳା କାରଣରୁ ବରାଦୋ ଗ୍ରାମପଂଚାୟତ ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ଦିନ ହେଲା ଅଚଳ ହୋଇପଡିଛି। ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ଲୋକେ ଡହଳ ବିକଳ ହେଉଥିଲା ବେଳେ ବିଭାଗୀୟ ସ୍ତରରେ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଘଟଣାଟି ପ୍ରଶାସନର ଅସଲ ପାରିବା ପଣିଆକୁ ପଦାରେ ପକାଇ ଦେଇଛି। ବରାଦୋ ଗ୍ରାମପଂଚାୟତ ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ମାତ୍ର ଠିକାଦାର ଅଟକଳ ଅନୁଯାୟୀ କାର୍ଯ୍ୟ କରିନଥିବାର ଅଭିଯୋଗ ହୋଇଛି। ଏପରିକି ଠିକାଦାର ବିଭିନ୍ନ ସ୍ଥାନରେ ବିଛାଇଥିବା ପାଇପ ଗୁଡିକ ଫାଟି ଗଲାଣି। ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ପାଇପ ଷ୍ଟାଣ୍ଡ ଗୁଡିକ ମଧ୍ୟ ଭାଙ୍ଗିରୁଜି ଯାଇ ଜରାଜୀର୍ଣ୍ଣ ଅବସ୍ଥାରେ ପରିଣତ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିବା କାରଣରୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ପ୍ରକଳ୍ପଟି ଅଚଳ ହୋଇପଡିଛି। ଏପରିକି ପମ୍ପ ହାଉସ ଏକରକମ ଅନାବନା ଘାସ ଓ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଛି। ଏପରିକି ଏହି ସ୍ଥାନଟି ସମ୍ପ୍ରତି ବିଷାକ୍ତ ସରୀସୃପଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହିପରି ଭାବେ ଦୀର୍ଘ ବର୍ଷ ହେଲା ଏହି ପାନୀୟ ଜଳ ପ୍ରକଳ୍ପରେ ତାଲା ଝୁଲି ରହିଥିଲା ବେଳେ ବିଦ୍ୟୁତ ଟ୍ରାନ୍ସଫର୍ମର ମଧ୍ୟ ଅଚଳ ହୋଇପଡିଛି। ଏହି ପାନୀୟ ଜଳ ପ୍ରକଳ୍ପ ଲୋକଙ୍କର କୌଣସି କାର୍ଯ୍ୟରେ ଆସୁନଥିବାର ଅଭିଯୋଗ ହୋଇଛି। ଫଳରେ ଏହି ପାନୀୟ ଜଳ ପ୍ରକଳ୍ପରୁ ଲୋକେ ଟୋପାଏ ପାନୀୟ ଜଳ ନପାଇବା କାରଣରୁ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ଗତ କିଛି ଦିନ ହେଲା ସ୍ଥାନୀୟ ଅଂଚଳରେ ଅସହ୍ୟ ତାପମାତ୍ରା ବୃଦ୍ଧି ପାଇଛି। ଭୂତଳ ଜଳସ୍ତର ନିମ୍ନଗାମୀ ହୋଇପଡିଛି। ସ୍ଥାନୀୟ ଅଂଚଳର ଗଡିଆ ପୋଖରୀ କୂପ ଶୁଖି ଯାଇଛି। ଟୋପାଏ ପାଣି ପାଇବା ପାଇଁ ଗାଁଗଣ୍ଡାରେ ଛେଳିମେଣ୍ଢାଙ୍କ ଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ନାହିଁ ନଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥଳେ ବିଭାଗୀୟ ଅଧିକାରୀ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ସରକାର ପରିବର୍ତ୍ତନ ହେଲା। ଠିକାଦାର ଯନ୍ତ୍ରୀଙ୍କ ଭାଗ୍ୟର ପରିବର୍ତ୍ତନ ହୋଇଛି। ହେଲେ ଏହି ପାନୀୟ ଜଳ ପ୍ରକଳ୍ପର ଭାଗ୍ୟ ପରିବର୍ତ୍ତନ କେବେ ହେବ ତାହାନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ତହସିଲରେ ୪ ଶହ କୋଟି ଟଙ୍କାର ଜମି ସ୍କାମ୍ ଅଭିଯୋଗ



ଗୋପ(ଭାସ୍କର ନ୍ୟୁଜ୍): ଗୋପ ତହସିଲ କାର୍ଯ୍ୟାଳୟ ଅଧିନ ବାଲୁଖଣ୍ଡ ଅଭୟାରଣ୍ୟରେ ୪ ଶହ କୋଟି ଟଙ୍କାର ଜମି ସ୍କାମ୍ ହୋଇଥିବା ଅଭିଯୋଗ ଉଠିଛି। ଯାହାକୁ ନେଇ ଆମ ଆଦ୍‌ମୀ ପାର୍ଟି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ଏହାର ଖୁଲାସା କରିବା ସହିତ ଏନେଇ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି । ଯଦି ୧୦ ଦିନ ଭିତରେ ଏହାର କୌଣସି ସମାଧାନ ନହୁଏ କି କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯାଏ ତେବେ ଆମ୍ ଆଦ୍‌ମୀ ପାର୍ଟି ଏହାର ପ୍ରତିବାଦରେ ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଗୋପ ତହସିଲ ଏବଂ ଗୋପ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ହୋଇଥିବା ଜମି ଦୁର୍ନୀତିର ପର୍ଦ୍ଦାଫାଶ କରିଛି ଆମ୍‌ଆଦ୍‌ମୀ ପାର୍ଟି । ନୂଆନଈ ଠାରୁ ବାଲିଘାଇ, ବାଲିଘାଇ ଠାରୁ ବେଲେଶ୍ୱର ପୀଠ ଏବଂ ବେଲେଶ୍ୱର ଠାରୁ ରାମଚଣ୍ଡି ପୀଠ ପର୍ଯ୍ୟନ୍ତ ଥିବା ବାଲୁଖଣ୍ଡ ଅଭୟାରଣ୍ୟର ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରାସ୍ତା ପାର୍ଶ୍ୱରେ ଥିବା ଜମି ଉପରେ ଏହି କେଳେଙ୍କାରୀ ହୋଇଥିବା ଅଭିଯୋଗ ହୋଇଛି। ବଡବଡ ବିଲଡର ଏବଂ ପ୍ରଭାବଶାଳୀ ବ୍ୟକ୍ତି ଏହି ଜମି ହାତେଇଥିବା ବେଳେ ନିଜ ନିଜ ନାମରେ ପଟ୍ଟା ବାହାର କରି ଏବେ ଏହି ଜମିକୁ ଅନ୍ୟ ବ୍ୟକ୍ତିମାନଙ୍କୁ ପ୍ଲଟିଂ କରି ବିକ୍ରୟ କରିଛନ୍ତି । ଯାହାକୁ ନେଇ କ୍ରେତାମାନେ ଏବେ ହରଡଘଣାରେ ପଡିଛନ୍ତି । ଏପରିକି ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରି ଅଭୟାରଣ୍ୟ ମଧ୍ୟରେ ବିଦ୍ୟୁତ ଖୁଣ୍ଟ ପକାଇ ବିଦ୍ୟୁତ ସଂଯୋଗ ଦିଆଯିବା ସହ ନାଲି ମୋରମ ପକାଇ ରାସ୍ତା କରିଥିବା ଦେଖିବାକୁ ମିଳିଛି । ହେଲେ ସରକାରଙ୍କ ନିୟମ ଅନୁଯାୟୀ ଯଦି କୌଣସି ବ୍ୟକ୍ତିଙ୍କ ଅଭୟାରଣ୍ୟ ମଧ୍ୟରେ ସ୍ଥିତିବାନ ସଂପତ୍ତି ଅଛି ତେବେ ସେମାନେ ଅନ୍ୟକୁ ଏଗ୍ରିମେଣ୍ଟ ଆକାରରେ ବିକ୍ରୟ କରିପାରିବେ । ମାତ୍ର ଏହି ପ୍ଲଟ ଉପରେ କୌଣସି ବିଲଡିଂ ନିର୍ମାଣ ହୋଇପାରିବ ନାହିଁ କି ଅଭୟାରଣ୍ୟ ମଧ୍ୟକୁ ବିଦ୍ୟୁତ ସଂଯୋଗ ଦିଆଯାଇ ପାରିବ ନାହିଁ । କାରଣ ଏହା ଦ୍ୱାରା ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା କୃଷ୍ଣସାର ମୃଗ, ହରିଣ, ଠେକୁଆ, ଗାଡ ଭାଲୁ ଆଦି ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ମାନଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡିଥାଏ । ମାତ୍ର ସରକାରଙ୍କ ଏହି ଜଙ୍ଗଲ ସଂରକ୍ଷଣ ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରି କିପରି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଏବଂ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏହି ଜମିକୁ ବିକ୍ରୟ କରାଗଲା ଏବଂ ଟାଟା କଂପାନୀ କିପରି ଏହି ଅଭୟାରଣ୍ୟ ମଧ୍ୟକୁ ବିଦ୍ୟୁତ ସଂଯୋଗ ଦିଆଗଲା ତାହାକୁ ନେଇ ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ସରାକାରଙ୍କ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟ ବରାଦରେ ଅଭୟାରଣ୍ୟ ସୃଷ୍ଟି ହେଉଥିବା ସହ ବାଲିଖଣ୍ଡ ଅଭୟାରଣ୍ୟରେ କୃଷ୍ଣସାର ମୃଗ, ହରିଣମାନଙ୍କ ପରି ବିଭିନ୍ନ ପଶୁମାନଙ୍କୁ ସୁରକ୍ଷା ଦିଆଯାଉଛି। ସେତେବେଳେ ପୁରୀ ଜିଲ୍ଲା ବନାଚଂଳ ବନଖଣ୍ଡ ଅଧିକାରୀ ଏହି ଅଭୟାରଣ୍ୟ ମଧ୍ୟରେ ଜମି ବିକ୍ରୟ କରିବା ଏବଂ ବିଲଡିଂ ନିର୍ମାଣ ଉପରେ ରୋକ୍ ଲଗାଇବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ତାହାକୁ ନେଇ ବଡ ପ୍ରଶ୍ନ ଉଠିଛି। ଏନେଇ ବାରମ୍ବାର ବନାଂଚଳ ଅଧିକାରୀ ଏବଂ ଗୋପ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୋଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏବେ ଅଭୟାରଣ୍ୟ ମଧ୍ୟରେ ଥିବା ପଶୁପକ୍ଷୀଙ୍କ ସୁରକ୍ଷା ଏବଂ ବାଲୁଖଣ୍ଡ ଅଭୟାରଣ୍ୟକୁ ଧ୍ୱଂସ ମୁଖରୁ ବଂଚାଇବା ପାଇଁ ଆମଆଦ୍‌ମୀ ପାର୍ଟି ଅଣ୍ଟା ଭିଡିଛି । ଏନେଇ ଆମ ଆଦ୍‌ମୀ ପାର୍ଟିର ଜିଲ୍ଲା ସଭାପତି ସଂଜୀବ ମହାନ୍ତି, ଜିଲ୍ଲା ଉପସଭାପତି ରବିନ୍ଦ୍ର ସାହୁ, ରମାକାନ୍ତ ସ୍ୱାଇଁ, ନିମାପଡା ଆବାହକ ଉମାକାନ୍ତ ସାହୁ, ରମେଶ ମହାନ୍ତି ପ୍ରମୁଖ ଗୋପ କଲ୍ୟାଣ ମଣ୍ଡପ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏହାର ତଥ୍ୟ ରଖିବା ସହିତ ଏନେଇ ଏକ ଦାବିପତ୍ର ଗୋପ ତହସିଲଦାରଙ୍କୁ ଦେଇଛନ୍ତି । ଏସଂପର୍କରେ ତହସିଲଦାର ଅନିଲ କୁମାର ମହାନ୍ତି କହିଛନ୍ତି ଖୁବ୍ ଶିଘ୍ର ଏହା ଉପରେ ତଦନ୍ତ କରାଯାଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ମୃତ,୨ ଆହତ

ଗରଦପୁର(ଭାସ୍କର ନ୍ୟୁଜ): ପାଟକୁରା ଥାନା ଅଞ୍ଚଳ ହରିଦାସପୁର ଗ୍ରାମରେ ମଙ୍ଗଳବାର ରାତିରେ ଘଟିଯାଇଛି ଏକ ଦୁଃଖଦ ଘଟଣା। ରାତି ପାହିଥିଲେ ହୋଇଥାନ୍ତା ବ୍ରତଘର। ହେଲେ ରାତି ପାହିବା ପୂର୍ବରୁ ଦୁର୍ବୃର୍ତ୍ତମାନଙ୍କ ଆକ୍ରମଣରେ ଚାଲିଗଲା ଜୀବନ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣଙ୍କର ମୃତ୍ୟୁଘଟିଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଥିବା ସୂଚନା। ପ୍ରକାଶଥାଉ କି, ହରିଦାସପୁର ଠାରେ ହେଉଥିବା ଚିତ୍ରୋତ୍ପଳା ମହୋତ୍ସବ ଦେଖି ଫେରୁଥିବା ବେଳେ କିଛି ଦୁର୍ବୃତ୍ତଙ୍କ ମିଳିତ ଆକ୍ରମଣରେ ପାଟକୁରା ଥାନା ଅଞ୍ଚଳ ହରିଦାସପୁର ଗ୍ରାମର ୧୯ ବର୍ଷୀୟ ଜ୍ୟୋତି ରଞ୍ଜନ ପରିଡା ନାମକ ଜନୈକ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଯୁବକ କାମାକ୍ଷା ପ୍ରସାଦ ରାଉତରାୟ ଏବଂ ରାଜେନ୍ଦ୍ର ମାଝି ଗୁରୁତର ଆହତ ହୋଇ କେନ୍ଦ୍ରାପଡ଼ା ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ଦୁର୍ବୃତ୍ତମାନେ ଧାରୁଆ ଛୁରୀ ଓ ବ୍ଲେଡ୍ ସାହାଯ୍ୟରେ ଆକ୍ରମଣ କରିଥିବା ଜଣାପଡିଛି।ପାଟକୁରା ପୋଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ହତ୍ୟାକାଣ୍ଡର କାରଣ ଜଣାପଡିନଥିଲେ ମଧ୍ୟ ପୂର୍ବର ବାଲିଘାଟ ବିବାଦ ଏକ କାରଣ ହୋଇପାରେ ବୋଲି ସନ୍ଦେହ କରାଯାଉଛି।

# ବିନା ଫଳକରେ ସୋଲାର ଲାଇଟ ପ୍ରକଳ୍ପ କାର୍ଯ୍ୟ

କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚାରିଗାଁ ହରିଜନସାହିରେ ବିନା ଫଳକରେ ସୋଲାର ଷ୍ଟ୍ରିଟ ଲାଇଟ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଚାରିଗାଁ ହରିଜନସାହିରେ ୨୫ଟି ସୋଲାର ଷ୍ଟ୍ରୀଟ ଲାଇଟ ଲଗାଯିବା ପାଇଁ ଅନୁସୂଚିତ ଜାତି ଜନଜାତି ବିଭାଗ ପକ୍ଷରୁ ୬ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ଏହି ପ୍ରକଳ୍ପ ନିମନ୍ତେ ଟେଣ୍ଡର ଡକାଯାଇନଥିବା ବେଳେ ବିନା ଫଳକରେ କେତେକ ଲୋକ ଚାରିଗାଁ ହରିଜନସାହିରେ ସୋଲାର ଷ୍ଟ୍ରୀଟ ଲାଇଟ ଲଗାଉଥିବା ଗ୍ରାମବାସୀଙ୍କ ପକ୍ଷରୁ କଳାକାର ମଳିକ, ସୁଦାମ ମଳିକ, ବିଶ୍ୱଜିତ କବି, ପ୍ରଫୁଲ୍ଲ ମଳିକ, ରତ୍ନାକର ମଳିକ, ଅକ୍ଷୟ ମଳିକ, ସୂର୍ଯ୍ୟକାନ୍ତ ମଳିକ, ବୃନ୍ଦାବନ ମଳିକ, ପ୍ରମୋଦ ମଳିକ, ଅନନ୍ତ ମଳିକ, ମଦନ ମଳିକ ଓ ନାରାୟଣ ମଳିକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏହି ପ୍ରକଳ୍ପ ନିମନ୍ତେ କାହାରିକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ।

# ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବେଗୁନିଆ,(ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞାପନ ଏବଂ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରିଣୀ ସୋନାମିକା ରାୟଙ୍କ ନିର୍ଦ୍ଦେଶ ଅନୁସାରେ ବେଗୁନିଆ ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଓଇଏସ ୨ପ୍ରଧାନ ଶିକ୍ଷକ ରୂପେ ଚିଲିକା ବ୍ଲକ ଅନ୍ତର୍ଗତ ଇଛାପୁର ଗ୍ରାମର ପ୍ରମୋଦ କୁମାର ସ୍ୱାଇଁ ବୁଧବାର ଦିନ ଯୋଗଦାନ କରି ବିଦ୍ୟାଳୟ ହତା ମଧରେ ସ୍ଥାପିତ ବିଦ୍ୟାଳୟ ପ୍ରତିଷ୍ଠାତା ନରସିଂହ ଷଡ଼ଙ୍ଗୀ ଓ ବିଦ୍ୟାଳୟର ସୁପ୍ରତିଷ୍ଠିତ ପ୍ରଧାନ ଶିକ୍ଷକ ରାଧାନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପଦ ପୂରଣ ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଆଲୁମିନି କମିଟି ଓ ବିଦ୍ୟାଳୟ ପରିଚାଳନା ପରିଷଦର ସଭ୍ୟ ସଭ୍ୟା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବେଗୁନିଆ ଅଞ୍ଚଳବାସୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଜିଲ୍ଲା ଶିକ୍ଷାଧିକାରିଣୀ ଶ୍ରୀମତୀ ରାୟଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି । ଆଲୁମିନି କମିଟିର ସଭାପତି ଡ. ହରିପ୍ରସାଦ ଦାଶ, ସମ୍ପାଦକ ଇଂ. ଦେବାଶିଷ ସାହୁ, ପୂର୍ବତନ ଛାତ୍ର ଇଂ.ରାମ ମାନସ ପଣ୍ଡା, ବିଦ୍ୟାଳୟ ପରିଷଦ ଅଧକ୍ଷ ଶିବ କୁମାର ମୁନି, ସଭ୍ୟ ସର୍ବେଶ୍ୱର ସାହୁ, ଅବସରପ୍ରାପ୍ତ ବୋଲଗଡ଼ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରା, ବିଦ୍ୟାଳୟ ତରଫରୁ ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା, ଶିକ୍ଷକ ସୌମ୍ୟ ରଞ୍ଜନ ସାହୁ, ଅଜିତ କୁମାର ପୁରୀ, ସୂର୍ଯ୍ୟକାନ୍ତ ମହାପାତ୍ର, ପ୍ରଭାତ କୁମାର ନିଶଙ୍କ ଏବଂ ଶିକ୍ଷୟିତ୍ରୀ ସୁରଜିତା ଦଳେଇ, ମୋହିନୀ କାନ୍ତି ଦାସ, ଶୁଭଲକ୍ଷ୍ମୀ ସାହୁ, ସୁନିତା ପୃଷ୍ଟି, ଆଶାମୁର୍ମୁ, ସସ୍ମିତା ସାହୁ, ରିସ୍ମାରଶ୍ମି ପାଇକରାୟଙ୍କ ସମେତ ବିରଞ୍ଚି ନାରାୟଣ ସାହୁ, ବିଶ୍ୱରଞ୍ଜନ ପରିଡ଼ା, ସୁରଥ ନାୟକ ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପ୍ରଗତି ନିମିତ୍ତ ସହଯୋଗ କରିବା ପାଇଁ ଉଭୟ କମିଟିକୁ ଶ୍ରୀ ସ୍ୱାଇଁ ଏବଂ ପ୍ରାକ୍ତନ ବୋଲଗଡ଼ ମଣ୍ଡଳ ସଂଯୋଜକ ଶ୍ରୀ ବେହେରା ନିବେଦନ କରିଥିଲେ । ଉପସ୍ଥିତ କମିଟି ଦ୍ୱୟର ସଭ୍ୟ ସଭ୍ୟା ସକ୍ରିୟ ଭାବେ ଶିକ୍ଷାନୁଷ୍ଠାନ ଏବଂ ବିଦ୍ୟାର୍ଥୀଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏଥିରେ ଶ୍ରୀ ସ୍ୱାଇଁ ଓ ଶ୍ରୀ ବେହେରା ସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

# ଜିଲ୍ଲା ପ୍ରଶାସନର ଜନବିରୋଧୀ କାର୍ଯ୍ୟ ବିରୁଦ୍ଧରେ ପ୍ରତିବାଦ ସଭା

ଆସିକା:(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ତହସିଲ ଠାରେ ଜିଲ୍ଲା ପ୍ରଶାସନର ଜନ ବିରୋଧୀ କାର୍ଯ୍ୟକଳାପକୁ ନେଇ ଜନ ଅଧିକାରୀ ମଞ୍ଚ ପକ୍ଷରୁ ପ୍ରତିବାଦ ସଭା ସହ ଆଠଦଫା ଦାବି ନେଇ ଦାବିପତ୍ର ପ୍ରଦାନ କରାଯାଇଛି । ଆସିକା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବି ପତ୍ର ପ୍ରଦାନ କରାଯାଇଛି । ବିଶେଷ କରି ଦୀର୍ଘ ୭୦ ବର୍ଷ ଧରି କାଳକ୍ଷଣ୍ଡ ପୁର ପଞ୍ଚାୟତ ସ୍ଥିତ ଏରୋଗଲା ବସ୍ତିରେ ସ୍ଥାୟୀ ଭାବରେ ଥିବା ଜନ ବସତିକୁ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ଉଚ୍ଛେଦ ନିଷ୍ପତ୍ତିକୁ ବନ୍ଦ କରାଯାଉ । ଉତ୍କଳ ଆୟୁର୍ବେଦିକ ଫାର୍ମାସି ସହ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଚାଲିଥିବା ଘୋଟାଲା ଓ ବିକ୍ରୀ ମସୁଧା ବନ୍ଦ କରାଯାଉ । ଚାଷୀ ଓ ଗରିବ ଲୋକଙ୍କୁ ମାଗଣା ବିଜୁଳି ବାସହୀନ ମାନଙ୍କୁ ଘର ଓ ଦଖଲରେ ଥିବା ଜମିର ସରକାରୀ ଜମି ପଟ୍ଟା ପ୍ରଦାନ କରାଯାଉ । ଚାଷୀମାନଙ୍କୁ ମାସିକ ୩୦୦୦ ଟଙ୍କା ପେନସନ ଦେବାସହ ମିଲର ମାନଙ୍କ କଟଣି ଛଟଣୀ ବନ୍ଦ କରାଯାଉ । ବନ୍ଦ ହୋଇଥିବା ଆସିକା ସୂତାକଳର ପୁନରୁଦ୍ଧାର କରି ବେକାରୀ ଯୁବକ ମାନଙ୍କୁ ନିଯୁକ୍ତି ଦିଆଯାଉ ଏହିପରି ଆଠ ଦଫା ଦାବି ନେଇ ଆସିକା ଜନଅଧିକାର ମଞ୍ଚ ପକ୍ଷରୁ ଆସିକା ତହସିଲ ଠାରେ ପ୍ରତିବାଦ ସଭା କରାଯାଇଥିଲା ।

# ମେ ୨୦ରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ଦେଶବ୍ୟାପି ଧର୍ମଘଟ ପାଇଁ ପ୍ରସ୍ତୁତି ବୈଠକ




ଜଳେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ, ଶିଳ୍ପଭିତ୍ତିକ ଫେଡେରେସନ, ସଂଯୁକ୍ତ କିଷାନ ମୋର୍ଚ୍ଚା, କୃଷିଶ୍ରମିକ, ମହିଳା, ଯୁବ, ଛାତ୍ର, ଆଦିବାସୀ, ଦଳିତ ଓ ବସ୍ତି ବାସିନ୍ଦା ସଂଗଠନ ସମୂହ ଆହ୍ୱାନରେ ୨୦ ମେ ଦେଶବ୍ୟାପୀ ସାଧାରଣ ଧର୍ମଘଟରେ ସମର୍ଥନ ପାଇଁ ଜଳେଶ୍ୱର ସିଟୁ ଅଫିସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସାମ୍ପ୍ରଦାୟିକ ସମ୍ପ୍ରିତି ଅକ୍ଷୁର୍ଣ୍ଣ ଥିବାର ଆହ୍ୱାନ ଜଣାଇ କାଶ୍ମୀରର ଆତଙ୍କବାଦୀ ଆକ୍ରମଣକୁ ଧିକ୍କାର କରାଯାଇଛି।ଡବଲ ଇଞ୍ଜିନ ସରକାରଙ୍କ ସର୍ବନାଶକାରୀ ନୂଆ ଶ୍ରମ କୋଡ଼ ବାତିଲ ଦାବି, ଦରଦାମ ମୂଲ୍ୟବୃଦ୍ଧି ପ୍ରତିବାଦ, ସମ୍ପ୍ରଦାୟିକବାଦ ବିରୋଧରେ,ସମାନ କାମକୁ ସମାନ ମଜୁରୀ, ଜବ କାର୍ଡରେ ଦୁଇଶହ ଦିନ କାମ, ଭାଗଚାଷୀଙ୍କ ଠାରୁ ସରକାରୀ ମୂଲ୍ୟରେ ଧାନ କ୍ରୟ କରିବାର ବ୍ୟବସ୍ଥା କରାଯାଉ ପ୍ରଭୃତି ୧୮ ଦଫା ଦାବିରେ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଜଣାଯାଇଅଛି ।ଷ୍ଟେସନ ବଜାର ସ୍ଥିତ ସିଟୁ କାର୍ଯ୍ୟାଳୟରେ ଶ୍ରମିକ, କୃଷିଶ୍ରମିକ ପାଚିକା କର୍ମୀ, ମିଟର ରିଡର ଓ କଲେକ୍ଟର କର୍ମୀ, ମହିଳା ସମିତି, ନିର୍ମାଣ ଶ୍ରମିକ ସଂଘ, ମୋଟିଆ ସଂଘ, ସୁବାସ ବୋଷ ଅଟୋ ଓ ଟୋଟୋ ସଂଘ, ବ୍ୟବସାୟୀ ସଂଘ, ଡ଼ି.ୱାଇ.ଏଫ୍.ଆଇ, ଏସ୍.ଏଫ୍.ଆଇ. ର କର୍ମୀ ସମସ୍ତ ସ୍ତରର ନେତୃତ୍ୱ ଉକ୍ତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ ।କର୍ମ ସଂସ୍ଥାନ, ଶ୍ରମିକ କର୍ମଚାରୀ ମାନଙ୍କର ଅର୍ଜିତ ଖାଲି ପଡିଥିବା ସରକାରୀ ପଦବୀରେ ସ୍ୱଇଚ୍ଛାର ସହ ନିଯୁକ୍ତି, ଅସ୍ଥାୟୀ କର୍ମୀ ମାନଙ୍କୁ ସ୍ଥାୟୀ କରେଇବା, ନିର୍ମାଣ ଶ୍ରମିକ ମାନଙ୍କୁ ମୁକ୍ତ ସ୍ୱାଧୀନତା ଦେବା ସହ ସାମ୍ପ୍ରଦାୟିକ ସମ୍ପ୍ରତି ରକ୍ଷାର ଆହ୍ୱାନ ଦିଆଯାଇଛି ।ଦେଶର ଏକ ଶତକଡା ବୃହତମ ଧନୀ ଲୋକଙ୍କ ହାତରେ ମୋଟ ସମ୍ପତ୍ତିର ୪୦ ଶତକଡା ଥିବା ବେଳେ ୫୦ ଶତକଡା ଲୋକଙ୍କ ହାତରେ ମାତ୍ର ୩ ଶତକଡା ସମ୍ପତି ରହିଛି ।୯୦ ଶତକଡା ଲୋକଙ୍କ ହାତରେ ମୋଦି ସରକାର ଦୁର୍ଦ୍ଦଶା ଲଦିଦେଇ ଅଦାନୀ ଅମ୍ବାନୀ ଟାଟା ଆଦି ଧନୀମାନଙ୍କର ଓ ବିଦେଶୀ ସାମ୍ରାଜ୍ୟବାଦୀ ମାନଙ୍କ ସ୍ୱାର୍ଥ ପାଇଁ ତତ୍ପର ହୋଇ ଅଣ୍ଟା ଭିଡିଛନ୍ତି ।ଏହିଭଳି ଭୟଙ୍କର ଅନ୍ୟାୟ ବିରୋଧରେ ଶ୍ରମିକ, କୃଷକ, ଭାଗଚାଷୀମାନଙ୍କ ହକ୍ ପାଇଁ ମଇ ୨୦ ସକାଳ ୬ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଜଳେଶ୍ୱରରେ ଧର୍ମଘଟକୁ ସଫଳ କରିବା ପାଇଁ ସିଦ୍ଧାନ୍ତ ହୋଇଛି ।କୃଷକ ନେତା ଦିଲ୍ଲୀପ ଗିରିଙ୍କ ସଭାପତିତ୍ୱରେ ଆବାହକ ପଲଟୁ ଦାସ, ଦୀପ୍ତିମାନ ଆଚାର୍ଯ୍ୟ, ମମି ପଣ୍ଡା, ଈଷାଣୀ ଷଡ଼ଙ୍ଗୀ, ଆରତୀ ପଳାଇ, ଖଗେନ୍ଦ୍ର ମହୁରୀ, ରାମଶଙ୍କର ଜେନା, ସନ୍ତୋଷ କୁମାର ହୁଇ, ସସ୍ମିତା ପ୍ରାମାଣିକ, ସବିତା ଭୂୟାଁ, ସୁଶାନ୍ତ ରାଉତ, ଛାତ୍ର ନେତା ଚନ୍ଦନ କାମିଲା ପ୍ରମୁଖ ଉକ୍ତ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ।

# ସମାଜସେବୀ ଭଗବାନ ବିଶ୍ୱାଳଙ୍କ ପରଲୋକ



ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ବ୍ଲକ ସମଙ୍ଗ ଗ୍ରାମ ପଂଚାୟତର ପୂର୍ବତନ ସରପଞ୍ଚ ତଥା ନବଗଠିତ ଅୟର ପଞ୍ଚାୟତର ଆମ୍ବଦରଡ ଗ୍ରାମର ବରିଷ୍ଠ ସମାଜସେବୀ ଭଗବାନ ବିଶ୍ୱାଳଙ୍କ ୭୨ ବର୍ଷ ବୟସରେ ପରଲୋକ ଘଟିଛି। ସେ ଆଧାତ୍ମିକ, ସାମାଜିକ ଓ ଭୌତିକ କାର୍ଯ୍ୟକ୍ରମରେ ଲିପ୍ତରହି ସମାଜ ସେବାକରୁଥିଲେ। ରେଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ରଘୁନାଥପୁର ଆଗାମୀ ଓଡିଶା, ସମ୍ବାଦ ସାହିତ୍ୟ ଘର, ଲାଲ ସଂସ୍ଥାର ଉପଦେଷ୍ଟା ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ମିଷ୍ଟଭାଷୀ, ସମାଜସେବୀ ଦରଦି ମଣିଷଟିଏ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଜଗତସିଂହପୁର ଓ ରଘୁନାଥପୁର ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଜଗନ୍ନାଥ ମୁଦୁଲି, ସୁରେଶ ଚନ୍ଦ୍ର ରାଉତ, ସଦାଶିବ ବିଶ୍ୱାଳ,ଶୁଭ୍ରାଂଶୁ ଆଚାର୍ଯ୍ୟ, ନିମାନନ୍ଦ ଦାସ, ଅଲେଖ ଚନ୍ଦ୍ର ବେହେରା, ସରୋଜ କୁମାର ନାୟକ, ନିରଞ୍ଜନ ପାତ୍ର, ରବି ନାରାୟଣ ରଥ, ତୋଫାନ ଚରଣ ନାୟକ, ରଘୁନାଥ ସ୍ୱାଇଁ, ବିଶ୍ୱନାଥ ନାୟକ, ଗୌରାଙ୍ଗ ଦଳାଇ, ବସନ୍ତ କୁମାର ସାହୁ, ଗୀତା ରଥ, ପ୍ରଭାକର ଜେନା, କୈଳାସ ଚନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ସାହୁ, ସରୋଜ କୁମାର ରାୟ ପ୍ରମୁଖ ବହୁମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପଂହଁଚି ସ୍ୱର୍ଗତ ବିଶ୍ୱାଳଙ୍କ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ ପରିବାରଙ୍କୁ ସମବେଦନା ଜଣାଇଥିଲେ। ମୁଖାଗ୍ନି ଦେଇଥିଲେ ତାଙ୍କ ବଡପୁଅ ଅଜିତ।

# ଗ୍ରାମ୍ୟ ଉନ୍ନୟନ ବିଭାଗରେ କୋଟିପତି ଜେଇ
## ୪ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ବଦଳି ନାହିଁ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ ହେବ ଜଣେ କନିଷ୍ଠ ଯନ୍ତ୍ରୀ ଆସ୍ଥାନ ଜମାଇ ରହିଛନ୍ତି। ଏହି କନିଷ୍ଠ ଯନ୍ତ୍ରୀ ଜଣକ ବ୍ୟାପକ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରି କୁବେର ପାଲଟିଥିଲା ବେଳେ ରହସ୍ୟ ଜନକ ଭାବେ ତାଙ୍କ ବିରୁଦ୍ଧରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ସରକାର ପରେ ସରକାର ପରିବର୍ତ୍ତନ ହେଉଛି, କିନ୍ତୁ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଭାଗ୍ୟର ପରିବର୍ତ୍ତନ ଘଟୁନଥିବାର ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟରେ ଦୀର୍ଘ ଦିନ ହେଲା ସ୍ଥାୟୀ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି ପଡିଛି। ଏହି କାର୍ଯ୍ୟାଳୟରେ ୪ଜଣ କନିଷ୍ଠ ଯନ୍ତ୍ରୀ ରହିବାର ନିୟମ ରହିଛି। ମାତ୍ର ଏହି କାର୍ଯ୍ୟାଳୟରେ ୨ଜଣ କନିଷ୍ଠ ଯନ୍ତ୍ରୀ ରହିଥିବାର ଜଣାଯାଇଛି। ସରକାରଙ୍କ ତରଫରୁ ଏହି କାର୍ଯ୍ୟାଳୟ ଯନ୍ତ୍ରୀଙ୍କ ରହଣୀ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯାଇଛି। ମାତ୍ର ଏହି ଗୃହରେ କୌଣସି ବିଭାଗୀୟ ଯନ୍ତ୍ରୀ ନରହିବା କାରଣରୁ ଏହା ଭୂତକୋଠିରେ ପରିଣତ ହୋଇଛି। ତେବେ ଜରୁରୀକାଳୀନ କାର୍ଯ୍ୟ ନିମନ୍ତେ ଏଠାକୁ ଲୋକେ ଆସି ବିଭାଗୀୟ ଯନ୍ତ୍ରୀଙ୍କୁ ନପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି। ଏପରିକି ଯନ୍ତ୍ରୀଙ୍କୁ ଫୋନ କଲେ ସେ ଲୋକଙ୍କ ଫୋନ ଉଠାନ୍ତି ନାହିଁ। କିମ୍ବା ନିୟମିତ କାର୍ଯ୍ୟାଳୟକୁ ଆସନ୍ତି ନାହିଁ। ଏହି କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେବାକୁ ଆସୁଥିବା କନିଷ୍ଠ ଯନ୍ତ୍ରୀଙ୍କୁ ନାନା ପ୍ରକାର ହଇରାଣ ହରକତ ଯୋଜନାବଦ୍ଧ ଭାବେ କରାଯିବା କାରଣରୁ ସେମାନେ ସ୍ଥାନ ଛାଡି ଚାଲିଯିବାକୁ ବାଧ୍ୟ ହୋଇଥାନ୍ତି। ତେବେ କଟକ ଜିଲ୍ଲାର ପଡୋଶୀ କେନ୍ଦ୍ରାପଡା ଜିଲ୍ଲାର ଜଣେ କନିଷ୍ଠ ଯନ୍ତ୍ରୀ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ ହେଲା ଏଠାରେ ଆସ୍ଥାନ ଜମାଇ ରହିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ଯନ୍ତ୍ରୀ ଜଣକ ଅସାଧୁ ଉପାୟରେ କୋଟି କୋଟି ଟଙ୍କାର ଆୟ ବର୍ହିଭୂତ ସମ୍ପତି ଠୁଳ କରିଥିବାର ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପିସି ନଦେଲେ ଫାଇଲ ଘୁଂଚେ ନାହିଁ। ଠିକାଦାରଙ୍କ ବିଲ ପ୍ରଦାନରେ ନା ନା ପ୍ରକାର ସମସ୍ୟା ସୃଷ୍ଟି କରିଥାନ୍ତି। ଫଳରେ ଏଠାରେ ଠିକାଦାରମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ତେବେ ଲୁଟି ଖାଅ ବଟିଦି ନ୍ୟାୟରେ ସମ୍ପୃକ୍ତ ଯନ୍ତ୍ରୀ ନାନା ପ୍ରକାର ନିର୍ମାଣ କାର୍ଯ୍ୟରେ ଠକେଇ କରି ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଲୁଟି ନେଉଥିଲେ ମଧ୍ୟ ବିଭାଗୀୟ ସ୍ତରରେ ତାଙ୍କ ବିରୁଦ୍ଧରେ କଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଦୁର୍ଘଟଣାରେ ଆରୋହୀ ଗୁରୁତର

ଫୁଲନଖରା (ଭାସ୍କର ନ୍ୟୁଜ): କଟକ ସଦର ଥାନା ସମ୍ମୁଖରେ କଟକରୁ ଭୁବନେଶ୍ୱର ଆସୁଥିବା ଏକ ଦ୍ରୁତଗାମୀ ଛ ଚକିଆ ଆଇଚର ଟ୍ରକ ନମ୍ବର ଓଡି ୦୨ ସିଜି୦୪୪୯ ଟି ଆଗରେ ଆସୁଥିବା ବୁଲେଟ ଯାହାର ନମ୍ବର ଓଡି ୩୩ ୱାଇ ୬୫୪୨କୁ କଟକ ସଦର ଥାନା ଗେଟ ସମ୍ମୁଖରେ ଜୋରରେ ଧକା ଦେବା ଫଳରେ ଟ୍ରକର ଆଗ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯିବା ଦ୍ୱାରା ରାସ୍ତାରେ ଓଲଟି ପଡିଥିଲା ଯାହାଫଳରେ ରାସ୍ତାଟି କିଛି ସମୟ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଘଟଣା ସ୍ଥଳରେ ସଦର ଥାନା ଅଧିକାରୀ ଓମ ପ୍ରକାଶ ମହାନ୍ତି ଓ କର୍ମଚାରୀ ପହଞ୍ଚି ଦୁର୍ଘଟଣାରେ ଆହତ ହୋଇଥିବା ବୁଲେଟ ଆରୋହୀଙ୍କୁ ଉଦ୍ଧାର କରି କଟକ ମେଡିକାଲକୁ ସ୍ଥାନାନ୍ତରୀତ କରିବାସହ ଓଲଟି ପଡ଼ିଥିବା ଟ୍ରକକୁ କ୍ରେନ ସାହାଯ୍ୟରେ ରାସ୍ତାରୁ ହଟେଇ ଭିଡ ନିୟନ୍ତ୍ରଣ କରିଥିଲେ। ଘଟଣା ସ୍ଥଳରୁ ଡ୍ରାଇଭରକୁ ଅଟକ ରଖି ଦୁର୍ଘଟଣା ବାବଦରେ ପଚରାଉଚରା କରିବାସହ କଣ ପାଇଁ ଏ ଦୁର୍ଘଟଣା ଘଟିଲା ଅଧିକରୁ ଅଧିକ ତଦନ୍ତ ଚଳାଇଛନ୍ତି।



# ଦଶମ କୃତି ଛାତ୍ରଛାତ୍ରୀଙ୍କ ପାଇଁ ସମ୍ବର୍ଦ୍ଧନା ସଭା



ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ଓଷ୍ଟା ସଂଘ ଦ୍ୱାରା ବେତନଟୀ ବ୍ଲକରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ୧ ଗ୍ରେଟ୍ ପାଇ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ବେତନଟୀ ବ୍ଲକ ଅନ୍ତର୍ଗତ ବାଲିକା ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ ଓଷ୍ଟା ସଂଘର ସଭାପତି ଶିଶିର କୁମାର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ , ସମ୍ମାନୀତ ଅତିଥି ଭାବରେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର,ଏମ୍‌ପିସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ପୂର୍ବତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତ, ରଘୁନାଥ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା,ବାଲିକା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ରଂଜନ ବାରିକ ପ୍ରମୁଖ ଯୋଗଦାନ କରିଥିଲେ ।ଏ୧ ରେ କୃତିତ୍ୱ ହାସଲ କରିଥିବା ପ୍ରିୟଙ୍କା ମହାପାତ୍ର,ସ୍ରେୟମ ସାହୁ, ଅଲିଭା ରାଉତ, ଲିପ୍ସିତା ପରିଡ଼ା, ଲଲାଟେନ୍ଦୁ ମହାନ୍ତ, ଓମ୍ ପ୍ରକାଶ ପୃଷ୍ଟି,କ୍ରିସ ଗୁପ୍ତା, ଅଙ୍କିତ ମିଶ୍ର,ସୁଭମ ଓଝା,ଧର୍ମଜୟ ରାଉତ ଙ୍କୁ ଅତିଥି ବୃନ୍ଦ ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଓଷ୍ଟା ବ୍ଲକ୍ ସଂପାଦକ ସୂର୍ଯ୍ୟାନନ୍ଦ ନାୟକ,ଉପ ସଭାପତି ପ୍ରକାଶ କେଶରୀ ପ୍ରଧାନ,ସହ ସଂପାଦକ ଧିରେନ୍ଦ୍ର ପ୍ରଧାନ, ଭବାନୀ ବାଗ, ନିହାର କାନ୍ତି ବେହେରା, ସ୍ନେହଲତା ରାଉତ, ସୁଶାନ୍ତ ପଣ୍ଡା,ପର୍ଶୁରାମ ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ର, ଛାତ୍ରୀ ଓ ଅଭିଭାବକ ସେମାନଙ୍କର ପ୍ରସ୍ତୁତି ଓ ସହଯୋଗ, ଭବିଷ୍ୟତ ବିଷୟରେ ବର୍ଣ୍ଣନା କରିଥିଲେ। ସର୍ବଶେଷରେ ଶିକ୍ଷକ ନିରଞ୍ଜନ ବେତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁକମ୍ପା ସହାୟତା ପ୍ରଦାନ

କଣିହାଁ (ଭାସ୍କର ନ୍ୟୁଜ୍): ଛାତ୍ର ଶିକ୍ଷକ ଓ କର୍ମଚାରୀ କଲ୍ୟାଣ ପରିଷଦ ବ୍ଲକ୍-କଣିହାଁ, ଜିଲ୍ଲା-ଅନୁଗୋଳ ତରଫରୁ ସ୍ଥାନୀୟ ଜଗମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଲୁମାର ଅଧ୍ୟୟନରତ ଷଷ୍ଠ ଶ୍ରେଣୀର ଛାତ୍ରୀ ସେଲିନା ପ୍ରଧାନଙ୍କର ଗତ ୦୩-୦୫-୨୦୨୫ ରିଖ ଦିନ ଅକାଳ ବିୟୋଗ ହୋଇଥିଲା । ଏଣୁ ପରିଷଦ ତରଫରୁ ଛାତ୍ରୀଙ୍କ ପିତା ଏକାଦଶିଆ ପ୍ରଧାନଙ୍କୁ ତାଙ୍କ କୁଲୁମା ସ୍ଥିତ ବାସଭବନରେ ୫୦୦୦/-ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ଜଗମୋହନ ଉଚ୍ଚ ବିଦ୍ୟାଳୟ କୁଲୁମାର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଧରଣୀଧର ପ୍ରଧାନ, ପରିଷଦର ସଭାପତି ଶ୍ରୀଯୁକ୍ତ କନ୍ତାରୁ ଚରଣ ସାହୁ, ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ପରିଷଦର ସକ୍ରିୟ କର୍ମକର୍ତ୍ତା ଶ୍ରୀକାନ୍ତ କୁମାର ମିଶ୍ର, ମନ୍ଦର ସେଠୀ, କ୍ଷମାନିଧି ବିଶ୍ୱାଳ,ପ୍ରତାପ କୁମାର ସାହୁ, ମାନ୍ଧାତା ବେହେରା, ବସନ୍ତ କୁମାର ସାହୁ, ମାନସ ରଞ୍ଜନ ସାହୁ, ସୁରେଶ ଚନ୍ଦ୍ର ସାହୁ,ଲିପୁନ୍ କୁମାର ସାହୁ, ବବୁଲ୍ ଚନ୍ଦ୍ର ଦେହୁରୀ,ବିଜୟାନନ୍ଦ ସ୍ୱାଇଁ ଓ ବିଦ୍ୟାଳୟ ର ପରିଚାଳନା ପ୍ରମୁଖ ଉପସ୍ଥିତ ରହି ପରିବାର ବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ଅବକାରୀ ବିଭାଗର ଚଢ଼ାଉ

# ବିପୁଳ ପରିମାଣର ମହୁଲ ପୋଚ, ରନ୍ଧା ମଦ ଓ ଶତାଧିକ ପ୍ଲାଷ୍ଟିକ ଡ୍ରମ୍ ଜବତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗ ଓ ପୋଲିସ ବିଭାଗର ବାରମ୍ବାର ଚଢ଼ାଉ, ଗିରଫଦାରୀ, ପ୍ରବଳ ପ୍ରତିରୋଧ ତଥା ବାରଣସତ୍ତ୍ୱେ ଜିଲ୍ଲାର କିଛି ଅଞ୍ଚଳରେ ଦେଶୀ ଚୋରା ମଦ ବ୍ୟବସାୟୀ ମାନେ ସେମାନଙ୍କ କଳା କାରନାମା ଜାରି ରଖିଛନ୍ତି। ଫଳରେ ଜିଲ୍ଲାରେ ମଦ୍ୟପଙ୍କ ସଂଖ୍ୟା ଯେ ବଢ଼ିବାରେ ଲାଗିଛି ତାହା ନୁହେଁ ବରଂ ବିଷାକ୍ତ ମଦମୃତ୍ୟୁ ଘଟିଥିବା ଆଶଙ୍କା ଲୋକଙ୍କୁ ଆତଙ୍କିତ କରୁଛି। ତେବେ ଦେଶୀ ମଦ ତିଆରି କରୁଥିବା ଲୋକମାନଙ୍କ ଉପରେ ବାରମ୍ବାର ଚଢ଼ାଉ କରୁଥିବା ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସଂପ୍ରତି ଏକ ବଡ଼ ଧରଣର ସଫଳତା ମିଳିଥିବା ଖବର ଆସିଛି। ପ୍ରାପ୍ତ ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ହାତୀମୁଣ୍ଡା ଗ୍ରାମରେ ଦେଶୀମଦ ତିଆରି ଚାଲିଥିବା ଓ ସେଠାରୁ ରନ୍ଧା ମଦ ବିଭିନ୍ନ ଅଞ୍ଚଳକୁ ଯୋଗାଇ ଦିଆଯାଉଥିବା କୌଣସି ସୂତ୍ରରୁ ଖବର ମିଳିବା ପରେ ଏକ୍ସନ୍ ମୁଡ୍‌ରେ ପହଞ୍ଚି ଥିଲା କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗ। ଜିଲ୍ଲା ଅବକାରୀ ସୁପରିଟେଣ୍ଡେଣ୍ଟ ରଞ୍ଜନ କୁମାର ନାଏକଙ୍କ ନେତୃତ୍ୱରେ ଏକ ଦଳ ଗଠନ କରାଯାଇ ଉକ୍ତ ଗ୍ରାମ ଉପରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବିଭାଗୀୟ ଆଇଆଇସି, ହେମକାନ୍ତ ସୁନା ଏବଂ ଓଆଇସି ତିଲକ ରାମ ନାଏକଙ୍କ ସହ ଅନ୍ୟାନ୍ୟ କର୍ମଚାରୀମାନେ ମିଶି ହାତୀମୁଣ୍ଡା ରେଡ୍ ଡ୍ୟାମ୍ ନିକଟରେ ଚୋରା ଦେଶୀମଦ ରନ୍ଧା ଯାଉଥିବା ସ୍ଥାନ ଉପରେ ଚଢ଼ାଉ କରିଥିଲେ। ବିଭାଗର ଏଭଳି ଅତର୍କିତ ଚଢ଼ାଉରେ ଭୟଭୀତ ହୋଇ ଚୋରା ମଦମାଫିଆ ମାନେ ଫେରାର ମାରିଥିଲେ। ମାତ୍ର ଅବକାରୀ ବିଭାଗୀୟ କର୍ମଚାରୀମାନେ ସେଠାରେ ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ୮୫୦୦ କେଜି. ମହୁଲ ପୋଚ, ୪୦୦ ଲିଟର ରନ୍ଧା ବେଆଇନ ଦେଶୀମଦ ଓ ବିଭିନ୍ନ ସ୍ଥାନକୁ ମଦ ପଠେଇବା କାମରେ ବ୍ୟବହୃତ ହେଉଥିବା ୧୫୦ ଟି ପ୍ଲାଷ୍ଟିକ ଡ୍ରମ ଜବତ କରି ନଷ୍ଟ କରିଦେଇଥିଲେ ବୋଲି ସୂଚନା ମିଳିଛି। ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଏଭଳି ଚଢ଼ାଉ ଫଳରେ ଚୋରା ମଦ ମାଫିଆଙ୍କ ଛାତିରେ ଛନକା ପଶିଛି। ବିଭାଗ ପକ୍ଷରୁ ଆଗାମୀ ଦିନରେ ଏହିପରି ଚଢ଼ାଉ ନିୟମିତ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

## ଜଙ୍ଗଲ ସୁରକ୍ଷା ନେଇ ସଚେତନତା

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସ୍ଥିତ ବଗାଡ଼ ବନସୁରକ୍ଷା ସମିତିର ସଭାପତି ଧନୁ ଭୋଇଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଟାଙ୍ଗରା କଟା ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମିତିର ସମ୍ପାଦକ ତଥା ବନପାଳ ଯଶୋବନ୍ତ ନାଏକଙ୍କ ନେତୃତ୍ୱରେ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ ସୁରକ୍ଷା ସମିତି ବଗାଡ଼ର ମୃତ ସଦସ୍ୟଙ୍କ ପାଇଁ ପ୍ରଥମେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସମିତିର ସମ୍ପାଦକ ତଥା ବନପାଳ ଯଶୋବନ୍ତ ନାଏକ ବିବରଣୀ ପଠନ କରିଥିଲେ। ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଓ ଜୀବଜନ୍ତୁଙ୍କୁ ନିଆଁ ଦାଉରୁ କିପରି ସୁରକ୍ଷା କରିବା ଆଦି ବିଷୟରେ ବନପାଳ ବିସ୍ତୃତ ଭାବେ ଉପସ୍ଥିତ ସମିତି ସଦସ୍ୟଙ୍କୁ ବୁଝାଇ ଥିଲେ। ସମିତିର ସଭାପତି ଧନୁ ଭୋଇ, ବନପାଳ ଯଶୋବନ୍ତ ନାଏକଙ୍କ ସମେତ ବନ କର୍ମଚାରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିବାବେଳେ ସମ୍ପାଦକ ଧନ୍ୟବାଦ ଦେଇଥିଲେ।

# ବେଙ୍ଗାଲୁରୁରୁ ଆସିଲା ଓଡିଆ ଶ୍ରମିକଙ୍କ ମୃତଦେହ



କୋକସରା, (ଭାସ୍କର ନ୍ୟୁଜ୍ ) : ଦାଦନ ପ୍ରଥା ରୋକିବା ପାଇଁ ସରକାର ଅନେକ ଯୋଜନା କରୁଥିଲେ ହେଁ ଏହାର ସଠିକ୍ ବିନିଯୋଗ ନହେବା ଯୋଗୁଁ ଆଜି ମଧ୍ୟ କୋକସରା ବ୍ଲକର ଶହ ଶହ ଲୋକ କାମ ଅନ୍ୱେଷଣରେ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। କୋକସରା ବ୍ଲକରୁ ଅନେକ ଥର ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ତେବେ ମାସେ ନ ପୁରୁଣୁ ପୁଣି ଏକ ଦାଦାନ ଶ୍ରମିକର ମର ଶରୀର ଭିଟାମାଟିକୁ ଫେରିଛି। ମୃତ ଶ୍ରମିକ ଜଣକ କୋକସରା ବ୍ଲକ ମହିମା ପଞ୍ଚାୟତ ଘଣ୍ଟିଗୁଡା ଗ୍ରାମର ପିତାମ୍ବର ଦଣ୍ଡସେନାଙ୍କ ବଡ଼ପୁଅ ଅମର ଦଣ୍ଡସେନା(୩୦) । ସୂଚନା ଅନୁସାରେ, ଅମର ଦିର୍ଘ ୯ ବର୍ଷ ପାଖାପାଖି ହେବ ଘରର ଆର୍ଥିକ ସ୍ଥିତି ଖରାପ ହେତୁ ଦାଦାନ ଖଟିବାକୁ ସୁଦୁର ବାଙ୍ଗାଲୁରୁ ସହରକୁ ଯାଇଥିଲେ। ଦିର୍ଘ ଦିନରୁ ଘରକୁ ନ ଫେରି ସେଠାରେ ଶ୍ରମିକ ଭାବେ କାମ କରି କିଛି ଅର୍ଥ ପଠାଇ ଆସୁଥିଲେ। ସୋମବାର ଏକ କୋଠା ନିର୍ମାଣ କାମରେ ଶ୍ରମିକ ଭାବେ ନିୟୋଜିତ ରହିଥିବାବେଳେ ମଧାହ୍ନରେ ବାଉଁଶ ବାନ୍ଧୁଥିବା ସମୟରେ ଅମର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ସାଥିରେ ଥିବା ଶ୍ରମିକ ଓ ତାଙ୍କ ସାନଭାଇ ସରୋଜ ଦଣ୍ଡସେନା ସେଠାକାର ଏକ ମେଡିକାଲରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ଅମରଙ୍କୁ ମୃତ ଘୋଷଣା କରିଥିବା ତାଙ୍କ ପରିବାର ଲୋକ କହିଛନ୍ତି। ଏଣେ ଏକ ମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରେ ପୁରା ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ଅନ୍ୟପଟେ କୋଠା ମାଲିକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଅମରଙ୍କ ମର ଶରୀର ନିଜ ଭିଟାମାଟିକୁ ପହଞ୍ଚିଛି। ଅମରଙ୍କ ମୃତ୍ୟୁ ପରେ ବାପା, ମା' ଓ ପୁରା ପରିବାର ଦୁଃଖରେ ଭାଙ୍ଗିଛନ୍ତି। ଅନ୍ୟପଟେ ଏହି ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠକ ଆବାହକ ନିଯୁକ୍ତ

ମ. ରାମପୁର, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ନୂତନ ପିସିସି ସଭାପତି ହେବା ପରେ କଂଗ୍ରେସ ଦଳ ତା'ର ବିଭିନ୍ନ ସାଂଗଠନିକ ପଦ ପଦବୀ ସୃଷ୍ଟି କରୁଛି। ସେଭଳି କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠକ ଆବାହକ ଭାବେ ଦୁଷ୍ମନ୍ତ ରଣା ଓ ସହ ଆବାହକ ଭାବେ ରୁମନ୍ତି ମାଝୀଙ୍କୁ ନିଯୁକ୍ତି କରାଯାଇଛି। ଏହାକୁ ନେଇ ମଦନପୁରୁ ରାମପୁର ବ୍ଲକ ସଭାପତି ରୁଦ୍ର ପ୍ରତାପ ସିଂହ, ମଦନପୁର ରାମପୁର ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ବାଗଙ୍କ ସମେତ ବ୍ଲକର ସମସ୍ତ କଂଗ୍ରେସ କର୍ମୀ ଶ୍ରୀ ରଣାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ନିଯୁକ୍ତ ଦିଆଯାଇଛି।

# ବେଣୁପାଣିଙ୍କୁ ନୂଆପଡ଼ା ଓ ବୌଦ୍ଧ ଜିଲ୍ଲା ଯୁବ କଂଗ୍ରେସ ପ୍ରଭାରୀ ନିଯୁକ୍ତ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଭକ୍ତ ଦାସ ପିସିସି ସଭାପତି ହେଲା ପରେ କଂଗ୍ରେସର ସଂଗଠନ ମଜବୁତ ହେବାରେ ଲାଗିଛି। ଏଥିପାଇଁ ଜିଲ୍ଲା ସ୍ତର ଠାରୁ ଆରମ୍ଭ କରି ବ୍ଲକ ପଞ୍ଚାୟତ ବୁଥ ସ୍ତରରେ ସଜଡ଼ା ଆରମ୍ଭ ହୋଇଛି। ବିଶେଷ ଭାବେ ଯୁବନେତାଙ୍କୁ ଗୁରୁତ୍ୱ ଦେଉଥିବା ଆଲୋଚନା ହେଉଛି। ଏପରି ପେକ୍ଷିରେ ଏକ ଯୁବ ଚେହେରାକୁ ନୂଆପଡ଼ା ଓ ବୌଦ୍ଧ ଜିଲା ଯୁବ କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ତଥା ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ବେଣୁପାଣି ଦୁର୍ଗାଙ୍କୁ ଯୁବ କଂଗ୍ରେସ ପ୍ରଭାରୀ ଗୁରୁ ଦାୟିତ୍ୱ ଦିଆଯାଇଛି। ଏକ ଦୃଢ଼ ସଂଗଠକ, ପ୍ରବୀଣ ପ୍ରବକ୍ତା ଏବଂ କ୍ରାନ୍ତିକାରୀ ଯୁବ ନେତା ଭାବେ କଳାହାଣ୍ଡିରେ ଶ୍ରୀ ଦୁର୍ଗାଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶାରେ ଯୁବ କଂଗ୍ରେସର ଉପସ୍ଥିତିକୁ ସୁଦୃଢ଼ କରିବା ସହ ଯୁବ ନେତୃତ୍ୱକୁ ଆଗେଇ ନେବାରେ ତାଙ୍କ ପ୍ରମୁଖ ଭୂମିକା ରହିଛି। ଶ୍ରୀ ଦୁର୍ଗା ଦାୟିତ୍ୱ ନେବା ପରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାସ, ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ, ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ରାଜ୍ୟ ପ୍ରଭାରୀ ମହେଶ ଦେଶମୁଖ, ଜାତୀୟ ପ୍ରଭାରୀ କୃଷ୍ଣ ଆଲ୍ଲାଭାରୁ ଏବଂ ଜାତୀୟ ସଭାପତି ଉଦୟ ଭାନୁ ଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ନିଷ୍ଠା ସହ ତୁଲାଇବା ଓ କଂଗ୍ରେସକୁ ଆଗେଇବାରେ ପ୍ରତିବଦ୍ଧ ଥିବା ପ୍ରକାଶ କରନ୍ତି।

# ନାଏବ ସରପଞ୍ଚରୁ ସରପଞ୍ଚ ଦାୟିତ୍ୱ ନେଲେ ପୂର୍ଣ୍ଣମୀ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତରେ ଗତ ଦୁଇ ତାରିଖ ଶୁକ୍ରବାର ସରପଞ୍ଚ ସ୍ୱର୍ଗତ ପଞ୍ଚାନନ ବାଗ୍‌ଙ୍କ ବିୟୋଗ ପରେ ସରପଞ୍ଚ ପଦବୀ ଖାଲି ପଡ଼ିଥିଲା। ତେବେ କର୍ଲାମୁଣ୍ଡା ପଞ୍ଚାୟତ ସମିତି ପତ୍ର ସଂଖ୍ୟା ୧୭୩୫ ତାରିଖ ୫.୫.୨୦୨୫ ଅନୁସାରେ ବୁଧବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତୁ ଜାନୀ ୱାର୍ଡସଭ୍ୟ।/ସଭ୍ୟମାନଙ୍କ ଉପସ୍ଥିତରେ ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝୀଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରିଥିଲେ। ଏଥିରେ ସମିତିସଭ୍ୟ ଆନନ୍ଦ ନାଗଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ସହଯୋଗରେ ପଞ୍ଚାୟତର ବିକାଶ କରିବି ବୋଲି ନୂତନ ଭାବେ ସରପଞ୍ଚ ଦାୟିତ୍ୱ ନେଇଥିବା ପୂର୍ଣ୍ଣମୀ ମାଝୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ପୋଖରୀଗୁଡ଼ାରେ ବହଲେନ୍ ଯାତ୍ରା

ଭବାନୀପାଟଣା,(ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଗୋପାଳପୁର ପଞ୍ଚାୟତ ପୋଖରୀଗୁଡ଼ା ଗ୍ରାମରେ ଆଦିବାସୀ ପରମ୍ପରାର ପର୍ବ ବହଲେନ୍ ଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମରେ ରୋଗ ବ୍ୟାଧି ଭଳି ନକରାତ୍ମକ ଶକ୍ତିକୁ ଦୂରେଇ ଗ୍ରାମରେ ସୁଖ ସମୃଦ୍ଧି ଲାଭ କରିବା ସହ ଗ୍ରାମବାସୀଙ୍କ ତଥା ଚାଷବାସର ସୁରକ୍ଷା ପ୍ରାପ୍ତି ପାଇଁ ଗ୍ରାମଦେବୀ ଠାକୁରାଣୀଙ୍କୁ ପ୍ରସନ୍ନ କରିବା ଏବଂ ଶାନ୍ତି କରିବା ପାଇଁ ଗାଁରେ ବହଲେନ୍ ଯାତ୍ରା ଅନୁଷ୍ଠିତ ହୁଏ। ଚଳିତବର୍ଷ ମଧ୍ୟ ଏହି ଯାତ୍ରା ଯୋଗୁଁ ଗାଁ ଉତ୍ସବ ମୁଖର ହୋଇ ଉଠିଥିଲା। ଗାଁରୁ ସମସ୍ତ ନକରାତ୍ମକ ଶକ୍ତିକୁ ଗାଁରୁ ଦୂରେଇ ରଖିବା ପାଇଁ ଗାଁ ମୁଣ୍ଡରେ ଠାକୁରାଣୀଙ୍କୁ ଆବାହନ କରି ପୂଜାର୍ଚ୍ଚନା କରାଯାଇଥାଏ। ଗ୍ରାମର ଜାନୀ, ଦିଶାରୀ ଏବଂ ଗୁରୁମାଏଙ୍କୁ କାଳିସୀ ଲାଗିଥିଲା। ପରେ କଣ୍ଟା ଦୋଳିବସା ଅନୁଷ୍ଠିତ ହୋଇଥିଲା। ପୂଜାର୍ଚ୍ଚନା କଲେ ଠାକୁରାଣୀ ମା' ସନ୍ତୁଷ୍ଟ ହୁଅନ୍ତି ଏବଂ ଗାଁରେ ସୁଖ ଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ ରହିଛି। ଦୀର୍ଘ ୩୫ବର୍ଷ ବ୍ୟବଧାନ ପରେ ଏହି ଗାଁରେ ବଡ଼ ବହଲେନ୍ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପାରମ୍ପରିକ ନାଚଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋପାଳପୁର ପଞ୍ଚାୟତ ସରପଞ୍ଚ ବେଣି ମାଝୀ, ମାଣିକ୍ୟ ଚନ୍ଦ୍ର ନାଏକ, ବ୍ଲକ ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନୀ, ଡମ୍ବରୁଧର ମହାରଣା, ବାଜରା ଭୋଇ, ଫୋଟୁସିଂ ଭୋଇ, କାଳିଆ ନାଏକ, ଦୁର୍ଯ୍ୟୋଧନ ନାୟକ, ସନାତନ ମାଝୀ, କ୍ରିଷ୍ଣା ମାଝୀ, ବାଗଡିଆଣି ସରପଞ୍ଚ ସୂର୍ଯ୍ୟ ମାଝୀ, ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଖଣ୍ଡୁଆଳ ରାଜା ଯୁବକ କମିଟି ପୋଖରୀଗୁଡ଼ା ସଭାପତି ନବୀନ ନାଏକ, ଉପସଭାପତି ହରିଶଙ୍କର ମାଝୀ, ସମ୍ପାଦକ ବାଲସିଂ ମାଝୀ, ସହ ସମ୍ପାଦକ ସୁଦେବ ନାଏକ ପ୍ରମୁଖ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ କ୍ରିକେଟ୍ ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଡମ୍‌ସୁଲିମ୍‌କୁ ହରାଇ ବେଢ଼ାଗାଁ ବିଜୟୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ଅଞ୍ଚଳ ବେଢ଼ାଗାଁ ପଞ୍ଚାୟତର ବେଢ଼ାଗାଁରେ ୩ଦିନ ଧରି ଚାଲିଥିବା ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବେଢ଼ାଗାଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍ ଡମସୁଲିମ ଓ ବେଢ଼ାଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡମସୁଲିମ ପ୍ରଥମେ ଟସ୍ ଜିତି ବେଢ଼ାଗାଁକୁ ବ୍ୟାଟିଂ କରିବାପାଇଁ ସୁଯୋଗ ଦେଇଥିଲା। ବେଢ଼ାଗାଁ ୧୦ଓଭର ୮ୱିକେଟ୍ ବିନିମୟରେ ୧୧୯ରନ୍ ସଂଗ୍ରହ କରିଥିଲେ। ଏହାର ପ୍ରତି ଜବାବରେ ଡମସୁଲିମ ୯ଓଭରରେ ମାତ୍ର ୯୧ ରନ୍ ସଂଗ୍ରହ କରି ସମସ୍ତ ୱିକେଟ୍ ହରାଇ ପରାଜିତ ହୋଇଥିଲେ। ବେଢ଼ାଗାଁ ସରପଞ୍ଚ ଶୁଭାସିନୀ ମାଝୀ, ପୂର୍ବତନ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧକ୍ଷ ମନୋହର ହରପାଲ, ବେଢ଼ାଗାଁ ସରପଞ୍ଚ ପ୍ରତିନିଧି ସାନ ମାଝୀ, କିଶୋ ଚନ୍ଦ୍ର ହରପାଲ, ୱାର୍ଡ ସଭ୍ୟ ଫୁଲସର୍ ହରିଜନ, ଗାଁ ମୁଖିଆ ଗୌର ଚନ୍ଦ୍ର ରାଜୁ, ସମିତି ସଭ୍ୟ ପ୍ରତିନିଧି ତ୍ରିନାଥ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କିଶୋର ବେହେରା, ଲକ୍ଷ ବେହେରା ଓ ପ୍ରକାଶ ମାଝୀ ଅମ୍ପିୟାର ଦାୟିତ୍ୱ ତୁଲାଇ ଥିବାବେଳେ ହିତେଶ ବେହେରା ମଞ୍ଚ ପରିଚାଳନା କରିଥିଲେ। ବେଢ଼ାଗାଁ କ୍ରିକେଟ୍ କ୍ଲବର ସଦସ୍ୟ ଭକ୍ତ ହରିଜନ, ନକୁଳ ମାଝୀ, ରୁହନ୍ ରାଜୁ, ଖିତ ମାଝୀ, ଧନୁ ମାଝୀ ପ୍ରକାଶ ମାଝୀ ପ୍ରମୁଖ ସହେଯାଗ କରିଥିଲେ।

# ସିଦ୍ଧି ଶ୍ରୀକ୍ଷେତ୍ର ତୁମୁରାର ଭିତ୍ତିଭୂମି ବିକାଶ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଓଡ଼ିଶାର ପୂର୍ବତନ ନବୀନ ସରକାର ନିର୍ବାଚନକୁ ଆଖି ଆଗରେ ରଖି ଫାଇବ ଟି, ଆମ ଓଡ଼ିଶା ନବୀନ ଓଡିଶା, ଆମ ଗାଁ ଆମ ବିକାଶ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପାଣ୍ଠି ଭଳି ଅନେକ ଯୋଜନା ହାତକୁ ନେଇ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମର ସ୍କୁଲ, ଦେବୀ ପୀଠ, ଶୈବ ପୀଠ, ଜଗନ୍ନାଥ ମନ୍ଦିର, ମସଜିଦ ପରି ଅନେକ ଅନୁଷ୍ଠାନର ଉନ୍ନତିକରଣ କରିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତୁମୁରା ଶ୍ରୀଜଗନ୍ନାଥ ମନ୍ଦିରରେ ଟଙ୍କା ଟିଏ ମଧ୍ୟ ଦେଲେ ନାହିଁ ବିଜେଡି ସରକାର। ଯେଉଁ ଧର୍ମାନୁଷ୍ଠାନ ୨୦୦୬ ମସିହା ମାର୍ଚ୍ଚ ୧୮ ତାରିଖରେ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ କର କମଳରେ ପ୍ରତିଷ୍ଠା କରାଯାଇ ମହାପ୍ରଭୁ ପୁରୀ ଜଗନ୍ନାଥ ମନ୍ଦିର ରୀତି ନୀତି ଅନୁସାରେ ପୂଜା ପାଇ ଆସୁଛନ୍ତି ସିଦ୍ଧି ଶ୍ରୀକ୍ଷେତ୍ର ତୁମୁରା ଶ୍ରୀଜଗନ୍ନାଥ ମନ୍ଦିରରେ। ତିନି ରଥରେ ମହାପ୍ରଭୁ ବିଜେ କରୁଛନ୍ତି ରଥଯାତ୍ରା ସମୟରେ ୨୦ ହଜାର ଭକ୍ତଙ୍କ ସମାଗମ ହୋଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ପ୍ରଭୁଙ୍କ କୃପାଲାଭ ପାଉଛନ୍ତି। ଏପରି ଅଞ୍ଚଳର ଖ୍ୟାତି ଅର୍ଜନ କରିଥିବା ଦେବ ପୀଠ ପ୍ରତି ଉଦାସୀନ ମନୋଭାବ ଦ୍ୱାରା ପୀଠର ଭିତ୍ତିଭୂମି ବିକାଶ ସ୍ଥାଣୁ ହୋଇପଡ଼ିଛି। ପ୍ରକୃତରେ ଅଞ୍ଚଳର ବିଜେପି ଦଳର ସମର୍ଥିତ ବ୍ୟକ୍ତି ଓ କଂଗ୍ରେସ ସମର୍ଥିତ ବ୍ୟକ୍ତିବିଶେଷ ଅନୁଷ୍ଠାନରେ ସାମିଲ ହୋଇ ଜଗନ୍ନାଥ ସଂସ୍କୃତିର ବିକାଶ ପାଇଁ ଅହରହ ଉଦ୍ୟମ କରୁଥିବାରୁ ବିଜେଡି ବିଧାୟକଙ୍କ ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ଯୋଜନାକୁ ବାଟବଣା କରି ଗାଁ ଗାଁରେ ବିଭ୍ରାଟ ସୃଷ୍ଟି କରିଥିଲେ। ଫଳରେ ନିରବ ଦ୍ରଷ୍ଟା ହୋଇ ଅପେକ୍ଷା କରିଛନ୍ତି ସିଦ୍ଧି ଶ୍ରୀକ୍ଷେତ୍ର ତୁମୁରାର ମନ୍ଦିର କମିଟି ଓ ସେବକ ବୃନ୍ଦ। ବର୍ତ୍ତମାନ ବିଜେପି ସରକାର ଲୋକଙ୍କ ସରକାର ମୋହନ ସରକାର ଉପରେ ଆସ୍ଥା ପ୍ରକଟ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସମ୍ବଲପୁର ଅଭିଯୋଗ ଶୁଣାଣୀରେ ୨୧/୦୪/୨୦୨୫ ତାରିଖରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ତୁମୁରା ଗ୍ରାମବାସୀ ତରଫରୁ ଦାବି ପତ୍ର ପ୍ରଦାନ କରିଛନ୍ତି । ମୁଖ୍ୟ ଦାବି ଗୁଡ଼ିକ ହେଲା ଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟ କରଣ, ରଥଶାଳା ନିର୍ମାଣ, ତିନିଗୋଟି ନୂତନ ରଥ ନିର୍ମାଣ, ମୁଖଶାଳା ସୌନ୍ଦର୍ଯ୍ୟ କରଣ, ଗଜପତି ପଡିଆରେ ପାଚେରୀ ନିର୍ମାଣ, ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳଯୋଗାଣ ବ୍ୟବସ୍ଥା, ରଥ ଯାତ୍ରା ପାଇଁ ବଡ ଦାଣ୍ଡ କଂକ୍ରିଟ ରାସ୍ତା ନିର୍ମାଣ, ଡ୍ରେନେଜ ବ୍ୟବସ୍ଥା ସହ ମାଉସୀ ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ନିମନ୍ତେ ନିବେଦନ କରାଯାଇଛି। ନବୀନ ସରକାର ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଓ ଭିତ୍ତିଭୂମି ବିକାଶ ପାଇଁ ଫାଇଭ ଟି, ନବୀନ ଓଡିଶା ଯୋଜନା କରିଥିଲେ ମଧ୍ୟ ସାତ ସପନ ହୋଇ ରହିଗଲା। ଆଗାମୀ ଦିନରେ ଏହି ଅନୁଷ୍ଠାନ ବିକାଶ ହେଲେ ଜଗନ୍ନାଥ ପ୍ରେମୀଙ୍କ ମନରେ ଉତ୍ସାହ ଓ ଆନନ୍ଦର ଲହରୀ ଖେଳିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ କରି ଯୁଦ୍ଧ କାଳୀନ ଭିତ୍ତିରେ ଉନ୍ନତିକରଣ ପାଇଁ ଚେଷ୍ଟିତ ହେବେ ବୋଲି ଆଶା କରୁଛନ୍ତି । ଦେଖିବାକୁ ବାକି ରହିଲା ମୋହନ ସରକାରଙ୍କ ନଜର କେବେ ପଡ଼ିବ ସିଦ୍ଧି ଶ୍ରୀକ୍ଷେତ୍ର ତୁମୁରା ଶ୍ରୀଜଗନ୍ନାଥ ମନ୍ଦିରରେ ।

# ରାଶିଫଳ

**ଶୁକ୍ରବାର, ୦୯ ମଇ ୨୦୨୫**



**ମେଷ:** ଆଜି କୌଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ। ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ।



**ବୃଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକ୍କାପଣ ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଧାର୍ମିକ ଯାତ୍ରା ଆୟୋଜିତ ହେବ।



**ମିଥୁନ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ। ଆପଣଙ୍କଠାରୁ ସହକର୍ମୀମାନେ ଲାଭବାନ ହେବେ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ମିଠା ଖାଦ୍ୟ ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।



**ତୁଳା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।



**କନ୍ୟା:** ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ। ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ଜ୍ୟୋତିଷ ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯